# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଡିସେମ୍ବର ୧୨/୨୦୨୦ (୧୬ ପୃଷ୍ଠା) | Berhampur, Saturday, December 12/2020 | ★★★

୧୬ଶ ଭାଗ ୨୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**କ୍ୟୁଟ୍ ରକୁଲଙ୍କ ହଟ୍ ଅନ୍ଦାଜ**

ନିଜ କ୍ୟୁଟ୍ ଅନ୍ଦାଜ ପାଇଁ ଚର୍ଚ୍ଚାରେ ରହୁଥିବା ବଲିଉଡ୍ ଅଭିନେତ୍ରୀ ରକୁଲ ପ୍ରିତ୍ ସିଂଙ୍କ ଷ୍ଟାଇଲିଶ୍ ବିଚ୍ ଫଟୋ ଫ୍ୟାନଙ୍କୁ ପାଗଳ କରିଛି। ୧୪

୧୩ **ରୋହିତ ଶର୍ମା ଫିଟ୍**

ଭାରତର ସିନିୟର ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଫିଟ୍‌ନେସ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି।




# ବାଇଡେନ୍, ହାରିସ୍ ‘ପର୍ସନ ଅଫ୍ ଦି ଇୟର’

**ୱାଶିଂଟନ, ୧୧।୧୨**

ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଉପରାଷ୍ଟ୍ରପତି କମଲା ହାରିସ୍ ଟାଇମ୍ସ ମାଗାଜିନ୍ ୨୦୨୦ ବର୍ଷର ‘ପର୍ସନ ଅଫ୍ ଦି ଇୟର’ ନାମିତ ହୋଇଛନ୍ତି। ଆମେରିକା ରାଜନୀତିରେ ପରିବର୍ତ୍ତନ ପାଇଁ ଉଭୟଙ୍କୁ ମାଗାଜିନ୍‌ର କଭର ପେଜରେ ସ୍ଥାନିତ କରାଯାଇଛି। ଏ ନେଇ ଟାଇମ୍ସ ଗୁରୁବାର ଏହାର ଟୁଇଟର ପେଜ୍‌ରେ ଘୋଷଣା କରିଛି। କୋଭିଡ୍ ମହାମାରୀ ପରିସ୍ଥିତି ମଧ୍ୟରେ ଆମେରିକାରେ ନିର୍ବାଚନ ହୋଇଥିବାବେଳେ ରେକର୍ଡ ସଂଖ୍ୟାରେ ଭୋଟର ମତଦାନ କରିଥିଲେ। ‘ପର୍ସନ ଅଫ୍ ଦି ଇୟର’ ଦୌଡ଼ରେ ବାଇଡେନ୍ ଓ ହାରିସ୍‌ଙ୍କ ସମେତ ଆମେରିକାର ପ୍ରମୁଖ ସଂକ୍ରାମକ ରୋଗ ନିରାକରଣ ବିଶେଷଜ୍ଞ ଆନ୍ଥୋନି ଫାଉସି, ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ରହିଥିଲେ।

ଟାଇମ୍ସ ଏଡିଟର-ଇନ୍-ଚିଫ୍ ଏଡୱାର୍ଡ କହିଛନ୍ତି, ବାଇଡେନ୍ ଏବଂ ହାରିସ୍ ରାଜନୀତି କ୍ଷେତ୍ରରେ ଆମେରିକାର ଇତିହାସ ବଦଳାଇଛନ୍ତି। ବିଭାଜିତ ରାଜନୀତି ନୁହେଁ ବରଂ ଲୋକଙ୍କୁ ସହାନୁଭୂତି ଦେଖାଇବାରେ ଅଧିକ ☞ପୃଷ୍ଠା-୪




# ଆଇନ ସଂଶୋଧନକୁ ଅପେକ୍ଷା

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

### ଘୁଞ୍ଚୁ ଘୁଞ୍ଚୁ ଯାଉଛି ପୌର ନିର୍ବାଚନ

- ପ୍ରଶାସକଙ୍କ ପାଖରେ ପହଞ୍ଚି ପାରୁନାହାନ୍ତି ଲୋକେ
- ବଢୁଛି ଅସନ୍ତୋଷ

ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ରାଜ୍ୟର ୫ ମହାନଗର ନିଗମ ସମେତ ସମସ୍ତ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି)ରେ ନିର୍ବାଚନ ହୋଇ ପାରୁ ନାହିଁ। ସ୍ଥାନ ସଂରକ୍ଷଣ ନେଇ ସମସ୍ୟା ଦେଖାଦେବା ପରେ ନିର୍ବାଚନ ନେଇ ସରକାର ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାନ୍ତି। ନିର୍ବାଚନ ନିର୍ଦ୍ଧାରିତ ସମୟରେ ହୋଇପାରି ନ ଥିବାରୁ ଓଡ଼ିଶା ମ୍ୟୁନିସିପାଲ ଆକ୍ଟ ୧୯୫୦ର ସେକ୍ସନ-୪୦୧ର ସବ୍ ସେକ୍ସନ ୫(ଏ) ଅନୁଯାୟୀ ରାଜ୍ୟ ସରକାର ଜିଲାପାଳ, ଏଡିଏମ୍, ଉପଜିଲାପାଳ, ପିଡି ଡିଆର୍‌ଡିଏ, ଏପିଡି ଡିଆର୍‌ଡିଏଙ୍କୁ ମ୍ୟୁନିସିପାଲିଟି/ଏନ୍ଏସିରେ ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି।

ଜନପ୍ରତିନିଧି ନ ଥିବାରୁ ଲୋକମାନେ ସେମାନଙ୍କ ସମସ୍ୟା ସମାଧାନ କରି ପାରୁନାହାନ୍ତି। ଯେଉଁମାନେ ଆପତ୍ତି ଅଭିଯୋଗ କରିବାକୁ ଯାଉଛନ୍ତି ପ୍ରଶାସକଙ୍କ ଭେଟ ପାଉନାହାନ୍ତି। ଅଞ୍ଚଳର ସମସ୍ୟା ସମାଧାନରେ ବହୁ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଏ ନେଇ ଜନଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି। ଅନ୍ୟ ପକ୍ଷରେ ପୌର ନିର୍ବାଚନ ପାଇଁ ସ୍ଥାନ ସଂରକ୍ଷଣ ଅଡୁଆ ତୁଟୁ ନ ଥିବାରୁ ନିର୍ବାଚନ ତାରିଖ ଘୋଷଣା ହୋଇପାରୁ ନାହିଁ। ତେବେ ମିଳିଥିବା ସୂଚନା ଅନୁଯାୟୀ ସ୍ଥାନ ସଂରକ୍ଷଣକୁ ୫୦ ପ୍ରତିଶତରେ ସୀମିତ ରଖି ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଚୂଡ଼ାନ୍ତ ପ୍ରସ୍ତାବ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। କ୍ୟାବିନେଟ ଅନୁମୋଦନ ପରେ ସରକାର ଆସନ୍ତା ବିଧାନସଭାରେ ପୌର ନିର୍ବାଚନ ଆଇନରେ ସଂଶୋଧନ ପ୍ରସ୍ତାବ ଆଣିବା ସମ୍ଭାବନା ରହିଛି।

ଏଠାରେ ସୂଚନାଯୋଗ୍ୟ ଯେ, ପୌର ନିର୍ବାଚନରେ ୫୦ ପ୍ରତିଶତରୁ ଅଧିକ ଆସନରେ ସଂରକ୍ଷଣ ପାଇଁ ଆଇନରେ ବ୍ୟବସ୍ଥା ନାହିଁ। ତେବେ ପୌର ସଂସ୍ଥାଗୁଡିକରେ ଅନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଥିବାବେଳେ ଏସ୍‌ସି/ଏସ୍‌ଟିଙ୍କ ପାଇଁ ଜନସଂଖ୍ୟାକୁ ଦେଖି ସଂରକ୍ଷଣ କରାଯାଉଛି। ଫଳରେ ଅନେକ ପୌର ସଂସ୍ଥାରେ ସଂରକ୍ଷିତ ଆସନ ସଂଖ୍ୟା ୫୦ ପ୍ରତିଶତକୁ ଟପିଯାଉଛି। ଏହା ଆଇନ ବିରୁଦ୍ଧ ହୋଇଥିବାରୁ ନିର୍ବାଚନ ନେଇ ସମସ୍ୟା ସୃଷ୍ଟି ହୋଇଛି। ଜନସଂଖ୍ୟା ଆଧାରରେ ୧୫ରୁ ଉର୍ଦ୍ଧ୍ୱ ପୌର ସଂସ୍ଥାରେ ରାଜ୍ୟ ସରକାର ଧାର୍ଯ୍ୟ ସୀମା ୫୦ ପ୍ରତିଶତରୁ ଅଧିକ ସ୍ଥାନ ସଂରକ୍ଷଣ କରିଛନ୍ତି। ଏହାକୁ ବିରୋଧ କରି ୨୦୧୮ ସେପ୍ଟେମ୍ବରରେ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟ ଏହି ସଂରକ୍ଷଣ ବ୍ୟବସ୍ଥାକୁ ବେଆଇନ ଦର୍ଶାଇ ରଦ୍ଦ କରିଦେଇଥିଲେ। ରାଜ୍ୟ ସରକାର ଏହା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ୨୦୧୯ ଜାନୁୟାରୀ ୨୪ରେ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କ ଆବେଦନକୁ ଖାରଜ କରିବା ସହ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ପ୍ରଚଳିତ ନିୟମ ଅନୁଯାୟୀ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହାଛଡ଼ା ମହିଳାଙ୍କ ପାଇଁ ୫୦ ପ୍ରତିଶତ, ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂଖ୍ୟାକୁ ଦେଖି ସ୍ଥାନ ସଂରକ୍ଷଣ କରାଯାଇଥାଏ। ଏହି ଆଧାରରେ କେତେକ ପୌର ସଂସ୍ଥାରେ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ରହିଛି। ଏହାକୁ ହ୍ରାସ କରିବାକୁ ହେଲେ ପ୍ରଚଳିତ ଆଇନରେ ସଂଶୋଧନ ଆଣିବାକୁ ପଡ଼ିବ।

ଭୁବନେଶ୍ୱର ମହାନଗର ନିଗମ ୫ ନମ୍ବର ୱାର୍ଡରେ ରହୁଥିବା ଦେବାଶିଷ ସାହୁ କହିଛନ୍ତି, ରାସ୍ତାଘାଟ, ଲାଇଟ, ସ୍ୱେରେଜ ଓ ପରିମଳ ଅବ୍ୟବସ୍ଥା ନେଇ ଆମେ କାହାରିକୁ ଜଣାଇ ପାରୁନାହିଁ। ସ୍ଥାନୀୟ କର୍ପୋରେଟର କିମ୍ବା କାଉନସିଲରଙ୍କୁ ସମସ୍ୟା ଜଣାଇଲେ ସେମାନେ ସେସବୁ ସମାଧାନ ଦିଗରେ କାର୍ଯ୍ୟ ☞ପୃଷ୍ଠା-୪

# ଆଜି ଓକିଲ ସଂଘ ନିର୍ବାଚନ

**କଟକ ଅଫିସ, ୧୧।୧୨:** ରାଜ୍ୟର ସମସ୍ତ କୋର୍ଟଗୁଡ଼ିକରେ ଶନିବାର ଓକିଲ ସଂଘ ନିର୍ବାଚନ ହେବ। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ନିର୍ବାଚନର ସମସ୍ତ ପ୍ରକ୍ରିୟା ସମ୍ପନ୍ନ କରାଯିବ। ପର୍ଯ୍ୟାପ୍ତ ପରିମାଣର ମାସ୍କ, ସାନିଟାଇଜର ବ୍ୟବସ୍ଥା ସହ ସାମାଜିକ ଦୂରତ୍ୱ ଓ ଗହଳି କମାଇବା ପାଇଁ ଅଧିକ ସଂଖ୍ୟାରେ ପୋଲିଂ ବୁଥ ବ୍ୟବସ୍ଥା କରାଯାଇଛି। ସିକ୍ରେଟ ବାଲଟ ଯୋଗେ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ନିର୍ବାଚନ ଫଳାଫଳ ନିର୍ବାଚନ ଅଧିକାରୀମାନେ ଓଡିଶା ବାର୍ କାଉନ୍‌ସିଲର ସମ୍ପାଦକଙ୍କ ନିକଟକୁ ପରଦିନ ଅର୍ଥାତ ଡିସେମ୍ବର ୧୩ରେ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଓଡ଼ିଶା ବାର୍ କାଉନ୍‌ସିଲ ସମ୍ପାଦକ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ବିଭାଜିତ କ୍ଲବ୍**


**ଆଜିର ମନ୍ତବ୍ୟ**

“ପଶ୍ଚିମବଙ୍ଗ ମମତା ବାନାର୍ଜୀଙ୍କ ଜାଗିର ନୁହେଁ।

-ଜଗଦୀଶ୍ ଧନ୍‌ଖର, ପଶ୍ଚିମବଙ୍ଗ ରାଜ୍ୟପାଳ

# ତଦନ୍ତ କରିବ ଭିଜିଲାନ୍ସ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

### ପ୍ରଦୀପଙ୍କ ଦୁର୍ନୀତି ମାମଲା
### ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ

ଠକେଇ, ଜାଲିଆତି, ଆପରାଧିକ ଷଡ଼ଯନ୍ତ୍ର ଏବଂ ସାଇବର ଅପରାଧ ଅଭିଯୋଗରେ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଅଛନ୍ତି ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ। ତାଙ୍କର ସମସ୍ତ ଦୁର୍ନୀତି ମାମଲାର ତଦନ୍ତ କରିବ ଭିଜିଲାନ୍ସ। ଏ ସଂକ୍ରାନ୍ତରେ ଫେବୃୟାରୀ ୧୨ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଶୁକ୍ରବାର ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁପାରିସକ୍ରମେ ଗତ ୭ ତାରିଖରୁ ପ୍ରଦୀପଙ୍କ ମାମଲାର ତଦନ୍ତ କରୁଛନ୍ତି ଲୋକାୟୁକ୍ତ। ଟାଟାରେ ଚାକିରି ଦେବା ନାଁରେ ପ୍ରଦୀପଙ୍କ ଭାବୀ ଜ୍ୱାଇଁ ତଥା ନିଲମ୍ବିତ ଆଇଏଫ୍ଏସ୍ ଅଫିସର ଅଭୟକାନ୍ତଙ୍କ ପୁଅ ଆକାଶ ପାଠକ ଶିକ୍ଷିତ ଯୁବତୀଯୁବକଙ୍କୁ ଠକେଇ କରିଥିବା ନେଇ ଟାଟା ପକ୍ଷରୁ କ୍ରାଇମବ୍ରାଞ୍ଚର ସାଇବର ସେଲ୍‌ରେ ଅଭିଯୋଗ ପରେ ନଂ. ୨୬/୨୦ରେ ମାମଲା ରୁଜୁ ହୋଇଥିଲା। ତଦନ୍ତବେଳେ ବହୁ କୋଟି ଠକେଇ ହୋଇଥିବା ଜଣାପଡିଥିଲା। ଏହି ଘଟଣାରେ ଆକାଶଙ୍କ ଭାବୀ ଶଶୁର ପ୍ରଦୀପଙ୍କ ସମ୍ପୃକ୍ତି ରହିଥିବା କ୍ରାଇମବ୍ରାଞ୍ଚ ହାତରେ ପ୍ରମାଣ ଲାଗିବା ସହ ବିଭିନ୍ନ ଅଞ୍ଚଳରୁ ଠକେଇ ସମ୍ପର୍କିତ ଅଭିଯୋଗ



ପ୍ରଦୀପ ପାଣିଗ୍ରାହୀ

ବଢ଼ିଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ପ୍ରଦୀପଙ୍କୁ ଦଳରୁ ବହିଷ୍କାର କରିଥିଲେ। ପରେ କ୍ରାଇମବ୍ରାଞ୍ଚ ପ୍ରଦୀପଙ୍କୁ ତାଙ୍କ ସରକାରୀ ବାସଭବନରୁ ଗତ ୩ ତାରିଖ ସନ୍ଧ୍ୟାରେ ଉଠାଇନେଇ ପଚରାଉଚରା କରିଥିଲା। ପ୍ରଦୀପ ଏକ ନିର୍ଦ୍ଦିଷ୍ଟ ଆକାଉଣ୍ଟରୁ ଆକାଶଙ୍କ ବ୍ୟାଙ୍କ ଆକାଉଣ୍ଟକୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଟ୍ରାନ୍ସଫର କରିଥିବା ଜଣାପଡିଥିଲା। ଏ ନେଇ ପ୍ରଦୀପ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ ଦଫା ୪୧୯, ୪୨୦, ୪୬୭, ୪୬୮, ୪୬୯, ୪୭୧, ୧୨୦ ବି, ଆଇଟି ☞ପୃଷ୍ଠା-୪

# ଶ୍ୱାସରୁଦ୍ଧ ହୋଇ ୨ ମୃତ, ୨ ଗୁରୁତର

**କେନ୍ଦୁଝର,୧୧।୧୨(ସ୍ୱ.ପ୍ର)**

କେନ୍ଦୁଝର ଜିଲା ସଦର ଥାନା କାଠବାରୀ ତଳସାହିରେ ଗୁରୁବାର ବିଳମ୍ବିତ ରାତିରେ ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା(ନଂ.୮୨/୨୦ ଓ ୮୩/୨୦) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ଯୁବକ ଦ୍ୱୟ ହେଲେ ରମେଶ ନାଏକଙ୍କ ପୁଅ ବାଦଲ ଓ ଗଣେଶ୍ୱର ନାଏକଙ୍କ ପୁଅ ବାଇଧର। ଗୁରୁତର ଶୁକଦେବ ନାଏକଙ୍କ ପୁଅ ଶମ୍ଭୁନାଥଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଏବଂ ରସାନନ୍ଦ ନାଏକଙ୍କ ପୁଅ ଆକାଶଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଗୁରୁବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ପୁଅ ବାହାଘର ଭୋଜି ଥିଲା। ଥଣ୍ଡା ଦିନ ଥିବାରୁ ୪ ଯୁବକ ଖାଇପିଇ ସାରି ଏକ ଆଜବେଷ୍ଟସ ଘରେ କବାଟ ଝରକା ବନ୍ଦ କରି ଜେନେରେଟର ଚାଲୁରଖି ଶୋଇ ପଡ଼ିଥିଲେ। ଫଳରେ ଏହି ଘରୁ ବାହାରକୁ ଧୂଆଁ ନିର୍ଗତ ହୋଇ ପାରି ନ ଥିଲା। ଅଣନିଃଶ୍ୱାସୀ ☞ପୃଷ୍ଠା-୪

# ସୁପ୍ରିମକୋର୍ଟ ଗଲା କୃଷକ ସଂଗଠନ

**ନୂଆଦିଲ୍ଲୀ, ୧୧।୧୨**

### କୃଷି ଆଇନକୁ ଚ୍ୟାଲେଞ୍ଜ

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ଭାରତୀୟ କିଷାନ ୟୁନିୟନ ଶୁକ୍ରବାର ସୁପ୍ରିମକୋର୍ଟରେ ଆବେଦନ କରିଛି। ନୂଆ ଆଇନ ଯୋଗୁ ଚାଷୀଙ୍କୁ ବିପୁଳ କ୍ଷତି ସହିବାକୁ ପଡ଼ିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଦିଲ୍ଲୀ ସୀମାରେ ଚାଷୀମାନଙ୍କ ଆନ୍ଦୋଳନ ଶୁକ୍ରବାର ୧୬ ଦିନରେ ପହଞ୍ଚିଥିବାବେଳେ ଏଥିରେ ଅଧିକରୁ ଅଧିକ କୃଷକ ସାମିଲ ହେଉଛନ୍ତି। ଏକାଧିକ ଥର ସରକାରଙ୍କ ସହ ଚାଷୀ ସଂଗଠନର ଆଲୋଚନା ବିଫଳ ହୋଇଛି। ଆଇନର କେତେକ ଧାରାରେ ସଂଶୋଧନ ପାଇଁ କେନ୍ଦ୍ର ଦେଇଥିବା ପ୍ରସ୍ତାବକୁ କୃଷକମାନେ ଅଗ୍ରାହ୍ୟ କରିଦେବାର ଦୁଇଦିନ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ୧୪ରେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୨ ତାରିଖରେ ଦିଲ୍ଲୀ-ଜୟପୁର ଜାତୀୟ ରାଜପଥ ଅବରୋଧ କରିବାକୁ ଡାକରା ଦେଇଛନ୍ତି।

ବିବାଦୀୟ ଆଇନକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ଦୂର ☞ପୃଷ୍ଠା-୪




ତୈଳଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱରସ୍ଥିତ ରାଜମହଲ ଛକରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଖୋଲିଲା ବନ୍ଧୁକ କାରବାର ଗୁମର

**କଟକ ଅଫିସ୍, ୧୧।୧୨**

### ଡି ବ୍ରଦର୍ସ ଆପରାଧିକ ସାମ୍ରାଜ୍ୟର ଆଉ ଏକ ପର୍ଦ୍ଦାଫାଶ

- ଘର ଇଣ୍ଟେରିୟର ଡିଜାଇନ ଭିତରେ ଥିଲା ବନ୍ଧୁକ, ଗୁଳି
- ୨ ସହଯୋଗୀଙ୍କ ସମେତ ୮ ଗିରଫ
- ୧୬ ପିସ୍ତଲ ସହ ୧୦୫୫ ରାଉଣ୍ଡ ଗୁଳି ଜବତ
- ରିମାଣ୍ଡରେ ଆଣିବ କମିଶନରେଟ ପୋଲିସ

ବ୍ୟବସାୟୀ ଓ ଠିକାଦାରଙ୍କଠାରୁ ବଟି ଆଦାୟ, ଟେଣ୍ଡର ଫିକ୍ସିଂ, ବାଲିଘାଟ ନିଲାମ ଓ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ କରିବା ଅଭିଯୋଗରେ ଗିରଫ ହୋଇ ଦୀର୍ଘ ୪ବର୍ଷ ହେଲା ଜେଲରେ ଥିବା ସୁଶାନ୍ତ ଏବଂ ସୁଶୀଲ ଧଳସାମନ୍ତ ଭ୍ରାତାଙ୍କ ଏବେ ଆଉ ଏକ ଗୁମର ଫିଟିଛି। ଜେଲରେ ଥାଇ ଉଭୟ ସେମାନଙ୍କ ସହଯୋଗୀଙ୍କ ଜରିଆରେ ଅନାୟସରେ ବନ୍ଧୁକ ଓ ଗୁଳି କାରବାର ଚଳାଇଥିବା ଜଣାପଡ଼ିଛି। ବିହାର ଓ ମୁଙ୍ଗେରରୁ ଚୋରା ବନ୍ଧୁକ ଓ ଗୁଳି ମଗାଇ କଟକ ସହର ସମେତ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ



ଜବତ ବନ୍ଧୁକ ଓ ଗୁଳି ସହ ଗିରଫ ଅଭିଯୁକ୍ତ।

କରି ନିଜର ଆପରାଧିକ ସାମ୍ରାଜ୍ୟକୁ ଉଭୟ ଭ୍ରାତା ଚଳାଇଛନ୍ତି। ଗୁରୁବାର ରାତିରେ ଡି ବ୍ରଦର୍ସଙ୍କ ସହଯୋଗୀ ବବୁଆ ଓରଫ ପ୍ରକାଶ ବେହେରା ଓ ବୁଧିଆ ଓରଫ ଶରତ ସେଠୀଙ୍କୁ ଗିରଫ କରିବା ପରେ ଏଭଳି କିଛି ଗୁମର ଫିଟିଛି। ଧଳସାମନ୍ତ ବା ଡି’ ବ୍ରଦର୍ସଙ୍କ ସିଡିଏସ୍ଥିତ ବାସଭବନ ଉପରେ ଚଢ଼ାଉ କରାଯାଇ ଘରର ଇଣ୍ଟେରିୟର ଡିଜାଇନ୍ ଭିତରେ ଥିବା ୮ଟି ଚୋରା ବନ୍ଧୁକ, ☞ପୃଷ୍ଠା-୪

# ୫ ପାକ୍ ସୈନ୍ୟ ନିହତ

**ଜମ୍ମୁ, ୧୧।୧୨(ପି.ଟି.)**

### ଭାରତୀୟ ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନ

ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାଇଁ ପାକିସ୍ତାନର ଘନଘନ ଗୁଳିବର୍ଷା ଓ ମୋର୍ଟାର ମାଡ଼ର ଜବାବ ଦେଇଛି ଭାରତୀୟ ସେନା। ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା(ଏଲ୍ଓସି)ରେ ପାକିସ୍ତାନୀ ସୈନ୍ୟ ଅସ୍ତ୍ରବିରତି ଉଲ୍ଲଂଘନ କରିଥିବାବେଳେ ଭାରତୀୟ ଯବାନ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏଥିରେ ୫ ପାକିସ୍ତାନୀ ସୈନ୍ୟ ନିହତ ହେବା ସହ ୩ ଜଣ ଆହତ ହୋଇଛନ୍ତି। ଗୁରୁବାର ରାତିରେ ଏଲ୍ଓସିରେ ଦୁଇଘଣ୍ଟା ଧରି ଗୁଳି ବିନିମୟ ଜାରି ରହିଥିଲା। ଜିଲାର ମାନ୍‌କୋଟ ସେକ୍ଟରରେ ଥିବା କେତେକ ନାଗରିକ ସୁବିଧା କେନ୍ଦ୍ରକୁ ଟାର୍ଗେଟ କରି ପାକିସ୍ତାନୀ ସୈନ୍ୟ ଗୁଳିଗୋଳା ଓ ସେଲ୍ ମାଡ଼ କରିଥିଲେ। ଏଥିରେ ଅନେକ ସର୍ବସାଧାରଣ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିଲେ। ଯବାନଙ୍କ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନୀ ସେନାର କେତେକ ବଙ୍କର ଧ୍ୱଂସ ହୋଇଥିବା ଜଣାପଡିଛି।

ବର୍ଷ ଆରମ୍ଭରୁ ପାକିସ୍ତାନ ଏଲ୍ଓସିରେ ୩,୨୦୦ ଥର ଅସ୍ତ୍ରବିରତି ଉଲ୍ଲଂଘନ କଲାଣି। ଏଥିରେ ୩୦ ସାଧାରଣ ନାଗରିକଙ୍କ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଛନ୍ତି। ସେଲ୍ ମାଡ଼ ଯୋଗୁ ସୀମାନ୍ତ ଅଞ୍ଚଳରେ ରହୁଥିବା ଲୋକମାନଙ୍କର ଧନଜୀବନ ବିପନ୍ନ ହୋଇଛି।

ଧରିତ୍ରୀ
DHARITRI
ଶନିବାର, ୧୨ ଡିସେମ୍ବର, ୨୦୨୦



## ରେମୋଙ୍କୁ ହୃଦ୍‌ଘାତ

ମୁମ୍ବାଇ, ୧୧।୧୨: ବଲିଉଡ ଫିଲ୍ମ ନିର୍ମାତା ତଥା କୋରିଓଗ୍ରାଫର ରେମୋ ଡି’ସୁଜା ଶୁକ୍ରବାର ହୃଦ୍‌ଘାତର ଶିକାର ହୋଇଛନ୍ତି। ଅପରେଶନ ପରେ ତାଙ୍କୁ ଆଇସିୟୁରେ ରଖାଯାଇଛି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସ୍ତ୍ରୀ ଲିଜେଲ କହିଛନ୍ତି। ନିକଟରେ ତାଙ୍କର ଆଞ୍ଜିଓଗ୍ରାଫି ଅସ୍ତ୍ରୋପଚାର ହୋଇଥିଲା। ଡ୍ୟାନ୍ସ କୋରିଓଗ୍ରାଫି ବ୍ୟତୀତ ଫାଲ୍‌ତୁ, ଏବିସିଡି, ଏବିସିଡି ୨, ରେସ୍ ୩, ଷ୍ଟ୍ରିଟ ଡ୍ରାନ୍ସର ଭଳି ଚଳଚ୍ଚିତ୍ର ସେ ନିର୍ମାଣ କରିଛନ୍ତି।



## ସଂକ୍ଷେପରେ

### ଗେହଲଟ ସରକାରରୁ ୨ ବିଟିପି ବିଧାୟକଙ୍କ ସମର୍ଥନ ପ୍ରତ୍ୟାହାର

ଜୟପୁର, ୧୧।୧୨: ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନେତୃତ୍ୱାଧୀନ ରାଜସ୍ଥାନ ସରକାରରୁ ଭାରତୀୟ ଟ୍ରାଇବାଲ ପାର୍ଟି (ବିଟିପି)ର ଦୁଇଜଣ ବିଧାୟକ ଶୁକ୍ରବାର ସମର୍ଥନ ପ୍ରତ୍ୟାହାର କରିନେଇଛନ୍ତି। ଅଗଷ୍ଟରେ ଅନୁଷ୍ଠିତ ଆସ୍ଥା ଭୋଟ ବେଳେ ସେମାନେ ଗେହଲଟ ସରକାରଙ୍କୁ ସମର୍ଥନ କରିଥିଲେ। ନିକଟରେ ଶେଷ ହୋଇଥିବା ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ପରାଜୟ ଫଳରେ ସେମାନେ ସରକାରରୁ ସମର୍ଥନ ପ୍ରତ୍ୟାହାର ଲାଗି ନିଷ୍ପତ୍ତି ନେଇଥିଲେ। ନିର୍ବାଚନରେ କଂଗ୍ରେସ ବିଟିପିକୁ ସମର୍ଥନ କଲାନାହିଁ ବୋଲି ଦୁଇ ବିଧାୟକ ଅଭିଯୋଗ କରିଛନ୍ତି। ରାଜସ୍ଥାନ ପଞ୍ଚାୟତିରାଜ ନିର୍ବାଚନରେ ଭାଜପା ବିଜୟୀ ହୋଇଛି।

### ମେଘାଳୟ ମୁଖ୍ୟମନ୍ତ୍ରୀଙ୍କୁ କରୋନା



ନୂଆଦିଲ୍ଲୀ, ୧୧।୧୨: ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମା କରୋନାରେ ସଂକ୍ରମିତ ହୋଇଛନ୍ତି। ସେ ଏବେ ହୋମ୍ ଆଇସୋଲେଶନରେ ଥିବା ନେଇ ଟୁଇଟ କରି ଜଣାଇଛନ୍ତି। ଗତ ୫ ଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ନିଜ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ସହ ଆବଶ୍ୟକ ସ୍ଥଳେ କରୋନା ଟେଷ୍ଟ କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି।

### ଟିକାକରଣ: ୯୦୦ କୋଟି ଡଲାର ଦେବ ଏଡିବି

ନୂଆଦିଲ୍ଲୀ, ୧୧।୧୨(ପି.ଟି.)
ବିକାଶଶୀଳ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ କୋଭିଡ୍ ଟିକା ସଂଗ୍ରହ ଓ ପ୍ରଦାନରେ ସହାୟତା ଲାଗି ଏସୀୟ ଉନ୍ନୟନ ବ୍ୟାଙ୍କ (ଏଡିବି) ୯୦୦ କୋଟି ଡଲାରର ପାଣ୍ଠି ପ୍ରସ୍ତୁତ କରିଥିବା ଶୁକ୍ରବାର କହିଛି। ଏସିଆ-ପାସିଫିକ୍ ଭାକ୍ସିନ୍ ଆକ୍ସେସ୍ ଫାସିଲିଟି (କୋଭାକ୍ସ) ନାମରେ ଏହି ପାଣ୍ଠି ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଯୋଗାଇ ଦିଆଯିବ ବୋଲି ଏଡିବି ଅଧ୍ୟକ୍ଷ ମାସାସୁଗୁ ଅସାକାୱା କହିଛନ୍ତି। ମହାମାରୀରୁ ମୁକ୍ତି ପାଇବାରେ ଏହି ପାଣ୍ଠି ସଦସ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି। ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ୧.୪୩ କୋଟି ଲୋକ କରୋନା ସଂକ୍ରମିତ ହୋଇଥିବାବେଳେ ୨ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି।

### ୨ ଡିସିପି ସଂକ୍ରମିତ

ନୂଆଦିଲ୍ଲୀ, ୧୧।୧୨: ଦିଲ୍ଲୀର ସିଂଘୁ ସୀମାରେ ଚାଷୀ ଆନ୍ଦୋଳନରେ ସୁରକ୍ଷା ଦାୟିତ୍ୱରେ ଥିବା ଡିସିପି ର୍‍ୟାଙ୍କର ୨ ପୋଲିସ ଅଧିକାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଉଭୟେ ସଙ୍ଗରୋଧରେ ଅଛନ୍ତି। ଆନ୍ଦୋଳନ ସ୍ଥଳରେ ଶତାଧିକ ପୋଲିସ ମୁତୟନ ହୋଇଥିବାରୁ ସଂକ୍ରମଣ ବଢ଼ିବା ଆଶଙ୍କା ଦେଖାଦେଇଛି।

## ଟିକା ପରୀକ୍ଷଣ ବନ୍ଦ କଲା ଅଷ୍ଟ୍ରେଲିଆ




ମେଲବର୍ନ, ୧୧।୧୨

ଅଷ୍ଟ୍ରେଲିଆରେ ପ୍ରସ୍ତୁତ ଏକ କୋଭିଡ୍ ଟିକା ପରୀକ୍ଷଣକୁ ଶୁକ୍ରବାର ସେଠାକାର ସରକାର ବନ୍ଦ କରିଛନ୍ତି। ଏହି ଟିକା ନେଇଥିବା ଅଂଶଗ୍ରହଣକାରୀଙ୍କ ଶରୀରରେ ଏଚ୍‌ଆଇଭି ଆଣ୍ଟିବଡି ସୃଷ୍ଟି ହେବା କାରଣରୁ ଟ୍ରାଏଲକୁ ବନ୍ଦ କରାଯାଇଛି। ବାୟୋଟେକ କମ୍ପାନୀ ସିଏସ୍‌ଏଲ ସହଯୋଗରେ କୁଇନ୍ସଲ୍ୟାଣ୍ଡ ୟୁନିଭର୍ସିଟି ପକ୍ଷରୁ ବିକଶିତ କରାଯାଉଥିବା ଭି୪୫୧ ଟିକାକୁ ପ୍ରଥମ ପର୍ଯ୍ୟାୟରେ ୨୧୬ ଜଣଙ୍କ ଉପରେ ପ୍ରୟୋଗ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଶରୀରରେ ଏଚ୍‌ଆଇଭି ଆଣ୍ଟିବଡି ସୃଷ୍ଟି ହୋଇଥିବା ଜଣାପଡିଥିଲା। ସରକାରଙ୍କୁ ଏ ନେଇ ଅବଗତ କରାଯିବା ପରେ ଟିକାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ପରୀକ୍ଷଣକୁ ବନ୍ଦ କରାଯାଇଛି।

## ରାହୁଲ ଦୁବେ ଟାଇମ୍ସ ହିରୋ



ନ୍ୟୁୟର୍କ, ୧୧।୧୨(ପି.ଟି.)

ଟାଇମ୍ସ ପତ୍ରିକାର ‘ହିରୋଜ୍ ଅଫ୍ ୨୦୨୦’ ତାଲିକାରେ ଭାରତୀୟ ବଂଶୋଦ୍ଭବ ରାହୁଲ ଦୁବେ ସ୍ଥାନ ପାଇଛନ୍ତି। ଜର୍ଜ ଫ୍ଲଏଡ ହତ୍ୟାକାଣ୍ଡ ଘଟଣାକୁ ନେଇ ୱାଶିଂଟନ ଡିସିରେ ହିଂସାତ୍ମକ ବିକ୍ଷୋଭ ଚାଲିଥିବାବେଳେ ରାହୁଲ ନିଜ ଘରେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆଶ୍ରୟ ଦେଇ ଚର୍ଚ୍ଚାର ପରିସରକୁ ଆସିଥିଲେ। ଏଥିପାଇଁ ଟାଇମ୍ସ ପତ୍ରିକା ପକ୍ଷରୁ ତାଙ୍କୁ ପ୍ରଶଂସା କରାଯାଇଛି। ଏହା ବ୍ୟତୀତ ଅଷ୍ଟ୍ରେଲିଆରେ ଜଙ୍ଗଲ ନିଆଁରୁ ଦେଶକୁ ବଞ୍ଚାଇଥିବା ସ୍ୱେଚ୍ଛାସେବୀ ଅଗ୍ନିନିର୍ବାପକ, ମହାମାରୀ ବେଳେ ଖାଦ୍ୟ ଯୋଗାଇଥିବା ସିଙ୍ଗାପୁରର ଫୁଡ୍ ଷ୍ଟଲ ମାଲିକ ଜାସନ୍ ଚୁଆ ଏବଂ ହଙ୍ଗ ଝେନ୍ ଲଙ୍ଗ୍‌ଙ୍କୁ ଏହି ତାଲିକାରେ ସ୍ଥାନ ମିଳିଛି।

## ନଡ୍ଡାଙ୍କ କାର୍‌କୁ ଆକ୍ରମଣ ଘଟଣା

# କେନ୍ଦ୍ର, ମମତା ମୁହାଁମୁହିଁ

ନୂଆଦିଲ୍ଲୀ/କୋଲକାତା, ୧୧।୧୨

- ମୁଖ୍ୟ ସଚିବ, ଡିଜିପିଙ୍କୁ ପଠାଇଲାନି ରାଜ୍ୟ
- ରାଜ୍ୟପାଳଙ୍କ ରିପୋର୍ଟ ପରେ ଉଭୟଙ୍କୁ ସମନ ହୋଇଥିଲା
- ମମତା ନିଆଁ ସହ ନ ଖେଳନ୍ତୁ: ରାଜ୍ୟପାଳ
- ଆକ୍ରମଣ ପାଇଁ ଭାଜପା ନେତା ଦାୟୀ: ଟିଏମ୍‌ସି

ପଶ୍ଚିମବଙ୍ଗରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଗାଡ଼ି ଉପରକୁ ଆକ୍ରମଣ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରିପୋର୍ଟ ମାଗିଥିଲେ ହେଁ ମମତା ବାନାର୍ଜୀ ସରକାର ତାହା ଦେଇନାହାନ୍ତି। ଏପରିକି ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ୧୪ ତାରିଖରେ ହାଜର ହୋଇ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଅବଗତ କରାଇବାକୁ କେନ୍ଦ୍ର କହିଥିବାବେଳେ ରାଜ୍ୟ ସରକାର ମନା କରିଦେଇଛନ୍ତି। ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲାଙ୍କୁ ପତ୍ର ଲେଖି ମୁଖ୍ୟ ଶାସନ ସଚିବ ଅଲପନ ବନ୍ଦୋପାଧ୍ୟାୟ ତାଙ୍କୁ ଉକ୍ତ ବୈଠକରୁ ବାଦ୍ ଦେବାକୁ ଅନୁରୋଧ କରିଛନ୍ତି। ଏଥିପାଇଁ ସେ କ୍ଷମା ଚାହିଁଛନ୍ତି। ସେହିପରି ନଡ୍ଡାଙ୍କ ଗାଡ଼ି ଉପରେ ଆକ୍ରମଣ ଘଟଣାର ତଦନ୍ତ କରାଯାଇଥିବାରୁ ଡିଜିପି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ହାଜର ହେବା ଆବଶ୍ୟକ ନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଫଳରେ କେନ୍ଦ୍ର-ରାଜ୍ୟ ବିବାଦ ତୀବ୍ର ହେବାରେ ଲାଗିଛି।

ସୂଚନାଯୋଗ୍ୟ, ନଡ୍ଡାଙ୍କ କାର୍ ଉପରେ ଆକ୍ରମଣ ଘଟଣାକୁ ନେଇ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ୍ ଧନଖର କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ୧୪ ତାରିଖରେ ହାଜର ହୋଇ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ଅବଗତ କରାଇବାକୁ ସମନ କରାଯାଇଥିଲା। ନଡ୍ଡା ଗୁରୁବାର ଏକ ସଭାରେ ଯୋଗଦେବା ପାଇଁ କୋଲକାତାର ଡାଇମଣ୍ଡ ହାର୍ବରକୁ ଯାଉଥିବାବେଳେ ତାଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଥିଲା।



ଜଗଦୀପ୍ ଧନଖର



ମମତା ବାନାର୍ଜୀ

ଆଇନ ଉଲ୍ଲଂଘନକାରୀଙ୍କୁ ପୋଲିସ ଓ ପ୍ରଶାସନ ସୁରକ୍ଷା ଦେଉଥିବା ଏବଂ ବିରୋଧୀ ଦଳଗୁଡ଼ିକର କୌଣସି ପ୍ରତିବାଦକୁ ଚାପି ଦିଆଯାଉଛି ବୋଲି ରାଜ୍ୟପାଳ ଧନଖର କୋଲକାତାରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ମୁଖ୍ୟ ଶାସନ ସଚିବ ଅଲପନ ବନ୍ଦୋପାଧ୍ୟାୟ ଏବଂ ଡିଜିପି ବୀରେନ୍ଦ୍ର ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ କେନ୍ଦ୍ରକୁ ଅବଗତ କରାଇବା ସହ ରାଜନୈତିକ ହିଂସା ଓ ଅନ୍ୟ ଅପରାଧ ରୋକିବା ଦିଗରେ କ’ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଅବଗତ କରାଇବେ। ନଡ୍ଡାଙ୍କ ଗସ୍ତବେଳେ ସୁରକ୍ଷାଜନିତ ତ୍ରୁଟିକୁ ନେଇ ମମତା ବାନାର୍ଜୀ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ରିପୋର୍ଟ କେନ୍ଦ୍ରକୁ ଦିଆଯାଇନାହିଁ। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ନେଇ ରାଜ୍ୟପାଳ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ପଶ୍ଚିମବଙ୍ଗ ମମତାଙ୍କ ଜାଗିର ନୁହେଁ। ସେ ନିଆଁ ସହ ଖେଳନ୍ତୁ ନାହିଁ ଏବଂ ଭାଜପାକୁ ବାହାର ଦଳ କହିବାରୁ ନିବୃତ୍ତ ରହିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ।

ଭାଜପା ଏହାର କେନ୍ଦ୍ରୀୟ ବଳ ସହ ଦଳ ଅଧ୍ୟକ୍ଷଙ୍କୁ ସୁରକ୍ଷା ଦେଇ ନ ପାରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଥିଲେ। ନଡ୍ଡାଙ୍କ ଉପରେ ଆକ୍ରମଣ ଯୋଜନାବଦ୍ଧ ହୋଇଥାଇପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ନଡ୍ଡାଙ୍କ ଗାଡ଼ି ଉପରେ ଆକ୍ରମଣ ପାଇଁ ଭାଜପା ନେତାଙ୍କୁ ଦାୟୀ କରିଛି ଟିଏମ୍‌ସି। ଭାଜପା ନେତା ରାକେଶ ସିଂ ମିଛ ପ୍ରଚାର କରି ଲୋକମାନଙ୍କୁ ଉତ୍ତେଜନା ସୃଷ୍ଟି ଲାଗି ଉସୁକାଇଥିଲେ ବୋଲି ମମତାଙ୍କ ଦଳ ଅଭିଯୋଗ କରିଛି। ତାଙ୍କ ବିରୋଧରେ ଏତଲା ଦାଏର ହୋଇଛି। ରାକେଶଙ୍କ ନାମରେ ପୂର୍ବରୁ ୫୫ଟି ଅପରାଧ ମାମଲା ଥିବା ଟିଏମ୍‌ସି ଏମ୍‌ପି କଲ୍ୟାଣ ବାନାର୍ଜୀ ଗଣମାଧ୍ୟମକୁ କହିଛନ୍ତି।

### ଆକ୍ରମଣ ଘଟଣାରେ ୭ ଗିରଫ

କୋଲକାତା, ୧୧।୧୨(ପି.ଟି.)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କାର୍ ଉପରେ ଆକ୍ରମଣ ଘଟଣାରେ ସମ୍ପୃକ୍ତି ନେଇ ୭ ଜଣଙ୍କୁ ଗିରଫ କରାଯାଇଛି। ଦକ୍ଷିଣ ୨୪ ପ୍ରଗଣା ଜିଲାର ଫଲ୍‌ତାରୁ ୪ ଏବଂ ଉସ୍ଥି ଥାନା ଅଞ୍ଚଳରୁ ୩ ଜଣଙ୍କୁ ଗିରଫ କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ସେମାନଙ୍କ ବିରୋଧରେ ଦଙ୍ଗା, ସରକାରୀ କର୍ମଚାରୀଙ୍କୁ କର୍ତ୍ତବ୍ୟ ପାଳନରେ ବାଧା ଦେବା ଓ ଅନ୍ୟାନ୍ୟ ଅପରାଧ ନେଇ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଗୁରୁବାର ଡାଇମଣ୍ଡ ହାର୍ବର ଅଞ୍ଚଳର ସିରାକୋଲଠାରେ ଟିଏମ୍‌ସି କର୍ମୀ ନଡ୍ଡାଙ୍କ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଏଥିରେ କୈଳାସ ବିଜୟବର୍ଗୀୟଙ୍କ ସମେତ ଅନେକ ଭାଜପା ନେତା ଆହତ ହୋଇଥିଲେ।

## ଲଖ୍‌ଭିଙ୍କୁ ମିଳିବ ମାସିକ ଖର୍ଚ୍ଚ



ଜାକିଉର ରେହମନ ଲଖ୍‌ଭି

ନୂଆଦିଲ୍ଲୀ, ୧୧।୧୨

୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଲଶ୍କର-ଇ-ତୋଇବା ନେତା ଜାକିଉର ରେହମନ ଲଖ୍‌ଭିଙ୍କୁ ତାଙ୍କ ଆକାଉଣ୍ଟରୁ ମୌଳିକ ଖର୍ଚ୍ଚ ଯୋଗାଇଦେବାକୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ଅନୁମତି ପ୍ରଦାନ କରିଛନ୍ତି, ଯାହା ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ଲଖ୍‌ଭି ଆତଙ୍କବାଦୀ ତାଲିକାରେ ସ୍ଥାନିତ ହେବା ପରେ ତାଙ୍କର ସମ୍ପତ୍ତି ଓ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯାଇଥିଲା। ତାଙ୍କର ଖାଦ୍ୟ, ଔଷଧ ଓ ଦୈନନ୍ଦିନ ଖର୍ଚ୍ଚ ଯୋଗାଇବା ପାଇଁ ବିଚାର କରିବାକୁ ପାକିସ୍ତାନ ସରକାର ଆବେଦନ କରିଥିଲେ। ତାଙ୍କୁ ନିଜ ଆକାଉଣ୍ଟରୁ ମାସିକ ୧.୫ ଲକ୍ଷ ପାକିସ୍ତାନୀ ଟଙ୍କା ଯୋଗାଇଦେବା ପାଇଁ ୟୁଏନ୍‌ଏସ୍‌ସି ୧୨୬୭ ଅଲକାଏଦା ସାଙ୍କଶନ୍ କମିଟି ମଞ୍ଜୁରୀ ପ୍ରଦାନ କରିଛି।

## ଆମେରିକାରେ ଫାଇଜରକୁ ମଞ୍ଜୁରୀ ଲାଗି ସୁପାରିସ



ୱାଶିଂଟନ, ୧୧।୧୨(ପି.ଟି.)

ଫାଇଜର ନିର୍ମିତ କୋଭିଡ୍-୧୯ ଟିକାକୁ ଜରୁରୀ ବ୍ୟବହାର ନିମନ୍ତେ ମଞ୍ଜୁରୀ ଦେବାକୁ ଆମେରିକା ସରକାରଙ୍କ ସ୍ୱତନ୍ତ୍ର ପରାମର୍ଶଦାତା କମିଟି ସୁପାରିସ କରିଛି। ଗୁରୁବାର ୮ ଘଣ୍ଟାର ସର୍ବସାଧାରଣ ଶୁଣାଣି ପରେ ଖାଦ୍ୟ ଓ ଔଷଧ ପ୍ରଶାସନ (ଏଫ୍‌ଡିଏ)ର ଭାକ୍ସିନ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଜୈବ ଉତ୍ପାଦ ପରାମର୍ଶଦାତା କମିଟି ଫାଇଜର ଭାକ୍ସିନ ସପକ୍ଷରେ ମତ ଦେଇଥିଲା। ଟିକାକୁ ମଞ୍ଜୁରୀ ଦେବା ସପକ୍ଷରେ ୧୭ ଭୋଟ ପଡ଼ିଥିବାବେଳେ ୪ ଜଣ ସଦସ୍ୟ ବିରୋଧ କରିଥିଲେ ଓ ଜଣେ ଅନୁପସ୍ଥିତ ଥିଲେ। ତେଣୁ ଟିକାକୁ ମଞ୍ଜୁରୀ ଦେବା ପାଇଁ ଅଧିକ ସମୟ ଲାଗିବା ସମ୍ଭାବନା ଥିବାରୁ ଏଫ୍‌ଡିଏର ପୂର୍ଣ୍ଣ ଅନୁମୋଦନ ଲାଗି ଫାଇଜର ପୁଣିଥରେ ଆବେଦନ କରିବ ବୋଲି ଜଣାପଡ଼ିଛି।

### ଟିକାକରଣ ସଫଳତା ନେଇ ଡବ୍ଲ୍ୟୁଏଚ୍‌ଓର ଉଦ୍ୟମ

ନୂଆଦିଲ୍ଲୀ, ୧୧।୧୨

ଦକ୍ଷିଣ-ପୂର୍ବ ଏସିଆର ସଦସ୍ୟ ଦେଶଗୁଡ଼ିକରେ କୋଭିଡ୍-୧୯ ଟିକାକରଣକୁ ସଫଳ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ବିଭିନ୍ନ ସରକାର ଏବଂ ଟିକା ଉତ୍ପାଦନକାରୀ ସଂସ୍ଥା ସହ ଆଲୋଚନା କରିଛି। ଟିକାର ସୁଷମ ବଣ୍ଟନ ଓ କାର୍ଯ୍ୟକାରିତାରେ ଉତ୍ପାଦନକାରୀ ଓ ନିୟାମକ ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଡବ୍ଲ୍ୟୁଏଚ୍‌ଓ ଦକ୍ଷିଣ-ପୂର୍ବ ଏସିଆ ଅଞ୍ଚଳର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପୁନମ୍ ଖେତ୍ରପାଲ ସିଂ ଦୁଇଦିନିଆ ଭର୍ଚୁଆଲ ବୈଠକରେ କହିଛନ୍ତି। ଟିକାକରଣ ପାଇଁ କିପରି ପଞ୍ଜୀକରଣକୁ ତ୍ୱରାନ୍ୱିତ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ ଅଞ୍ଚଳର ଜାତୀୟ କାର୍ଯ୍ୟକ୍ରମ, ଟିକା ପ୍ରକ୍ରିୟା ଏବଂ ନିୟାମକ ସଂସ୍ଥା ମଧ୍ୟରେ ସମନ୍ୱୟ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି। ଭାରତରୁ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ଭାରତ ବାୟୋଟେକ୍ ଇଣ୍ଟରନ୍ୟାଶନାଲ ଲିଃ, ବାୟୋଲୋଜିକାଲ୍ ଇ ଲିଃ,କାଡିଲା ହେଲ୍‌ଥ କେୟାର ଲିଃ, ଡ. ରେଡିସ୍ ଲାବରେଟୋରିଜ୍ ଏବଂ ଓକ୍‌ହାର୍ଡ ଲିମିଟେଡ୍ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ଚେନ୍ନାଇର ପଟ୍ଟିନ୍‌ପକ୍କମ୍ ବେଳାଭୂମିରେ ଜଣେ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ସମୁଦ୍ରରେ ଜାଲ ପକାଉଛନ୍ତି।

## ହେଲ୍ପ ଏଜ୍ ଇଣ୍ଡିଆକୁ ୟୁଏନ୍ ପପୁଲେଶନ ଆୱାର୍ଡ




ହେଲ୍ପଏଜ ଇଣ୍ଡିଆର କାର୍ଯ୍ୟନିର୍ବାହୀ ରୋହିତ ପ୍ରସାଦ ପୁରସ୍କାର ଗ୍ରହଣ କରୁଛନ୍ତି।

ନୂଆଦିଲ୍ଲୀ, ୧୧।୧୨

ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ହେଲ୍ପ ଏଜ ଇଣ୍ଡିଆକୁ ୟୁଏନ୍ ପପୁଲେଶନ ଆୱାର୍ଡ ପ୍ରଦାନ କରାଯାଇଛି। ଦ ୟୁନାଇଟେଡ ନେଶନ୍‌ସ ପପୁଲେଶନ ଫଣ୍ଡ(ୟୁଏନ୍‌ଏଫ୍‌ପିଏ), ଇଣ୍ଡିଆର ଭାରତ ପ୍ରତିନିଧି ଆର୍ଜେଣ୍ଟିନା ମାଟାଭେଲ ପିକିନ ହେଲ୍ପଏଜ ଇଣ୍ଡିଆର କାର୍ଯ୍ୟନିର୍ବାହୀ ରୋହିତ ପ୍ରସାଦଙ୍କୁ ମାନପତ୍ର ସହ ସ୍ୱର୍ଣ୍ଣପଦକ ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକଙ୍କ ସମସ୍ୟା ବିଶ୍ୱସ୍ତରରେ ଆଲୋଚନାର ପ୍ରସଙ୍ଗକୁ ଆସିବା ଗୌରବର କଥା ବୋଲି ହେଲ୍ପଏଜ ଇଣ୍ଡିଆର ଚେୟାରମ୍ୟାନ କିରଣ କାରନିକ କହିଛନ୍ତି।

## ରହସ୍ୟମୟ ରୋଗରେ ୬୦୦ ଆକ୍ରାନ୍ତ

### ମାଛ, ପରିବାକୁ ସନ୍ଦେହ

ହାଇଦ୍ରାବାଦ, ୧୧।୧୨



ଆନ୍ଧ୍ରପ୍ରଦେଶର ଏଲୁରୁରେ ରହସ୍ୟମୟ ରୋଗ ବ୍ୟାପିବାରେ ଲାଗିଛି। ଏଥିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୬୧୧ ଜଣ ଆକ୍ରାନ୍ତ ହେଲେଣି। ତେବେ ବିଜୟୱାଡାରେ ପ୍ରାଣ ହରାଇଥିବା ଦୁଇ ଜଣଙ୍କର ଯକ୍ଷ୍ମା ଓ କୋଭିଡ୍‌ରେ ମୃତ୍ୟୁ ହୋଇଥିବା ସରକାରୀ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ରୋଗକୁ ନେଇ ସେଠାରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। କେନ୍ଦ୍ରୀୟ ଟିମ୍ ଉକ୍ତ ଅଞ୍ଚଳକୁ ଗସ୍ତରେ ଯାଇ ଅନୁଧ୍ୟାନ କରିବା ସତ୍ତ୍ୱେ ରୋଗର ମୂଳ କାରଣ ଖୋଜି ପାଇବାରେ ବିଫଳ ହୋଇଛନ୍ତି। ମାଛ କିମ୍ବା ପନିପରିବାରେ ଥିବା ପ୍ରଦୂଷକ ସାମଗ୍ରୀ ସିସା ଓ କୀଟନାଶକ ରୋଗର କାରଣ ବୋଲି ବିଶେଷଜ୍ଞମାନେ ମତ ଦେଉଥିବାବେଳେ ଦୁଗ୍ଧ ଓ ଡାଏରୀ ଉତ୍ପାଦକୁ ଅନ୍ୟ କେତେକ କାରଣ ଭାବେ ଦେଖୁଛନ୍ତି। ପନିପରିବା, ଫଳ, ମୃତ୍ତିକା ଆଦି ସମସ୍ତ ସମ୍ଭାବ୍ୟ ଉତ୍ସକୁ ମଧ୍ୟ ପରୀକ୍ଷାନିରୀକ୍ଷା କରାଯାଉଛି ବୋଲି ଆନ୍ଧ୍ର ସ୍ୱାସ୍ଥ୍ୟ କମିଶନର କେ. ଭାସ୍କର କହିଛନ୍ତି। ଲାବରେଟୋରୀ ତଥ୍ୟରେ ପନିପରିବା ଓ ମାଛ ବିଷାକ୍ତ ପ୍ରଦୂଷକର ସମ୍ଭାବ୍ୟ ଉତ୍ସ ବୋଲି କୁହାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଲାବରେଟୋରୀ ରିପୋର୍ଟ ଏବଂ ଜଳ ଓ ବାୟୁ ପ୍ରଦୂଷଣ ତଥ୍ୟର ବୈଜ୍ଞାନିକ ଅନୁଧ୍ୟାନ କରାଯାଇଥିଲା। ଜଳ ଓ ବାୟୁ ନମୁନାରେ ଭାରୀ ଧାତୁ ନ ଥିବା ଉକ୍ତ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ମ୍ୟୁନିସିପାଲିଟି ପାଣି ଉପଲବ୍ଧ ହେଉ ନ ଥିବା ଅଞ୍ଚଳରେ ମଧ୍ୟ ଲୋକେ ରହସ୍ୟମୟ ରୋଗରେ ଆକ୍ରାନ୍ତ ହୋଇଛନ୍ତି।

ରୋଗୀଙ୍କ ରକ୍ତ ନମୁନାରେ ସିସା ଓ ନିକେଲ ଅଧିକ ପରିମାଣରେ ଥିବା ପରୀକ୍ଷାରୁ ଜଣାପଡିଛି। ଯଦି ଏହିସବୁ ପଦାର୍ଥ ପାଣି କିମ୍ବା ବାୟୁରେ ନାହିଁ, ତେବେ ଖାଦ୍ୟ ମାଧ୍ୟମରେ ଏହା ରୋଗୀଙ୍କ ରକ୍ତକୁ ଯାଉଥିବା ଗବେଷକମାନେ କହିଛନ୍ତି। ଶାଗ ଓ ସବୁଜ ପନିପରିବା ଏବଂ ମାଛ ମାଟିରୁ ବାୟୋଆକ୍ୟୁମୁଲେଶନ ପ୍ରକ୍ରିୟାରେ ଭାରୀ ଧାତୁ ଓ କୀଟନାଶକ ସଂଗ୍ରହ କରିଥାନ୍ତି। ସେହିପରି କ୍ରିଷ୍ଣା ଓ ଗୋଦାବରୀ ନଦୀ ଅବବାହିକାରୁ ସଂଗୃହୀତ ମାଛରେ ମଧ୍ୟ ଭାରୀ ଧାତବ ପଦାର୍ଥ ଓ କୀଟନାଶକ ଅବଶେଷ ରହିଥିବା ପରୀକ୍ଷାରୁ ଜଣାପଡିଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ (ଏନ୍‌ଆଇଏନ୍) ପନିପରିବା ନମୁନାର ପରୀକ୍ଷା ଚଳାଇଥିଲା। ଏହାର ରିପୋର୍ଟ ରୋଗର ରହସ୍ୟ ସମାଧାନ କରିବାରେ ସଫଳ ହେବ ବୋଲି ଆଶା କରାଯାଉଛି।

ରୋଗୀ ହସ୍ପିଟାଲରେ ଭର୍ତ୍ତି ହେବା ପରେ ତାଙ୍କ ରକ୍ତରେ ସିସା ପରିମାଣ ହ୍ରାସ ପାଉଛି। ଏହା ଦୀର୍ଘକାଳୀନ ସମସ୍ୟା ନୁହେଁ ବୋଲି ଏଥିରୁ ସୂଚନା ମିଳୁଥିବା ସରକାର କହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୫୧୫ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ରୋଗର କାରଣ ଜାଣିବା ପାଇଁ ଆନ୍ଧ୍ର ସରକାର ବିଭିନ୍ନ ବିଭାଗରୁ ବିଶେଷଜ୍ଞମାନଙ୍କୁ ନେଇ ଏକ କମିଟି ଗଢ଼ିଛନ୍ତି। ପୁଣେର ଏନ୍‌ଆଇଭି, ଦିଲ୍ଲୀ ଏମ୍ସ ସମେତ କେତେକ ଗବେଷଣା ସଂସ୍ଥା ମ୍ୟୁନିସିପାଲିଟି ପାଣି ସମେତ ଫଳ, ପନିପରିବା, ମାଛ ଆଦି ନମୁନା ପରୀକ୍ଷା କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୧୦,୪୫,୪୮୦ | ୧୫,୯୪,୪୯୨ | ୪,୯୩,୭୫,୯୬୭ |
| ଭାରତ | ୯୮,୧୪,୦୬୪ | ୧,୪୨,୪୧୭ | ୯୩,୦୯,୦୩୧ |
| ଓଡ଼ିଶା | ୩,୨୩,୦୨୯ | ୧୭୯୮(+୫୩) | ୩,୧୮,୨୭୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# 'ଗବେଷଣାକୁ ପ୍ରାଥମିକତା ଦିଅ'

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ରାଜ୍ୟର ୬ ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତିଙ୍କ ସହିତ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟରେ ଗବେଷଣା କାର୍ଯ୍ୟକୁ ଅଧିକ ପ୍ରାଥମିକତା ଦେବା ସହ ଗବେଷଣାର ସନ୍ଦର୍ଭଗୁଡ଼ିକ ପ୍ରମୁଖ ପତ୍ରିକାରେ ପ୍ରକାଶନ ଦିଗରେ କୁଳପତିମାନେ ପଦକ୍ଷେପ ନେବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ପରାମର୍ଶ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ଓ ଏହା ଅଧୀନ ମହାବିଦ୍ୟାଳୟଗୁଡ଼ିକରେ ଠିକ୍ ସମୟରେ ନାମଲେଖା, ପାଠ୍ୟକ୍ରମ ଓ ପରୀକ୍ଷା ଶେଷ କରିବା ସହ ଫଳ ପ୍ରକାଶନ ଦିଗରେ ସମୁଚିତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ କହିଛନ୍ତି। ମହାବିଦ୍ୟାଳୟଗୁଡ଼ିକ ନାକ୍ ମାନ୍ୟତା ପାଇବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଗୁରୁଦାୟିତ୍ୱ ରହିଛି। ଉଚ୍ଚଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପର ସଫଳ ରୂପାୟନ ଦିଗରେ ପ୍ରତ୍ୟେକ ସ୍ତରରେ ଆନ୍ତରିକ ଉଦ୍ୟମ ହେବା ଆବଶ୍ୟକ। ମୋ କଲେଜ୍/ମୋ ୟୁନିଭର୍ସିଟି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ସହିତ ପୁରାତନ ବିଦ୍ୟାର୍ଥୀଙ୍କୁ ଶିକ୍ଷାନୁଷ୍ଠାନର ଉନ୍ନତିରେ ସାମିଲ କରିବା ଦିଗରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଭିତ୍ତିଭୂମି ତଥା ଶିକ୍ଷାଦାନ ଦିଗରେ ମିଳୁଥିବା ଅର୍ଥକୁ ନିର୍ଦ୍ଧାରିତ ସମୟରେ ଠିକଣା ଭାବେ ବିନିଯୋଗ କରି ଶିକ୍ଷାର ମାନବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରବର୍ତ୍ତିତ '୫-ଟି'କୁ ଅନୁପାଳନ କରି ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷ ଶିକ୍ଷାକେନ୍ଦ୍ରରେ ପରିଣତ କରିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।


ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଅରୁଣ ସାହୁ ଓ କୁଳପତିମାନେ।

## ନବନିଯୁକ୍ତ କୁଳପତିଙ୍କୁ ମନ୍ତ୍ରୀଙ୍କ ପରାମର୍ଶ

ବୈଠକରେ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତିଙ୍କ ସମେତ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ୩୦ରେ ଡାକ ଅଦାଲତ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

୧୧୯ତମ ସର୍କଲସ୍ତରୀୟ ଡାକ ଅଦାଲତ ଆସନ୍ତା ଡିସେମ୍ବର ୩୦ ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରସ୍ଥିତ ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସାଧାରଣତଃ ଏହି ଡାକ ଅଦାଲତ ତ୍ରୈମାସିକ ଭାବେ ପ୍ରତି ଡିଭିଜନ ଏବଂ ସର୍କଲ ସ୍ତରରେ ମାର୍ଚ୍ଚ, ଜୁନ୍, ସେପ୍ଟେମ୍ବର ଓ ଡିସେମ୍ବରରେ ଆୟୋଜିତ ହୋଇଥାଏ। ସାଧାରଣ ଲୋକେ ନିଜସ୍ୱ ଅଭିଯୋଗକୁ ପ୍ରଥମେ ଡିଭିଜନସ୍ତରୀୟ ଡାକ ଅଦାଲତରେ ଉପସ୍ଥାପିତ କରିବେ। ସେଠାରୁ ସନ୍ତୋଷଜନକ ସମାଧାନ ନ ମିଳିଲେ ଅଭିଯୋଗକାରୀ ତାଙ୍କ ଅଭିଯୋଗକୁ ସର୍କଲସ୍ତରୀୟ ଡାକ ଅଦାଲତରେ ଉପସ୍ଥାପିତ କରିପାରିବେ। ତେବେ ଡାକଘର ସମ୍ବନ୍ଧିତ ଅଭିଯୋଗକୁ ତିନି କିତାରେ ଦାଖଲ କରିବାକୁ ପଡ଼ିଥାଏ। ଅଭିଯୋଗ ପରିସରଭୁକ୍ତ ଡାକଘର ରସିଦ୍ ଓ ପ୍ରମାଣପତ୍ର, ଅଭିଯୋଗ ବିବରଣୀ ଓ ଅଭିଯୋଗକାରୀଙ୍କର ନାମ ଏବଂ ସମ୍ପୂର୍ଣ୍ଣ ଡାକଠିକଣା ସହ ପୋଷ୍ଟମାଷ୍ଟର ଜେନେରାଲ୍ କିମ୍ବା ସହାୟକ ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ ଠିକଣାରେ ପଠାଇବାକୁ ପଡିଥାଏ। ତେବେ ଡାକଘର ସ୍ଥାପନା, ନୂତନ ପଦବୀ ସୃଷ୍ଟି ଓ ଡାକଘର ଭଡ଼ା ସମ୍ବନ୍ଧିତ ଅଭିଯୋଗ ଡାକ ଅଦାଲତର ବିଚାର ପରିସରଭୁକ୍ତ ନୁହେଁ ବୋଲି ଆସିଷ୍ଟାଣ୍ଟ ପିଏମ୍‌ଜି (ଗ୍ରିଭାନ୍ସ) ଜଣାଇଛନ୍ତି।

# କନ୍ଧମାଳରେ ଯବାନ-ମାଓବାଦୀ ଗୁଳି ବିନିମୟ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

କନ୍ଧମାଳ ଜିଲାରେ ଶୁକ୍ରବାର କୋମ୍ବିଂ ଅପରେଶନ ସମୟରେ ଏସ୍‌ଓଜି ଓ ଡିଭିଏଫ୍ ଯବାନଙ୍କୁ ବଡ ସଫଳତା ମିଳିଛି। ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟରେ ମାଓବାଦୀମାନେ ପଛଘୁଞ୍ଚା ଦେଇଛନ୍ତି। ତେବେ ଯବାନଙ୍କ ଗୁଳିମାଡ଼ରେ ଜଣେ ମହିଳା କ୍ୟାଡର ମାଓବାଦଙ୍କ ମୃତ୍ୟୁ ଘଟିଛି। ଘଟଣା ସ୍ଥଳରୁ ୨ଟି ବନ୍ଧୁକ ଓ ୪ରାଉଣ୍ଡ ଗୁଳି ଜବତ କରାଯାଇଛି ବୋଲି କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଜିପି ଅଭୟ ସୂଚନା ଦେଇଛନ୍ତି। ମାଓବାଦୀମାନେ ହିଂସା ଛାଡି ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ। ଆତ୍ମସମର୍ପଣ କରି ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଯୋଜନାରୁ ସୁବିଧା ନିଅନ୍ତୁ ବୋଲି ଅଭୟ ଭିଡିଓ ମାଧ୍ୟମରେ ଆହ୍ୱାନ ଦେଇଛନ୍ତି।

## ମହିଳା ମାଓବାଦୀ ନିହତ

ଡିଜିପିଙ୍କ ସୂଚନା ଅନୁଯାୟୀ, ଗୋଚ୍ଛାପଡା ଥାନା ଅଞ୍ଚଳର ଏକ ଗ୍ରାମ ନିକଟରେ କୋମ୍ବିଂ ଅପରେଶନ ଚାଲିଥିବାବେଳେ ମାଓବାଦୀମାନେ ଯବାନଙ୍କ ଉପରକୁ ପ୍ରଥମେ ଗୁଳି ବର୍ଷା କରିଥିଲେ। ପରେ ଯବାନମାନେ ପୋଜିଶନ ନେଇ ପାଲଟା ଆକ୍ରମଣ କରିଥିଲେ। ତେବେ ଉଭୟ ପକ୍ଷରୁ ଦୀର୍ଘ ସମୟ ଧରି ଗୁଳି ବିନିମୟ ଚାଲିଥିଲା। ଶେଷରେ ଯବାନଙ୍କୁ ମୁକାବିଲା କରି ନ ପାରି ମାଓବାଦୀମାନେ ଛାଡିପଳାଇବା ପରେ ଉକ୍ତ ସ୍ଥାନକୁ ସର୍ଚ୍ଚ କରାଯାଇଥିଲା। ସେଠାରୁ ମାଓ କ୍ୟାଡେଟ୍ ପୋଷାକରେ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା। ତେବେ ଯବାନଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ଡିଜିପି କହିଛନ୍ତି।

# ପୁଅର ଚାକିରି ପାଇଁ ଅର୍ଥ ହରାଇ ମହିଳାଙ୍କ ଆତ୍ମହତ୍ୟା

ବିଞ୍ଝାରପୁର, ୧୧।୧୨(ଡି.ଏନ.ଏ.)

ପୁଅର ଚାକିରି କରାଇ ଦେବା ପାଇଁ ଜଣେ ଯୁବକଙ୍କୁ ଟଙ୍କା ଦେଇଥିଲେ ମା'। ହେଲେ ପୁଅର ଚାକିରି ହେଲାନି, ଟଙ୍କା ବି ଫେରି ପାଇଲେନି। ତେଣୁ ମାନସିକ ଚାପରେ ରହି ମା' ଗୁରୁବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯାଜପୁର ଜିଲା ବିଞ୍ଝାରପୁର ଥାନା ଚନ୍ଦ୍ରମୁଁ ପଞ୍ଚାୟତ ବାଣପୁର ଗ୍ରାମରେ ଏହି ଘଟଣା ଘଟିଛି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ଚନ୍ଦ୍ରମୁଁ ଗ୍ରାମର ସୁବାସ ଧଳଙ୍କ ସ୍ତ୍ରୀ ମାଳତୀଙ୍କଠାରୁ ବାଣପୁର ଗ୍ରାମର ପ୍ରକାଶ କୁମାର ପୁହାଣ ଟଙ୍କା ଓ ସୁନାଗହଣା ନେଇଥିଲେ। ବହୁଦିନ ପର୍ଯ୍ୟନ୍ତ ପୁଅର ଚାକିରି କରାଇ ନ ଦେବାରୁ ମାଳତୀ ବାରମ୍ବାର ପ୍ରକାଶଙ୍କ ଘରକୁ ଯାଇ ଟଙ୍କା ଫେରସ୍ତ ମାଗିଥିଲେ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗତ ମାସ ୨୦ ତାରିଖରେ ଗ୍ରାମବାସୀଙ୍କ ମଧ୍ୟସ୍ଥତାରେ ପ୍ରକାଶ ଏକ ଚୁକ୍ତିପତ୍ର ଲେଖି ୨୭ ତାରିଖ ମଧ୍ୟରେ ଟଙ୍କା ଦେବେ ବୋଲି ସମୟ ନେଇଥିଲେ। ତେବେ ୨୭ ତାରିଖ ପରେ ମଧ୍ୟ ପ୍ରକାଶ ଟଙ୍କା ଦେଇ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଗୁରୁବାର ସନ୍ଧ୍ୟାରେ ମାଳତୀ ଟଙ୍କା ମାଗିବା ପାଇଁ ଯାଇଥିବାବେଳେ ପ୍ରକାଶ ଗାଳିଗୁଲଜ କରିବାସହ ଟଙ୍କା ମାଗିବାକୁ ଆସିଲେ ତୁମ ପରିବାରକୁ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିଲେ। ଏହି କଥାକୁ ନେଇ ମାଳତୀ ମାନସିକ ଚିନ୍ତାରେ ଥିଲେ। ଏପରି କି ରାତିରେ ଖାଇନଥିଲେ। ପରିବାର ଲୋକେ ସମସ୍ତେ ଶୋଇବା ପରେ ମାଳତୀ ରୋଷେଇ ଘର ପିଲରରେ ଆତ୍ମହତ୍ୟା କରିଥିବା ତାଙ୍କ ପୁଅ ଶୁଭକାନ୍ତ ଧଳ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ଆଇ କସ୍ତୁରୀ ଚରଣ ଦାସ ଓ ଅନାମିକା ଥାଟୋଇ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତ ବେଳେ ମାଳତୀଙ୍କଠାରୁ ଏକ ସୁଇସାଇଡ୍ ନୋଟ୍ ମିଳିଥିଲା। ଯେଉଁଥିରେ ଲେଖାଯାଇଥିଲା ଯେ, ମୋର ମୃତ୍ୟୁ ପାଇଁ ପ୍ରକାଶ ଦାୟୀ। ପୋଲିସ ତାହାକୁ ଜବତ କରି ଅଧିକ ତଦନ୍ତ ଚଳାଇବା ସହ ୩୫୫/୨୦ନମ୍ବରରେ ଏକ ମାମଲା ରୁଜୁ କରିଛି। ପ୍ରକାଶଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

# ଆକାଶଙ୍କୁ କ୍ରାଇମବ୍ରାଞ୍ଚର ମାରାଥନ ଜେରା

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

## ନିଯୁକ୍ତି ଜାଲିଆତି ମାମଲା



ଆୟବହିର୍ଭୂତ ସମ୍ପତ୍ତି ଠୁଳ ଓ ଠକେଇ ଅଭିଯୋଗରେ ଜେଲ ଯାଇଥିବା ଆଇଏଫ୍ଏସ୍ ଅଧିକାରୀ ତଥା ନିଲମ୍ବିତ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିଛି କ୍ରାଇମବ୍ରାଞ୍ଚ। ତେବେ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଜାଲିଆତି କରି ଠକେଇ ମାମଲାରେ ଆକାଶଙ୍କୁ ଶୁକ୍ରବାରଠାରୁ ମାରାଥନ ଜେରା ଆରମ୍ଭ ହୋଇଛି। ଆକାଶ ନିଜକୁ ଟାଟା ମୋଟର୍ସର ପାସେଞ୍ଜର ଡିଭିଜନର ଏମ୍‌ଡି ପରିଚୟ ଦେବା ସହ ଚାକିରି ଦେବାକୁ କହି ଯୁବତୀଯୁବକଙ୍କଠାରୁ ବହୁ କୋଟି ଟଙ୍କା ଠକେଇ କରିଥିବା ନେଇ ଅଭିଯୋଗ ହୋଇଥିଲା। ଟାଟା କମ୍ପାନୀର ଏମଡି ଆଇକାର୍ଡ ହାତେଇବା ଓ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଆକାଉଣ୍ଟରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଟ୍ରାନ୍ସଫର ନେଇ କ୍ରାଇମବ୍ରାଞ୍ଚର ଅଧିକାରୀମାନେ ଘନଘନ ଜେରା କରିଛନ୍ତି। ତେବେ ଆକାଶଙ୍କଠାରୁ କିଛି ନୂଆ ତଥ୍ୟ ମିଳିଥିବା ସୂଚନା ମିଳିଛି। ଏହା ପୂର୍ବରୁ ଆକାଶଙ୍କ ବ୍ୟକ୍ତିଗତ ସହାୟକ ପିଟର ଡେଭିଡ୍‌ଙ୍କୁ ପଚରାଉଚରାବେଳେ ପାଠକ ପରିବାର ଓ ପ୍ରଦୀପଙ୍କ ସଂକ୍ରାନ୍ତରେ ଅନେକ ଗୁମର ଖୋଲିଥିଲେ। ଡେଭିଡ୍‌ଙ୍କ ବୟାନକୁ ଆଧାର କରି କ୍ରାଇମବ୍ରାଞ୍ଚ ଆକାଶଙ୍କୁ ଗୁଡାଇ ତୁଡାଇ ପ୍ରଶ୍ନ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏହାପୂର୍ବରୁ ଗତ ୩ ତାରିଖରେ ୩ଦିନିଆ ରିମାଣ୍ଡରେ ଆସିଥିଲେ ପାଠକ ବାପପୁଅ।



# ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ

ଠାକୁରମୁଣ୍ଡା, ୧୧।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣି ପଞ୍ଚାୟତ ଢ଼ିପାସାହିଠାରେ ଥିବା ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ୩ ବର୍ଷ ପୂର୍ବେ ଢ଼ିପାସାହିଠାରେ ବିର୍ସା ମୁଣ୍ଡାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ପ୍ରତିବର୍ଷ ଏଠାରେ ବିର୍ସା ମୁଣ୍ଡାଙ୍କର ଜୟନ୍ତୀ ପାଳନ କରାଯାଏ। ତେବେ ଗୁରୁବାର ସକାଳେ କେହି ଦୁର୍ବୃତ୍ତ ପ୍ରତିମୂର୍ତ୍ତିକୁ ଭାଙ୍ଗି ତଳେ ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ପରେ ଶୁକ୍ରବାର ଆଦିବାସୀମାନଙ୍କ ଏକ ପ୍ରତିନିଧି ଦଳ ଭଙ୍ଗା ଯାଇଥିବା ପ୍ରତିମୂର୍ତ୍ତିସ୍ଥଳକୁ ଯାଇ ବୁଲି ଦେଖିଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟ ସମାଇଁ ପୂର୍ତ୍ତି, ଗଣେଶ ଗାଗରାଇ,ସରପଞ୍ଚ ବାବୁଲି ହେମ୍ବ୍ରମ,ରାମଚନ୍ଦ୍ର ବଦରା,ବଗୁନ ଶୁଣ୍ଡି, ଗୌରାଙ୍ଗ ପ୍ରିସ୍ ବାନ୍ଦିଆ, ମାଣିକ ରାମ କେରାଇ ପ୍ରମୁଖ ସାମିଲ ଥିଲେ। ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ ଜଡିତ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ କମିଟିର ସଦସ୍ୟମାନେ ଦାବି କରିଛନ୍ତି।


ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

କୃଷି ବିଭାଗ, ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ
ନିରାପଦ କୃଷକ, ଦେଶର ଗର୍ବ

HDFC ERGO
Take it easy!

| ଋତୁ | ଜିଲ୍ଲା | ଅଧିସୂଚିତ ଫସଲ | ପ୍ରତି ଫସଲ ଆଧାରିତ ବୀମା ରାଶି (ଟ. ରେ ପ୍ରତି ହକ୍ଟେର୍‌ରର) | କୃଷକ ହାର % | କୃଷକ କିସ୍ତି |
|---|---|---|---|---|---|
| ରବି | ଦେବଗଡ଼ | ବିରି | ୩୭୫୦୦ | ୧.୫୦% | ୫୬୨.୫ |
| ରବି | ଦେବଗଡ଼ | ମୁଗ | ୩୭୫୦୦ | ୧.୫୦% | ୫୬୨.୫ |
| ରବି | ଦେବଗଡ଼ | ଚିନାବାଦାମ | ୫୫୦୦୦ | ୧.୫୦% | ୮୨୫ |
| ରବି | ଦେବଗଡ଼ | ପିଆଜ | ୧୫୫୦୦୦ | ୧.୬୦% | ୨୪୮୦ |
| ରବି | ଦେବଗଡ଼ | ଆଳୁ | ୧୧୫୦୦୦ | ୧.୬୦% | ୧୮୪୦ |
| ରବି | ଦେବଗଡ଼ | ଆଖୁ | ୧୦୨୫୦୦ | ୧.୬୦% | ୧୬୪୦ |
| ରବି | କେନ୍ଦ୍ରାପଡ଼ା | ବିରି | ୨୫୦୦୦ | ୧.୫୦% | ୩୭୫ |
| ରବି | କେନ୍ଦ୍ରାପଡ଼ା | ମୁଗ | ୨୫୦୦୦ | ୧.୫୦% | ୩୭୫ |
| ରବି | କେନ୍ଦ୍ରାପଡ଼ା | ଚିନାବାଦାମ | ୫୫୦୦୦ | ୧.୫୦% | ୮୨୫ |
| ରବି | କେନ୍ଦ୍ରାପଡ଼ା | ପିଆଜ | ୫୦୦୦୦ | ୨ | ୧୦୦୦ |
| ରବି | କେନ୍ଦ୍ରାପଡ଼ା | ଧାନ୍ | ୫୮୦୦୦ | ୧.୫୦% | ୮୭୦ |
| ରବି | କେନ୍ଦ୍ରାପଡ଼ା | ଆଳୁ | ୧୦୦୦୦୦ | ୧.୬୦% | ୧୬୦୦ |
| ରବି | କେନ୍ଦ୍ରାପଡ଼ା | ଆଖୁ | ୧୦୫୦୦୦ | ୧.୬୦% | ୧୬୮୦ |
| ରବି | ମୟୁରଭଂଜ | ବିରି | ୩୦୧୫୦ | ୧.୫୦% | ୪୫୨.୨୫ |
| ରବି | ମୟୁରଭଂଜ | ମୁଗ | ୩୦୧୫୦ | ୧.୫୦% | ୪୫୨.୨୫ |
| ରବି | ମୟୁରଭଂଜ | ଚିନାବାଦାମ | ୬୪୪୦୦ | ୧.୫୦% | ୯୬୬ |
| ରବି | ମୟୁରଭଂଜ | ସୋରିଷ | ୪୧୫୦୦ | ୧.୫୦% | ୬୨୨.୫ |
| ରବି | ମୟୁରଭଂଜ | ଧାନ୍ | ୭୪୬୦୦ | ୧.୫୦% | ୧୧୧୯ |
| ରବି | ମୟୁରଭଂଜ | ଆଳୁ | ୧୦୨୬୦୦ | ୧.୬୦% | ୧୬୪୧.୬ |
| ରବି | ନବରଂଗପୁର | ବିରି | ୩୬୭୫୦ | ୧.୫୦% | ୫୫୧.୨୫ |
| ରବି | ନବରଂଗପୁର | ମୁଗ | ୩୬୭୫୦ | ୧.୫୦% | ୫୫୧.୨୫ |
| ରବି | ନବରଂଗପୁର | ଚିନାବାଦାମ | ୫୮୭୫୦ | ୧.୫୦% | ୮୮୧.୨୫ |
| ରବି | ନବରଂଗପୁର | ଧାନ୍ | ୭୮୫୦୦ | ୧.୫୦% | ୧୧୭୭.୫ |
| ରବି | ନବରଂଗପୁର | ଆଖୁ | ୧୩୭୫୦୦ | ୧.୬୦% | ୨୨୦୦ |
| ରବି | ବରଗଡ଼ | ବିରି | ୨୩୭୫୦ | ୧.୫୦% | ୩୫୬.୨୫ |
| ରବି | ବରଗଡ଼ | ମୁଗ | ୨୩୭୫୦ | ୧.୫୦% | ୩୫୬.୨୫ |
| ରବି | ବରଗଡ଼ | ଚିନାବାଦାମ | ୫୫୨୫୦ | ୧.୫୦% | ୮୨୮.୭୫ |
| ରବି | ବରଗଡ଼ | ଧାନ୍ | ୬୭୫୦୦ | ୧.୫୦% | ୧୦୧୨.୫ |
| ରବି | ବରଗଡ଼ | ଆଳୁ | ୧୦୨୫୦୦ | ୪ | ୪୧୦୦ |
| ରବି | ବରଗଡ଼ | ଆଖୁ | ୧୦୦୦୦୦ | ୨ | ୨୦୦୦ |
| ରବି | ଭଦ୍ରକ | ବିରି | ୩୮୨୫୦ | ୧.୫୦% | ୫୭୩.୭୫ |
| ରବି | ଭଦ୍ରକ | ମୁଗ | ୩୮୨୫୦ | ୧.୫୦% | ୫୭୩.୭୫ |
| ରବି | ଭଦ୍ରକ | ଚିନାବାଦାମ | ୬୧୨୫୦ | ୧.୫୦% | ୯୧୮.୭୫ |
| ରବି | ଭଦ୍ରକ | ସୋରିଷ | ୩୬୦୦୦ | ୧.୫୦% | ୫୪୦ |
| ରବି | ଭଦ୍ରକ | ଧାନ୍ | ୬୭୦୦୦ | ୧.୫୦% | ୧୦୦୫ |
| ରବି | ଭଦ୍ରକ | ଆଳୁ | ୧୦୪୫୦୦ | ୧.୬୦% | ୧୬୭୨ |
| ରବି | ଭଦ୍ରକ | ଆଖୁ | ୧୬୯୦୦୦ | ୩ | ୫୦୭୦ |
| ରବି | ଭଦ୍ରକ | ସୂର୍ଯ୍ୟମୁଖୀ | ୪୪୦୦୦ | ୧.୫୦% | ୬୬୦ |
| ରବି | ଗଜପତି | ବିରି | ୨୯୦୦୦ | ୧.୫୦% | ୪୩୫ |
| ରବି | ଗଜପତି | ମୁଗ | ୨୯୦୦୦ | ୧.୫୦% | ୪୩୫ |
| ରବି | ଗଜପତି | ଚିନାବାଦାମ | ୪୯୫୦୦ | ୧.୫୦% | ୭୪୨.୫ |
| ରବି | ଗଜପତି | ଧାନ୍ | ୬୦୦୦୦ | ୧.୫୦% | ୯୦୦ |
| ରବି | ଜଗତ୍‌ସିଂପୁର | ବିରି | ୨୫୦୦୦ | ୧.୫୦% | ୩୭୫ |
| ରବି | ଜଗତ୍‌ସିଂପୁର | ମୁଗ | ୨୫୦୦୦ | ୧.୫୦% | ୩୭୫ |
| ରବି | ଜଗତ୍‌ସିଂପୁର | ଚିନାବାଦାମ | ୪୨୫୦୦ | ୧.୫୦% | ୬୩୭.୫ |
| ରବି | ଜଗତ୍‌ସିଂପୁର | ଧାନ୍ | ୫୭୫୦୦ | ୧.୫୦% | ୮୬୨.୫ |
| ରବି | ଜଗତ୍‌ସିଂପୁର | ଆଳୁ | ୧୦୦୦୦୦ | ୧.୬୦% | ୧୬୦୦ |
| ରବି | ଜଗତ୍‌ସିଂପୁର | ଆଖୁ | ୧୦୦୦୦୦ | ୧.୬୦% | ୧୬୦୦ |
| ରବି | ଯାଜପୁର | ବିରି | ୩୦୦୦୦ | ୧.୫୦% | ୪୫୦ |
| ରବି | ଯାଜପୁର | ମୁଗ | ୩୦୦୦୦ | ୧.୫୦% | ୪୫୦ |
| ରବି | ଯାଜପୁର | ଚିନାବାଦାମ | ୫୫୦୦୦ | ୧.୫୦% | ୮୨୫ |
| ରବି | ଯାଜପୁର | ଧାନ୍ | ୬୨୫୦୦ | ୧.୫୦% | ୯୩୭.୫ |
| ରବି | ଯାଜପୁର | ଆଳୁ | ୧୧୦୦୦୦ | ୨ | ୨୨୦୦ |
| ରବି | ଯାଜପୁର | ଆଖୁ | ୧୦୫୦୦ | ୨ | ୨୧୦୦ |



କୃଷକଙ୍କ କଭରେଜ୍ :
ଏହି ଯୋଜନା ଋଣୀ ଚାଷୀ ବା କୃଷକଙ୍କ ସମେତ ସମସ୍ତ କୃଷକମାନଙ୍କ ପାଇଁ ସ୍ୱେଚ୍ଛାକୃତ ଭାବେ ପ୍ରସ୍ତୁତ କରାଯାଇଛି। ଋଣୀ କୃଷକମାନେ ଯେଉଁମାନେ ଶେଷ ତାରିଖର ୭ ଦିନ ପୂର୍ବରୁ ଯୋଜନାରୁ ନିଜକୁ ବାଦ ଦେଇ ନାହାନ୍ତି, ସେମାନେ ଏହି ବିତ୍ତୀୟ ସଂସ୍ଥା ଦ୍ୱାରା ଏହି ଯୋଜନା ଅଧିନରେ ନାମ ତାଲିକାଭୁକ୍ତ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ।

ଅଣ-ଋଣୀ କୃଷକଙ୍କ ପାଇଁ ନାମତାଲିକାଭୁକ୍ତ :
ଅଣ-ଋଣୀ କୃଷକମାନେ ନିକଟତମ ଆର୍ଥିକ ପ୍ରତିଷ୍ଠାନ ମାଧ୍ୟମରେ ସେମାନଙ୍କର ଫସଲ ବୀମା କରିପାରିବେ। ଜାତୀୟକରଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ପ୍ରାଥମିକ କୃଷି ସମବାୟ ସମିତି (PACS), ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ/ ବୀମା ମଧ୍ୟସ୍ଥି/ ସାଧାରଣ ସେବା କେନ୍ଦ୍ର (CSC)/ ୱେବସାଇଟ୍ ଲିଙ୍କ ମାଧ୍ୟମରେ ସ୍ୱୟଂ ନାମାଙ୍କନ : https://pmfby.gov.in/farmerLogin

ଏହି ଯୋଜନା ପାଇବା ପାଇଁ ଚାଷୀଙ୍କ ଠାରୁ ଆବଶ୍ୟକ ଦସ୍ତାବିଜ୍
- ଆଧାର କାର୍ଡ଼ର କପି
- ଉପଯୁକ୍ତ ଭାବରେ ଭରା ଯାଇଥିବା ପ୍ରସ୍ତାବ ଫର୍ମର ନକଲ ବା କପି
- ସବିଶେଷ ଜମି ରେକର୍ଡ଼/ ରାଜ୍ୟ ରେକର୍ଡ଼ ଅଫ୍ ରାଇଟ୍ (ଖ୍ରୁ) / ଜମି ଅଧିକାର ପ୍ରମାଣ ପତ୍ର (ଲ୍ପଇ) / ଖସଡ଼ା ଇତ୍ୟାଦିର କପି
- ଅନୁବନ୍ଧିତ ଚାଷୀଙ୍କ ପାଇଁ ପ୍ରଯୁଜ୍ୟ ଚୁକ୍ତିନାମା/ ଚୁକ୍ତିନାମା ପାଇଁ ଆଫିଡେଭିଟ୍
- ନମ୍ବର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର କିମ୍ବା ବାତିଲ୍ ହୋଇଥିବା ଚେକ୍ ଥିବା
- ବ୍ୟାଙ୍କ ପାସବୁକର କପି
- ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଫସଲ ବୁଣିବା ପାଇଁ ଉଦ୍ଦିଷ୍ଟ ବୁଣିବା ପ୍ରମାଣପତ୍ର କିମ୍ବା ଆତ୍ମ ଘୋଷଣା

ଅଧିକ ସୂଚନା ପାଇଁ ଦୟାକରି ନିକଟସ୍ଥ ବ୍ୟାଙ୍କ ଶାଖା / କୃଷି ଅଧିକାରୀ / ଜନ ସେବା କେନ୍ଦ୍ର (CSC) / ବୀମା କମ୍ପାନୀର ଟୋଲ୍ ଫ୍ରୀ ନମ୍ବର
18002660700
ରେ ସମ୍ପର୍କ କରନ୍ତୁ ।

ଏଚଡିଏଫସି ଏର୍ଗୋ ସାଧାରଣ ବୀମା କମ୍ପାନୀ ଲିମିଟେଡ୍ ଆଇଆରଡିଏଆଇ ପଞ୍ଜୀକରଣ ନଂ 146 /ସିଆଇଏନ U66030MH2007PLC177117. ପଞ୍ଜୀକୃତ ଏବଂ କର୍ପୋରେଟ୍ ଅଫିସ୍ : ପ୍ରଥମ ମହଲା, ଏଚଡିଏଫସି ହାଉସ୍, 165-166 ବ୍ୟାକବେ ରିକ୍ଲେମେସନ, ଏଚ.ଟି. ପାରେଖ ମାର୍ଗ, ଚର୍ଚ୍ଚଗେଟ୍, ମୁମ୍ବାଇ - 400020। ଆପତ୍ତକାରକ, ସର୍ତ୍ତ ଓ ନିୟମାବଳୀ ବିଷୟରେ ଅଧିକ ବିବରଣୀ ପାଇଁ, ଦୟାକରି ବିକ୍ରି ନିର୍ଦ୍ଧାରଣ ପୂର୍ବରୁ ସେଲ୍‌ସ ବ୍ରୋଶର/ ପ୍ରୋସପେକ୍ଟସ୍ ପଢ଼ନ୍ତୁ। ଉପରେ ପ୍ରଦର୍ଶିତ ଟ୍ରେଡ ଲୋଗୋ ଏଚଡିଏଫସି ଲିମିଟେଡ୍ ଏବଂ ଏର୍ଗୋ I UIN: Pradhan Mantri Fasal Bima Yojana - IRDAN125P0003V01201617 | CSC - Pradhan Mantri Fasal Bima Yojana - HDE-AG-P18-25-V01-17-18. UID: 6568

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଶ୍ୱାତି
ପରିବାରବର୍ଗ


ଆଦିତ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଆଇନ ସଂଶୋଧନକୁ...

କରୁଥିଲେ। ମାତ୍ର ଭୁବନେଶ୍ୱର ମହାନଗର ନିଗମରେ ଅଭିଯୋଗ କଲେ ମଧ୍ୟ ତାହା ତୁରନ୍ତ ସମାଧାନ ହେଉ ନାହିଁ। କର୍ପୋରେଟରମାନଙ୍କ ହାତରେ କିଛି ନ ଥିବାରୁ ସେମାନେ ସମାଧାନ ଦିଗରେ ସେପରି ଠୋସ ପଦକ୍ଷେପ ନେଇପାରୁ ନାହାନ୍ତି। ତୁରନ୍ତ ନିର୍ବାଚନ ହେଲେ ଜନପ୍ରତିନିଧିମାନେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେଇପାରନ୍ତେ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ନିଜର ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପୂର୍ବତନ କର୍ପୋରେଟର କହିଛନ୍ତି, ଲୋକମାନେ ୱାର୍ଡର ସମସ୍ୟା ଆମକୁ କହୁଛନ୍ତି। ପୂର୍ବତନ କର୍ପୋରେଟର ହେଲେ ମଧ୍ୟ ଲୋକଙ୍କ ଅଭିଯୋଗକୁ ଅଣଦେଖା କରିହେବ ନାହିଁ। କର୍ପୋରେଶନ ଥିବାବେଳେ ଯେଉଁ ସମସ୍ୟା ୭ ଦିନରେ ସମାଧାନ ହେଉଥିଲା ଏବେ ୧୫ ଦିନରେ ମଧ୍ୟ ହେବା କଷ୍ଟକର ହେଉଛି। ଜନପ୍ରତିନିଧି ଲୋକଙ୍କ ପାଖରେ ରହୁଥିବାରୁ ସମସ୍ୟା ସମାଧାନ ସହଜ ହୋଇପାରୁଥିଲା। ନିର୍ବାଚନ ଘୁଞ୍ଚି ଘୁଞ୍ଚି ଯାଉଥିବାରୁ ଲୋକମାନଙ୍କୁ ସେବା ଯୋଗାଇବା ଆମ ପକ୍ଷେ କଷ୍ଟକର ହେଉଛି।

ଅନ୍ୟପକ୍ଷରେ ନିର୍ବାଚନକୁ ନେଇ ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତ, ସ୍ଥାନ ସଂରକ୍ଷଣ ନେଇ ଚୂଡ଼ାନ୍ତ ପ୍ରସ୍ତାବ ସରକାରଙ୍କୁ ପ୍ରଦାନ କରାଯାଇଛି। ଏହାକୁ ଅନୁମୋଦନ କରିବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯିବ। ୱାର୍ଡ ପୁନର୍ଗଠନ ଓ ଆପତ୍ତି ଅଭିଯୋଗ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ସରକାରଙ୍କ ଅନୁମତି ମିଳିବା ପରେ ନିର୍ବାଚନ ନେଇ କାର୍ଯ୍ୟ ଆରମ୍ଭ ହେବ।

ରାଜ୍ୟ ସରକାର ୩ଟି ମହାନଗର ନିଗମକୁ ମିଶାଇ ୯୩ଟି ଏନ୍‌ଏସି, ମ୍ୟୁନିସିପାଲିଟିର ନିର୍ବାଚନ କରିବାକୁ ପ୍ରସ୍ତୁତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ୬୬ଟି ପୌର ସଂସ୍ଥାରେ ନିର୍ବାଚନ ହୋଇଥାଆନ୍ତା। ଏ ନେଇ ସ୍ଥାନ ସଂରକ୍ଷଣ, ୱାର୍ଡ ପୁନର୍ଗଠନ ଓ ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ସ୍ଥାନ ସଂରକ୍ଷଣକୁ ନେଇ ବିବାଦ ଦେଖାଦେଇଥିଲା। ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ପୌର ସ୍ଥାନ ସଂରକ୍ଷଣ ଆଇନକୁ ସଂଶୋଧନ କରିବା ଛଡ଼ା ଅନ୍ୟ ବିକଳ୍ପ ନାହିଁ ବୋଲି ଚର୍ଚ୍ଚା ହେଉଛି।

### ବାଇଡେନ୍, ହାରିସ୍...

ଶକ୍ତି ଥାଏ ବୋଲି ଉଭୟେ ପ୍ରମାଣ କରିଛନ୍ତି। ଏଥିସହ କଷ୍ଟ ସମୟରେ ସମସ୍ୟା ଦୂର କରିବାରେ ସେ ଆଶା ଦେଖାଇଥିବାରୁ ତାଙ୍କୁ 'ପର୍ସନ ଅଫ୍ ଦି ଇୟର' ନାମିତ କରାଯାଇଥିବା ଏଡ୍‌ୱାର୍ଡ ଏକ ବିବୃତିରେ କହିଛନ୍ତି। ଟାଇମ୍ସ ପକ୍ଷରୁ ୧୨ ମାସ ଭିତରେ ଘଟିଥିବା ପ୍ରମୁଖ ଘଟଣା ଆଧାରିତ ତଥା ଭଲ କିମ୍ବା ଖରାପ ପାଇଁ ଦାୟୀ କୌଣସି ଗୋଷ୍ଠୀ, ବ୍ୟକ୍ତିବିଶେଷଙ୍କୁ ପ୍ରତିବର୍ଷ 'ପର୍ସନ ଅଫ୍ ଦି ଇୟର' ଟାଇଟଲ ଦିଆଯାଇଥାଏ। ୧୯୨୭ ପରଠାରୁ ଟାଇମ୍ସ ମାଗାଜିନ୍ ପର୍ସନ୍ ଅଫ୍ ଦି ଇୟର ଚୟନ କରିଆସୁଛି।

### ସୁପ୍ରିମକୋର୍ଟ ଗଲା...

ପାଇଁ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଜାରି ରହିବା ନେଇ ଏକ ଲିଖିତ ପ୍ରତିଶ୍ରୁତି ଦେବାକୁ ରାଜି ହୋଇଥିଲେ। କର୍ପୋରେଟ୍‌ଗୁଡ଼ିକ ଚାଷୀଙ୍କ ଜମି ଓ ମଣ୍ଡି ନେଇଯିବେ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଛି, ତାକୁ ଦୂର କରିବା ଲାଗି ସରକାର ଉଦ୍ୟମ କରିଥିଲେ। ତେବେ ଚାଷୀ ସଂଗଠନ ସରକାରଙ୍କ କୌଣସି ପ୍ରସ୍ତାବକୁ ଗ୍ରହଣ ନ କରି ଆଇନ ପ୍ରତ୍ୟାହାର ଦାବିରେ ଅଟଳ ରହିଥିଲେ।

ସରକାରଙ୍କ ପ୍ରସ୍ତାବକୁ ନେଇ କୃଷକ ସଂଗଠନଗୁଡ଼ିକ କୌଣସି ଯୋଗାଯୋଗ କରି ନ ଥିବା କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଶୁକ୍ରବାର କହିଛନ୍ତି। ତେବେ ସେମାନେ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ଗଣମାଧ୍ୟମରେ ପ୍ରକାଶିତ ଖବରରୁ ଜଣାପଡିଛି।

### ତଦନ୍ତ କରିବ...

ଆକ୍ଟ ୨୦୦୦ର ଦଫା ୬୬ସି ଓ ଡି ରେ ମାମଲା ରୁଜୁ କରିଥିଲା କ୍ରାଇମବ୍ରାଞ୍ଚ। ସେ ବର୍ତ୍ତମାନ ଝାରପଡ଼ା ସ୍ୱତନ୍ତ୍ର ଜେଲରେ ବିଚାର ବିଭାଗ ହାଜତରେ ରହିଛନ୍ତି। ଅନ୍ୟପକ୍ଷରେ ଦୁର୍ନୀତିର ପେଡ଼ି ଖୋଲିବା ପାଇଁ କ୍ରାଇମବ୍ରାଞ୍ଚ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଚିଠି ଲେଖିଥିଲା। ଇଡି ଘଟଣାର ତଦନ୍ତ ପାଇଁ ସବୁ କାଗଜପତ୍ର ମଗାଇବା ସହ ପ୍ରଦୀପଙ୍କ ନାମରେ ଅଭଯୋଗ ଆଣିବା ସହ ଟଙ୍କା ଟ୍ରାନ୍ସଫର କରିଥିବା ଲୋକଙ୍କୁ ପଚରାଉଚରା କରୁଛି। ଏବେ ଇଡି ପ୍ରଦୀପଙ୍କ ଦୁର୍ନୀତି ପେଡ଼ି ଖୋଲୁଥିବାବେଳେ ଆକାଶ ପାଠକ ତାଙ୍କର କର୍ମଚାରୀ ନ ଥିବା ଟାଟା ମୋର୍ଟ ସ୍ପଷ୍ଟୀକରଣ ଦେଇଛି।

## ଜାମିନ ପାଇଁ ପ୍ରଦୀପ ହାଇକୋର୍ଟଙ୍କ ଦ୍ୱାରସ୍ଥ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ):** ଟାଟା କମ୍ପାନୀରେ ନିଯୁକ୍ତି ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଶୁକ୍ରବାର ଓକିଲଙ୍କ ମାଧ୍ୟମରେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଛନ୍ତି।

### ଶ୍ୱାସରୁଦ୍ଧ ହୋଇ...

ହୋଇ ପ୍ରଥମେ ଆକାଶ ଘରୁ ବାହାରି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପରେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡ଼ାକ୍ତର ବାଦଲ ଓ ବାଇଧରଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଖୋଲିଲା ବନ୍ଧୁକ...

୧୦୫୫ଟି ବିଭିନ୍ନ ପ୍ରକାରର ଜୀବନ୍ତ ଗୁଳି, ୧୬ଟି ମାଗାଜିନ, ୧୧ଟି ମୋବାଇଲ୍ ଜବତ କରାଯାଇଛି। ଏଥିସହିତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏହି ଚୋରା କାରବାରରେ ସମ୍ପୃକ୍ତ ଥିବା ଆଉ ୬ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ୮ଟି ବନ୍ଧୁକ, ୩୦ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ବନ୍ଧୁକ କାରବାରରେ ଡି ବ୍ରଦର୍ସଙ୍କ ସମ୍ପୃକ୍ତି ନେଇ ଅଧିକ ଖୋଳତାଡ଼ ପାଇଁ ଉଭୟଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଶୁକ୍ରବାର ସୂଚନା ଦେଇଛନ୍ତି।

କଟକ ଚୌଦ୍ୱାର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି ଦେଇଥିବା ଏତଲା ଅନୁସାରେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ବିରୂପା ବ୍ୟାରେଜ୍ ନିକଟରେ କଟକ ଶେଖ୍ ବଜାର ଅଞ୍ଚଳର ବବୁଆ ଓରଫ ପ୍ରକାଶ ବେହେରା(୪୧) ବନ୍ଧୁକ ଓ ଗୁଳି ବିକ୍ରି କରୁଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପୋଲିସ ସେଠାରେ ତୁରନ୍ତ ଚଢ଼ାଉ କରି ପ୍ରକାଶଙ୍କୁ କାବୁ କରିବା ସହ ତାଙ୍କଠାରୁ ୨ଟି ୯ଏମ୍‌ଏମ୍ ପିସ୍ତଲ ଏବଂ ୫ଟି ଗୁଳି, ଗୋଟିଏ ମୋଟର ସାଇକେଲ ଜବତ କରିଥିଲା। ତେବେ ସେଠାରେ ଥିବା ପିଙ୍କୁ ଓରଫ ସଞ୍ଜୟ ପଣ୍ଡା ନାମକ ଜଣେ ଯୁବକ ଖସି ପଳାଇବାରେ ସମର୍ଥ ହୋଇଥିଲେ। ପଚରାଉଚୁରା ସମୟରେ ପ୍ରକାଶ କଟକ ଦେଉଳ ସାହିର ବୁଧିଆ ଓରଫ ଶରତ ସେଠୀ(୪୪)ଙ୍କୁ ବନ୍ଧୁକ ବିକ୍ରି କରିବାକୁ ଆସିଥିବା କହିଥିଲେ। ପରେ ବୁଧିଆଙ୍କୁ ପ୍ରକାଶ ଫୋନ କରିବା ପରେ ସେ ଘଟଣାସ୍ଥଳକୁ ଆସିଥିଲେ। ଦୁହିଁଙ୍କୁ ନେଇ ମୁହାଁମୁହିଁ ଜେରା କରିବା ପରେ ସେମାନେ ଆଉ ୬ ଜଣଙ୍କୁ ପିସ୍ତଲ ଯୋଗାଇଥିବା ବିଷୟ ଜଣାପଡ଼ିଥିଲା। ଗତ ୫ବର୍ଷ ହେଲା ଡି' ବ୍ରଦର୍ସଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରକାଶ ତାଙ୍କୁ ବନ୍ଧୁକ ଓ ଗୁଳି ଯୋଗାଉଥିଲେ ବୋଲି ଶରତ କହିଥିଲେ। ସେହିପରି ୨୦୧୬ରେ ଡି' ବ୍ରଦର୍ସ ଗିରଫ ହେବା ପୂର୍ବରୁ ବିପୁଳ ପରିମାଣର ବନ୍ଧୁକ ଓ ଗୁଳି ବାସଭବନରେ ହୋଇଥିବା ଇଣ୍ଟେରିୟର ମଧ୍ୟରେ ଲୁଚି ରହିଥିବା କାଠ ସୋ' କେସ୍‌ରେ ରଖାଯାଇଥିବା ପୋଲିସକୁ କହିଥିଲେ। ଉକ୍ତ ସୂଚନାକୁ ଆଧାର କରି ଡିସିପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଡି' ବ୍ରଦର୍ସଙ୍କ ସିଡିଏସ୍ଥିତ ବାସବଭନରେ ଚଢ଼ାଉ କରିଥିଲା। ବନ୍ଧୁକ ଓ ଗୁଳି ଲୁଚାଇ ରଖାଯାଇଥିବା ସ୍ଥାନକୁ ପ୍ରକାଶ ଦେଖାଇଥିଲେ। କାଠର ସୋ'କେସ୍‌କୁ ଭଙ୍ଗାଯାଇ ୮ଟି ବନ୍ଧୁକ ଓ ୧୬ଟି ମାଗାଜିନ ଜବତ କରାଯାଇଥିଲା। ସେହିପରି ଅନ୍ୟ ଏକ ଘରେ ଲୁଚାଇ ରଖାଯାଇଥିବା ବିଭିନ୍ନ ସାଇଜର ୧୦୫୫ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରାଯାଇଥିଲା। ସେହି ଘରେ ରହୁଥିବା ଡି' ବ୍ରଦର୍ସଙ୍କ ବାପା ସରୋଜ ଧଳସାମନ୍ତଙ୍କ ଠାରୁ ୧୧ଟି ମୋବାଇଲକୁ ପୋଲିସ ଜବତ କରିଥିଲା। ପ୍ରକାଶଙ୍କ ସୂଚନା ଆଧାରରେ ରାତାରାତି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶେଖ ବଜାରର ସାଗର ବେହେରା(୨୬), ସ୍ୱର୍ଣ୍ଣଦେବୀ ମନ୍ଦିର ନିକଟ ପପୁ ଓରଫ ଶେଷଦେବ ଦାସ(୩୮), ଜଗତସିଂହପୁର ବାଲିକୁଦା ଥାନା ଅନ୍ତର୍ଗତ ବାଲିସାହିର ସମୀର ନାୟକ(୩୯), ଶିବ ନାୟକ(୩୦), ରିଙ୍କୁ ସାହୁ(୨୯), ନିଆଳି ଥାନା ପୋଖରୀ ଗାଁର ଚଗ ଓରଫ ବିବେକାନନ୍ଦ ସାହୁ(୪୧)ଙ୍କୁ ଗିରଫ କରି ସେମାନଙ୍କଠାରୁ ବନ୍ଧୁକ ଓ ଗୁଳି ଓ ୩ଟି ମୋଟର ସାଇକେଲ୍ ଜବତ କରିଥିଲା। ଏନେଇ ଚୌଦ୍ୱାର ପୋଲିସ ଆର୍ମସ ଆକ୍ଟର ଦଫା ୨୫(ଏ). ୨୫(ଏଏ)ରେ ଏକ ମାମଲା(ନଂ.୫୯୪/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

୨୦୧୬ରେ ଧଳଭ୍ରାତାଙ୍କ ଗିରଫ ପରେ ପ୍ରକାଶ ମଧ୍ୟ ଗିରଫ ହୋଇଥିଲେ। ମାତ୍ର କିଛି ମାସ ପରେ ସେ ଜାମିନରେ ଆସି ଡି' ବ୍ରଦର୍ସଙ୍କ ଅପରାଧ ସାମ୍ରାଜ୍ୟର ଦାୟିତ୍ୱ ନିଜ ହାତକୁ ନେଇଥିଲେ। ଏଥିରେ ତାଙ୍କୁ ଶରତ ପୂର୍ଣ୍ଣ ସହଯୋଗ କରୁଥିଲେ। ଦୁହେଁ ଜେଲରେ ଥିବା ଡି ବ୍ରଦର୍ସଙ୍କ ନିର୍ଦ୍ଦେଶରେ ବିହାର ଓ ମୁଙ୍ଗେରରୁ ପିସ୍ତଲ ଓ ଗୁଳି ଆଣି ଚାଲାଣ କରୁଥିଲେ। ପିସ୍ତଲ କେଉଁଠାରୁ ଓ କେମିତି ଆସି ପହଞ୍ଚିବ ସେ ଦାୟିତ୍ୱ ପ୍ରକାଶ ବୁଝୁଥିବବେଳେ ମାରଣାସ୍ତ୍ର ଚାଲାଣ କଥା ଶରତ ବୁଝୁଥିଲେ ବୋଲି ଜଣାପଡିଛି।

### ଆଜି ଓକିଲ...

ଜେ.କେ. ସାମନ୍ତସିଂହାର ସୂଚନା ଦେଇଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଚଳିତ ବର୍ଷ ଓଡିଶା ହାଇକୋର୍ଟବାର୍‌ଆଶୋସିଏସନରନିର୍ବାଚନହେବନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ନିକଟ ସମ୍ପର୍କୀୟଙ୍କ ଅସହଯୋଗ ବାଧକ ସାଜିପାରେ କିନ୍ତୁ କାର୍ଯ୍ୟଟି ଯଥାବିଧି ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ହେବ। ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ।

**ବୃଷ** ଅପରାହ୍ନରେ ମନକୁ ସୁହାଇଲା ଭଳି ଦ୍ରବ୍ୟଲାଭ ହେତୁ ମନ ଖୁସି ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତି ଲାଭ କରିବେ। ରୋହିଣୀ ନକ୍ଷତ୍ର ସକାଶେ ଜଣେ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ। ଅସାବଧାନତାରୁ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ।

**ମିଥୁନ** ଆଜି ପ୍ରତ୍ୟେକ କ୍ଷେତ୍ରରେ ଉତ୍ତେଜନାମୂଳକ କଥା ଯୋଗୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଠିକ୍ ହେବ ନାହିଁ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ଆଜି ଆଶା ଅନୁଯାୟୀ କାର୍ଯ୍ୟ ପଦ୍ଧତିର ତାଳମେଳ ରହିବ ନାହିଁ। ଫଳ ସ୍ୱରୂପ କୌଣସି କାମ ଲାଭପ୍ରଦ ହେବନାହିଁ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ଗତକାଲିର ବିବାଦୀୟ ଘଟଣା ବିଷୟରେ ଚିନ୍ତା କରି ମନରେ ସରସତା ରହି ନ ପାରେ। ମଘା ନକ୍ଷତ୍ରର ହଠାତ୍ ସକାଳୁ ଶୁଭ ଖବର ସଙ୍ଗକୁ ଅର୍ଥଲାଭ ହୋଇପାରେ। ନିକଟତର ଲୋକ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରା କଲେ ଆଘାତ ଲାଗିବାର ସମ୍ଭାବନା ରହିଛି ।

**କନ୍ୟା** ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। କିନ୍ତୁ ଆଜି ଯାହା ପାଇବା ଆଶା ରଖିଛନ୍ତି, ତାହା ଲଢେଇ କରି ନିଶ୍ଚୟ ପାଇବେ। ପିଲାଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। କଠିନ ଶ୍ରମଜନିତ ଅନିଦ୍ରା ହେତୁକ ଜ୍ୱର ଓ ଦୁର୍ବଳତା ଦେଖାଦେଇପାରେ।

**ତୁଳା** ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ ଏବଂ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଏକାନ୍ତ ବ୍ୟକ୍ତିଗତ କାର୍ଯ୍ୟରେ ସହକର୍ମୀଙ୍କ ହସ୍ତକ୍ଷେପ ପ୍ରତିବନ୍ଧକ ସାଜିବାର ଆଶଙ୍କା ରହିଛି। ଲାଗି ରହିଥିବା କଚେରି ମାମଲା ସକାଶେ ଚିନ୍ତା ବଢିପାରେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା** ଆଜି ବାକ୍‌ପଟୁତାରେ ବନ୍ଧୁଙ୍କୁ ଆକର୍ଷିତ କରିବେ। ଫଳରେ ବନ୍ଧୁସଙ୍ଗରେ ଶ୍ରଦ୍ଧା ଓ ସମ୍ମାନ ହାସଲ କରିବାର ମଉକା ମିଳିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପାରେ।

**ଧନୁ** ଆଜି ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସକାଳୁ ସକାଳୁ ସୁଖବର ପାଇ ଉଲ୍ଲସିତ ହେବେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ପରିବହନରେ ଝଗଡ଼ାର ଆଶଙ୍କାକୁ ଏଡ଼ି ହେବନାହିଁ।

**ମକର** ପ୍ରତିଘାତ ମଧ୍ୟଦେଇ ଆଜିର ଜୀବନଯାତ୍ରା ଅତିବାହିତ ହେବ। କର୍ମକ୍ଷେତ୍ରରେ ମଧୁର କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। ସହକର୍ମୀଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ସୃଷ୍ଟି ହେବ ।

**କୁମ୍ଭ** ବାକ୍‌ଚାତୁରି ବଳରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଶୁକ୍ରଙ୍କ ଅନୁକମ୍ପାରୁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ଶତଭିଷା ନକ୍ଷତ୍ରର ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଆଜିର ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** ପ୍ରତିକୂଳ ପରିବେଶର କୁପ୍ରଭାବରୁ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଇ ମନସ୍ତାପ କରିବେ। ଅଫିସ୍ କାମରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିବ। ନିଜଲୋକଙ୍କ ଈର୍ଷାପରାୟଣତା ହେତୁ ବିବ୍ରତ ହୋଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ଶନିବାର, ଡିସେମ୍ବର ୧୨ ତାରିଖ, ସ୍ୱଦେଶୀ ଦିବସ, ବିଛା ରାଶିରେ ପଞ୍ଚଗ୍ରହକୂଟ ଆରମ୍ଭ, ରାଶି ନକ୍ଷତ୍ର-ବିଶାଖା/ତୁଳା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୧୫ମି. ଗତେ ଘ.୦୬.୫୯ମି. ମଧ୍ୟେ, ଘ.୦୭.୪୨ମି. ଗତେ ଘ.୦୯.୫୨ମି. ମଧ୍ୟେ, ଘ.୧୨.୦୨ମି. ଗତେ ଘ.୦୨.୫୫ମି. ମଧ୍ୟରେ ଅମୃତ ବେଳା। ଦିବା ଘ.୦୮.୫୮ମି. ଗତେ ଘ.୧୦.୧୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

2010 Bolero Maxi Truck sale in good condition. Mob: 9437149429. D-19204




**SALE**

River side gharabari plots beside Govt. road at Balianta. @ 360/- sqft. 9437277532. D-19205

ଟଙ୍କପାଣି ରୋଡ୍ **Sai** ମନ୍ଦିରରୁ **2kms** ମଧ୍ୟରେ **gharabari boundary plot** କିଣନ୍ତୁ। **7008492511.** D-69356

2BHK simplex 30,00,000/- finishing Hanspal, Lowcost plot Atala- 8093465134, 9668194157. D-69657

**Pahala Jagannath** ମନ୍ଦିର ନିକଟରେ **developed demarcated gharabari plot** କିଣନ୍ତୁ। **9937166932.** D-69357

Doctor's Colony with facilities 1st time in Bhubaneswar book a triplex individual house near Rasulgarh, Bhubaneswar, Price 92lakhs. Doctor's only contact: 8260595320. D-70053

**Immediate registration and possession with gharabari land, Electricity in Sai Vihar, Jagannathpur, Ranga Bazar, BJEM-II @450/- (Bank finance available). 9437522339.** D-70122

5BHK East Facing Flat for sale at Sailashree Vihar having 4toilets, 2350 Sq.ft. area, 4th Floor, 2 Fourwheeler parking. Contact: 9853805227. D-69355

ଭୁବନେଶ୍ୱର **AIIMS Hospital** ନିକଟରେ **30'** ରାସ୍ତାଥାଇ **plot immediate registration/ possession. 9937819395.** D-70117

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19208

2BHK flat Kedargouri Apartment Bhubaneswar-2, good price buyer Contact: 8328890345. D-68400

**1500sqft (12nos) per sqft-1700 main road side plot, infront Tata Arena, Ghatikia, Sankarpur, BBSR. 30'road, electricity supply, water available. Gharabari plot - 8114744495, 8328943165.** D-19138

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766.** D-19150

Contact for House Construction (Duplex/ Apartment) and Interior Design from experts. MPlanets- 7008550473. D-19153

**Fully developed gated society gharabari boundary wall plot sale Gudiapokhari (near KEC College. Puri road) 30' road, Electricity. 8763887357, 9238902929.** D-70118

**Booking open for 3BHK/2HK Luxurious & Premium Flat At: Surya Nagar, Bhubaneswar, Genuine Buyer Contact: Deepak - 9937329999.** D-69945

## GENERAL

**SALE**

**1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3Bath. 2. Verna Vehicle (Vehicle No. -OD02AX7761) Registered on 31.08.2018. 3. Micra Vehicle (Vehicle No.-OR02BV1467) Registered on 21.01.2012. Contact No-9873669329, 9437028801.** D-19207




3BHK in Bishnupriya Apartment, Jayadev Vihar, Contact: 8249126446 after 12noon. D-56667

**Tolet- for Office/ Bank/ Show room available ground floor (2500sqft.) & 2nd floor (2800sqft.) on Chandrasekharpur, Patia main road (Near Indian Oil Office), Owner- 8160373793, 9904066009.** D-19203




**Newly open Saikrupa Panchakarma and Spa. Contact: 8984068077.** D-19124

Herbal full body massage by expert lady therapist. 9437453813. D-69946

Newly open full body massage Ladies and Gents. 9337349009. D-69591

Refreshing your mind & body with best therapy at Lotus Spa. 8018234866 D-69592

Newly open Ayurvedic full body massage for ladies & gents. 9439140029. D-19188

Rejuvenate and Ayurvedic full body massage by smart therapist. 9348123330. D-70048

Get refreshment body massage by expert therapist contact for 7205084157. D-70046

Swarna SPA newly open positively health benefits with expert therapist. 9556978408. D-70047


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ଅଭିଯୁକ୍ତଙ୍କ ବଦଳରେ ଅନ୍ୟ ଜଣକୁ ଧରି କ୍ଷମା ମାଗିଲା ପୋଲିସ

**ଜୟପୁର,୧୧।୧୨(ନି.ପ୍ର.):** ଜୟପୁର ଓ ମାଲକାନଗିରି ପୋଲିସକୁ ଜଣେ ଅଭିଯୁକ୍ତ ବୋକା ବନାଇ ଦେଇଛନ୍ତି। ପୋଲିସ ତାଙ୍କୁ ଧରିବାକୁ ଯାଇ ଅନ୍ୟ ଜଣଙ୍କୁ ଧରିଥିଲା। ସତ ଜଣାପଡିବାରୁ ପୋଲିସ ତାଙ୍କୁ କ୍ଷମା ମାଗିଛି। ଜୟପୁର ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ରାତିରେ ମାଲକାନଗିରି ପୋଲିସ ରଞ୍ଜିତ ଯାଦବ ନାମକ ଜଣେ ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ଜୟପୁର ଆସିଥିଲା। ଏକ ହୋଟେଲରେ ରଞ୍ଜିତ୍ ଥିବା ସୂଚନା ପାଇ ଉଭୟ ପୋଲିସ କର୍ମଚାରୀ ହୋଟେଲକୁ ଯାଇ ରଞ୍ଜିତ ଯାଦବଙ୍କ ନାମରେ ହୋଟେଲ ବୁକିଂ ହୋଇଛି କି ନାହିଁ ଯାଞ୍ଚ କରିଥିଲେ। ହୋଟେଲର ରୁମ୍ ନଂ. ୩୦୨ କଲିକତାରୁ ଆସିଥିବା ରେଲୱେ ଡିପାର୍ଟମେଣ୍ଟର କର୍ମଚାରୀ ଯାଦବଙ୍କ ନାମରେ ହୋଟେଲ ବୁକିଂ ହୋଇଥିବା ଜଣାପଡିଥିଲା। ହୋଟେଲରେ ସମ୍ପୃକ୍ତ ବ୍ୟକ୍ତି ନ ଥିବାରୁ ପୋଲିସ ହୋଟେଲର ସେହି ରୁମ୍ ଚାବି ମାଗିଥିଲା। ମାତ୍ର ହୋଟେଲ ମାଲିକ ଚାବି ନ ଥିବା କହିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ଆସିବା ପର୍ଯ୍ୟନ୍ତ ପୋଲିସ ସେହି ହୋଟେଲରେ ଡେରା ପକାଇଥିଲା। ରାତି ୮ଟାରେ ସେ ଆସିବା ପରେ ମାଲକାନଗିରି ଓ ଜୟପୁର ପୋଲିସ ତାଙ୍କ ହାତକୁ ମୋଡି ଧରି ତାଙ୍କ ରୁମ୍ ଯାଞ୍ଚ କରିଥିଲା। ଯାଞ୍ଚ କରିବା ସମୟରେ ସେ ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀ ବୋଲି ଜାଣିବା ପରେ ପୋଲିସ ହଡବଡେଇ ଯାଇଥିଲା। କଥା ଆଗକୁ ନ ବଢାଇ ପୋଲିସ ତାଙ୍କୁ କ୍ଷମା ମାଗି ସେଠାରୁ ଚାଲି ଆସିଥିଲା। ଏନେଇ ରଞ୍ଜିତ ତାଙ୍କ କଲିକତା ଅଫିସକୁ ଫୋନ କରି ଜଣାଇଥିଲେ। ସେଠାରୁ ଥାନାରେ ଏତଲା ଦେବାକୁ ତାଙ୍କୁ କୁହାଯାଇଥିଲା। ଶୁକ୍ରବାର ସକାଳୁ ଯାଦବ ଥାନାକୁ ଯାଇ ଅଭିଯୋଗ ପତ୍ର ଦେବାରୁ ତାଙ୍କ ଅଭିଯୋଗ ପତ୍ରକୁ କେହି ଗ୍ରହଣ କରି ନ ଥିଲେ। ଜୟପୁର ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି ଛୁଟିରେ ଥିବାରୁ ତାଙ୍କ ଦାୟିତ୍ୱରେ ବି.ଡି. ମାଝି ଅଛନ୍ତି। ମାଝିଙ୍କ ଅସାବଧାନତା ଯୋଗୁ ଏପରି ଘଟଣା ଘଟିଛି। ଏ ସମ୍ପର୍କରେ ମାଝିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିଲେ।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆ ସଂଲଗ୍ନ ରାସ୍ତାରେ ଘରସଜ୍ଜା କୃତ୍ରିମ ଫୁଲ ଓ ଅନ୍ୟାନ୍ୟ ସାମଗ୍ରୀର ପସରା।

# ଗହୀରମଥା ନିଷିଦ୍ଧାଞ୍ଚଳରେ ମାଛଧରା

## ୩୬ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୧।୧୨(ଡି.ଏନ.ଏ.)

ବିରଳ ଅଲିଭ ରିଡଲେ କଇଁଛଙ୍କ ଏକ୍ସୁଭିଶାଳ ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରା ଚାଲିଛି। ଏପରି ଅଭିଯୋଗ ହେବା ପରେ ଶୁକ୍ରବାର ରାଜନଗର ବନ ବିଭାଗ ୫ ଟ୍ରଲରକୁ ଧରିଛି। ସେଥିରେ ଥିବା ୨୯ କୁଇଣ୍ଟାଲ ମାଛ, ମୃତ ବିରଳ ଅଲିଭ ରିଡଲେ କଇଁଛକୁ ଜବତ କରିଛି। ଏହି ଘଟଣାରେ ୩୬ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି ବୋଲି ବନ ବିଭାଗ ଅଧିକାରୀ କହିଛନ୍ତି।

ଏବେ ଅଲିଭ ରିଡଲେ କଇଁଛଙ୍କ ମିଳନ ଋତୁ। ସେଥିପାଇଁ ଟ୍ରଲର ଚଳାଚଳକୁ ନିଷିଦ୍ଧ କରାଯାଇଛି। ହେଲେ ବନବିଭାଗର ଏହି ଆଇନକୁ ବେଖାତିର କରି ଟ୍ରଲରଗୁଡିକ ନିଷିଦ୍ଧାଞ୍ଚଳକୁ ପ୍ରବେଶ କରି ମାଛ ଧରୁଛନ୍ତି। ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇ ଓ ଫରେଷ୍ଟର ନିର୍ମଳ ଚରଣ ନାୟକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଚଢ଼ାଉ ଆରମ୍ଭ କରିଛନ୍ତି। ଶୁକ୍ରବାର ଏହି ପାଟ୍ରୋଲିଂ ଟିମ୍ ୫ଟି ଟ୍ରଲର ଜବତ କରିଛି। ଆକବରୀ-୨ ଟ୍ରଲରରୁ ୭ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇଥିବାବେଳେ ୮ କୁଇଣ୍ଟାଲ ମାଛ, ୮ଟି ଟ୍ରଲିଂନେଟ ଓ ୫୫କେଜି ଓଜନର ମୃତ ଅଲିଭ ରିଡଲେ କଇଁଛ ଜବତ କରାଯାଇଛି। ଗଙ୍ଗାପୁତ୍ର ଟ୍ରଲରରୁ ୬ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇଛି ଓ ସେହି ଟ୍ରଲରରୁ ଅଢେଇ କୁଇଣ୍ଟାଲ ମାଛ ଓ ୯ ଟ୍ରଲିଂନେଟ ଜବତ କରାଯାଇଛି। ଦେବୀ ପାର୍ବତୀ ଟ୍ରଲରରୁ ୬ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇଥିବା ବେଳେ ୧୫ କୁଇଣ୍ଟାଲ ମାଛ, ୧୦ଟି ଟ୍ରଲିଂ ନେଟ ଜବତ କରାଯାଇଛି। ଆକବରୀ-୩ ଟ୍ରଲରରୁ ୮ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇଥିବାବେଳେ ଅଢେଇ କୁଇଣ୍ଟାଲ ମାଛ ଓ ୯ ଟ୍ରଲିଂ ନେଟ ଜବତ କରାଯାଇଛି। ଓଁ ଗାଦିବ୍ରହ୍ମ ଟ୍ରଲରରୁ ଦେଢ କୁଇଣ୍ଟାଲ ମାଛ ଓ ୧୧ ଟ୍ରଲିଂ ନେଟ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ନଭେମ୍ବର ୧ରୁ ଆଜି ପର୍ଯ୍ୟନ୍ତ ଗହୀରମଥା ନିଷିଦ୍ଧାଞ୍ଚଳରୁ ୧୦ ଟ୍ରଲରକୁ ଜବତ କରାଯିବା ସହିତ ୬୦ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇଛି।

# କରୋନା ଆକ୍ରାନ୍ତ ସଂଖ୍ୟା ୩,୨୩,୦୨୯କୁ ବୃଦ୍ଧି

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ):** ରାଜ୍ୟରେ ଶେଷ ୨୪ଘଣ୍ଟାରେ ଆଉ ୩୮୭ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୨୦ଜଣ କ୍ୱାରାଣ୍ଟାଇନରେ ଥିବାବେଳେ ୧୬୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୫୮ଜଣ ରହିଥିବାବେଳେ ଖୋର୍ଦ୍ଧାରୁ ୫୧ଜଣ ରହିଛନ୍ତି। ଅନ୍ୟ ଜିଲାରୁ ଏହାଠାରୁ କମ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩,୨୩,୦୨୯କୁ ବୃଦ୍ଧି ପାଇଛି। ସେହିଭଳି ଆଉ ୪ଜଣଙ୍କର କରୋନରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ ଓ ବରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୭୯୮କୁ ବୃଦ୍ଧି ପାଇଛି। ସେହିପରି ୪୦୮ଜଣ ଆକ୍ରାନ୍ତ ସୁସ୍ଥ ହେବାପରେ ଆରୋଗ୍ୟ ସଂଖ୍ୟା ୩,୧୮,୨୭୮କୁ ଛୁଇଁଛି। ବର୍ତ୍ତମାନ ରାଜ୍ୟରେ ଆଉ ୨,୯୦୦ ସକ୍ରିୟ ରୋଗୀ ରହିଛନ୍ତି।

**WANTED**
**LADY OFFICE ASSISTANT**, Cuttack. ରହିବା, ଖାଇବା ସହ ଦରମା 5000 to 10,000/-.
ଯୋଗାଯୋଗ-**7809525452**

**ARYABHATT** (Coaching Centre) requires Teachers in **PHYSICS, BIOLOGY, CHEMISTRY, SANSKRIT, ECONOMICS & DATA ENTRY OPERATOR.**
**Contact:**
**Mob.-9777092468, 7008160723**

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୧୦୦୦/-
**Ph : 6370950481**
(Call Timing : 12.00 pm - 5.00 pm ମଧ୍ୟରେ)

**ରାଷ୍ଟ୍ରୀୟ ମହିଳା ଶିଶୁ ବିକାଶ ସ୍ୱାସ୍ଥ୍ୟ ଯୋଜନା**
ଉକ୍ତ ପଦଗୁଡିକପାଇଁ ଓଡିଶାର ପ୍ରତ୍ୟେକ ଜିଲ୍ଲାର ଗ୍ରାମୀଣ କ୍ଷେତ୍ରରେ ୧୪,୪୦୦ଜଣ ପ୍ରାର୍ଥୀ ଆବଶ୍ୟକତା କରୁଛି ।

| | | | |
|---|---|---|---|
| 1) | ସ୍ୱାସ୍ଥ୍ୟ ଅଧିକାରୀ | ସ୍ନାତକ | 28500-63600 |
| 2) | ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା | ଦ୍ୱାଦଶ | 26500-51700 |
| 3) | ସ୍ୱାସ୍ଥ୍ୟ ସହାୟକ | ଦଶମ | 24500-44500 |
| 4) | କମ୍ପ୍ୟୁଟର ଅପରେଟର | ଦ୍ୱାଦଶ | 23500-43700 |
| 5) | ଲ୍ୟାବ ସହାୟକ | ଦଶମ | 22500-42500 |
| 6) | ANM/GNM | ଦ୍ୱାଦଶ | 18800-43500 |
| 7) | ଷ୍ଟୋରକିପର/ଡ୍ରାଇଭର | ଅଷ୍ଟମ | 18400-40700 |

ଆବେଦନ ପତ୍ର କେବଳ ଅନଲାଇନ୍ ମାଧ୍ୟମରେ ଭରିବେ ୱେବ୍‌ସାଇଟ୍ : **www.gmbss.co.in**
ବୟସ ସୀମା (୧୮ ରୁ ୪୨) ସମସ୍ତ ଜାତି ପାଇଁ ଅଟେ। **Last Date : 25/12/2020**

**REQUIRED**
**JSW Cement** Non-Trade Dealer requires experienced **Marketing Manager & Front Office** girl for Bhubaneswar zone.
**Contact: 7381020898**

# 'ମୁଖ୍ୟମନ୍ତ୍ରୀ ମଣ୍ଡିକୁ ଯାଇ ବାସ୍ତବ ସ୍ଥିତି ପରଖନ୍ତୁ'

## ଧାନ ଏମ୍‌ଏସ୍‌ପି ପ୍ରସଙ୍ଗ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ରାଜ୍ୟ ସରକାର ଚାଷୀମାନଙ୍କର ଆର୍ଥିକ ସଶକ୍ତୀକରଣ ପ୍ରସଙ୍ଗରେ କୁମ୍ଭୀରକାନ୍ଦଣା ଛଡ଼ା ଅନ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଓଡ଼ିଶାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରସଙ୍ଗରେ ରାଜ୍ୟ ସରକାର ନିଜ ମୁଣ୍ଡରୁ ଦାୟିତ୍ୱ ହଟାଇ କେବଳ ଦାୟିତ୍ୱହୀନ ମନ୍ତବ୍ୟ ଦେଇ କର୍ତ୍ତବ୍ୟ ଶେଷ କରିଦେଇଛନ୍ତି। ଓଡ଼ିଶା ସରକାର କ୍ୟାବିନେଟ୍ ବୈଠକ ଜରିଆରେ ଧାନର ଏମ୍‌ଏସ୍‌ପି ୨ଗୁଣ ବର୍ଦ୍ଧିତ କରିବା ପାଇଁ ସଂକଳ୍ପ ନେବା ଓ କେନ୍ଦ୍ରକୁ ଚିଠି ଲେଖିବା ଶାସକ ଦଳର ଆଉ ଏକ ଭାଣ୍ଡାମି ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି।

ମଣ୍ଡି ଜରିଆରେ ଚାଷୀମାନେ ଧାନ ବିକ୍ରି କରୁଛନ୍ତି। କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୧୮୬୮ ଟଙ୍କା ରାଜ୍ୟକୁ ପଠାଉଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ, ମଣ୍ଡିଗୁଡ଼ିକରେ ଧାନ ପ୍ରତି କୁଇଣ୍ଟାଲ ପିଛା ୬/୮ କେ.ଜି. କଟ୍‌ନିଛଟ୍‌ନି କରାଯାଇ ଚାଷୀମାନଙ୍କୁ ଶୋଷଣ କରାଯାଉଛି। ଟୋକନ୍ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ଯୋଗୁ ଛୋଟ ଓ ମଧ୍ୟମ ବର୍ଗ ଚାଷୀମାନେ ମାତ୍ର ୧୨୦୦ରୁ ୧୪୦୦ ଟଙ୍କାରେ ମଧ୍ୟସ୍ଥମାନଙ୍କୁ ଧାନ ବିକ୍ରି କରୁଛନ୍ତି ବୋଲି ସେ କହିଛନ୍ତି। ୭୦% କୃଷକମାନଙ୍କ ଭୋଟରେ ମୁଖ୍ୟମନ୍ତ୍ରୀ ଚୌକିରେ ବସିଥିବା ନବୀନବାବୁ ଓଡ଼ିଶାର ମଣ୍ଡି ବ୍ୟବସ୍ଥାକୁ କାହିଁକି ସମୀକ୍ଷା କରୁନାହାନ୍ତି। ଯଦି ବାସ୍ତବରେ ମୁଖ୍ୟମନ୍ତ୍ରୀଙ୍କ ଚାଷୀମାନଙ୍କ ପ୍ରତି ଦରଦ ଥିବ, ତା'ହେଲେ ଯେକୌଣସି ଏକ ମଣ୍ଡିକୁ ଯାଇ କୃଷକମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୁଅନ୍ତୁ ବୋଲି ପୁରୋହିତ ଆହ୍ୱାନ ଦେଇଛନ୍ତି। ଛତିଶଗଡ଼, ମଧ୍ୟପ୍ରଦେଶ ଭଳି ଅନ୍ୟ ରାଜ୍ୟ ନିଜସ୍ୱ ପାଣ୍ଠିରୁ ଚାଷୀମାନଙ୍କୁ ବୋନସ୍ ପ୍ରଦାନ କରୁଛନ୍ତି। ୨୦୧୫ ନଭେମ୍ବର ୧୫ରେ ମୁଖ୍ୟମନ୍ତ୍ରୀ ବରଗଡ ଜିଲା ସୋହେଲା ଚାଷୀ ସମାବେଶରେ ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କାର ବୋନସ ଘୋଷଣା କରିଥିଲେ। ଆଜି ପର୍ଯ୍ୟନ୍ତ ତାହା କାହିଁକି କାର୍ଯ୍ୟକାରୀ କରାଗଲା ନାହିଁ ବୋଲି ପୁରୋହିତ ପ୍ରଶ୍ନ କରିଛନ୍ତି। ଏପରିକି କୃଷି କ୍ଷେତ୍ରର ବିକାଶ ପାଇଁ (ଜଳସେଚନ) ୩୫ ହଜାର କୋଟି ଟଙ୍କା ୫ ବର୍ଷ ଭିତରେ ଖର୍ଚ୍ଚ କରାଯିବ ବୋଲି ଘୋଷଣା କରିଥିଲେ ହେଁ ଏ ପର୍ଯ୍ୟନ୍ତ ଟଙ୍କାଟିଏ ଖର୍ଚ୍ଚ ହୋଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

### ଭାଜପା ଶସ୍ତା ରାଜନୀତି କରୁଛି: ବିଜେଡି

ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତି କହିଛନ୍ତି ଯେ, ଭାଜପା ଶସ୍ତା ରାଜନୀତି କରୁଛି। ଭାଜପା ନେତା ପ୍ରଦୀପ ପୁରୋହିତ ନିଜେ ବିଧାୟକ ଥିବା ବେଳେ ବିଧାନସଭାରେ ଧାନର ଏମ୍‌ଏସ୍‌ପି ବୃଦ୍ଧି ନେଇ ଆସିଥିବା ସଙ୍କଳ୍ପକୁ ତାଙ୍କ ଦଳ ଓ ସେ ସମର୍ଥନ କରିଥିଲେ। ହେଲେ ରାଜନୀତି ପାଇଁ ଏବେ ସବୁ ଭୁଲିଯାଇ ସେ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ଲେଲିନ୍ କହିଛନ୍ତି, ୨୦୧୭ ମାର୍ଚ୍ଚ ୨୫ରେ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବାକୁ କହିବା ପାଇଁ ପୁରୋହିତ ସାହସ ଜୁଟାଇ ପାରି ନ ଥିଲେ। ଚାଷୀ ପ୍ରସଙ୍ଗରେ ଏଭଳି ଶସ୍ତା ରାଜନୀତି କରିବା ଅପେକ୍ଷା ଧାନର ଏମ୍‌ଏସ୍‌ପି ୨୯୩୦ ଟଙ୍କା କରିବା ସମର୍ଥନରେ ବିଧାନସଭାରେ ପାରିତ ପ୍ରସ୍ତାବକୁ ସେ ସମର୍ଥନ କରିବା ଆବଶ୍ୟକ ବୋଲି ମହାନ୍ତି କହିଛନ୍ତି।



# ଷ୍ଟ୍ରେଚରରେ ୨କି.ମି. ବୁହାହେଲେ ଗର୍ଭବତୀ

ସମ୍ବଲପୁର,୧୧।୧୨(ବ୍ୟୁରୋ)

ରାସ୍ତା ସମସ୍ୟା ଯୋଗୁ ଜଣେ ଗର୍ଭବତୀଙ୍କୁ ପ୍ରାୟ ୨କି.ମି. ପର୍ଯ୍ୟନ୍ତ ଷ୍ଟ୍ରେଚରରେ ନିଆଯାଇଥିଲା। ଏଭଳି ଦୃଶ୍ୟ ଶୁକ୍ରବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗିରିଶଚନ୍ଦ୍ରପୁର ପଞ୍ଚାୟତ ବ୍ରାହ୍ମଣିପାଲି ଗାଁରେ ଦେଖିବାକୁ ମିଳିଥିଲା। ଗାଁର ସବିତା ନାୟକଙ୍କ ଗର୍ଭ ଯନ୍ତ୍ରଣା ହେବା ପରେ ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଗାଁ ନିକଟ ଦେଇ ବହିଯାଇଥିବା ନଦୀରେ ପୋଲ ନ ଥିବାବେଳେ ରାସ୍ତା ସମସ୍ୟା କାରଣରୁ ଗାଁକୁ ଯାଇପାରି ନ ଥିଲା। ଶେଷରେ ଆମ୍ବୁଲାନ୍ସ କର୍ମଚାରୀ ଓ ପରିବାର ଲୋକେ ଷ୍ଟ୍ରେଚରରେ ସବିତାଙ୍କୁ ଆମ୍ବୁଲାନ୍ସ ପାଖକୁ ଆଣିଥିଲେ। ସେଠାରୁ ତାଙ୍କୁ ନାକଟିଦେଉଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ କିଛି ସମୟ ପରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ।

**P.G. CENTRAL OFFICE**
**UTKAL UNIVERSITY**
**VANI VIHAR, BHUBANESWAR - 751004, ODISHA, INDIA**
**No.CPG/Aca./11/3850/2020** **Dated: 11.12.2020**

**Admission Notice for M.Phil/Ph.D- 2020-21**

Online applications are invited for admission into M.Phil/Ph.D programmes in different Departments and various Centers of Excellences of Utkal University. The Entrance Test to be held on **23/12/2020** and **24/12/2020** for M.Phil and Ph.D respectively. Outside State, examination centers are Postponed due to Pandemic **(Covid-19)**. A date for Viva-Voce test will be intimated to the short listed candidates only through University website which is to be followed after the entrance test. The eligibility and exemption are as per UGC (Minimum Standards and procedure for award of M.Phil/Ph.D degree) Regulations, 2016 and its subsequent amendments from time to time, Reservation under different Category shall be made as per Govt. of Odisha norms. For **"RUSA"** fellowship they must have to appear the entrance test and Viva-Voce test irrespective of NET/JRF qualifications. The on-line application form, details of eligibility, entrance fee, guidelines for the purpose discipline wise no. of seats available are to be referred to the University website i.e. **www.utkaluniversity.nic.in** from **12.12.2020** and the last date for online application form is **18.12.2020**.

**Chairman, P.G. Council**

**ADMISSION(SUIIT) : 2020-21**
**Sambalpur UniversityInstitute of Information Technology**
A Constituent and Autonomous Institution of Sambalpur University
Advt. No.: 742/SUIIT Date:11/12/2020

| Sl.No | Programme Name | Date |
|---|---|---|
| 1. | • Reporting for Lateral B. Tech (CSE/ECE/EEE) for admission | 15/12/2020 to 17/12/2020 |
| | **SPOT ADMISSION** | |
| 1. | • B. Tech (Spot Admission For Vacant Seats in CSE/ECE/EEE ): | 15/12/2020 |
| 2. | • Master in Computer Application (MCA) (All Categories) | 16/12/2020 |
| 3. | • M. Sc Electronics(All Categories)<br>• M.Sc Computer Sc. (All Categories) | 16/12/2020 |
| 4. | • M. Tech Computer Sc. and Engg. (All Categories)<br>• M.Tech Communication System Engg. (All Categories) | 16/12/2020 |

**INSTRUCTIONS**

Interested candidates for spot admission should report to the Administrative Officer, SUIIT within 10AM to 01:00 PM (positively) B.Tech admission will be based on JEE/OJEE ranks only .There will be an entrance examination of one hour durationfor MCA/M.Sc and M.Tech students at 01.30 PMfor all programmes following COVID-19 guidelines.Selection will be done on same day, as per rule.

**FOR DETAIL INFORMATION, ELIGIBILITY CRITERIA VISIT: www.suiit.ac.in**

Contact: Dr. S. Jena, HOD, CSE&A -8247679467 Dr. N. K. Barpanda,HOD,EL -9438074077 , Mrs. S. Kar,HOD ,ECE-9439657668, DrA.Panda HOD ,EEE-7381111459

Email: admin.office@suiit.ac.in

Sd/
Director, SUIIT

# ପିସି ଆଣ୍ଡ୍ ପିଏନ୍‌ଡିଟି ପୋର୍ଟାଲ ଲୋକାର୍ପିତ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)



ଚଳିତ ବର୍ଷରୁ ରାଜ୍ୟ ସରକାର ଗର୍ଭଧାରଣ ଓ ପ୍ରସୂତି ପୂର୍ବ ରୋଗ ନିର୍ଣ୍ଣୟ (ପିସି ଆଣ୍ଡ୍ ପିଏନ୍‌ଡିଟି) ସମ୍ବନ୍ଧୀୟ ଅଲଟ୍ରାସାଉଣ୍ଡର ପଞ୍ଜୀକରଣ ଏବଂ ନବୀକରଣ ସୁବିଧାକୁ ଲୋକସେବା ଆଇନ ଅଧିକାର ପରିସରଭୁକ୍ତ କରିଛନ୍ତି। ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ପିସି ଆଣ୍ଡ୍ ପିଏନ୍‌ଡିଟି ପୋର୍ଟାଲକୁ ଲୋକାର୍ପିତ କରିଛନ୍ତି। ଏହି ପୋର୍ଟାଲ ଜରିଆରେ ଗର୍ଭଧାରଣ ଓ ପ୍ରସୂତି ପୂର୍ବ ରୋଗ ନିର୍ଣ୍ଣୟ ସମ୍ବନ୍ଧୀୟ ଅଲଟ୍ରାସାଉଣ୍ଡ ପଞ୍ଜୀକରଣ ଏବଂ ନବୀକରଣ ନିମନ୍ତେ ଅନ୍‌ଲାଇନ୍ ଦରଖାସ୍ତ ଆବେଦନ କରିହେବ। ଏହି ପୋର୍ଟାଲକୁ ଭର୍ଚୁଆଲ ମୋଡ୍‌ରେ ଲୋକାର୍ପଣ କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଜିଲାପାଳଙ୍କୁ (ଯେଉଁମାନେ ପିସି ଏବଂ ପିଏନ୍‌ଡିଟି ଜିଲାସ୍ତରୀୟ କର୍ତ୍ତୃପକ୍ଷ) ଏ ସମ୍ବନ୍ଧୀୟ ଦରଖାସ୍ତ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଠିକ୍ ସମୟରେ ପଞ୍ଜୀକରଣ, ନବୀକରଣ ଓ ସ୍ୱଚ୍ଛତା ମାଧ୍ୟମରେ ଅଲଟ୍ରାସାଉଣ୍ଡ ସୁବିଧାକୁ ସୁନିଶ୍ଚିତ କରିବା ପାଇଁ ଅନ୍‌ଲାଇନ୍ ଦରଖାସ୍ତ ଆବେଦନ ଏକ ଉପଯୁକ୍ତ ମାଧ୍ୟମ। ଏଥିପାଇଁ ୭୦ ଦିନ ସମୟ ଧାର୍ଯ୍ୟ ହୋଇଛି। ଦରଖାସ୍ତ ଦାଖଲ କରିବା, ଟଙ୍କା ପଇଠ କରିବା ଏବଂ ଦରଖାସ୍ତର ସ୍ଥିତି ଆବେଦନକାରୀ ଅନ୍‌ଲାଇନ୍‌ରେ ଜାଣିପାରିବେ। ସମସ୍ତ ଆବଶ୍ୟକ ତଥ୍ୟ ୱେବ୍ ପୋର୍ଟାଲ୍ www.pndtodisha.gov.inରେ ଅପ୍‌ଲୋଡ୍ କରାଯାଇଛି।

କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଓଡ଼ିଶା ରାଜ୍ୟ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଅଶୋକ କୁମାର ନାୟକ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ଶାସନ ସଚିବ ବିଶିକେଶନ ଦେହୁରୀ, ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ, ଏନ୍‌ଆଇସିର ରାଜ୍ୟ ସୂଚନା ଅଧିକାରୀ କସ୍ତୁରୀ ଦାଶ, ପିସି ଏବଂ ପିଏନ୍‌ଡିଟିର ରାଜ୍ୟ ନୋଡାଲ୍ ଅଧିକାରୀ ଡ. ପ୍ରତିଭା ପ୍ରଧାନ, ଷ୍ଟେଟ୍ ଫେସିଲିଟେଟର ଡ. ଶ୍ରାବଣୀ ଦାସ, ଆଇନ ପରାମର୍ଶଦାତା ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇଥିଲେ।

ପ୍ରେମର ସାମର୍ଥ୍ୟ ଯୋଗୁ ଏବଂ ଆତ୍ମଦାନର ପ୍ରେରଣା ଯୋଗୁ ମନୁଷ୍ୟ ଦେବତାମାନଙ୍କ ସହ ସମାନ କ୍ଷମତାର ଅଧିକାରୀ ହୋଇପାରେ। କିନ୍ତୁ ସେ ଯେତେବେଳେ ନିଜର ଅହଂକାର ଓ ସ୍ୱାର୍ଥପରତାରୁ ମୁକ୍ତ ହୁଏ- ସେତେବେଳେ ସେ ଦେବତାଙ୍କଠାରୁ ମଧ୍ୟ ଅଧିକ କ୍ଷମତାଶାଳୀ ହୋଇପାରେ। -ଶ୍ରୀମା



# ବିଭାଜିତ କ୍ଲବ୍



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସଦସ୍ୟ ଗ୍ରହଣ ବା ପ୍ରବେଶ ଉପରେ ରହିଥିବା ବିଭିନ୍ନ ଜଟିଳ ନିୟମ ଯୋଗୁ ଦିଲ୍ଲୀ ଜିମ୍‌ଖାନା କ୍ଲବ୍ ୧୦୭ ବର୍ଷ ହେବ ତା'ର ଗୌରବ ବଜାୟ ରଖି ଆସିଛି। ଏହାର ଗଭର୍ନିଂ ବଡି ବା ନିୟାମକ ମଣ୍ଡଳ ବିଭିନ୍ନ କ୍ଷେତ୍ରର ଅବସରପ୍ରାପ୍ତ ସରକାରୀ ତଥା ପ୍ରତିରକ୍ଷା ଅଧିକାରୀମାନଙ୍କୁ ନେଇ ଗଠିତ । ଏଥିରେ ମଧ୍ୟ ଅନ୍ୟ ବେସରକାରୀ ନାଗରିକମାନଙ୍କୁ ବି ସାମିଲ କରାଯାଏ। ଏହାର ନିର୍ବାଚନଗୁଡ଼ିକରେ ପ୍ରତିଦ୍ୱନ୍ଦ୍ୱିତା ପୂରା ସରଗରମ ହୋଇଥାଏ। ଅନେକ ସମୟରେ ଏହାର କାର୍ଯ୍ୟ ସମ୍ପାଦନ ଉପରେ ଅନିୟମିତତା ଏବଂ ଆଇନବିରୁଦ୍ଧ ଅଭିଯୋଗ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଉଠିଥାଏ। ଏବେ କ୍ଲବ୍‌ର ୫୦ ଜଣ ସଦସ୍ୟ ଏକାଠି ହୋଇ ଗଭର୍ନିଂ ବଡିର ମନମୁଖି ନିଷ୍ପତ୍ତି ସମ୍ପର୍କରେ କ୍ଲବର ସଭାପତିଙ୍କୁ ଲିଖିତ ଭାବେ ଜଣାଇବା ଦ୍ୱାରା କ୍ଲବ୍‌ରେ ତୀବ୍ର ଉତ୍ତେଜନା ଦେଖାଦେଇଛି। କ୍ଲବର ସଦସ୍ୟ ତଥା ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଡ.ପରଭେଜ୍ ହୟାତଙ୍କର ଗୋଟିଏ ଦିନ ପାଇଁ ପ୍ରସ୍ତାବିତ ନିଲମ୍ବନ ସହ ତାଙ୍କୁ କ୍ଲବ ନିର୍ବାଚନରେ ଭାଗ ନେବାକୁ ମନା କରାଯିବା ଯୋଗୁ ଏଭଳି ଉତ୍ତେଜନା ପ୍ରକାଶ ପାଇଛି। ସୂତ୍ରରୁ ଜଣାପଡିଛି ଯେ, ଏହି ସଦସ୍ୟଙ୍କ ବିରୋଧରେ ଭାଇସ ଆଡମିରାଲ ବି.ଏସ୍.ରନ୍ଧାୱା କରିଥିବା ଅଭିଯୋଗକୁ ନେଇ ତାଙ୍କୁ ନିଲମ୍ବନ କରାଯାଇଥିଲା। ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ହୟାତଙ୍କୁ ନିଲମ୍ବନ କରିବାର ନିଷ୍ପତ୍ତି ନେବା ପୂର୍ବରୁ କ୍ଲବ ଅଧିକାରୀମାନେ କ୍ଲବର ନିୟମ କିମ୍ବା ଉଚିତ ପ୍ରକ୍ରିୟା ପାଳନ କରି ନ ଥିଲେ। କ୍ଲବ୍‌ରେ ଏଭଳି ବିବାଦ ନୂଆ ନୁହେଁ। କ୍ଲବ ଜନହିତ ବିରୋଧୀ ଭାବେ କାର୍ଯ୍ୟକରୁଥିଲା ଓ ଏହାର ତଦନ୍ତ ହେବା ଦରକାର ବୋଲି ଚଳିତ ବର୍ଷ ପ୍ରାରମ୍ଭରେ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି) ନିର୍ଦ୍ଦେଶ ଦେଇଥିଲେ। କ୍ଲବର ଘଟଣାବଳୀ ଉପରେ ତଦନ୍ତ କରିବା ପାଇଁ କେନ୍ଦ୍ର ସରକାର ଏକ ପାଞ୍ଚଜଣିଆ କମିଟି ନିଯୁକ୍ତ କରିବା ଲାଗି ଏନ୍‌ସିଏଲ୍‌ଟି କହିଥିଲେ। କେବଳ ଏତିକି ନୁହେଁ ଏହାର ଜମିଜମା ଏବଂ ସଦସ୍ୟ ଗ୍ରହଣ ବା ପ୍ରବେଶ ନୀତି ଉପରେ ମଧ୍ୟ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।

### ସଚ୍ଚୋଟ ବାବୁ ଓ ମନ୍ତ୍ରୀ

ଏବେ ଅଧିକାଂଶ ବାବୁ ଜଣେ ମନ୍ତ୍ରୀଙ୍କୁ 'ନାହିଁ' ଶବ୍ଦ କ୍ୱଚିତ କହିବା ଲକ୍ଷ୍ୟ କରାଯାଏ। ଅନ୍ଧ ଭାବେ ସେମାନେ ଆଜ୍ଞା ପାଳନ କରନ୍ତି। ସ୍ୱାଧୀନ ଭାବେ ନିଷ୍ପତ୍ତି ଗ୍ରହଣ କରିବା ଲାଗି ସେମାନଙ୍କ ପାଇଁ ମଧ୍ୟ କମ୍ ସୁଯୋଗ ରହିଥାଏ। କିନ୍ତୁ ସବୁବେଳେ ଘଟୁଥିବା ଏଭଳି ନିୟମରେ ବେଳେବେଳେ କିଛି ଭିନ୍ନତା ବି ଦେଖାଯାଏ । ନିକଟରେ ଏହାର ଏକ ଉଦାହରଣ ଉତ୍ତରାଖଣ୍ଡରେ ଦେଖିବାକୁ ମିଳିଛି। ଏପରିକି ଏହା ସମ୍ପର୍କରେ ଏବେ ଏକ ବିଚିତ୍ର କଥା ସାମ୍ନାକୁ ଆସିଛି। ଉତ୍ତରାଖଣ୍ଡର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ରେଖା ଆର୍ଯ୍ୟ ଡେରାଡୁନ୍‌ର ଡିଆଇଜି ଅରୁଣ ମୋହନ ଜୋଶୀଙ୍କୁ ତାଙ୍କ ଅତିରିକ୍ତ ସଚିବ ଭି.ଶନ୍ମୁଗମ୍‌ଙ୍କ ଉପରେ ତଦନ୍ତ କରିବାକୁ ଲେଖି ଜଣାଇଛନ୍ତି । ଶନ୍ମୁଗମ୍ ନିଖୋଜ ବା ଅନୁପସ୍ଥିତ ଥିଲେ ଏବଂ ସେବେଠାରୁ ସେ କୌଣସି ସମ୍ପର୍କ ରକ୍ଷା କରି ନ ଥିଲେ ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ତାଙ୍କୁ ଅପହରଣ କରାଯାଇଥାଇପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ। କଥା ପଦାକୁ ଆସିବା ପରେ ମନ୍ତ୍ରୀ ଏବଂ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରେ କିଛି ସମୟ ପାଇଁ ସମସ୍ୟା ଉପୁଜିଥିଲା। ଶନ୍ମୁଗମ୍ ଏକ ଟେଣ୍ଡରର ଠିକା ଦେବାବେଳେ ସମ୍ଭବତଃ ମନ୍ତ୍ରୀଙ୍କ ଇଚ୍ଛା ବିରୋଧରେ ଏହା କରିବା ଯୋଗୁ ସେପ୍ଟେମ୍ବରରେ କୌଣସ ଏକ ସମୟରେ ଏଭଳି ଘଟଣା ସାମନାକୁ ଆସିଥିଲା। ଏହାପରେ ସେ ଦୁଇଦିନିଆ ଏକାନ୍ତ ବାସରେ ଚାଲିଗଲେ ଓ ତାଙ୍କ ଅଫିସ କିମ୍ବା ମନ୍ତ୍ରୀଙ୍କର କୌଣସି କଲ ରିସିଭ କଲେ ନାହିଁ। ଏହାଦ୍ୱାରା ମନ୍ତ୍ରୀ ରାଗିଯାଇ ଠିକା ପ୍ରଦାନ ଉପରେ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ରାୱତଙ୍କ ଉପରେ ଚାପ ପକାଇଥିଲେ। କିନ୍ତୁ ଶନ୍ମୁଗମ୍‌ଙ୍କ ଦ୍ୱାରା କୌଣସି ନୀତିବିରୁଦ୍ଧ କାର୍ଯ୍ୟ କରାଯାଇ ନ ଥିବା ତଦନ୍ତରେ ମିଳିଥିଲା ବୋଲି ଅତିରିକ୍ତ ଶାସନ ସଚିବ ମନୀଷା ପୱାଁର ଜଣାଇଥିଲେ। କେବଳ ଏତିକି ନୁହେଁ,ଠିକା ପ୍ରଦାନ କଲାବେଳେ ଏବଂ ଛୁଟିରେ ଯିବାବେଳେ ଏହି ଅଧିକାରୀ ଠିକ୍ ପ୍ରକ୍ରିୟା ଅନୁକରଣ କରିଥିଲେ ବୋଲି ସେ ମଧ୍ୟ ଜଣାଇଥିଲେ। ଏବେ କଥା ଏଇଠି ଅଟକିଛି। ମନ୍ତ୍ରୀ ଏହି ଘଟଣାକୁ ଆଗକୁ ବଢାଇବେ ନା ଏଇଠି ଛାଡିଦେବେ ତାହା ଦେଖିବାକୁ ବାକି ରହିଛି। ମଜାର କଥା, ବାବୁ ଜଣକ ତାଙ୍କ ପଦବୀରେ ରହିବେ ନା ଅନ୍ୟତ୍ର ବଦଳି ହେବେ ତାହା ମଧ୍ୟ ଲକ୍ଷ୍ୟ କରିବାକୁ ପଡିବ। ଏହାର ଠିକ୍ ବିପରୀତ ଘଟଣା ଦେଖିବାକୁ ମିଳିଥିଲା ଦିଲ୍ଲୀର ଜଣେ ବାବୁଙ୍କ କ୍ଷେତ୍ରରେ ଯିଏ କି ଦୋଷ କରି ବି ଅନ୍ତର୍ଦ୍ଧାନ ହୋଇ ନ ଥିଲେ। ଏହା ପରିବର୍ତ୍ତେ ସେ ଅପାର ଶକ୍ତି ଓ ଅନ୍ୟ କ୍ଷମତାଗୁଡ଼ିକୁ ଦିଲ୍ଲୀରେ ପ୍ରୟୋଗ କରିଥିଲେ। ତାଙ୍କ ମନ୍ତବ୍ୟ ଉପରୁ ବି ଦୃଷ୍ଟି ହଟିଯାଇଥିଲା। ମିଡିଆରେ ଯାହା କିଛି ପ୍ରକାଶ ପାଇଥିଲା, ଅବଶ୍ୟ ସେହି ଷ୍ଟୋରିକୁ ତୁରନ୍ତ ପ୍ରତ୍ୟାହାର କରାଯାଇଥିଲେ ବି ଏହାର ଭିଡିଓ ରହିଛି। କିନ୍ତୁ ଏହା ନିଜର ଗଣତାନ୍ତ୍ରିକ ବିଶେଷତା ବା ଶକ୍ତି ଉପରେ ପ୍ରଶ୍ନ ଛିଡାକରିଦେଲା। ଏହା ଏକ ଭୁଲ ନା ତା'ଠାରୁ ଆଉ କିଛି ଅଧିକ ଥିଲା।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | B | | | | | | | | | | | | |
| | | D | A | E | | 4 | | 8 | | | | 0 | | |
| | | | | 0 | | C | | | | | 6 | 1 | | |
| | | A | 2 | 6 | 1 | | | | 3 | | | C | | E |
| 5 | | 1 | | | | | | | A | | | 7 | 8 | 4 |
| | A | | | 5 | 3 | E | 2 | D | | | | | | |
| 3 | | | B | | | | | C | 9 | | | | | |
| 2 | D | | 6 | 7 | | | 0 | | | | | | 4 | 8 |
| | 1 | | | | C | | 5 | | | 7 | | | | |
| | 4 | 5 | E | | | 3 | | | 1 | | A | | | 6 |
| | | 3 | | | 4 | | | | | | | | | 1 |
| | | | | C | 6 | 7 | | 3 | | | | | | |
| | 0 | | | | | | | | | | B | 8 | D | |
| | 2 | 4 | | 9 | E | 6 | 8 | 1 | D | C | | | 5 | |
| 6 | B | | | D | | | | 2 | | 0 | 4 | 9 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 5 | C | 0 | 1 | 8 | B | E | 3 | 6 | 9 | 7 | A | 2 |
| A | 8 | B | 3 | E | 4 | 9 | 0 | 2 | C | D | 7 | 5 | 1 | 6 |
| 7 | 2 | E | 9 | B | D | 5 | C | 6 | 1 | A | 4 | 3 | 8 | 0 |
| 9 | 3 | 1 | 8 | 2 | 6 | A | 4 | 7 | 5 | E | 0 | D | B | C |
| C | 6 | 0 | 5 | 7 | A | 3 | D | 1 | 8 | 2 | B | 4 | E | 9 |
| 4 | E | 9 | 2 | 6 | 0 | 7 | 8 | 5 | D | B | A | C | 3 | 1 |
| 6 | 7 | 3 | B | 5 | C | D | A | 4 | 2 | 8 | 1 | 9 | 0 | E |
| 8 | 1 | D | A | 4 | 3 | 0 | 9 | C | E | 7 | 6 | B | 2 | 5 |
| 5 | C | A | E | 8 | 9 | 1 | 2 | B | 4 | 0 | 3 | 6 | 7 | D |
| B | 0 | 2 | 1 | D | 7 | E | 6 | 3 | 9 | C | 5 | A | 4 | 8 |
| 3 | A | 6 | 0 | 9 | 2 | B | 5 | 8 | 7 | 1 | D | E | C | 4 |
| 1 | D | C | 4 | A | 5 | 2 | E | 9 | B | 3 | 8 | 0 | 6 | 7 |
| 2 | 5 | 8 | D | 3 | E | 6 | 7 | A | 0 | 4 | C | 1 | 9 | B |
| 0 | B | 4 | 7 | 1 | 8 | C | 3 | D | 6 | 9 | E | 2 | 5 | A |
| E | 9 | 7 | 6 | C | B | 4 | 1 | 0 | A | 5 | 2 | 8 | D | 3 |

ଗତକାଲିର ଉତ୍ତର

# ଅନ୍ନଦାତାଙ୍କ ଆନ୍ଦୋଳନ



ବିଚିତ୍ର ବିଶ୍ୱାଳ

ଖରା, ବର୍ଷା, ଶୀତକୁ ଖାତିର ନ କରି ହାଡ଼ଭଙ୍ଗା ପରିଶ୍ରମ କରି ସାରା ଦେଶକୁ ଖାଦ୍ୟ ଯୋଗାଉଥିବା ଅନ୍ନଦାତା ତଥା ଚାଷୀମାନେ ଆଜି ଡିସେମ୍ବରର ଥୁରୁଥୁରୁ ଥଣ୍ଡାରେ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ବିଶେଷକରି ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, କର୍ନାଟକ, ମଧ୍ୟପ୍ରଦେଶ ଆଦି ରାଜ୍ୟର ଚାଷୀମାନେ ଏହି ଆନ୍ଦୋଳନରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥିଲେ ମଧ୍ୟ ସମଗ୍ର ଦେଶର ଅଧିକାଂଶ ଚାଷୀ ଏହାକୁ ସମର୍ଥନ କରୁଥିବା ଦେଖିବାକୁ ମିଳୁଛି। ଶାନ୍ତିପୂର୍ଣ୍ଣ ଭାବେ ଏହି ଆନ୍ଦୋଳନ ଜାରି ରହିଛି। କେନ୍ଦ୍ର ସରକାର ତରବରିଆ ଭାବେ ଯେଉଁ ତିନୋଟି କୃଷି ଆଇନ ଆଣିଛନ୍ତି, ତାହା ବିରୋଧରେ ଚାଷୀମାନଙ୍କର ଏହି ଆନ୍ଦୋଳନ। ବର୍ତ୍ତମାନ ପର୍ଯ୍ୟନ୍ତ କୃଷି ମନ୍ତ୍ରୀ ଓ ଅନ୍ୟ ସରକାରୀ ପ୍ରତିନିଧିମାନଙ୍କ ସହିତ ଚାଷୀମାନଙ୍କର ଅନେକ ଆଲୋଚନା ସରିଲାଣି। କିନ୍ତୁ ସରକାର ନିଜ ଜିଦ୍‌ରୁ ଓହରୁ ନାହାନ୍ତି ଓ ଚାଷୀମାନଙ୍କୁ କିଛି ବି ସନ୍ତୋଷଜନକ ଫଳ ମିଳିନାହିଁ। ଗତ ୮ ତାରିଖରେ ଚାଷୀମାନେ ଡାକରା ଦେଇଥିବା ଭାରତ ବନ୍ଦକୁ ସାରା ଦେଶରୁ ସମର୍ଥନ ମିଳିଛି। ଏକାଧିକ ବିରୋଧୀ ଦଳ ଚାଷୀମାନଙ୍କ ଆନ୍ଦୋଳନକୁ ସମର୍ଥନ କରୁଥିବା ବେଳେ ଅନେକ ପୁରସ୍କାରପ୍ରାପ୍ତ ସେଲିବ୍ରିଟିମାନେ ଏହାକୁ ସମର୍ଥନ କରି ପୁରସ୍କାର ଫେରାଉ ଥିବା ଦେଖିବାକୁ ମିଳୁଛି। ଅନ୍ନଦାତାଙ୍କ ଆନ୍ଦୋଳନ ପ୍ରତି ଏପରି ସମର୍ଥନ ସମଗ୍ର ଦେଶରେ ଜନ ଜାଗରଣ ତିଆରି କରୁଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ସରକାର ସେହି ତିନୋଟି କୃଷି ଆଇନକୁ ଜୋରଜବରଦସ୍ତ ଲାଗୁ କରିବାରୁ ଓହରୁ ନାହାନ୍ତି ଓ ଅପରପକ୍ଷେ ଚାଷୀମାନେ ଏହି ଆଇନକୁ ଚାଷୀ ବିରୋଧୀ ବୋଲି ଆଖ୍ୟା ଦେଇ ଏହାର ପ୍ରତ୍ୟାହାର ଦାବି କରୁଛନ୍ତି।

ମୋଦି ସରକାର କ୍ଷମତାକୁ ଆସିବା ପୂର୍ବରୁ ତାଙ୍କ ନିର୍ବାଚନୀ ପ୍ରତିଶ୍ରୁତିରେ ୨୦୨୧ ସୁଦ୍ଧା ଚାଷୀଙ୍କ ଆୟକୁ ଦୁଇ ଗୁଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୧ ପହଞ୍ଚିବାକୁ ଆଉ ମାତ୍ର କେଇ ଦିନ ବାକି ଅଛି। ଚାଷୀଙ୍କ ଆୟ ଦୁଇ ଗୁଣ ହେବା ତ ଦୂରର କଥା, ସମଗ୍ର ଦେଶରେ ଚାଷୀଙ୍କ ଅବସ୍ଥା ଅଧିକ ସଂକଟଜନକ ହୋଇଛି। ଏପରି ପରିସ୍ଥିତିରେ ତିନୋଟି କୃଷି ଆଇନ ଦ୍ୱାରା ଚାଷୀଙ୍କ ଅପେକ୍ଷା କମ୍ପାନୀମାନଙ୍କୁ ଅଧିକ ଫାଇଦା ହେବ। ଅବଶ୍ୟ ସରକାର ଦାବି କରୁଛନ୍ତି ଯେ, ଏହି ଆଇନ ଦ୍ୱାରା ଚାଷୀଙ୍କର ମଙ୍ଗଳ ହେବ। କିନ୍ତୁ ବାସ୍ତବତା ଭିନ୍ନ। ସରକାର ଚାଷୀଙ୍କ ଚୁଟିକୁ ସବୁଦିନ ପାଇଁ କମ୍ପାନୀ ହାତରେ ଧରେଇ ଦେବାର ବ୍ୟବସ୍ଥା କରି ଚାଷୀଙ୍କ ପ୍ରତି ଥିବା ଉତ୍ତରଦାୟିତ୍ୱରୁ ସବୁଦିନ ପାଇଁ ଛୁଟି ନେବାକୁ ଚାହୁଁଛନ୍ତି।

୨୦୧୪ରେ ଆନ୍ନା ହାଜାରେଙ୍କ ଦ୍ୱାରା ହୋଇଥିବା ଜନ ଲୋକପାଳ ଆନ୍ଦୋଳନ ଦ୍ୱାରା ସାରା ଦେଶରେ ଯେଉଁ ସରକାର ବିରୋଧୀ ହାୱା ତିଆରି ହୋଇଥିଲା ତା'ର ପରିଣାମ ସ୍ୱରୂପ କଂଗ୍ରେସ ସରକାରର ପତନ ହୋଇଥିଲା। କେବଳ ପତନ ହୋଇ ନ ଥିଲା, ସାରା ଦେଶରେ ଲୋକମାନଙ୍କର ମାନସିକତା କଂଗ୍ରେସ ବିରୋଧୀ ହୋଇଯାଇଥିଲା ; ଯାହାର ପରିଣାମ ଏବେ ବି କଂଗ୍ରେସ ଭୋଗୁଛି। ସେମିତି ଆଜି ଚାଷୀ ଆନ୍ଦୋଳନକୁ ସାରା ଦେଶରୁ ଯେପରି ସମର୍ଥନ ମିଳୁଛି, ଏହା ଭାଜପା ସରକାରର କ୍ଷମତା ନିଶାକୁ ଯେ ଛଡ଼େଇ ନ ଦେବ, ସେକଥା କିଏ କହିବ! ଅମଣିଆ ବଳଦକୁ ମଣ କରିପାରୁଥିବା ଚାଷୀମାନେ ନିଜ ସଂଗଠନ ଓ ସଂକଳ୍ପବଦ୍ଧତା ବଳରେ ଶାସକକୁ ନିଶ୍ଚୟ ଉଚିତ ରାସ୍ତା ଦେଖାଇପାରିବେ।

ଗୋଟିଏ ଗଣତାନ୍ତ୍ରିକ ଦେଶରେ ଗଣଙ୍କ ମତର ସର୍ବାଧିକ ମହତ୍ତ୍ୱ ରହିବା ଉଚିତ। ଯଦି ଚାଷୀମାନେ ଏପରି ଆଇନ ଚାହୁଁନାହାନ୍ତି, ତେବେ ସରକାର ତାହାକୁ କାହା ସ୍ୱାର୍ଥରେ ଲାଗୁ କରିବାକୁ ଚାହୁଁଛନ୍ତି? ସେହି ତିନୋଟି ଆଇନକୁ ନେଇ ସରକାରଙ୍କର ଏତେ ଜିଦ୍ କାହିଁକି? ଯଦି ସରକାର ଚାଷୀଙ୍କର ଭଲ ଚାହୁଁଛନ୍ତି ବୋଲି କହୁଛନ୍ତି, ତେବେ ଚାଷୀଙ୍କ କଥା ଶୁଣୁନାହାନ୍ତି କାହିଁକି? ଏହି ଆଇନ ଲାଗୁ କରିବା ପୂର୍ବରୁ ସରକାର କୌଣସି ଚାଷୀ ସଂଗଠନର ମତାମତ ଲୋଡ଼ି ନାହାନ୍ତି କାହିଁକି? କାରଣ ସରକାର ଜାଣିଛନ୍ତି, ଚାଷୀ ବିରୋଧୀ ଏହି ଆଇନ ତିନୋଟିକୁ କୌଣସି ଚାଷୀ ସଂଗଠନ କେବେ ବି ସମର୍ଥନ କରିବେ ନାହିଁ। ତେଣୁ କୌଣସି ଆଲୋଚନା ନ କରି ସରକାର ଅଧ୍ୟାଦେଶ ମାଧ୍ୟମରେ ଏହି ବିଲ୍ ତିନୋଟିକୁ ପାସ୍ କରେଇ ନେଇଛନ୍ତି। ଏହା ସରକାରଙ୍କର ପୁରୁଣା ଅଭ୍ୟାସ ବୋଲି ଆମେ ଗତ କେଇ ବର୍ଷ ହେବ ଦେଖି ଆସୁଛେ। ଏହି ଆଇନଗୁଡ଼ିକ ଦ୍ୱାରା ଚାଷ କ୍ଷେତ୍ରକୁ କମ୍ପାନୀଗୁଡ଼ିକର ପ୍ରବେଶ ଅବାଧ ହୋଇଯିବ ଓ ଚାଷୀ କମ୍ପାନୀ ଦ୍ୱାରା ପେଷି ହୋଇଯିବେ। ଏମିତି ପୂର୍ବରୁ ଆମେରିକା ଓ ୟୁରୋପର ଅନ୍ୟାନ୍ୟ ଦେଶଗୁଡ଼ିକରେ ହୋଇସାରିଛି। ସେଠାରେ ଆଉ କୌଣସି ଛୋଟ ଚାଷୀ ନାହାନ୍ତି। କେବଳ ବହୁତ ବଡ଼ ଜମି ମାଲିକ ଅଛନ୍ତି ନ ହେଲେ କମ୍ପାନୀ ହାତରେ ଚାଷ ଅଛି।

ଆମେ ଜାଣିଛେ, ଚାଷୀଙ୍କ ଉତ୍ପାଦକୁ ଉଚିତ ଦାମ୍ ନ ମିଳିବା ହିଁ ତାଙ୍କ ଦୁର୍ଦ୍ଦିନର ମୁଖ୍ୟ କାରଣ। ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିବା ସତ୍ତ୍ୱେ ବି ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। କାରଣ ଏପର୍ଯ୍ୟନ୍ତ ସର୍ବନିମ୍ନ ସହାୟକ ମୂଲ୍ୟକୁ ବ୍ୟବହାରିକ ସ୍ତରରେ କଡ଼ାକଡ଼ି କରାଯାଇନାହିଁ। ଅନେକ ସ୍ଥାନରେ ମଣ୍ଡି ଠିକ୍‌ରେ କାମ କରୁନାହିଁ। ଅନ୍ୟପକ୍ଷରେ ସରକାର ବି ଯେଉଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରୁଛନ୍ତି ତାହା ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ତୁଳନାରେ ବହୁତ କମ୍। ଏପରି ପରିସ୍ଥିତିରେ ସରକାର ସର୍ବନିମ୍ନ ସହାୟକ ମୂଲ୍ୟକୁ ବୃଦ୍ଧି କରି ତାହାକୁ କଡ଼ାକଡ଼ି ଭାବେ ଲାଗୁକରିବା କଥା ନା ଚାଷୀର ଉତ୍ପାଦ କିଣାବିକା କ୍ଷେତ୍ରକୁ ପ୍ରବେଶ କରିବା ପାଇଁ କମ୍ପାନୀଗୁଡ଼ିକୁ ଅନୁମତି ଦେଇଦେବା କଥା? ପ୍ରଥମ ଆଇନରେ ସରକାର କହୁଛନ୍ତି ଯେ, ଖୋଲା ବଜାରରେ ଚାଷୀ ତା'ର ଉତ୍ପାଦ ବିକିଲେ ଅଧିକ ଲାଭବାନ ହେବ। ଏହା କେବଳ ଚାଷୀଙ୍କୁ ଭୁଆଁ ବୁଲେଇବା କଥା। କାରଣ ଏବେ ମଧ୍ୟ ଆମ ଦେଶର ମାତ୍ର ୬% ଚାଷୀ ମଣ୍ଡିରେ ଧାନ ବିକ୍ରି କରି ସର୍ବନିମ୍ନ ସହାୟକ ମୂଲ୍ୟ ପାଉଛନ୍ତି ଓ ବାକି ୯୪% ଚାଷୀ ବାହାରେ ଖୋଲା ବଜାରରେ ହିଁ ବିକ୍ରି କରୁଛନ୍ତି। ଆମେ ଦେଖୁଛେ ସେମାନେ କିପରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏପରି ପରିସ୍ଥିତିରେ ସରକାର ପୁଣି କୃଷି ଉତ୍ପାଦ କିଣାବିକା କ୍ଷେତ୍ରକୁ କର୍ପୋରେଟ୍ ପରି ଲାଭଖୋର ଲୁଟେରାମାନଙ୍କୁ ଡାକି ଆଣୁଛନ୍ତି। ଏହା ନିଶ୍ଚିତ ଭାବେ ଚାଷୀଙ୍କ ଲାଭ ପାଇଁ ନୁହେଁ, କେବଳ କମ୍ପାନୀ ଲାଭ ପାଇଁ। ଏଥିରେ ସନ୍ଦେହ ନାହିଁ। ଯଦିଓ ସରକାର କହୁଛନ୍ତି, ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟବସ୍ଥା ରହିବ, କିନ୍ତୁ ଥରେ କମ୍ପାନୀ ପାଇଁ କ୍ଷେତ୍ର ଖୋଲିଗଲେ ସରକାର ଚାଷୀଙ୍କ ଉତ୍ପାଦ କିଣିବା କାମରୁ ନିଜ ହାତ କାଢ଼ିନେବେ ଓ ବିଚରା ଚାଷୀମାନେ କମ୍ପାନୀ ଜାଲରେ ପଡ଼ିଯିବେ।

ଠିକାଚାଷ ଆଇନର ଉଦ୍ଦେଶ୍ୟକୁ ବୁଝିବା ବେଶି କଷ୍ଟ ନୁହେଁ। ଚାଷରେ କ୍ଷତି ହେଉଛି ବୋଲି ଚାଷୀମାନଙ୍କଠାରୁ ଜମି ଠିକାରେ ନେଇ କମ୍ପାନୀଗୁଡ଼ିକ ବ୍ୟବସାୟିକ ଚାଷ କରିବେ। ନିଜ ଜମିରେ ଚାଷୀ ମୂଲିଆ ହୋଇ କାମ କରିବ। ଏହାଦ୍ୱାରା ଚାଷୀ ଲାଭର ଅଂଶ ପାଇବ ବୋଲି ଯାହା କୁହାଯାଉଛି, ତାହା ବି ଆକାଶକଇଁଆ ଚିଲିକାମାଛ ସଦୃଶ। କାରଣ ଥରେ ଚାଷୀ ହାତରୁ ଚାଷ ଜମି, ବିହନ ଓ ଜ୍ଞାନ କୌଶଳ ଚାଲିଗଲେ ତାହା ଆଉ ଚାଷୀ ପାଖକୁ ଫେରି ଆସିବ ନାହିଁ। ଧୀରେ ଧୀରେ କମ୍ପାନୀଗୁଡ଼ିକ ଲାଭର ଅଂଶ କମେଇବାକୁ ଲାଗିବେ। ସେତେବେଳେ ଚାଷୀ ଚାହିଁଲେ ମଧ୍ୟ ଆଉ ଚାଷକୁ ଫେରିପାରିବ ନାହିଁ। ଏହାଦ୍ୱାରା କେବଳ ଚାଷୀଙ୍କର କ୍ଷତି ହେବ ନାହିଁ, ଖାଉଟିମାନେ ବି ପ୍ରଚୁର କ୍ଷତି ସହିବେ। ତୃତୀୟ ଆଇନ ମାଧ୍ୟମରେ ସରକାର ଅନେକ ଜରୁରୀ ଖାଦ୍ୟ ସାମଗ୍ରୀକୁ ଆଉ ଜରୁରୀ ତାଲିକାରେ ରଖିବାକୁ ଚାହୁଁନାହାନ୍ତି। ବଡ଼ ବଡ଼ ବ୍ୟବସାୟୀ ଓ କମ୍ପାନୀ ପାଇଁ ଖାଦ୍ୟ ଦ୍ରବ୍ୟ ଗଚ୍ଛିତ ରଖିବାର ସୀମା ଆଉ ରହିବ ନାହିଁ। ଫଳରେ ସେମାନେ ବଜାରକୁ ନିଜ ହିସାବରେ ନିୟନ୍ତ୍ରଣ କରିବାକୁ ସକ୍ଷମ ହେବେ। ଏହାଦ୍ୱାରା କେବଳ ଚାଷୀ ନୁହନ୍ତି ଖାଉଟିମାନେ ବି ପ୍ରଚୁର କ୍ଷତି ସହିବେ। ଅସଲ ଅର୍ଥରେ କହିଲେ, ସରକାର ଏହି ଅଧ୍ୟାଦେଶ ତିନୋଟି ମାଧ୍ୟମରେ କମ୍ପାନୀର ସ୍ୱାର୍ଥସାଧନ କରିବାକୁ ଯାଉଛନ୍ତି, କେବଳ ଚାଷୀଙ୍କ ନାମରେ। ଏହା ସରକାରଙ୍କ ଚାଷୀ ବିରୋଧୀ ମାନସିକତାକୁ ସ୍ପଷ୍ଟ ଉଜାଗର କରୁଛି। ତେଣୁ ଏବେର ଚାଷୀ ଆନ୍ଦୋଳନ କେବଳ ଚାଷୀଙ୍କର ନୁହେଁ, ଏହା ସମଗ୍ର ଦେଶବାସୀଙ୍କର ସ୍ୱାର୍ଥରକ୍ଷାର ଆନ୍ଦୋଳନ।

ସରକାର ଯଦି ଚାଷୀଙ୍କର ଭଲ ଚାହୁଁଛନ୍ତି, ତେବେ ଚାଷୀମାନଙ୍କୁ ପୂର୍ଣ୍ଣ ପ୍ରାଣରେ ସହଯୋଗ ଆବଶ୍ୟକ। ଚାଷ କରିବାଠାରୁ ଆରମ୍ଭ କରି ଉତ୍ପାଦର ବିକ୍ରିପର୍ଯ୍ୟନ୍ତ। ସରକାର ଓହରି ଗଲେ ଯେ, ଚାଷୀମାନଙ୍କର ଲାଭ ହେବ, ଏହା କେବଳ ଏକ ମରୀଚିକା। ଅଧିକାଂଶ ଫସଲକୁ ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଯିବା ଆବଶ୍ୟକ ଓ ଏହାକୁ ବୃଦ୍ଧି କରିବା ସହିତ କଡ଼ାକଡ଼ି ଭାବେ ଲାଗୁକରାଯିବା ଉଚିତ। ପ୍ରଥମତଃ ଚାଷୀମାନଙ୍କୁ ସମ୍ମାନ ଦେଇ ଏହି ତିନୋଟି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିନିଆଯିବା ଆବଶ୍ୟକ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ-୯୪୩୮୪୬୮୪୭୪

# ବିଶ୍ୱାସ କେତେ ଦୃଢ଼



ଡ. ବାସୁଦେବ ମିଶ୍ର

ବହୁତ ପାଠପଢ଼ି ଅନେକ ବିଦ୍ୟା ଓ ବୁଦ୍ଧିର ଅଧିକାରୀ ବୋଲି ପ୍ରମାଣପତ୍ର ହାସଲ କରିବା ଏବଂ ଜଣେ ନିଖୁଣ ବିଶ୍ୱାସବନ୍ତ ଏବଂ ପ୍ରକୃତ ଜ୍ଞାନୀରେ ପରିଣତ ହେବା ଏ ଦୁଇଟି ବୋଧହୁଏ ଏକାକଥା ନୁହେଁ। ରଙ୍ଗିନ ଥାଟବାଟ ସହିତ ଝଲସି ଉଠୁଥିବା ଆଲୋକମୟ ବେଦିକାରେ ଉପସ୍ଥିତ ରହି ଅନେକଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ଏବଂ ସତସତିକା ବ୍ୟକ୍ତିତ୍ୱର ଉତ୍କର୍ଷତାକୁ ପ୍ରାପ୍ତ ହୋଇ ଅନ୍ୟର ହୃଦୟରେ ସ୍ଥାନିତ ହେବା, ଏ ଦୁଇଟି ନିଶ୍ଚୟ ଅଲଗା। ମନ୍ଦିର ଭିତରେ ଦୈନିକ ହଜାର ହଜାର ଭକ୍ତଙ୍କ ପାଇଁ ଦେବପୂଜା କରି ସେମାନଙ୍କୁ ଦେବତାର ଆଶୀର୍ବାଦ ପ୍ରଦାନ କରାଇପାରୁଥିବା ପୂଜକ ଜଣକ ଯେ ସତରେ ଜଣେ ଈଶ୍ୱରବିଶ୍ୱାସୀ, ସେକଥା କହିବା କଷ୍ଟକର। କାରଣ ଈଶ୍ୱରବିଶ୍ୱାସ କଥା ଦୂରେ ଥାଉ, କେତେକଙ୍କର ନିଜ ଜୀବନ ପ୍ରତି ବିଶ୍ୱାସ ନ ଥାଏ। ଅନେକ ସମୟରେ ମନେହୁଏ, ଆମେ ଜୀବନ ଧାରଣ କରିଛେ ଏବଂ ବଞ୍ଚିଛେ ବୋଲି ଆମର ଜ୍ଞାନ ନାହିଁ। କାରଣ ଆମ ନିଜ ଜୀବନ ପ୍ରତି ଆମର ବିଶ୍ୱାସ ଓ ଭରସା ନାହିଁ । ଜୀବନ ପ୍ରତି ବିଶ୍ୱାସର ଅର୍ଥ ହେଲା ଜୀବନକୁ ଚିହ୍ନିବା। ଭଲ ପାଇବା। ଭଲପାଇବାର ଅର୍ଥ ହେଲା-ସମଦର୍ଶୀ ହେବା। ମୋ ଜୀବନ ଯାହା, ଅନ୍ୟମାନଙ୍କର ଜୀବନ ସେଇଆ। ମୋର ସୁଖଦୁଃଖ, ସେମାନଙ୍କର ସୁଖଦୁଃଖ। ମନରେ ସେତିକି ଅନୁଭବ ଆସୁଥିଲେ ଆମେ ଅନ୍ୟକୁ କୌଣସି ପ୍ରକାରେ କଷ୍ଟଦେବା କଥା ଆଦୌ ଚିନ୍ତା କରିନ୍ତେ ନାହିଁ। ଇଚ୍ଛା କରିନ୍ତେ ନାହିଁ। କିନ୍ତୁ ସେମିତି ହୁଏନାହିଁ। ଆମେ ଅହରହ କେବଳ ନିଜକୁ କେନ୍ଦ୍ରକରି ହିଁ ଚିନ୍ତା କରିବାରେ ବ୍ୟସ୍ତ। ଆମ ମତରେ ଆମ ସୁଖ ପାଇବାର ରାସ୍ତାଟା ପ୍ରଶସ୍ତ ରାଜମାର୍ଗ ହେବା ଉଚିତ। ସେଇଠି ଥିବା ଖାଲଖମାଗୁଡ଼ିକ ଯଦି ଅନ୍ୟ କାହାର ମାଂସହାଡ଼ ପଡ଼ି ପୂର୍ଣ୍ଣ ହେଲା କି ଆମର ଉଦ୍ଧାର ପାଇଁ କାହାର ଜୀବନ କେଉଁ ନର୍କରେ ପଡ଼ିରହିଲା ତ ସେଥିରେ ଆମର କିଛି ଯାଏଆସେ ନାହିଁ। ଅନ୍ୟ କାହାରି କଥା ଚିନ୍ତା କରିବାରେ ଆମର ସାମାନ୍ୟ ଇଚ୍ଛା କିମ୍ବା ଆଗ୍ରହ ନ ଥାଏ କେତେବେଳେ।

ଯେଉଁ ବ୍ୟକ୍ତି ଅନେକ ବିଦ୍ୟାର ଅଧିକାରୀ ବୋଲି ଗୁଡ଼ିଏ ସାର୍ଟିଫିକେଟ ହାସଲ କରିଛନ୍ତି, ବାସ୍ତବରେ ସେ ନିଜେ ଯେତିକି ଜ୍ଞାନ ଅର୍ଜନ କରିଥାନ୍ତି, ତା'ଠାରୁ ଅଧିକ ଜ୍ଞାନର ଅଧିକାରୀ ବୋଲି ତାଙ୍କୁ ଛଳନା କରିବାକୁ ହୁଏ। ମନ୍ଦିରର ପୂଜକ ନିଜେ କେତେ ସଦ୍‌ଭାବାପନ୍ନ, ଈଶ୍ୱରଙ୍କ ପ୍ରତି ତାଙ୍କର କେତେ ବିଶ୍ୱାସ ରହିଛି ଏବଂ ସେ ଈଶ୍ୱରଙ୍କର କେତେ ନିକଟବର୍ତ୍ତୀ ସେକଥା ସେ ନିଜେ ଠିକ୍ ଜାଣନ୍ତି। କିନ୍ତୁ ସେ କଥାକୁ ଗୋପନ ରଖି ତାଙ୍କୁ ଈଶ୍ୱରଙ୍କର ନିହାତି ନିକଟବର୍ତ୍ତୀ ହୋଇଥିବାର ଛଳନା କରିବାକୁ ପଡ଼େ। ସେଥିପାଇଁ ସେ ତାଙ୍କର ଥାଟବାଟରେ, ପାଟମଠା ପୋଷାକରେ, ଚିତା ଚୈତନରେ ଏବଂ ମନ୍ତ୍ରପାଠରେ ଅନ୍ୟ ମନରେ ଧାରଣା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି ଯେ, ସେ ଈଶ୍ୱରଙ୍କର ନିତାନ୍ତ ନିଜ ଲୋକ। ପୂଜକ ନିଜେ ଠିକ୍ ଜାଣନ୍ତି, ତାଙ୍କ ପାଖକୁ ଆସୁଥିବା ହଜାର ହଜାର ସାଧାରଣ ଈଶ୍ୱରଭକ୍ତଙ୍କ ମଧ୍ୟରେ ଅନେକେ ହୁଏତ ଏମିତି ଅଛନ୍ତି, ଯେଉଁମାନେ ତାଙ୍କଠାରୁ ଅଧିକ ଈଶ୍ୱରଙ୍କର ନିକଟବର୍ତ୍ତୀ ହୋଇପାରିଛନ୍ତି ସେମାନଙ୍କର ସାଧୁତା ହେତୁ, ସତ୍‌ପ୍ରବୃତ୍ତି ଏବଂ ସତ୍ୟବାଦିତା ହେତୁ, କାର୍ଯ୍ୟକଳାପ ହେତୁ।

ପ୍ରକୃତ ଈଶ୍ୱରବିଶ୍ୱାସ କୌଣସି ଥାଟବାଟ, ବେଶପୋଷାକ କିମ୍ବା ଚିତାଚୈତନ୍ୟରେ ନ ଥାଏ। ପ୍ରକୃତ ଜ୍ଞାନ କୌଣସି ସାର୍ଟିଫିକେଟରେ ନ ଥାଏ। ଥରେ କେତେଜଣ ପାଦ୍ରୀ ମନୀଷୀ ଲିଓ ଟଲଷ୍ଟୟଙ୍କ ସହିତ କଥା ହେବା ଅବସରରେ ଅନୁଭବ କଲେ ଯେ ସେ ଜଣେ ନାସ୍ତିକ। ସେମାନେ ଈଶ୍ୱରଙ୍କର ଅନେକ ତଥ୍ୟ ତାଙ୍କୁ ପ୍ରଦାନ କରିବାକୁ ଚେଷ୍ଟା କଲେ ମଧ୍ୟ ତାଙ୍କର ନାସ୍ତିକତା ଦୂର କରିବା ପାଇଁ ସକ୍ଷମ ହେଲେ ନାହିଁ। ସେମାନେ ପରୀକ୍ଷା କରି ଦେଖିଲେ ଧର୍ମଗ୍ରନ୍ଥର ସୂତ୍ରଗୁଡ଼ିକୁ ସେ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ପାଦ୍ରୀମାନଙ୍କୁ ବିଦାୟ ଦେବା ଅବସରରେ ନିକଟବର୍ତ୍ତୀ କୌଣସି ଜମି ସମ୍ପର୍କରେ ଆଲୋଚନା ପ୍ରସଙ୍ଗରେ ସେହି ଜମିଗୁଡ଼ିକର ମାଲିକ କିଏ ବୋଲି ଜିଜ୍ଞାସା କରିବାରେ ଟଲଷ୍ଟୟଙ୍କର ଉତ୍ତର ଥିଲା 'ଭଗବାନ'। ସେଇ ଗୋଟିଏ ଶବ୍ଦ ହିଁ ପ୍ରମାଣିତ କରିଦେଲା ତାଙ୍କର ପ୍ରଚଣ୍ଡ ଈଶ୍ୱରବିଶ୍ୱାସକୁ। ପାଦ୍ରୀମାନେ ଅନୁଭବ କଲେ ନିଜ ପୋଷାକ ଓ ଥାଟବାଟ ଦ୍ୱାରା ଉଗ୍ରଭାବରେ ଘୋଷଣା କରାଯାଉଥିବା ସେମାନଙ୍କର ବିଶ୍ୱାସ ସତରେ କେତେ ସଂକୀର୍ଣ୍ଣ ଏବଂ ସେମାନେ ଭାବି ନେଇଥିବା ଏଇ ନାସ୍ତିକ ଜଣକର ବିଶ୍ୱାସ କେତେ ଦୃଢ ଏବଂ ପ୍ରଶସ୍ତ !

ଆମ ସରକାରୀ ବିଦ୍ୟାଳୟ ହେଉ କି ଚିକିତ୍ସାଳୟ, ତଥା ସର୍ବୋପରି ଭିନ୍ନ ଭିନ୍ନ ବିଭାଗୀୟ କାର୍ଯ୍ୟାଳୟଗୁଡ଼ିକର କାନ୍ଥରେ ନେସା ହୋଇଥିବା ରଙ୍ଗ ତଥା ଡାକ୍ତର, ନର୍ସ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଭିନ୍ନ ଭିନ୍ନ କାର୍ଯ୍ୟାଳୟର କର୍ମଚାରୀମାନଙ୍କର ୟୁନିଫର୍ମ ପୋଷାକଗୁଡ଼ିକ କର୍ତ୍ତବ୍ୟ କର୍ମ ସମ୍ପାଦନ କ୍ଷେତ୍ରରେ ମୌନଭାବରେ ଯେଉଁ ଘୋଷଣା କରନ୍ତି, ସେହି ଘୋଷଣାଗୁଡ଼ିକ ବୋଧହୁଏ ଠିକ୍ ରୂପ ପାଇପାରନ୍ତି ନାହିଁ। ସମାଜର ଯେତିକି ବିଶ୍ୱାସ ଓ ଭରସା ସେହି ରଙ୍ଗ ସହିତ ମିଶାଇ କାନ୍ଥଗୁଡ଼ିକରେ ନେସାଯାଇଥିଲା, ବୋଧହୁଏ ସେତିକି ବିଶ୍ୱାସ ଓ ଭରସାକୁ ଉଜ୍ଜୀବିତ କରି ରଖିବାପାଇଁ ସେହି କାନ୍ଥଗୁଡିକ ସକ୍ଷମ ହୋଇ ପାରୁନାହାନ୍ତି।

ସ୍ୱାଧୀନତା ପାଇବାର ବହୁ ପୂର୍ବରୁ ସ୍ୱାଧୀନତା ପ୍ରାପ୍ତିନିମିତ୍ତ ଆମ ଦେଶର ଅନେକ ଦେଶଭକ୍ତ ନିଜ ନିଜର ପ୍ରାଣବଳି ଦେଇଯାଇଛନ୍ତି। ସେମାନେ ପ୍ରାଣବଳି ଦେବା ସମୟରେ ନିଶ୍ଚୟ ଏହି ଦେଶର ଭବିଷ୍ୟତ ନାଗରିକମାନଙ୍କ ଉପରେ ବହୁତ ବିଶ୍ୱାସ ଓ ଭରସା ରଖିଥିଲେ ଯେ ଥରେ ସ୍ୱାଧୀନତା ମିଳିଲେ ଆଗାମୀ ବଂଶଧର ନିଶ୍ଚୟ ତା'ର ଯତ୍ନ ନେବେ। ତା'ପରେ ସେମାନଙ୍କୁ ଆଉ ସ୍ୱାଧୀନତାର ଚିନ୍ତା କରିବାକୁ ପଡ଼ିବ ନାହିଁ । ସେମାନେ କେବଳ ଦେଶକୁ ଉନ୍ନତିର ପଥରେ ଆଗକୁ ନେବାପାଇଁ ଚିନ୍ତା କରିବେ। ଖୁବ୍‌ଶୀଘ୍ର ପାଞ୍ଚଦେଶଙ୍କ ଭିତରେ ଜଣେ ଏବଂ ଅଗ୍ରଣୀ ଭୂମିକାରେ ନିଜ ଦେଶକୁ ଛିଡ଼ା କରାଇବେ। କିନ୍ତୁ କାହିଁ? ସେମାନଙ୍କର ବିଶ୍ୱାସ ଓ ଭରସାକୁ ଆମେ ପରବର୍ତ୍ତୀ ପିଢ଼ିର ବଂଶଧର ଉଜ୍ଜୀବିତ କରି ରଖିଛୁ ତ? ସ୍ୱାର୍ଥପରତାର ସ୍ରୋତରେ ଭାସିଯାଇ ସେ ସବୁକୁ ଆମେ ବିସ୍ମରଣ କରିନାହୁଁ ତ?

ଦଶରଥପୁର, ଯାଜପୁର
ମୋ-୯୪୩୮୩୨୮୭୫୫

## ପାଠକ ଶ୍ରେଷ୍ଠ ବିଚାରକ

### ଅସଲି ଓ ନକଲି

ମହାଶୟ,

କିଏ ଅସଲି କିଏ ନକଲି ବର୍ତ୍ତମାନ ଯୁଗରେ ଜାଣିବା କଷ୍ଟ । ଖାଇବା ଜିନିଷଠାରୁ ଆରମ୍ଭ କରି ମଣିଷ ମଧ୍ୟ ନକଲି । ଠାକୁରଙ୍କୁ ଯଉଁ ଘିଅ ଦିଆଯାଉଛି ତାହା ଅପମିଶ୍ରିତ ହୋଇ ନଥିବ କିଏ କହିପାରିବ? ମଦ ନକଲି, ନୋଟ ନକଲି,ଏମ୍‌ଡି ଓ ଭିଜିଲାନ୍ସ ମଧ୍ୟ ନକଲି! ଏହିଭଳି ବହୁ ବର୍ଷ ହେଲା ହୋଇ ଚାଲିଛି, ଯାହାଫଳରେ ସରକାରୀ ଅଫିସର ଓ ବ୍ୟବସାୟୀ ମାନେ ମାଲେମାଲ ହୋଇଚାଲିଛନ୍ତି । ଲୋକଙ୍କୁ ଟଙ୍କିକିଆ ଚାଉଳ ଓ ଛତୁଆ ବଣ୍ଟା ହେଉଛି । ବର୍ଷ ବର୍ଷ ଧରି ଟଙ୍କା ମାରିଲା ପରେ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଧରା ପଡୁଛନ୍ତି । ହେଲେ ଏଥିରେ କିଛି ଲାଭ ହେଉନି। ସେମାନେ କୋର୍ଟରୁ ଜାମିନ ପାଇଯାଉଛନ୍ତି। ଲୋକେ କଥା ହଉଛନ୍ତି କାହାର କିଛି ହବନି, କିଛିଦିନ ପରେ ଭୁଲିଯିବେ ସମସ୍ତେ। ଏବେ ଆମେ ଅପେକ୍ଷାରେ ଟିକାକୁ ନେଇ କେତେ ଦୁର୍ନୀତି ହୋଇପାରୁଛି? ଲାଗୁଚି କରୋନା ଆସି କିଛି ଜୀବନ ନେଲା ଆଉ କିଛିଙ୍କୁ ମାଲେମାଲ କରିଦେଲା । ଯଉଁ ଚାଷୀଙ୍କ ଅସନ୍ତୁଷ୍ଟ ସେଇଟା ଅସଲି ନା ନକଲି ଜାଣିବା କଷ୍ଟ । କରୋନା ଡର ଗୋଟାଏ ଆଡେ ତ ସରକାରଙ୍କ ଡର ଲୋକଙ୍କୁ ଚୁପ କରିଦେଉଛି ।

-ସଂଜୟ ଶତପଥି, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଏବେ ବି ଭାରତର ବହୁ ଅଞ୍ଚଳରେ ବାଲ୍ୟ ବିବାହ ବଳବତ୍ତର ରହିଛି। ଏହାକୁ ବନ୍ଦ କରିବା ପାଇଁ ଆଇନ ପ୍ରଣୟନ କରାଯାଇଥିଲେ ମଧ୍ୟ କୁସଂସ୍କାର ଓ ଅନ୍ଧବିଶ୍ୱାସ ଯୋଗୁ ସମାଜରୁ ଏହା ଦୂରେଇବା କଷ୍ଟକର ଦେଉଛି। ବହୁ ସ୍ୱେଚ୍ଛାସେବୀ ମଧ୍ୟ ଏହା ବିରୋଧରେ ସେମାନଙ୍କ ସଂଗ୍ରାମ ଜାରି ରଖିଛନ୍ତି। ସେମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ମରାଠାୱାଡା ଅଞ୍ଚଳର ତୁଳାପୁର ବ୍ଲକର ଲକ୍ଷ୍ମୀ ୱାଗମେର ଅନ୍ୟତମ। ବାଲ୍ୟ ବିବାହ ବିରୋଧରେ ସଚେତନତା ସୃଷ୍ଟି କରିବା ସହ ୧୭,୦୦୦ ମହିଳାଙ୍କୁ ସ୍ୱାଧୀନ ଭାବେ ବଞ୍ଚିବାର ରାସ୍ତା ଦେଖାଇଛନ୍ତି। ସେମାନଙ୍କୁ ଶିକ୍ଷା ଦେଇଛନ୍ତି ଓ ସେମାନଙ୍କ ଅଧିକାର ସମ୍ପର୍କରେ ଅବଗତ କରିପାରିଛନ୍ତି। ମାତ୍ର ୮ ବର୍ଷ ବୟସରେ ଏକ ଦଳିତ ପରିବାରରେ ସେ ବିବାହ କରିଥିଲେ। ପରେ ନବମ ପଢିବା ସମୟରେ ପଢା ବନ୍ଦ କରିଦିଆଯାଇ ତାଙ୍କୁ ଶାଶୁଘରକୁ ପଠାଇ ଦିଆଯାଇଥିଲା। ସେଠାରେ ସେ ସଂଗ୍ରାମ କରି ମାଟ୍ରିକ ପାସ କରିଗଲେ। ୨୦୦୦ରେ ହେଲୋ ମେଡିକାଲ ଫାଉଣ୍ଡେଶନ (ଏଚ୍‌ଏମ୍‌ଏଫ୍)ଦ୍ୱରା ଆରମ୍ଭ କରାଯାଇଥିବା 'ଭାରତ ବୈଦ୍ୟ' ଅଭିଯାନରେ ସେ ଯୋଗ ଦେଇ ଜଣେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସେହି ବର୍ଷ ସେ ୧୦-୧୨ ଜଣ ମହିଳାଙ୍କୁ ନେଇ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ଆଗକୁ ବଢିଥିଲେ। ସେ ଏଚଏମଏଫ ମାଧ୍ୟମରେ ବିଭିନ୍ନ ଜିଲାରେ ୧୯୦ ମହିଳା ଲିଡରଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ୧୭୦୦୦ ମହିଳାଙ୍କୁ ନିର୍ଯାତନାରୁ ମୁକାଳି ଏକ ସ୍ୱାଧୀନ ଜୀବନ ଜିଇବାର ପନ୍ଥା ଧରାଇବା ପାଇଁ ତାଙ୍କ ବହୁ କଷ୍ଟ ସ୍ୱୀକାର କରିବାକୁ ପଡିଛି ବୋଲି କହନ୍ତି ୩୮ ବର୍ଷୀୟା ଲକ୍ଷ୍ମୀ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଡିସେମ୍ବର ୧୯୯୫

- ଚୀନ୍‌ର ଡେୟାଙ୍ଗ ସହରରେ ୩ ମହଲା କୋଠା ଭୁଶୁଡ଼ିପଡ଼ିବା ଫଳରେ ୨୦ ଜଣ କର୍ମଚାରୀଙ୍କ ମୃତ୍ୟୁ।
- ବ୍ରିଟିଶ ବୈଜ୍ଞାନିକ ଯୋଶେଫ ରଟବ୍ଲାଟଙ୍କୁ ନେବୋଲ ଶାନ୍ତି ପୁରସ୍କାର ପ୍ରଦାନ।
- ପ୍ରଖ୍ୟାତ କ୍ରୀଡ଼ା ଘୋଷକ କମଳ ଭଟ୍ଟାଚାର୍ଯ୍ୟଙ୍କ ୮୧ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ପଉଷର ପଞ୍ଚମୀ ଚାଁଦ
ଆକାଶର କୋଣେ ଦେଲା ହସି
ମଧୁମାସ ଆଗମନୀ-ଭାଷା
ଜରା-ହୃଦେ ଯଉବନ-ଆଶା
ପୌଷର ପଞ୍ଚମୀ ଶଶି
ଢାଳି ଦେଲା ଦୂରେ ହସି ହସି।
-(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଭାଜପାର ରାଜ୍ୟସ୍ତରୀୟ ସାଂଗଠନିକ ବୈଠକରେ ଦଳର ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଓ ଅନ୍ୟ ବରିଷ୍ଠ ନେତାମାନେ।

# ବୁଥ୍ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବାକୁ ଭାଜପା ପ୍ରଭାରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ବୁଥ୍ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି ଭାଜପା ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ। ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକରେ ପୁରନ୍ଦେଶ୍ୱରୀ ଯୋଗଦେଇ କହିଛନ୍ତି ଯେ, ଆଗାମୀ ଦିନରେ ରାଜ୍ୟର ତୃଣମୂଳ ସ୍ତରରେ ଭାଜପାର ସଙ୍ଗଠନକୁ ଆହୁରି ସୁଦୃଢ଼ କରାଯିବ। ପ୍ରତି ବୁଥ୍‌ରେ ୨୫ ଜଣିଆ ବୁଥ୍ କମିଟି ଗଠନ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଲୋକଙ୍କ ସୁଖ ଦୁଃଖରେ ଭାଗୀଦାର ହୋଇ ରାଜ୍ୟରେ ଆଗାମୀ ଦିନରେ କିପରି ଭାଜପା ସରକାର ଗଠନ କରିବ ସେ ଦିଗରେ କାର୍ଯ୍ୟ କରିବା ପାଇଁ ରାଜ୍ୟ ପ୍ରଭାରୀ ଆହ୍ୱାନ ଦେଇଛନ୍ତି। ପର୍ଯ୍ୟାୟକ୍ରମେ ୩୬ଟି ସାଙ୍ଗଠନିକ ଜିଲାର ଜିଲା ସଭାପତି ଓ ପ୍ରଭାରୀ, ସମସ୍ତ ଏମ୍‌ପି ଓ ଏମ୍‌ପି ପାର୍ଥୀ, ବିଧାୟକ ଓ ବିଧାୟକ ପ୍ରାର୍ଥୀଙ୍କୁ ସଙ୍ଗଠନ ସୁଦୃଢ଼ କରିବା ନେଇ ସେ ନିର୍ଦ୍ଦେଶ ଦେଇଛନ୍ତି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟ ପ୍ରଭାରୀଙ୍କ ନିର୍ଦ୍ଦେଶାନୁଯାୟୀ ସମସ୍ତ କାର୍ଯ୍ୟକର୍ତ୍ତା ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ। ରାଜ୍ୟରେ ମହିଳା, ଯୁବକ, କୃଷକ, ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ତୃଣମୂଳସ୍ତରରେ ବିଭିନ୍ନ ବର୍ଗର ଲୋକଙ୍କୁ ଦଳରେ ସାମିଲ କରାଇ ଏକ ନୂଆ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବେ। ଶନିବାର ସକାଳେ ପୁରନ୍ଦେଶ୍ୱରୀ ପୁରୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଛନ୍ତି।

# ରାଜଧାନୀରେ ପୁଣି ଗୁଳି

## ଜେଲ୍ ଫେରନ୍ତାଙ୍କୁ ରାସ୍ତାରେ ଗୋଡ଼ାଇ ଗୁଳି ମାରିଲେ ଦୁର୍ବୃତ୍ତ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ରାଜଧାନୀରେ ପୁଣି ଗୁଳି ଫୁଟିଛି। ସ୍ୱଷ୍ଟ ଦିବାଲୋକରେ ୩ଜଣ ଦୁର୍ବୃତ୍ତ ସଞ୍ଜୟ ଖୁଣ୍ଟିଆ ନାମକ ଜଣେ ବ୍ୟକ୍ତିଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଗୁଳି କରିଛନ୍ତି। ୪ ରାଉଣ୍ଡ୍ ଗୁଳି ଫୁଟିଥିବାବେଳେ ସବୁ ଲକ୍ଷ୍ୟଚ୍ୟୁତ ହେବାରୁ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶୁକ୍ରବାର ସକାଳେ ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗନଗର କେ-୪ ଲକ୍ଷ୍ମୀ ମଣ୍ଡପ ନିକଟରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତମାନେ ଏଭଳି ଆତଙ୍କ ଖେଳାଇ କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋକା ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳିକାଣ୍ଡ ଘଟିଥିବା ପୋଲିସ କହୁଥିବାବେଳେ ରାତି ସୁଦ୍ଧା ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇପାରିନି।

ଡୁମୁଡୁମା ଅଞ୍ଚଳରେ ୨୦୧୪ ସୋନୁ ଓରଫ କୃତିବାସ ପରିଡା ହତ୍ୟା ମାମଲାରେ ସଞ୍ଜୟ ମୁଖ୍ୟ ଅଭିଯୁକ୍ତ ଥିଲେ। ଧାର ଟଙ୍କାକୁ କେନ୍ଦ୍ରକରି ସୋନୁ ତାଙ୍କ ବନ୍ଧୁଙ୍କୁ ହତ୍ୟା କରି ଶରୀରକୁ ଖଣ୍ଡଖଣ୍ଡ କରି ଫିଙ୍ଗି ଦେଇଥିଲେ। ସେହିବର୍ଷ ନଭେମ୍ବର ୨୨ରେ ପୋଲିସ ସଞ୍ଜୟ ଓ ତା'ର ସହଯୋଗୀଙ୍କୁ ଗିରଫ କରିଥିଲା। ସେବେଠାରୁ ଜେଲ୍‌ରେ ଥିବା ସଞ୍ଜୟ କିଛିଦିନ ତଳେ ଜାମିନରେ ଆସିବା ପରେ ଦୁଇମାସ ହେବ କଳିଙ୍ଗନଗର କେ-୪ରେ ଘର ଭଡ଼ା ନେଇ ରହୁଛନ୍ତି। ଶୁକ୍ରବାର ସକାଳ ପ୍ରାୟ ୮ଟା ୪୫ରେ ସଞ୍ଜୟ କଳିଙ୍ଗବିହାର ଲକ୍ଷ୍ମୀ ମଣ୍ଡପ ନିକଟରେ ଯାଉଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଲକ୍ଷ୍ୟ କରି ଗୁଳି କରିଥିଲେ। ଏହାଦେଖି ସଞ୍ଜୟ ପ୍ରାଣ ବିକଳରେ ରାସ୍ତାରେ ଦୌଡ଼ିଥିଲେ। ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ତାଙ୍କ ଉପରକୁ ଗୁଳି କରିଥିଲେ। ଦୌଡ଼ିବା ଭିତରେ କୌଣସିଟି ଗୁଳି ସଞ୍ଜୟଙ୍କ ଦେହରେ ବାଜି ନ ଥିଲା। କିଛି ବାଟ ଦୌଡ଼ିବା ପରେ ସଞ୍ଜୟ ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ପଶିଯିବାରୁ ଦୁର୍ବୃତ୍ତମାନେ ପଳାଇଥିଲେ। ତେବେ ଜଣେ ଜେଲ୍ ଫେରନ୍ତାଙ୍କୁ ଅପରାଧୀମାନେ ଟାର୍ଗେଟ କରିବା ଘଟଣାକୁ କମିଶନରେଟ ପୋଲିସ ଗୁରୁତ୍ୱର ସହ ନେଇ ଅଧିକ ଖୋଳତାଡ଼ ଚଳାଇଛି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୪ରେ ବାରଙ୍ଗସ୍ଥିତ ଜଙ୍ଗଲଭ୍ୟୁ ରେଷ୍ଟୁରାଣ୍ଟରେ ଖାଉଥିବାବେଳେ ଜଣେ ଛାତ୍ରଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ମାର୍ଚ୍ଚ ୮ରେ ଆଇଗିଣିଆରେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଜଣେ ବ୍ୟକ୍ତିଙ୍କୁ ଗୁଳିକରି ଫେରାର ହୋଇଯାଇଥିଲେ। ଏହି ଦୁଇ ଘଟଣାରେ ଉଭୟ ଗୁରୁତର ଆହତ ହୋଇଥିଲେ। ଏହାପରେ ଭାଲେଣ୍ଟାଇନ୍ସ ଡେ'ରେ ଏକ ଘରେ ପ୍ରେମୀଯୁଗଳ ବନ୍ଧୁକ ସହ ଖେଳୁଥିବାବେଳେ ଗୁଳି ଫୁଟିଥିଲା।

# ଭଦ୍ରକ ବିଧାୟକଙ୍କ ଇଙ୍ଗିତରେ ଆକ୍ରମଣ ହୋଇଥିବା କଂଗ୍ରେସର ଅଭିଯୋଗ

ଭୁବନେଶ୍ୱର,(ବ୍ୟୁରୋ)/ ଭଦ୍ରକ ଅଫିସ୍,୧୧।୧୨

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗତ ଗୁରୁବାର କଂଗ୍ରେସ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ତେବେ ଏହି ବନ୍ଦ ପାଳନବେଳେ ଭଦ୍ରକ ଜିଲା ଛାତ୍ର କଂଗ୍ରେସ ନେତା ହେମନ୍ତ ମହାପାତ୍ରଙ୍କ ଉପରେ ଆକ୍ରମଣ ହୋଇଥିଲା। ଏଥିପାଇଁ କଂଗ୍ରେସ ସିଧାସଳଖ ଭଦ୍ରକ ବିଧାୟକଙ୍କୁ ଦାୟୀ କରିଛନ୍ତି। ଏନେଇ ଭୁବନେଶ୍ୱରସ୍ଥିତ ରାଜ୍ୟ କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, କଂଗ୍ରେସର ବନ୍ଦ ପାଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଥିଲା। ଭଦ୍ରକବାସୀ ସହଯୋଗ କରିବାରୁ ବନ୍ଦ ସଫଳ ହୋଇଥିଲା। ଏହାକୁ ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକ ସହ୍ୟ କରି ନ ପାରି କର୍ମୀଙ୍କୁ ଲଗାଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହାକୁ ଛାତ୍ର କଂଗ୍ରେସ ବିରୋଧ କରୁଛି ଓ ଆକ୍ରମଣରେ ସମ୍ପୃକ୍ତ ବିଜେଡି କର୍ମୀ ଓ ବିଧାୟକଙ୍କୁ ଗିରଫ ପାଇଁ ରାଜ୍ୟ ଛାତ୍ର କଂଗ୍ରେସ ଦାବି କରିଛି। ଅନ୍ୟପକ୍ଷରେ ବିଧାୟକ ମଲ୍ଲିକ ଭଦ୍ରକସ୍ଥିତ ବାସଭବନରେ ଖବରଦାତା ସମ୍ମିଳନୀ ଡାକି କହିଛନ୍ତି ଯେ, କଂଗ୍ରେସ ନେତାଙ୍କ ଉପରେ ଆକ୍ରମଣ ଘଟଣା ମିଥ୍ୟା। ଓଲଟା ସେମାନେ ମୋର କୁଶପୁତ୍ତଳିକା ଦାହ କରିଛନ୍ତି। ମେଡିକାଲ କଲେଜ ପ୍ରତିଷ୍ଠା ଦାବିଠାରୁ ଦୂରେଇ ରହି ବ୍ୟକ୍ତିଗତ ସ୍ତରକୁ ଆସି କଂଗ୍ରେସ ମୋତେ ବଦ୍‌ନାମ କରିବା ପାଇଁ ହୀନ ରାଜନୀତି କରୁଛି। ସେ ସବୁବେଳେ ଭଦ୍ରକର ବିକାଶ ପାଇଁ ଚେଷ୍ଟା କରି ଆସୁଛନ୍ତି ବୋଲି କହିଛନ୍ତି।

# ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦର ୮ ନୂଆ ସଦସ୍ୟ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ବୈଠକ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ୮ଜଣଙ୍କୁ ଏକାଡେମୀର ସାଧାରଣ ପରିଷଦର ନୂତନ ସଦସ୍ୟମାନେ ମନୋନୀତ କରାଯାଇଛି। ସେମାନେ ହେଲେ ପୂର୍ଣ୍ଣଚନ୍ଦ୍ର ବହଳୀ, ଚନ୍ଦ୍ରଶେଖର ହୋତା, ଡ. ନୃସିଂହ ଚରଣ ଷଡ଼ଙ୍ଗୀ, ଡ. ସୁନୀତି ମୁଣ୍ଡ, ଅତୁଲ ବଳ, ରାଜୀବ ପାଣି, ଡ. ଶରତ କୁମାର ଜେନା ଓ ସୁରେଶ କୁମାର ନାୟକ। ଏକାଡେମୀ ସଚିବ ଓ ସଭାପତିଙ୍କ ସମେତ ୪୮ଜଣ ପରିଷଦର ସଦସ୍ୟଙ୍କ ଉପସ୍ଥିତିରେ ସେମାନଙ୍କୁ ଚୟନ କରାଯାଇଥିଲା। ଗତ ଜୁଲାଇ ୭ରେ ଏକାଡେମୀର ସାଧାରଣ ପରିଷଦ ପୁନର୍ଗଠନ କରାଯାଇଥିବାବେଳେ ଗତ ୨୪ ତାରିଖରୁ ନୂତନ ସାଧାରଣ ପରିଷଦ କାର୍ଯ୍ୟକାରୀ ହୋଇଥିଲା। ଏବେ ୮ଜଣ ନୂଆ ସଦସ୍ୟଙ୍କୁ ପାଇବା ପରେ ଏକାଡେମୀର ସାଧାରଣ ପରିଷଦ ସମ୍ପୂର୍ଣ୍ଣ ହୋଇଛି ବୋଲି ଏକାଡେମୀ ସଚିବ ସୁଚିସ୍ମିତା ମନ୍ତ୍ରୀ ସୂଚନା ଦେଇଛନ୍ତି। ବୈଠକରେ ଏକାଡେମୀ ସଭାପତି ହରିହର ମିଶ୍ର, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।


## ଓଡ଼ିଶା ସରକାର
## ଗ୍ରାମ୍ୟ ନିର୍ମାଣ ବିଭାଜନ - ୧, ଯାଜପୁରଙ୍କ କାର୍ଯ୍ୟାଳୟ
### ବିଜ୍ଞାପନ

**No. XXIV-28:-** ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ ଯାଜପୁର ଅଧୀନରେ ଯାଜପୁର ବ୍ଲକର ବଳରାମପୁର, ନାମଟିକିରି ଓ ମତାବାଦ ଗ୍ରାମର ନିମ୍ନଲିଖିତ ପ୍ଲଟର ବୁଢ଼ାନଦୀ ସେତୁର ଉଭୟ ପଟ ସଂଯୋଗ ରାସ୍ତା ନିମନ୍ତେ ଜମି ଅଧିଗ୍ରହଣ କରାଯିବ । ଏହି ଜମିର ହିତାଧିକାରୀମାନଙ୍କ ନାମ ଓ ଜମିର ବିବରଣୀ ସଂଲଗ୍ନ କରାଯାଇଅଛି । ଏହି ହିତାଧିକାରୀ ତାଲିକାରେ ଯଦି କାହାର କିଛି ଅଭିଯୋଗ ଅଛି ତା ଏହି ବିଭାଜନର ଉପ-ନିର୍ବାହୀ ଯନ୍ତ୍ରୀ ଯାଜପୁରଙ୍କ କାର୍ଯ୍ୟାଳୟରେ ବିଜ୍ଞାପନ ବାହାରିବାର ୭ ଦିନ ମଧ୍ୟରେ ଲିଖିତ ଆକାରରେ ଅଭିଯୋଗ ଦର୍ଶାଇଲେ ତାହା ବିଚାରଯୋଗ୍ୟ ହେବ। ନଚେତ୍ ନିମ୍ନ ଜମି ମାଲିକମାନଙ୍କୁ ଯୋଗ୍ୟ ସ୍ୱତ୍ୱାଧିକାରୀ ଭାବେ ବିବେଚନା କରାଯାଇ ତାଙ୍କର ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ତେଣୁ ପ୍ରକୃତ ଜମିମାଲିକମାନଙ୍କୁ ଅନୁରୋଧ କରାଯାଇଅଛି କି ସେମାନେ ତାଙ୍କର ନିମ୍ନଲିଖିତ ଦସ୍ତାବିଜ୍ ଉପ-ନିର୍ବାହୀ ଯନ୍ତ୍ରୀ ଯାଜପୁରଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ପରେ ପ୍ରଦାନ କଲେ ବିକ୍ରି କବଲା କରିବା ପାଇଁ ଉପନିବନ୍ଧକ ଯାଜପୁରଙ୍କ କାର୍ଯ୍ୟାଳୟରେ ଅତ୍ୟାବଶ୍ୟକ ଆୟୋଜନ କରାଯିବ ।

ବିକ୍ରି କବଲା କରିବା ପାଇଁ ନିମ୍ନଲିଖିତ ଆବଶ୍ୟକ କାଗଜପତ୍ର:-

1. CERTIFICATE OF ENCUMBRANCE ON PROPERTY (E.C.)
2. LEGAL HEIR CERTIFICATE ISSUED BY TAHASILDAR, IN CASE OF LAND OWNER IS NOT ALIVE.
3. VOTER ID CARD.
4. AADHAAR CARD.

ସ୍ୱା./- ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ - ୧, ଯାଜପୁର

ବି.ଦ୍ର.: ହିତାଧିକାରୀମାନଙ୍କ ନାମ ଏବଂ ଜମିର ବିବରଣୀ ସଂଲଗ୍ନ କରାଗଲା ।

### ଭୂମି ଅନୁସୂଚୀ

| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ଖତିଆନ ରକବା | ପ୍ରସ୍ତାବିତ ଖର୍ଦ୍ଦି ରକବା | କିସମ | ଜମି ରେକର୍ଡ଼ଧାରୀଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ମୌ: ମତାବାଦ | | | ଥାନା- ଯାଜପୁର, ନଂ.-୨୧ | | ତହସିଲ- ଯାଜପୁର; ଜିଲ୍ଲା- ଯାଜପୁର | | |
| ୧ | ୯୦ | ୨୭ | ଏ୦.୧୯୦ଡ଼ି | ଏ୦.୦୮୦ଡ଼ି | ପାଳ | ଗୁଣ୍ଡୁଚି ସାହୁ, ମୁଷେଇ ସାହୁ, ଜଟିଆ ସାହୁ, ପି: ଭରତ ସାହୁ, ହାରା ସାହୁ, ସ୍ୱା: ଭରତ ସାହୁ, ଜା: କୁମ୍ଭାର, ବା: ନିଜଗାଁ, କିସ୍ମତ ପାଞ୍ଚଅଣା ଚାରିପାହି ବା:, ପାଣୁ ସାହୁ, ପାଣ୍ଡବ ସାହୁ, ପି: ହାଡିବନ୍ଧୁ ସାହୁ, କୁଚିଳା ସାହୁ, ସ୍ୱା: ହାଡ଼ିବନ୍ଧୁ ସାହୁ, ଭୋଳି ସାହୁ, ପି: ସୁକୁଟି ସାହୁ, ପଞ୍ଚୁ ସାହୁ, ପି: ଜୟରାମ ସାହୁ, ଓଷି ସାହୁ, ସ୍ୱା: ଜୟରାମ ସାହୁ, ଜା: କୁମ୍ଭାର, ବା: ନିଜଗାଁ, ପାଞ୍ଚଅଣା ଚାରିପାହି, ବା:, କେଲୁ ସାହୁ, ନୃସିଂହ ସାହୁ, ବାବୁ ସାହୁ, ପି: ଗୋବିନ୍ଦ ସାହୁ, ଜା: କୁମ୍ଭାର, ବା: ନିଜଗାଁ, କିସ୍ମତ ପାଞ୍ଚଅଣା ଚାରିପାହି ବା: | |
| ୨ | ୯୦ | ୨୮ | ଏ୦.୧୫୦ଡ଼ି | ଏ୦.୧୦୦ଡ଼ି | ପାଳ | ଗୁଣ୍ଡୁଚି ସାହୁ, ମୁଷେଇ ସାହୁ, ଜଟିଆ ସାହୁ, ପି: ଭରତ ସାହୁ, ହାରା ସାହୁ, ସ୍ୱା: ଭରତ ସାହୁ, ଜା: କୁମ୍ଭାର, ବା: ନିଜଗାଁ, କିସ୍ମତ ପାଞ୍ଚଅଣା ଚାରିପାହି ବା:, ପାଣୁ ସାହୁ, ପାଣ୍ଡବ ସାହୁ, ପି: ହାଡିବନ୍ଧୁ ସାହୁ, କୁଚିଳା ସାହୁ, ସ୍ୱା: ହାଡ଼ିବନ୍ଧୁ ସାହୁ, ଭୋଳି ସାହୁ, ପି: ସୁକୁଟି ସାହୁ, ପଞ୍ଚୁ ସାହୁ, ପି: ଜୟରାମ ସାହୁ, ଓଷି ସାହୁ, ସ୍ୱା: ଜୟରାମ ସାହୁ, ଜା: କୁମ୍ଭାର, ବା: ନିଜଗାଁ, ପାଞ୍ଚଅଣା ଚାରିପାହି, ବା:, କେଲୁ ସାହୁ, ନୃସିଂହ ସାହୁ, ବାବୁ ସାହୁ, ପି: ଗୋବିନ୍ଦ ସାହୁ, ଜା: କୁମ୍ଭାର, ବା: ନିଜଗାଁ, କିସ୍ମତ ପାଞ୍ଚଅଣା ଚାରିପାହି ବା: | |
| ୩ | ୯୪ | ୭୨ | ଏ୦.୨୬୦ଡ଼ି | ଏ୦.୧୨୦ଡ଼ି | ପତିତ | ଗୋପାଳ ସାହୁ, ପି: ଅନନ୍ତ ସାହୁ, ଜା: ତେଲି, ବା: କୁନିନ୍ଦା | |
| ମୌ: ନାମଟିକିରି | | | ଥାନା- ଯାଜପୁର, ନଂ.-୦୭ | | ତହସିଲ- ଯାଜପୁର; ଜିଲ୍ଲା- ଯାଜପୁର | | |
| ୧ | ୩୩୭ | ୧୦୩୩ | ଏ୦.୪୮୦ଡ଼ି | ଏ୦.୦୮୦ଡ଼ି | ପତିତ | ଶଙ୍କର ମହାପାତ୍ର, ପି- ପିତାମ୍ବର ମହାପାତ୍ର, ଜା- ବ୍ରାହ୍ମଣ, ବା- ମତାବାଦ | |
| ମୌ: ବଳରାମପୁର | | | ଥାନା- ଯାଜପୁର, ନଂ.-୧୩ | | ତହସିଲ- ଯାଜପୁର; ଜିଲ୍ଲା- ଯାଜପୁର | | |
| ୧ | ୧୬୮ | ୧୭୨ | ଏ.୦.୬୬୦ଡ଼ି | ଏ୦.୧୬୦ଡ଼ି | ସାରଦ ଅଣ-ଜଳସେଚିତ -୨ | ପାଣୁ ସାହୁ, ପାଣ୍ଡବ ସାହୁ, ପି: ହାଡ଼ିବନ୍ଧୁ ସାହୁ, ଭୋଳି ସାହୁ, ପି: ଶୁକରାମ ସାହୁ, ପଞ୍ଚୁ ସାହୁ, ପି: ଜଇରାମ ସାହୁ, ଜା: କୁମ୍ଭାର, ବା: ମତାବାଦ | |
| ୨ | ୧୪୭ | ୧୭୬ | ଏ୦.୧୭୦ଡ଼ି | ଏ୦.୧୦୦ଡ଼ି | ସାରଦ ଅଣ-ଜଳସେଚିତ -୩ | ପରମାନନ୍ଦ ମହାପାତ୍ର, ସଦାନନ୍ଦ ମହାପାତ୍ର, ପୁଷ୍ପି ମିଶ୍ର, ଗୌରୀ ମହାପାତ୍ର, ପି: ରଙ୍ଗାଧର ମହାପାତ୍ର, ବୈକୁଣ୍ଠ ମହାପାତ୍ର, ପି: ରାମଚନ୍ଦ୍ର ମହାପାତ୍ର, ଘନ ମହାପାତ୍ର, ପି: କାମପାଳ ମହାପାତ୍ର, ବ୍ରଜ ମହାପାତ୍ର, ଗଣେଷ ମହାପାତ୍ର, ଶାନ୍ତି ମହାପାତ୍ର, ପି: ଗୋପାଳ ମହାପାତ୍ର, ସୁମା ମହାପାତ୍ର, ସ୍ୱା: ଗୋପାଳ ମହାପାତ୍ର, ଭାଗବତ ମହାପାତ୍ର, କୃଷ୍ଣ ମହାପାତ୍ର, ଅନନ୍ତ ମହାପାତ୍ର, ପି: ଚକ୍ରଧର ମହାପାତ୍ର, ବଟ ମହାପାତ୍ର, ବେଣୁଧର ମହାପାତ୍ର, ପି: ମୁରଲୀଧର ମହାପାତ୍ର, ଜା: ବ୍ରାହ୍ମଣ, ବା: ମତାବାଦ | |
| ୩ | ୨୩୬ | ୧୭୭ | ଏ୦.୪୬୦ଡ଼ି | ଏ୦.୧୮୦ଡ଼ି | ସାରଦ ଅଣ-ଜଳସେଚିତ -୨ | ରଘୁନାଥ ସାହୁ, ପି: ଚେମେଇ ସାହୁ, ବାବାଜି ସାହୁ, ଗୋପିନାଥ ସାହୁ, ମଧୁ ସାହୁ, ବାସନ୍ତି ସାହୁ, ପି: କାଙ୍ଗାଳି ସାହୁ, ବାୟାଣୀ ସାହୁ, ସ୍ୱା: କାଙ୍ଗାଳି ସାହୁ, ଭୀମ ସାହୁ, ଅନାମ ସାହୁ, କେଶୀ ସାହୁ, ଶଶୀ ସାହୁ, ପି: ଜାଗିରୀ ସାହୁ, ସଖିମଣୀ ସାହୁ, ସ୍ୱା: ଜାଗିରୀ ସାହୁ, ନାରଣ ସାହୁ, ବେଙ୍ଗ ସାହୁ, ବସନ୍ତ ସାହୁ, ମାଳତୀ ସାହୁ, ପି: ଗୋପାଳ ସାହୁ, ଲକ୍ଷ୍ମୀଧର ସାହୁ, ପଣ୍ଡ ସାହୁ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ବୁଢ଼ି ସାହୁ, ଗେଟି ସାହୁ, ପି: ସାଉଁଟି ସାହୁ, ବାୟାଣି ସାହୁ, ସ୍ୱା: ସାଉଁଟି ସାହୁ, ପୂର୍ଣ୍ଣ ସାହୁ, ପି: ନାବନ ସାହୁ, ଧନୀ ସାହୁ, ପି: ନବୀନ ସାହୁ, ଜା: ଶୁଣ୍ଢି, ବା: ମତାବାଦ | |
| ୪ | ୩୦୮/୨୨ | ୧୮୦/ ୧୦୮୩ | ଏ୦.୦୫୫ଡ଼ି | ଏ୦.୦୪୫ଡ଼ି | ଘରବାଡ଼ି | ପିତବାସ ବେହେରା, ପି: ହରି ବେହେରା, ଜା: କୁମ୍ଭାର, ବା: ନାମଟିକିରି | |
| ୫ | ୧୪୮ | ୧୮୧ | ଏ.୦.୦୫୫ଡ଼ି | ଏ୦.୦୫୫ଡ଼ି | ସାରଦ ଅଣ-ଜଳସେଚିତ -୩ | ପରମାନନ୍ଦ ମହାପାତ୍ର, ସଦାନନ୍ଦ ମହାପାତ୍ର, ପୁଷ୍ପି ମିଶ୍ର, ଗୌରୀ ମହାପାତ୍ର, ପି: ରଙ୍ଗାଧର ମହାପାତ୍ର, ବୈକୁଣ୍ଠ ମହାପାତ୍ର, ପି: ରାମଚନ୍ଦ୍ର ମହାପାତ୍ର, ଘନ ମହାପାତ୍ର, ପି: କାମପାଳ ମହାପାତ୍ର, ବ୍ରଜ ମହାପାତ୍ର, ଗଣେଷ ମହାପାତ୍ର, ଶାନ୍ତି ମିଶ୍ର, ପି: ଗୋପାଳ ମହାପାତ୍ର, ସୁମା ମହାପାତ୍ର, ସ୍ୱା: ଗୋପାଳ ମହାପାତ୍ର, ଭାଗବତ ମହାପାତ୍ର, କୃଷ୍ଣ ମହାପାତ୍ର, ଅନନ୍ତ ମହାପାତ୍ର, ପି: ଚକ୍ରଧର ମହାପାତ୍ର, ବଟ ମହାପାତ୍ର, ବେଣୁଧର ମହାପାତ୍ର, ପି: ମୁରଲୀଧର ମହାପାତ୍ର, ଜା: ବ୍ରାହ୍ମଣ, ବା: କୁନିନ୍ଦା | |
| ୬ | ୩୦୮/୨୨ | ୧୮୧/ ୧୦୮୪ | ଏ୦.୦୫୫ଡ଼ି | ଏ୦.୦୫୫ଡ଼ି | ଘରବାଡ଼ି | ପିତବାସ ବେହେରା, ପି: ହରି ବେହେରା, ଜା: କୁମ୍ଭାର, ବା: ନାମଟିକିରି | |
| ୭ | ୨୯୫ | ୧୮୨ | ଏ୦.୧୭୦ଡ଼ି | ଏ୦.୦୨୦ଡ଼ି | ସାରଦ ଅଣ-ଜଳସେଚିତ -୨ | ସ୍ନେହଲତା ମିଶ୍ର, ସ୍ୱା: ନାରାୟଣ ମିଶ୍ର, ଜା: ବ୍ରାହ୍ମଣ, ବା: ମତାବାଦ | |
| ୮ | ୧୮୬ | ୧୮୫ | ଏ୦.୦୧୦ଡ଼ି | ଏ୦.୦୧୦ଡ଼ି | ସାରଦ ଅଣ-ଜଳସେଚିତ -୩ | ବାଟୁ ବେହେରା, ହରି ବେହେରା, ପି: କହ୍ନେଇ ବେହେରା, ଚାଇଁ ବେହେରା, ରାଧାଶ୍ୟାମ ବେହେରା, ପି: ବଳି ବେହେରା, ଜଗନ୍ନାଥ ବେହେରା, ମହେଶ୍ୱର ବେହେରା, କାର୍ତ୍ତିକ ବେହେରା, ପି: ଝାଟୁ ବେହେରା, ଭାସ୍କର ବେହେରା, ନିଳମଣି ବେହେରା, କୁଳମଣି ବେହେରା, ପି: ଭଗବାନ ବେହେରା, କୃଷ୍ଣ ବେହେରା, ବିଷ୍ଣୁ ବେହେରା, ସୁରେନ୍ଦ୍ର ବେହେରା, ପି: ବାସୁ ବେହେରା, ଜା: ଗୋପାଳ, ବା: ମତାବାଦ | |
| ୯ | ୧୮୬ | ୧୮୬ | ଏ୦.୦୬୦ଡ଼ି | ଏ୦.୦୬୦ଡ଼ି | ଜଳାଶୟ-୨ | ବାଟୁ ବେହେରା, ହରି ବେହେରା, ପି: କହ୍ନେଇ ବେହେରା, ଚାଇଁ ବେହେରା, ରାଧାଶ୍ୟାମ ବେହେରା, ପି: ବଳି ବେହେରା, ଜଗନ୍ନାଥ ବେହେରା, ମହେଶ୍ୱର ବେହେରା, କାର୍ତ୍ତିକ ବେହେରା, ପି: ଝାଟୁ ବେହେରା, ଭାସ୍କର ବେହେରା, ନିଳମଣି ବେହେରା, କୁଳମଣି ବେହେରା, ପି: ଭଗବାନ ବେହେରା, କୃଷ୍ଣ ବେହେରା, ବିଷ୍ଣୁ ବେହେରା, ସୁରେନ୍ଦ୍ର ବେହେରା, ପି: ବାସୁ ବେହେରା, ଜା: ଗୋପାଳ, ବା: ମତାବାଦ | |
| ୧୦ | ୨୨୫ | ୧୮୭ | ଏ୦.୦୩୦ଡ଼ି | ଏ୦.୦୩୦ଡ଼ି | ଜଳାଶୟ-୨ | ମହେଶ୍ୱର ଦଳେଇ, କିସ୍ମତ ବାର ଅଣା, ଜୟରାମ ଦଳେଇ କିସ୍ମତ ଚାରିଅଣା, ପି: ଯୋଗେନ୍ଦ୍ର ଦଳେଇ, ଜା: ବାଘୁତି, ବା: ମତାବାଦ | |
| ୧୧ | ୫୧ | ୨୩୨/ ୧୦୩୨ | ଏ୦.୧୫୦ଡ଼ି | ଏ୦.୦୯୦ଡ଼ି | ସାରଦ ଅଣ-ଜଳସେଚିତ -୨ | କୃଷ୍ଣଚନ୍ଦ୍ର ସାହୁ, ପି: ଶୁକୁଟି ସାହୁ, ଜା: ତେଲି, ବା: ଭଗତପୁର | |

OIPR-25047/14/0010/2021

ସ୍ୱା./- ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ-୧, ଯାଜପୁର



**OFFICE OF THE NOTIFIED AREA COUNCIL, KASHINAGAR, GAJAPATI**
Ph & Fax No. 06815-284215, e-Mail: kasinagarn.hud@nic.in
Letter No. 2808/NAC **QUOTATION CALL NOTICE** Date: 09.12.2020

Sealed quotations are invited from the intending reputed Supplier/Dealers/Firm for supply of the Sanitary materials upto 31.03.2022. The quotation paper will be received in the Office of the NAC, kashinagar, during the office hour in all working days upto 21.12.2020 till 05.30 P.M. from the date of publication by depositing Rs.500/- towards the paper cost. The quotation received after due date shall not be entertained. The quotation will be opened on Dt.22.12.2020 at 11.00 A.M. in presence of quotationer or their authorized agent. They should deposit the EMD of Rs.5,000/- in shape of Bank Draft/Bankers Cheque in favour of Executive Officer, NAC, Kashinagar along with their quotations. Quotations without valid documents are liable for rejection. The authority reserves right to accept or reject any or all the tender without assigning any reason thereof.

Sd./- Executive Officer, NAC, Kashinagar



## ସାର୍ବଜନୀନ ସ୍ୱାସ୍ଥ୍ୟସେବା ସଚେତନତା ଦିବସ

୧୨ ଡିସେମ୍ବର ୨୦୨୦ DSPL-126

**ପ୍ରତିଷେଧକ, ପ୍ରତିବର୍ଦ୍ଧକ ଏବଂ ପ୍ରତିକାରାତ୍ମକ ପ୍ରାଥମିକ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ, ସବୁ ସମୟରେ, ସବୁଠାରେ ଓ ସହଜରେ ଉପଲବ୍ଧ କରାଇବା**

ପ୍ରତିବର୍ଷ ପରି ଚଳିତ ବର୍ଷ ଡ଼ିସେମ୍ବର ୧୨ ତାରିଖରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ସଚେତନତା ଦିବସ ପାଳନ କରାଯାଉଛି । ୨୦୩୦ ମସିହା ସୁଦ୍ଧା ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କ ପାଇଁ ସବୁ ସମୟରେ ଯେପରି ପ୍ରାଥମିକ ସ୍ୱାସ୍ଥ୍ୟସେବା ଉପଲବ୍ଧ ହୋଇପାରିବ, ସେଥିପାଇଁ ବ୍ୟାପକ ଜନ ସଚେତନତା ଜାଗରଣ ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ବିଶେଷକରି କରୋନା ମହାମାରୀ ସମୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅଧିକ ଗୁରୁତ୍ୱ ବହନ କରୁଅଛି ।

**ଏହି ଦିବସର ଆହ୍ୱାନ :**

- ✔ ଜାତି, ଧର୍ମ, ଲିଙ୍ଗ ଓ ଗୋଷ୍ଠୀ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ।
- ✔ ସମସ୍ତଙ୍କୁ ସମତା ଧର୍ମୀ (Equitable) ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ।
- ✔ ବିଜ୍ଞାନ ସମ୍ମତ ଓ ଅଧୁନାତନ ସ୍ୱାସ୍ଥ୍ୟସେବା କୌଶଳ ଆପଣେଇବା ।
- ✔ ସମସ୍ତ ନାଗରିକ, ଗୋଷ୍ଠୀ, ସଂଗଠନ ଓ ଘରୋଇ କ୍ଷେତ୍ରମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଜନା ତଥା କାର୍ଯ୍ୟାନ୍ୱୟନରେ ସାମିଲ୍ କରିବା ।
- ✔ ପ୍ରତ୍ୟେକ ବିଭାଗ ଓ ଅନୁଷ୍ଠାନ ମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଓ ସହଭାଗୀତାକୁ ଦୃଢ଼ୀଭୂତ କରିବା ।

**ପ୍ରତ୍ୟେକ ସ୍ତରରେ ଏକାଠି ହୋଇ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ କ୍ରିୟାଶୀଳ ଓ ପ୍ରଭାବଶାଳୀ କରିବା ।**

 କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ପାଳନ କରନ୍ତୁ






**ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା**

OIPR-10003/13/0043/2021

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

**ବରିଷ୍ଠ ନାଗରିକଙ୍କୁ ଆକ୍ରମଣ**

ବ୍ରହ୍ମପୁର ଅଫିସ-ସଦର ଥାନା ଅନ୍ତର୍ଗତ ଲୋଚାପଡ଼ା ରାମକୃଷ୍ଣନଗର ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକ ସୁବାସ ଚନ୍ଦ୍ର ସାହୁଙ୍କୁ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିବା ସହ ତାଙ୍କ ୱେଲ୍ଡିଂ ଦୋକାନରେ ପଶି ଭଙ୍ଗାରୁଜା କରିଛନ୍ତି। ଏ ନେଇ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୭୧/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା କହିଛି। ଅନ୍ୟପଟେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନଥିବାରୁ ଜୀବନ ପ୍ରତି ବିପଦ ରହିଥିବା ସୁବାସ କହିଛନ୍ତି।

## ସଂକ୍ଷେପରେ

### ବେଳାଭୂମି କାର୍ଯ୍ୟ ତଦାରଖ କଲେ ଜିଲାପାଳ

ବ୍ରହ୍ମପୁର ଅଫିସ,୧୧।୧୨- ଗୋପାଳପୁର ବେଳାଭୂମିକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ବିଭିନ୍ନ କାର୍ଯ୍ୟ ଚାଲିଛି। ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ମାନ୍ୟତା ମିଳିବା ପରେ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଲାଗି ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି। ଗୁରୁବାର ରାତିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଚାନକ ଗସ୍ତ କରି ଉକ୍ତ କାର୍ଯ୍ୟର ତଦାରଖ କରିବା ସହ ଶୀଘ୍ର ସାରିବାକୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବେଳାଭୂମି ସମ୍ମୁଖରେ ଗାଡ଼ି ପାର୍କିଂ ନ କରିବାକୁ କହିଥିଲେ। ଗୋପାଳପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମାଶଙ୍କର ସେଠୀଙ୍କ ସହ ବିଡିଏ ସଚିବ ସମ୍ବିତ ରାଉତ ଉପସ୍ଥିତ ଥିଲେ।

### ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର,୧୧।୧୨(ଡି.ଏନ୍.ଏ.)- ଗଞ୍ଜାମ ଜିଲାରେ ନୂତନ ସମାଜ ମଙ୍ଗଳ ଅଧିକାରୀ ଭାବେ ସୁରେଖା ସୁନ୍ଦରୀ ମଲ୍ଲିକ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଦାୟିତ୍ୱ ଗ୍ରହଣ ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ନୂଆ ସମାଜ ମଙ୍ଗଳ ଅଧିକାରୀ ନିଜ ଦାୟିତ୍ୱକୁ ଠିକ୍ ଭାବେ ସମ୍ପାଦନ କରିବେ ବୋଲି କହିବା ସହ ଜିଲାର ଏହି ବିଭାଗ ଅଧୀନରେ ଚାଲୁଥିବା କାର୍ଯ୍ୟରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଗଣମାଧ୍ୟମକୁ କହିଛନ୍ତି।

### ସ୍ୱଚ୍ଛତା ଉପରେ ପିଡିଙ୍କ ଗୁରୁତ୍ୱ

ଛତ୍ରପୁର,୧୧।୧୨(ଡି.ଏନ୍.ଏ.)- ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ତଥା ଏନ୍ଏସି ପ୍ରଶାସନିକ ଅଧିକାରୀ ସିନ୍ଧେ ଦତାତ୍ରେୟ ଭାଉସାହେବ ଛତ୍ରପୁର ସହରରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇଛନ୍ତି। ଶୁକ୍ରବାର ସେ ଛତ୍ରପୁର ହସ୍ପିଟାଲ ସମ୍ମୁଖରେ ଥିବା ଶୌଚାଳୟ ବୁଲି ଦେଖିଥିଲେ। ତାହା ସଫା ନ ଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ସଫା ରଖିବାକୁ ତାଗିଦ୍ କରିଥିଲେ। ଏଥିସହ ଶୌଚାଳୟ ସମ୍ମୁଖରେ ଥିବା ଏକ ଉଠା ଦୋକାନ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏନଏସିରେ ଅନ୍ୟ ୩ଟି ଶୌଚାଳୟ ପରିଦର୍ଶନ କରିଥିଲେ। ଛତ୍ରପୁରର ବଡ ଷ୍ଟେଶନ ଓ ରିକାପଲ୍ଲୀ ନିକଟରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପକୁ ମଧ ପିଡି ବୁଲି ଦେଖିଥିଲେ ପିଡିଙ୍କ ପରିଦର୍ଶନ ବେଳେ ଏନଏସି ନିର୍ବାହୀ ଅଧିକାରୀ ଏନ୍ ଗଣେଶ ବାବୁ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଥାନାରେ ଖତ ଖାଉଛି ଜବତ ଗାଡ଼ି

ବ୍ରହ୍ମପୁର ଅଫିସ,୧୧।୧୨



ଥାନାରେ ଖତ ଖାଉଛି ଜବତ ଗାଡ଼ି।

ଜବତ ହେଉଥିବା ଗାଡ଼ିରେ ଭର୍ତ୍ତି ହେଲାଣି ଥାନା କ୍ୟାମ୍ପସ। ଦୀର୍ଘବର୍ଷ ଧରି ପଡି ରହିଥିବା ଗାଡିଗୁଡିକ ନଷ୍ଟ ହେବାକୁ ବସିଲାଣି। ଆଗରୁ ଥାନାରେ ସିଜ୍ ହୋଇ ରହିଥିବା ଜିନିଷ ଓ ଗାଡିଗୁଡିକ ନିଲାମ ହେଉଥିଲା। ଫଳରେ କ୍ୟାମ୍ପସରେ ଏଗୁଡ଼ାକ ଦୀର୍ଘଦିନ ଧରି ପଡି ରହୁ ନ ଥିଲା। କିନ୍ତୁ ୨୦୦୯ରେ ଆଇନରେ ପରିବର୍ତ୍ତନ କରାଯାଇ ଏହି ଜବତ ଗାଡିଗୁଡିକ ଥାନାରୁ ବାହାର କରିବା ପାଇଁ ଆବଶ୍ୟକ କାଗଜପତ୍ର ଏବଂ ଏ ସଂକ୍ରାନ୍ତୀୟ କେସ୍ ସମାଧାନ ନ ହେବା ଯାଏ ତାହା ଥାନାରେ ପଡି ରହୁଛି। ସେପଟେ କୋର୍ଟରେ କେସ୍ ସମାଧାନ ହେବା ବେଳକୁ ଗାଡିଗୁଡିକ ଖରା ବର୍ଷା ଖାଇ ନଷ୍ଟ ହୋଇଯାଉଛି। ୫ବର୍ଷ ମଧ୍ୟରେ ଗଞ୍ଜାମ ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ଥାନା ସମେତ ବ୍ରହ୍ମପୁର ସହର ଟାଉନ ଥାନା, ବୈଦ୍ୟନାଥପୁର ଥାନା, ଗୋଷାଣୀନୂଆଗାଁ ଥାନା ଓ ବଡବଜାର ଥାନାଗୁଡିକରେ ଏହି ଜବତ ଗାଡି ସଂଖ୍ୟା ବୃଦ୍ଧି ପାଉଛି। ସେହିପରି ଅବକାରୀ କାର୍ଯ୍ୟାଳୟ ପରିସରରେ ମଧ ଜବତ ଗାଡି ସଂଖ୍ୟା ବୃଦ୍ଧି ପାଉଛି। ବିଶେଷ କରି ଚୋରି, ଡକାୟତି, ଗଞ୍ଜେଇ ଚୋରଚାଲାଣ ଓ ଲୁଟ ମାମଲାରେ ବ୍ୟବହୃତ ବହୁତ ନମ୍ବର ବିହୀନ ବାଇକ୍ ରହିଛି। ଏଣୁ ଲୁଟେରା ଓ ଗଞ୍ଜେଇ ମାଫିଆମାନେ କୋର୍ଟ କଚେରି ଧନ୍ଦାରେ ନ ପଶି ଅନ୍ୟତ୍ର ଗାଡି ଚୋରି କରି ବ୍ୟବହାର କରୁଛନ୍ତି। ବିଭିନ୍ନ ସମୟରେ ଗଞ୍ଜେଇ ଚୋରା ଚାଲାଣ, ଚୋରି ଓ ଲୁଟ୍ ଘଟଣାରେ ବ୍ୟବହୃତ ଗାଡିଗୁଡିକୁ ନେବାକୁ ଲୁଟେରାମାନେ ପସନ୍ଦ କରୁନାହାନ୍ତି। ଏହି ସବୁ ଜବତ ଗାଡି ବର୍ଷ ବର୍ଷ ଧରି ଥାନା ପରିସରରେ ପଡିରହୁଛି। ଫଳରେ ଅଳିଆ ଆବର୍ଜନା ଜମା ହୋଇ ରହିବା ସହ ଅପରିଷ୍କାର ହେଉଛି।

ଏନେଇ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର କୁହନ୍ତି, ଯାଞ୍ଚ ବେଳେ ଯେଉଁସବୁ ଗାଡି ପୋଲିସ ଧରୁଛି ସେତେବେଳେ ଆବଶ୍ୟକ କାଗଜପତ୍ର ଦାଖଲ କରି ମାଲିକ ଗାଡି ନେଇଯାଉଛନ୍ତି। ବେଆଇନ ଭାବେ ଗଞ୍ଜେଇ ଚାଲାଣ ଓ ଲୁଟ୍‌ରେ ବ୍ୟବହାର ଗାଡିଗୁଡିକ ପୋଲିସ ସିଜ୍ କରୁଛି। ସେଗୁଡିକ ରିଲିଜ ପାଇଁ କୋର୍ଟ ଅନୁମତିର ଆବଶ୍ୟକତା ରହିଛି। ଏବେ କେବଳ ସେହି ଜବତ ଗାଡିଗୁଡିକ ରିଲିଜ ନ ହୋଇ ଥାନାରେ ପଡି ରହିଛି। ପୋଲିସ ଯଥା ସମ୍ଭବ ସେ ସବୁ ଜବତ ଗାଡିକୁ ରଖୁଛି। ଥାନା ପରିସର ଯଥା ସମ୍ଭବ ପରିଷ୍କାର ରଖିବାକୁ ପୋଲିସ ପ୍ରୟାସ ଜାରି ରଖିଛି ବୋଲି ସେ କହିଛନ୍ତି।

# ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ମହାରାଷ୍ଟ୍ର କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର ଅଫିସ,୧୧।୧୨

**ମାଇକ୍ରୋ ଫାଇନାନ୍ସ ଠକେଇ ମାମଲା**



ମହାରାଷ୍ଟ୍ରର ଚାଲିଶ୍‌ଗାଁଓରେ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଜମାକାରୀଙ୍କ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିଲା। ଏହି ମାମଲାରେ ମହାରାଷ୍ଟ୍ର କ୍ରାଇମବ୍ରାଞ୍ଚ ଟିମ୍ ଗୁରୁବାର ବ୍ରହ୍ମପୁର ସଦର ଥାନା ଇଲାକାକୁ ଆସି ରାମଚନ୍ଦ୍ରପୁରର ପର୍ଶୁରାମ ରାଓ୍ୱଡ଼ାଙ୍କୁ ଗିରଫ କରିଥିଲା। ଶୁକ୍ରବାର ସ୍ଥାନୀୟ ଏସଡିଜେଏମ୍‌ଙ୍କ କୋର୍ଟରେ ମହାରାଷ୍ଟ୍ର କ୍ରାଇମବ୍ରାଞ୍ଚ ପର୍ଶୁରାମଙ୍କୁ ହାଜର କରି ରିମାଣ୍ଡରେ ନେବା ପାଇଁ ଅନୁରୋଧ କରିଥିଲା। ଏସ୍‌ଡିଜେଏମ୍ ଜିତେନ୍ଦ୍ରିୟ ପାଣିଗ୍ରାହୀ ଅଭିଯୁକ୍ତଙ୍କୁ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ମହାରାଷ୍ଟ୍ର ନେବାକୁ ଅନୁମତି ଦେଇଛନ୍ତି। ମାଇକ୍ରୋ ଫାଇନାନ୍ସ ଠକେଇ ମାମଲାରେ ଗଞ୍ଜାମ ଜିଲାର ୩ ଜଣ ସାମିଲ ଥିଲେ। ସେଥିମଧ୍ୟରୁ ଜଣଙ୍କ ମୃତ୍ୟୁ ବେଳେ କ୍ରାଇମବ୍ରାଞ୍ଚ ଟିମ୍ ପର୍ଶୁରାମଙ୍କୁ କାବୁ କରିଥିଲା। ଅନ୍ୟ ଅଭିଯୁକ୍ତ ଭଞ୍ଜନଗରରେ ରହୁଥିବା ପ୍ରଭାତ ପଣ୍ଡା କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚିବା ପୂର୍ବରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

୨୦୧୪ରେ ମହାରାଷ୍ଟ୍ର ଚାଲିଶଗାଁଓ ସିଟି ପୋଲିସ ଷ୍ଟେଶନରେ ଜମାକାରୀଙ୍କ ଟଙ୍କା ଠକେଇ ନେଇ ନଂ.୪୦୦/୧୪ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାର ତଦନ୍ତ ସିବିସିଆଇଡି ହାତକୁ ଯାଇଥିଲା। ସଂସ୍ଥାରେ କାମ କରୁଥିବା ଏଜେଣ୍ଟ ଗଞ୍ଜାମ ଜିଲାରେ ଲୁଚି ରହିଥିବା ଜଣାପଡ଼ିବାରେ ମହାରାଷ୍ଟ୍ର ସିବିସିଆଇଡିର ଡିଏସ୍‌ପି ଡି.ଭୋଗେଙ୍କ ନେତୃତ୍ୱରେ ୬ଜଣିଆ ଟିମ୍ ବ୍ରହ୍ମପୁର ଆସି ଖୋଳତାଡ଼ ଆରମ୍ଭ କରିଥିଲା। ବୁଧବାର ଏହି ଟିମ୍ ବ୍ରହ୍ମପୁର ଏସ୍‌ପିଙ୍କ ସହିତ ସାକ୍ଷାତ କରି ବିଭିନ୍ନ ଦିଗ ଉପରେ ତଥ୍ୟ ସଂଗ୍ରହ କରିଥିଲା। ଗୁରୁବାର ଉକ୍ତ ଟିମ୍ ପର୍ଶୁରାମଙ୍କୁ ଉଠାଇଥିଲା। ସେ ୪ବର୍ଷ ହେଲା ମହାରାଷ୍ଟ୍ର ଛାଡ଼ି ଓଡ଼ିଶା ଚାଲି ଆସି ଦିଗପହଣ୍ଡି ଅଞ୍ଚଳର ଏକ ମଦ ଭାଟିରେ କାମ କରୁଥିଲେ।

# ୧୪ରେ ଆନ୍ଦୋଳନକୁ ସମର୍ଥନ କରିବ କଂଗ୍ରେସ




ବାପୁଜୀ ଆଶ୍ରମ ପରିସରରେ ଖବରଦାତା ସମ୍ମିଳନୀ।

ବ୍ରହ୍ମପୁର ଅଫିସ,୧୧।୧୨

**କୃଷି ଆଇନ ପ୍ରତ୍ୟାହାର ଦାବି**

କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ଦେଶବ୍ୟାପୀ କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଆନ୍ଦୋଳନକୁ ଗଞ୍ଜାମ ଜିଲା କିଷାନ କଂଗ୍ରେସ, ଜିଲା କଂଗ୍ରେସ ଓ ଅଖିଳ ଭାରତ କିଶାନ୍ ସଂଘର୍ଷ ସମନ୍ୱୟ ସମିତି ସମର୍ଥନ କରିବ। ଶୁକ୍ରବାର ବାପୁଜୀ ଆଶ୍ରମ ପରିସରରେ ଜିଲା କିଷାନ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ରାଜ୍ୟ କୃଷକ ସେଲ୍ ସଭାପତି ଅମୀୟ ପଟ୍ଟନାୟକ ଯୋଗ ଦେଇ କହିଥିଲେ, କେନ୍ଦ୍ର ସରକାର କୃଷକମାନଙ୍କ ପ୍ରତି ଅବିଚାର କରିଛନ୍ତି। ଏକତରଫା ଭାବେ ନିଷ୍ପତ୍ତି ନେଇଛନ୍ତି। ୩ ନୂଆ କୃଷି ଆଇନ୍‌କୁ ପ୍ରତ୍ୟାହାର ଦାବିରେ କୃଷକମାନଙ୍କ ଆନ୍ଦୋଳନ ୧୬ ଦିନରେ ପହଞ୍ଚିଥିଲେ ସୁଦ୍ଧା ସରକାର କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେଣୁ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ପଟ୍ଟନାୟକ କହିଥିଲେ। ୧୪ ତାରିଖ ଆନ୍ଦୋଳନକୁ କିଷାନ୍ କଂଗ୍ରେସ ସମର୍ଥନ କରିଛି। ଉକ୍ତ ଦିନ ସଙ୍ଗଠନ ପକ୍ଷରୁ ଜିଲାର ୨୨ ବ୍ଲକ ସମେତ ଏନ୍ଏସି ଓ ମ୍ୟୁନିସିପାଲିଟିରେ କୃଷି ଆଇନକୁ ବିରୋଧ କରାଯିବ ବୋଲି କଂଗ୍ରେସ କହିଛି। ଖବରଦାତା ସମ୍ମିଳନୀରେ କୃଷକ ସେଲ୍‌ର ରାଜ୍ୟ ଉପସଭାପତି ସୁବାଷ ରାଉତ, ସଂପାଦକ ପଦ୍ମଚରଣ ସାହୁ, ଯୁଗ୍ମ ସମ୍ପାଦକ ସାଇ ପ୍ରସାଦ ପାତ୍ର, ଗଞ୍ଜାମ ଜିଲା କୃଷକ ସେଲ୍ ସଭାପତି ବୃନ୍ଦାବନ ଖଟେଇ, ଜିଲା କଂଗ୍ରେସ ସେବା ଦଳ ସଭାପତି କିଶୋର କାପୁରଙ୍କ ସମେତ କଂଗ୍ରେସ କର୍ମୀ ଶିବରାମ ପାତ୍ର, ଯୁବ ଓ ଛାତ୍ର ନେତା ଉପସ୍ଥିତ ଥିଲେ।

ସେହିପରି ଅଖିଳ ଭାରତ କିଶାନ୍ ସଂଘର୍ଷ ସମନ୍ୱୟ ସମିତି ମଧ କୃଷି ଆଇନ ପ୍ରତ୍ୟାହାର ଦାବି ନେଇ ଆନ୍ଦୋଳନ କରିବେ ବୋଲି ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଶନିବାର ସଂଘ ପକ୍ଷରୁ ଜିଲାର ବିଭିନ୍ନ ଟୋଲ୍ ପ୍ଲାଜା ଓ ରିଲାଏନ୍ସର ସପିଙ୍ଗ୍ ମଲ୍‌ଗୁଡ଼ିକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ୧୪ରେ ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସଂଘ ପ୍ରକାଶ କରିଛି। ଖବରଦାତା ସମ୍ମିଳନୀରେ ଏଆଇକେଏମ୍ଏସ୍‌ର ପ୍ରତାପ କୁମାର ନାୟକ, ଓଡ଼ିଶା କୃଷକ ସଭାର ପି.ହରିକୃଷ୍ଣ ରେଡ୍ଡି ଓ ଏଆଇକେଏସ୍‌ର ନୀଳକଣ୍ଠ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ବଖରା ଜଳିଗଲା

ଧରାକୋଟ,୧୧।୧୨(ଡି.ଏନ.ଏ.)

ଧରାକୋଟ ବ୍ଲକ ବାହାରପୁର ଗ୍ରାମପଞ୍ଚାୟତ ଡାକିବଜାର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଶୁକ୍ରବାର ଭୋର୍‌ରେ ୫ ପରିବାରର ୬ ବଖରା ଜଳିଯାଇଛି। କ୍ଷତିଗ୍ରସ୍ତମାନେ ହେଲେ ବିଜୟ କୁମାର ବାଡ଼ତ୍ୟା, କୃଷ୍ଣଚନ୍ଦ୍ର ସାହୁ, ବିଜୟ କୁମାର ପାଢ଼ୀ, ଟିଁଟି ପାଢ଼ୀ, ଦ୍ୱିତୀକୃଷ୍ଣ ପାଢ଼ୀ। ଭୋର୍ ୩ଟାରେ ଘଟଣା କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଧରାକୋଟ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଅଧିକ ପରିବାର କ୍ଷତିଗ୍ରସ୍ତ ହେବାରୁ ବର୍ତ୍ତି ଯାଇଥିଲେ। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ରାଜସ୍ୱ ବିଭାଗ ତରଫରୁ ଆକଳନ କରାଯାଇ କ୍ଷତିପୂରଣ ଦେବା ପାଇଁ ସଙ୍ଗକ ତଥା ବିଜୁ ଛାତ୍ର ଜନତା ବ୍ଲକ ସଭାପତି ମାନସ ରଞ୍ଜନ ଜେନା ଦାବି କରିଛନ୍ତି।

# ସଫା ଆଳରେ ସୁନା ଅଳଙ୍କାର ଲୁଟ୍

ଜଗନ୍ନାଥପ୍ରସାଦ, ୧୧।୧୨(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ଥାନା ଜିରାବାଡି ଗ୍ରାମରୁ ଦୁଇ ମହିଳାଙ୍କଠାରୁ ଶୁକ୍ରବାର ସୁନାଗହଣା ଲୁଟ ହୋଇଛି। ଅପରାହ୍ନରେ ୨ ଦୁର୍ବୃତ୍ତ ଜିରାବାଡ଼ିର ପୁଷ୍ପାଞ୍ଜଳି ଦାଶ ଓ ବିଷ୍ଣୁପ୍ରିୟା ଦାଶଙ୍କ ଘରେ ପହଞ୍ଚି ନିଜକୁ ସୁନାରୁପା କାରିଗର ପରିଚୟ ଦେଇ ଅଳଙ୍କାର ସଫା କରୁଥିବା କହିଥିଲେ। ତାଙ୍କ କଥାକୁ ବିଶ୍ୱାସ କରି ପୁଷ୍ପାଞ୍ଜଳି ପ୍ରଥମେ ନିଜ ପାଉଁଜି ସଫା କରାଇଥିଲେ। ପରେ ସେ ଗୋଟିଏ ମଙ୍ଗଳ ସୂତ୍ର ଏବଂ ତଙ୍କୁ ଦେଖି ପଡ଼ୋଶୀ ବିଷ୍ଣୁପ୍ରିୟା ମଧ ନିଜର ମଙ୍ଗଳ ସୂତ୍ର ସଫା କରିବା ପାଇଁ ଦେଇଥିଲେ। ଏହାକୁ ସଫା କରିବା ପରେ ସେମାନେ ଆଣିଥିବା ଦୁଇଟି ଜରି ବ୍ୟାଗରେ ମହିଳାମାନଙ୍କୁ ଦେଇ ଅଧ ଘଣ୍ଟାଏ ପରେ ଖୋଲିବା ପାଇଁ କହି ପାରିଶ୍ରମିକ ନେଇ ଏକ ବାଇକ୍‌ରେ ଚମ୍ପଟ ମାରିଥିଲେ। ଅଧଘଣ୍ଟା ପରେ ବିଷ୍ଣୁପ୍ରିୟା ଓ ପୁଷ୍ପାଞ୍ଜଳି ପ୍ୟାକେଟ ଖୋଲି ଦେଖିବାରୁ ସେଥିରେ ସୁନା ନ ଥିବା ଜାଣିବାକୁ ପାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନବିନ କରିଥିଲା। ଦୁଇଟି ଯାକ ମଙ୍ଗଳ ସୂତ୍ରର ଓଜନ ପ୍ରାୟ ୩୦ ଗ୍ରାମ ହେବ ବୋଲି ମହିଳାଦ୍ୱୟ କହିଛନ୍ତି।

# ସ୍ୱଚ୍ଛ ସର୍ବେକ୍ଷଣ ଦୌଡ଼ରେ ବ୍ରହ୍ମପୁର

ବ୍ରହ୍ମପୁର ଅଫିସ,୧୧।୧୨

**ସ୍ୱଚ୍ଛ, ଶ୍ରେଷ୍ଠ ଓ ସ୍ମାର୍ଟ ବ୍ରହ୍ମପୁର ଲୋଗୋ ଉନ୍ମୋଚିତ**

ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ରେ ବ୍ରହ୍ମପୁର ସହରକୁ ଶ୍ରେଷ୍ଠ କରିବା ଲକ୍ଷ୍ୟ ନେଇ ମହାନଗର ନିଗମ ପକ୍ଷରୁ ପ୍ରୟାସ ଜାରି ରହିଛି। ଶୁକ୍ରବାର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଏ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିକ୍ରମ କୁମାର ପଣ୍ଡା, ଏମ୍‌ପି ଚନ୍ଦ୍ର ଶେଖର ସାହୁ ଏବଂ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାର ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ବ୍ରହ୍ମପୁର ସହରକୁ ସ୍ୱଚ୍ଛ ସର୍ବେକ୍ଷଣରେ ଶ୍ରେଷ୍ଠ କରିବା ଦିଗରେ ସହରବାସୀଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ସ୍ୱଚ୍ଛ ବ୍ରହ୍ମପୁର, ଶ୍ରେଷ୍ଠ ବ୍ରହ୍ମପୁର ଓ ସ୍ମାର୍ଟ ବ୍ରହ୍ମପୁର ଲୋଗୋ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଏକ ନାମକ ନାଟକ ପରିବେଷଣ କରାଯାଇଥିଲା। ଶେଷରେ ବିଏମ୍‌ସି ପକ୍ଷରୁ ପୂର୍ବରୁ ହୋଇଥିବା ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଡେ଼ପୁଟି କମିଶନର ରୋମାଞ୍ଚଳ ଖମାରି, ସାନିଟେସନ୍ ଏକ୍ସପର୍ଟ ସାଗରିକା ଖଣ୍ଡୁଆଳ, ମୋନିକା ମୋନାଲି ସିଂ, ରାଜେନ୍ଦ୍ର ସାହୁଙ୍କୁ ସମେତ ବିଏମ୍‌ସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ୪ ଦଫା ଦାବି ନେଇ ୟୁଜିବିଇଏର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୧୧।୧୨



ଉତ୍କଳ ଗ୍ରାମୀଣ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

୪ ଦଫା ଦାବି ନେଇ ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘ (ୟୁଜିବିଇଏ) ପକ୍ଷରୁ ଶୁକ୍ରବାର ଉତ୍କଳ ଗ୍ରାମୀଣ ବ୍ୟାଙ୍କ ସମ୍ମୁଖରେ ଗଣଧାରଣା ସାଙ୍ଗକୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମଚାରୀ ନିଯୁକ୍ତି, ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀଙ୍କୁ ମିଳୁଥିବା ସୁବିଧା ସୁଯୋଗ ଭଳି ଗ୍ରାମୀଣ ବ୍ୟାଙ୍କ କର୍ମଚାରୀଙ୍କୁ ଯୋଗାଇବା, ସୁଧ ପରିମାଣ ଓ ସୁଧହାର କର୍ମଚାରୀଙ୍କୁ ପ୍ରଦାନ, ଏସ୍‌ବିଆଇ ଡେ଼ପୁଟେଶନ୍‌ରେ ଥିବା କର୍ମଚାରୀଙ୍କୁ ଫେରାଇ ନେବା, ଏସ୍‌ବିଆଇର ବୀମା କିମ୍ବା ମ୍ୟୁଚୁଆଲ୍ ଫଣ୍ଡକୁ ଜବରଦସ୍ତି ଗ୍ରାମୀଣ ବ୍ୟାଙ୍କ ଗ୍ରାହକଙ୍କୁ ବିକ୍ରି ବନ୍ଦ କରିବା, ଅସ୍ଥାୟୀ କର୍ମଚାରୀଙ୍କୁ ଗ୍ରୁପ-ଡ଼ିର ମାନ୍ୟତା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଏଥିରେ ସଂଘର ବ୍ରହ୍ମପୁର ମଣ୍ଡଳ ସମ୍ପାଦକ ହୃଷିକେଶ ପାତ୍ର, ସହ ସଂପାଦକ ବି.ରମେଶ ପାତ୍ର, କୋଷାଧ୍ୟକ୍ଷ ସାନୁଜିତ୍ ମିଶ୍ରଙ୍କ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ୨ କୃଷ୍ଣସାର ମୃଗ ମୃତ

ବୁଗୁଡ଼ା,୧୧।୧୨(ଡି.ଏନ.ଏ.)



ବୁଗୁଡା ବ୍ଲକ ଖୋଲଖାଲି ମା' ବାଙ୍କେଶ୍ୱରୀ ମନ୍ଦିର ନିକଟରେ ଶୁକ୍ରବାର ମଧ୍ୟାହ୍ନ ଏବଂ ଅପରାହ୍ନରେ କୌଣସି ଗାଡି ଧକ୍କାରେ ୨ଟି କୃଷ୍ଣସାର ମୃଗ ମୃତ୍ୟୁ ଘଟିଛି। ମାଇ କୃଷ୍ଣସାର ମୃଗ ୨ଟି ପୃଥକ ସମୟରେ ମନ୍ଦିର ନିକଟ ମୁଖ୍ୟରାସ୍ତା ପାର ହେଉଥିବା ବେଳେ ଦ୍ରୁତ ଗତିରେ ଯାଉଥିବା ୨ଟି ଗାଡି ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଘଟଣାସ୍ଥଳରେ ମୃଗଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେହୁରାଙ୍କ ନିର୍ଦ୍ଦେଶରେ ବୁଗୁଡା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ବନପାଳ ଅଭିରାମ ଖିଲ, ବନରକ୍ଷୀଶିବରାମ ପାତ୍ର ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ମୃତ ମୃଗ ଉଦ୍ଧାର କରିଥିଲେ। ବୁଗୁଡା ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଭଗବତୀ ପ୍ରସାଦ ଦାଶ ବ୍ୟବଚ୍ଛେଦ କରିବା ପରେ ମୃଗଙ୍କୁ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତାଯାଇଥିଲା। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କୁ ପଚାରିବାରେ ବର୍ତ୍ତମାନ ମୃଗମାନଙ୍କ ସଂଯୋଗ ସମୟ ହୋଇଥିବାରୁ ଅଣ୍ଡିରା କୃଷ୍ଣସାର ମୃଗ ମାଈମାନଙ୍କୁ ଗୋଡାଇବା ଫଳରେ ସେମାନେ ଦୌଡି ରାସ୍ତା ପାର କରି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ସେ କହିଛନ୍ତି। ତେଣୁ ଯାନବାହାନ ଚଳାଚଳ ବେଳେ ଯାତ୍ରୀମାନେ ଧ୍ୟାନ ଦେବାକୁ ସେ ଅନୁରୋଧ କରିଛନ୍ତି।

# ଦିନକ ପାଇଁ ଓପିଡି ସେବା ବନ୍ଦ ରଖିଲା ଆଇଏମ୍ଏ

ବ୍ରହ୍ମପୁର ଅଫିସ,୧୧।୧୨

**ଆୟୁର୍ବେଦ ଡାକ୍ତରଙ୍କୁ ସର୍ଜରୀ କ୍ଷମତା ପ୍ରଦାନକୁ ବିରୋଧ**




ଘରୋଇ ହସ୍ପିଟାଲରେ ଓପିଡି ସେବା ବନ୍ଦ ରହିଛି।

ଭାରତ ସରକାରଙ୍କ ଆୟୁଷ ବିଭାଗର କେନ୍ଦ୍ରୀୟ ଚିକିତ୍ସା ପରିଷଦ ପକ୍ଷରୁ ଆୟୁଷ (ଆୟୁର୍ବେଦ) ଡାକ୍ତରଙ୍କୁ ସର୍ଜରି ଅନୁମତି ଦିଆଯିବା ନିଷ୍ପତ୍ତିକୁ ଏଲୋପାଥିକ ଡାକ୍ତରମାନେ ବିରୋଧ କରୁଛନ୍ତି। ଏହି ନିଷ୍ପତ୍ତି ପ୍ରତିବାଦରେ ଶୁକ୍ରବାର ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ବ୍ରହ୍ମପୁର ଶାଖା ପକ୍ଷରୁ ବ୍ରହ୍ମପୁର ସହର ସମେତ ଜିଲାରେ ଥିବା ପ୍ରାୟ ୧୧୦ ଘରୋଇ ହସ୍ପିଟାଲ ଓ ନର୍ସିଂହୋମରେ ଦିନକ ପାଇଁ ଓପିଡି ସେବା ବନ୍ଦ କରାଯାଇଥିଲା। କେବଳ କାଜୁଆଲ୍‌ଟି, ଲେବର ରୁମ ଜରୁରିକାଳୀନ ସର୍ଜରି, ଆଇସିୟୁ ସେବା ଯୋଗାଇ ଦିଆଯାଇଥିବା ବେଳେ ଅନ୍ୟ ସମସ୍ତ ସେବା ବନ୍ଦ ରହିଥିଲା। ଭାରତୀୟ ଚିକିତ୍ସା ସଂଘ, ଓଡ଼ିଶା ଶାଖା ଆନୁକୂଲ୍ୟରେ ଆଧୁନିକ ଚିକିତ୍ସା ପଦ୍ଧତିରେ ପୃଥକ୍ ପରିଚୟ ଓ ଅସ୍ତିତ୍ୱକୁ ବଜାୟ ରଖିବା ପାଇଁ ମେଡିକାଲ ଶିକ୍ଷକ ସଂଗଠନ, ସରକାରୀ ଡାକ୍ତର, ରେସିଡେନ୍ସି ଡାକ୍ତର, ନର୍ସିଂହୋମ ଆସୋସିଏଶନ ଏବଂ ସମସ୍ତ ମେଡିକାଲ ଛାତ୍ର ସଂଗଠନ ପକ୍ଷରୁ ଏହାକୁ ଦୃଢ ସମର୍ଥନ କରାଯାଉଛି। ଆଧୁନିକ ଚିକିତ୍ସା ବିଜ୍ଞାନର ସମସ୍ତ ସଂଘ, ହସ୍ପିଟାଲ ଆସୋସିଏଶନ, ଓମଟା, ଓମ୍‌ସା ତଥା ମେଡିକାଲ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ଭାରତୀୟ ଚିକିତ୍ସା ସଂଘ ସହ ପ୍ରତିବାଦରେ ସାମିଲ ରହିଛନ୍ତି ବୋଲି ଆଇଏମ୍ଏର ରାଜ୍ୟ ସଭାପତି ଡା.କମଳକାନ୍ତ ପାଣିଗ୍ରାହୀ ଓ ସମ୍ପାଦକ ଡା.ବ୍ରଜ କିଶୋର ଦାସ ସୂଚନା ଦେଇଛନ୍ତି। ଏହି ମିକ୍ସୋପାଥି ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ଜାରି ହୋଇଥିବା ବିଜ୍ଞପ୍ତି ପ୍ରତ୍ୟାହାର ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି।

# ବ୍ରହ୍ମପୁରରେ ବିମାନବନ୍ଦର ପ୍ରତିଷ୍ଠା ଦାବି

ଛତ୍ରପୁର,୧୧।୧୨(ଡି.ଏନ୍.ଏ.)




ଜିଲାପାଳଙ୍କୁ ସ୍ମାରକପତ୍ର ଦେଇ ଫେରୁଛନ୍ତି।

ବ୍ରହ୍ମପୁରଠାରେ ବିମାନ ବନ୍ଦର ପ୍ରତିଷ୍ଠା ଦାବି ନେଇ ଗଞ୍ଜାମ ଜିଲା ବିକାଶ ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ଉପକଣ୍ଠ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପର ସମ୍ପ୍ରସାରଣ ୨୦୦୮ରେ ବେସାମରିକ ବିମାନ ଚଳାଚଳ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିଲା ଏବଂ କେନ୍ଦ୍ର ସରକାର ୪୯ ବିମାନ ବନ୍ଦର ତାଲିକାରେ ବ୍ରହ୍ମପୁରକୁ ଅନ୍ତର୍ଭୁକ୍ତ କରିଥିଲେ। ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରହ୍ମପୁର ସହରରେ ବିମାନ ବନ୍ଦର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ପୂର୍ବତନ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଅଶୋକ ଗଜପତି ରାଜୁ ୨୦୧୬ରେ ଗସ୍ତରେ ଆସିଥିବା ବେଳେ ବ୍ରହ୍ମପୁରରେ ଡୋମେଷ୍ଟିକ ଓ କାର୍ଗୋ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଗତ ଫେବୃୟାରୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ରହ୍ମପୁରଠାରେ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏସବୁ ସତ୍ତ୍ୱେ ବିମାନ ବନ୍ଦର ପାଇଁ ଏ ଯାଏ କୌଣସି ପଦକ୍ଷେପ ନିଆଯାଇନି।

ବ୍ରହ୍ମପୁର ସହର ଉପରେ ୧୨ଟି ଜିଲାର ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି। ବିମାନ ବନ୍ଦର ହେଲେ ଶିକ୍ଷାର ଉନ୍ନତୀକରଣ, ବାଣିଜ୍ୟର ଉନ୍ନତି ହୋଇପାରିବ ବୋଲି ଓଡ଼ିଶା ଡେଭଲପମେଣ୍ଟର ରାଜ୍ୟ ଉପସଭାପତି ବବିତା ପାତ୍ର କହିଛନ୍ତି। ଦୀର୍ଘ ଦଶନ୍ଧିର ଦାବି ତୁରନ୍ତ ପୂରଣ କରିବା ନିମନ୍ତେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଚିଫ୍ ସେକ୍ରେଟାରି, ୫-ଟି ସଚିବ, ଶିଳ୍ପ ଓ ପରିବହନ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ବ୍ରହ୍ମପୁରରେ ଏକ ରାଲି କରି ରାମପ୍ରସାଦ ତ୍ରିପାଠୀ, ଗୌରିଶଙ୍କର ମହାନ୍ତି, ଭି.ସୋମେଶ୍ୱର ରାଓ, ଏମ.ଭି.ଏସ.ଭାଷନ, ବନମାଳୀ ଅଜୟ, ଅହଲ୍ୟା ଜେନା, ସୁରେଶ କୁମାର, ସୂର୍ଯ୍ୟ ନାରାୟଣ ବେହେରା ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବାକୁ ଛତ୍ରପୁର ଆସିଥିଲେ।

## ସଂକ୍ଷେପରେ

### କୋଭିଡ୍ ନିୟମ ମାନିଲେନି ଡିଜେ ବଜାଇ ମୃତଦେହ ସତ୍କାର

କୁକୁଡ଼ାଖଣ୍ଡି,୧୧।୧୨-କରୋନା ହାର ଗଞ୍ଜାମ ଜିଲାରେ ହ୍ରାସ ପାଇଥିଲେ ମଧ ନିୟମିତ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏଭଳି ସ୍ଥିତିର କଟକଣାକୁ ଉଲ୍ଲଂଘନ କରି କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳି ଗ୍ରାମରେ ଡିଜେ ବଜାଇ ମୃତଦେହ ସତ୍କାର କରାଯାଇଛି। ସୂଚନା ଅନୁସାରେ, ଉକ୍ତ ଗ୍ରାମରେ ଜଣେ ୧୧୦ ବର୍ଷୀୟା ବୃଦ୍ଧାଙ୍କ ମୃତ୍ୟୁ ପରେ ଗ୍ରାମବାସୀ ଡିଜେ ବଜାଇ ନାଚ ଗୀତରେ ତାଙ୍କ ମୃତଦେହ ସତ୍କାର କରିଥିବା ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରଲ ହେବାରେ ଲାଗିଛି। ଏଭଳି ଅମାନବୀୟ କାର୍ଯ୍ୟକଳାପକୁ ଦେଖି ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଉଛି।

### ଗଞ୍ଜେଇ ଜବତ, ୫ ଗିରଫ

ଆର.ଉଦୟଗିରି,୧୧।୧୨(ଡି.ଏନ.ଏ.)- ଆର.ଉଦୟଗିରି ପୋଲିସ ୨ କୁଇଣ୍ଟାଲ ୭୦ କେଜି ଗଞ୍ଜେଇ ସହ ଏକ ଟ୍ରାକ୍ଟରକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୫ଜଣଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟର ଧାନବାଦ ଜିଲା ଚିରକୁଣ୍ଡା ଥାନା ଚର୍ଚ୍ଚପଟେରୀର ରାମ ରତନ ଯାଦବ, ବିହାର ପ୍ରଦେଶର ଜାମୁଇ ଜିଲା ସୁକିନ୍ଦରା ଥାନା ରିସିଦ୍ଧି ଗ୍ରାମର ଅମିର ଯାଦବ, ଆର.ଉଦୟଗିରି ଥାନା ତଲଡାର ପ୍ରଦୀପ କିଶୋର ଦଳାଇ (ଟିମା), ଜୀବନ ଦୀପ ଲିମା (ଜାନ) ଏବଂ ଛେଲିଗଡ ଗ୍ରାମର ତପନ ପାଣି। ଗୁରୁବାର ଛେଲାଗଡ ଜଙ୍ଗଲରୁ ଗଞ୍ଜେଇ ଭରା ଟ୍ରକ ରାମଗିରି ଦେଇ ଝାଡଖଣ୍ଡ ଯାଉଥିଲା। ଥାନାଧିକାରୀ ମମତା ନାୟକ ସଦଳବଳ ଟ୍ରକକୁ ଅଟକାଇ ଯାଞ୍ଚ କରି ୫୨ ବସ୍ତା ଗଞ୍ଜେଇ ଜବତ କରିଥିଲେ। ଏନେଇ ନଂ. ୧୧୧/୨୦ରେ ମାମଲା ରୁଜୁ କରାଯାଇଛି।

### ମଦ ବୋଝେଇ କାର ଜବତ,ଜଣେ ଗିରଫ

ପାତ୍ରପୁର,୧୧।୧୨(ଡି.ଏନ୍.ଏ.)- ଆନ୍ଧ୍ରକୁ ଦେଶୀମଦ ଚୋରା ଚାଲାଣ ବେଳେ ଜରଡା ଥାନା ସୁନାଖଳା ଗ୍ରାମ ରାମେଶ୍ୱର ପାହଡ ନିକଟ ରାସ୍ତାରୁ ପୋଲିସ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିବା ସହ କାର ଜବତ କରିଛି। ଗୁରୁବାର ବିଳମ୍ବିତ ରାତିରେ ଜରଡା ପୋଲିସ୍ ଆନ୍ଧ୍ରକୁ ଏକ କାରରେ ଦେଶୀମଦ ଚୋରାଚାଲାଣ ହେଉଥିବା ସୂଚନା ପାଇଥିଲା। ସୁନାଖଳା ଗ୍ରାମ ରାମେଶ୍ୱର ପାହଡ ନିକଟ ରାସ୍ତାରେ କାର (ନଂ.ଓଡି୦୭-୨୦୦୪)କୁ ଅଟକାଇ ଯାଞ୍ଚବେଳେ ସେଥିରୁ ୧୨ ବସ୍ତା ଦେଶୀମଦ ଜବତ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଜୟନ୍ତିପୁର ନିକଟ ଚିଡିପୁଡି ଗ୍ରାମର ୟୁ. ପୁରୁଷୋତ୍ତମଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

### ମୋ ଗାଁରେ ତହସିଲ

ଆସିକା,୧୧।୧୨(ଡି.ଏନ୍.ଏ.)- ଆସିକା ତହସିଲର ଦେବଭୂମି ଗ୍ରାମ୍ୟ କଲ୍ୟାଣ ମଣ୍ଡପ ଠାରେ ଶୁକ୍ରବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତହସିଲଦାର ସଦାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉପବିଭାଗୀୟ ଅଧିକାରୀ ପ୍ରସନ୍ନ କୁମାର ତ୍ରିପାଠୀ ସଂଯୋଜନା କରିଥିଲେ। ଦେବଭୂମି ସରପଞ୍ଚ ବିଜୟ କୁମାର ଦଳାଇ, ସମିତିସଭ୍ୟ ସନ୍ତୋଷ କୁମାର ନାୟକ, ଜିଲା ପରିଷଦ ସଦସ୍ୟ ଗୌରହରି ବେହେରା, ଆସିକା ଆର୍‌ଆଇ ବିଭୂପ୍ରସାଦ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଦେବଭୂମି ଅଞ୍ଚଳର ବିଭିନ୍ନ ଗ୍ରାମର ଜମିଜମା ସମ୍ବନ୍ଧୀୟ ୫୪ଟି ଅଭିଯୋଗ ଦାଖଲ କରାଯାଇଥିଲା। ୧୭୨ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଥିଲା।

### ପାରଳାଖେମୁଣ୍ଡି ବାର୍ ଆସୋସିଏଶନ୍ ସଭାପତି ହେଲେ ରାମନାଥ

ପାରଳାଖେମୁଣ୍ଡି,୧୧।୧୨(ଡି.ଏନ୍.ଏ.)- ଗଜପତି ଜିଲା ପାରଳାଖେମୁଣ୍ଡି ବାର୍ ଆସୋସିଏଶନ୍‌ର ସଭାପତି ଭାବେ ରାମନାଥ ମିଶ୍ର ମନୋନୀତ ହୋଇଛନ୍ତି। ଶୁକ୍ରବାର ଜିଲା ଦୌରାଜଜ୍‌ଙ୍କ ଅଦାଲତ ପରିସରରେ ଥିବା ବାର୍ ଆସୋସିଏଶନ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତି ନିଆଯାଇଛି। ରାମନାଥ ମିଶ୍ରଙ୍କୁ ସର୍ବସମ୍ମତିକ୍ରମେ ସଭାପତି ମନୋନୀତ କରାଯାଇଥିବାବେଳେ ଉପସଭାପତି ଭାବେ ଶଶାଙ୍କ ଶେଖର ସାବତ, ସମ୍ପାଦକ ଭାବେ କୃଷ୍ଣ ମୋହନ ପଟ୍ଟନାୟକ, ସହସମ୍ପାଦକ ଭାବେ ନୀଳମାଧବ ଅଧିକାରୀ, କୋଷାଧ୍ୟକ୍ଷ ଭାବେ ଆର. ବାବୁରାଓ ଏବଂ ମୂରଲୀ ମୋହନ ପଟ୍ଟନାୟକ, ବିଭୂତି ପାତ୍ର, ଏଚ. କେ.ପାତ୍ର, ଉମେଶ ପ୍ରସାଦ ରଥ, ଗୌରୀ ଦେବୀ, ଜିତେନ୍ଦ୍ର ପଟ୍ଟନାୟକ ଓ ରାଜେନ୍ଦ୍ର ପଣ୍ଡା କାର୍ଯ୍ୟକାରୀ ସଦସ୍ୟ ରୂପେ ସର୍ବସମ୍ମତି ଭାବେ ମନୋନୀତ ହୋଇଛନ୍ତି।

# ଗାଲେରି-ବଦାଙ୍ଗି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର

## ଭଞ୍ଜନଗର ବ୍ଲକର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଭଞ୍ଜନଗର,୧୧।୧୨(ଡି.ଏନ.ଏ)


ମନ୍ତ୍ରୀ ଶପଥ ପାଠ କରାଉଛନ୍ତି।

ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ଭଞ୍ଜନଗର ବ୍ଲକ ହରିଗଡ ଓ ଦୋମୁହାଣି ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଏଥିସହ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସ୍ୱଚ୍ଛତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମକୁ ମଧ ଉଦ୍‌ଘାଟନ କରିଥିଲେ। ବଦାଙ୍ଗିଠାରେ ମନ୍ତ୍ରୀ ରାସ୍ତା ସଫେଇ କରି ଲୋକଙ୍କୁ ସଚେତନତା କରିବା ସହ ପରିବେଶ ସଚେତନତା ଉପରେ ବାହାରିଥିବା ରଥକୁ ଶୁଭାରମ୍ଭ କରିଥିଲେ। ମନ୍ତ୍ରୀ ବିଭିନ୍ନ ସ୍ଥାନରେ ହୋଇଥିବା ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କରୋନା କଟକଣା ଯୋଗୁ ଲୋକଙ୍କ ମଧ୍ୟରେ ମିଳାମିଶା କମିଯାଇଥିଲା, ତେଣୁ ସମ୍ପର୍କରେ ଦୂରତ୍ୱ ବଢ଼ିଯାଇଥିଲା ବୋଲି କହିଥିଲେ। ବର୍ତ୍ତମାନ କରୋନା କମିବା ପରେ ସମ୍ପର୍କ ପୁଣି ବଢ଼ିବାରେ ଲାଗିଛି। ଶୀତ ବଢ଼ିଲେ ସଂକ୍ରମଣ ଆଶଙ୍କା ରହିଛି। ଟୀକା ନଆସିବା ପର୍ଯ୍ୟନ୍ତ କରୋନା କଟକଣା ମାନି ଚଳିବାକୁ ମନ୍ତ୍ରୀ ଆରୁଖ କହିଥିଲେ। ଗାଲେରୀ ଠାରୁ ଭାୟା ବଦାଙ୍ଗି କନ୍ଧମାଳ ଜିଲା ସୀମା ପର୍ଯ୍ୟନ୍ତ ବ୍ୟାପିଥିବା ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲା। ଏବେ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ, ରାସ୍ତାର ଆଧୁନିକୀକରଣ ପାଇଁ ଅର୍ଥ ବରାଦ କରାଯାଉଛି। ଆଗାମୀ ଦିନରେ କାମ ଆରମ୍ଭ ହେବ। ମନ୍ତ୍ରୀ ବଦାଙ୍ଗି ଓ ଦୋମୁହାଣି ହାଇସ୍କୁଲରେ ଚାରାରୋପଣ କରିଥିଲେ। ବଦାଙ୍ଗିରେ ବିଜୁ ଯୁବ ବାହିନୀ କୋଠା, ଦୋମୁହାଣି ହାଇସ୍କୁଲ କୋଠା, କୋଠଘର ଉଦ୍‌ଘାଟନ କରିଥିଲେ। ଏଥିସହ ଦୋମୁହାଣି କଲ୍ୟାଣମଣ୍ଡପର ଶିଳାନ୍ୟାସ କରିଥିଲେ। ଦୋମୁହାଣି ହାଇସ୍କୁଲରେ ଅନୁଷ୍ଠିତ ସ୍ୱଚ୍ଛତା ଓ ପରିବେଶ ସଚେତନତା ସଭାରେ ଡିଏଫ୍‌ଓ ଅଭୟ କୁମାର ଦଳେଇ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବୀନ ଦଳବେହେରା, ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ବିଡିଓ ଅନିଲ କୁମାର ସେଠୀ, ତହସିଲଦାର ଆଲୋକ ପ୍ରଧାନ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେଉରା, ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରଧାନ, ସରକାରୀ ଓକିଲ ଦିବାକର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ଶେଷରେ ସମସ୍ତେ ସ୍ୱଚ୍ଛତା ଓ ପରିବେଶ ରକ୍ଷା ପାଇଁ ଶପଥ ନେଇଥିଲେ। ଶୁଳପାଣି ଶତପଥି ସଭା ସଂଯୋଜନା କରିଥିବା ବେଳେ ଏସିଏଫ୍ ସୁଦର୍ଶନ ବାଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଏସ୍‌ଡିଏ ଅଧ୍ୟକ୍ଷଙ୍କ ହିଞ୍ଜିଳିକାଟୁ ଆଇଟିଆଇ ଗସ୍ତ

## 'ମୋ ସ୍କୁଲ' ଢାଞ୍ଚାରେ ଆଇଟିଆଇର ବିକାଶ କର

ହିଞ୍ଜିଳିକାଟୁ,୧୧।୧୨ (ଡି.ଏନ୍.ଏ.)

ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟ ଅଥରଟି (ଓଏସଡ଼ିଏ) ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଶୁକ୍ରବାର ପୋଚିଲିମାସ୍ଥିତ ହିଞ୍ଜିଳିକାଟୁ ସରକାରୀ ଆଇଟିଆଇ ଗସ୍ତ କରିଛନ୍ତି। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ, ହିଞ୍ଜିଳିକାଟୁ ବ୍ଲକ ଅଧ୍ୟକ୍ଷ ଏନ୍. ରଘୁନାଥ ପ୍ରମୁଖ ଉପସ୍ଥିତ ଥିଲେ। ଆଇଟିଆଇର ଅଧ୍ୟକ୍ଷ ଅମୂଲ୍ୟ କୁମାର ପଣ୍ଡା ବାଗ୍‌ଚିଙ୍କୁ ଆଇଟିଆଇର ବିଭିନ୍ନ ପଦକ୍ଷେପ, ଶିକ୍ଷାଦାନ ଓ ସଫଳତା ବିଷୟରେ କହିଥିଲେ। ଅନ୍ୟପକ୍ଷରେ ଦେଶର ଶ୍ରେଷ୍ଠ ୧୦ ଆଇଟିଆଇ ମଧ୍ୟରେ ହିଞ୍ଜିଳିକାଟୁ ଆଇଟିଆଇକୁ ସ୍ଥାନିତ ପାଇଁ ଭିତ୍ତିଭୂମିର ଉନ୍ନତି ସହ ଶିକ୍ଷା ବ୍ୟବସ୍ଥାରେ ଆହୁରି ଉନ୍ନତି ପାଇଁ ବାଗ୍‌ଚି ଆଲୋଚନା କରିଥିଲେ। ହାଇସ୍କୁଲ ସ୍ତରରୁ ଛାତ୍ରୀଛାତ୍ରଙ୍କୁ ଆଇଟିଆଇରେ କ୍ୟାରିଅର ଗଠନ ନିମନ୍ତେ ଉତ୍ସାହିତ କରିବାକୁ ବାଗ୍‌ଚି ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ଆଇଟିଆଇରେ 'ମୋ ସ୍କୁଲ' ଢ଼ାଞ୍ଚାରେ ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଠାରୁ ଆର୍ଥିକ ସହାୟତାରେ ଅନୁଷ୍ଠାନର ବିଭିନ୍ନ ଉନ୍ନତି ପାଇଁ ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ହିଞ୍ଜିଳିକାଟୁ ଆଇଟିଆଇରେ ବିଭିନ୍ନ ସମସ୍ୟା ଓ ସମାଧାନ ନିମନ୍ତେ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀମାନେ ବାଗ୍‌ଚିଙ୍କୁ କହିଥିଲେ।


ଆଇଟିଆଇ ପରିସରରେ ଓଏସ୍‌ଡ଼ିଏ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଓ ଅନ୍ୟମାନେ।

# ବିଚାରପତିଙ୍କ ଲାଗି ଛାତ୍ରୀ ପାଇଲେ ସାର୍ଟିଫିକେଟ୍

ପୁରୁଷୋତ୍ତମପୁର,୧୧।୧୨(ଡି.ଏନ.ଏ.)


ମିଳିଥିବା ସାର୍ଟିଫିକେଟ ଦେଖାଉଛନ୍ତି ଛାତ୍ରୀଙ୍କ ବାପା।

ସରକାର ବାଳିକା ଶିକ୍ଷାର ବିକାଶ ଲାଗି ବିଭିନ୍ନ ଯୋଜନା କରୁଥିବା ବେଳେ କିଛି ଘରୋଇ ଶିକ୍ଷା ଅନୁଷ୍ଠାନ ହଇରାଣ କରୁଥିବାର ଅଭିଯୋଗ ହୋଇଛି। ବିଚାରପତିଙ୍କ ହସ୍ତକ୍ଷେପରେ ଛାତ୍ରୀଙ୍କ ବାପା ସାର୍ଟିଫିକେଟକୁ ପାଇପାରିଛନ୍ତି। ବଡଖରିଡା ପଞ୍ଚାୟତ ବାଣନଇ ଗ୍ରାମର ଶ୍ରମିକ ଶ୍ରେଣୀର କମଳ କୁମାର ସ୍ୱାଇଁ ତାଙ୍କ ଝିଅ ସ୍ୱେତାଶ୍ରୀଙ୍କୁ ପୁରୁଷୋତ୍ତମପୁରର ଏକ ଶିଶୁ ମନ୍ଦିରରେ ପାଠ ପଢାଉଥିଲେ। ମାତ୍ର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଶିଶୁ ମନ୍ଦିର ପରିବର୍ତ୍ତେ ସରକାରୀ ସ୍କୁଲରେ ଝିଅକୁ ପାଠ ପଢାଇବେ ବୋଲି ଶିଶୁ ମନ୍ଦିରରୁ ସାର୍ଟିଫିକେଟକୁ ମାଗିଥିଲେ। ମାତ୍ର ଶିଶୁ ମନ୍ଦିର କର୍ତ୍ତୃପକ୍ଷ ସାର୍ଟିଫିକେଟ ଦେବା ବଦଳରେ ଟଙ୍କା ଦାବି କରିଥିଲେ। ଏ ନେଇ ସେ ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ତାଲୁକା ଆଇନ ସେବା କମିଟିର ଆଶ୍ରୟ ନେଇ ବିଚାରପତିଙ୍କୁ ଗୁହାରି ଜଣାଇଥିଲେ। ବିଚାରପତି ତଥା ଆଇନସେବା କମିଟିର ଅଧ୍ୟକ୍ଷ ଦିଲୀପ କୁମାର ବାରିକ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ବ୍ରହ୍ମପୁର, ଡିପିସି ଛତ୍ରପୁର ଓ ପୁରୁଷୋତ୍ତମପୁର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି କରିବାକୁ ଆଇନ ସେବା କମିଟି ସମ୍ପାଦକ ଗଗନ କୁମାର ପାଣିଗ୍ରାହୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପ୍ରକାରେ ଗତ ୧ ତାରିଖରେ ଚିଠି ନଂ ୧୮୧ରେ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ଜଣାଯାଇଥିଲା। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡା ସମ୍ପୃକ୍ତ ଶିଶୁ ମନ୍ଦିର କର୍ତ୍ତୃପକ୍ଷଙ୍କୁ ଜଣାଇ ତୁରନ୍ତ ସାର୍ଟିଫିକେଟ ପ୍ରଦାନ କରିବାକୁ କହିଥିଲେ। ସମ୍ପୃକ୍ତ ଶିଶୁ ମନ୍ଦିର କର୍ତ୍ତୃପକ୍ଷ ଶୁକ୍ରବାର କମଳ କୁମାର ସ୍ୱାଇଁଙ୍କୁ ଝିଅର ସାର୍ଟିଫିକେଟ ପ୍ରଦାନ କରିଛନ୍ତି।

## ସରିଲା ପ୍ରଥମ ପର୍ଯ୍ୟାୟ ପିଜି ନାମଲେଖା

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୧୧।୧୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ନିମନ୍ତେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଶୁକ୍ରବାର ସରିଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ପର୍ଯ୍ୟାୟରେ ୨୦ଟି ବିଭାଗରେ ୫୩୫ ଛାତ୍ରୀଛାତ୍ର ନାମ ଲେଖାଇଥିବା ଜଣାପଡ଼ିଛି। ପ୍ରାଣୀ ବିଜ୍ଞାନରେ ୩୦, ବାୟୋ ଟେକ୍ନୋଲୋଜି ୬, ଗୃହ ବିଜ୍ଞାନ ୨୩, ରାଜନୀତି ବିଜ୍ଞାନ ୪୧, ମେରାଇନ ସାଇନ୍ସରେ ୧୦, ମେରାଇନ ବାୟୋଲୋଜିରେ ୯, ପଦାର୍ଥ ବିଜ୍ଞାନରେ ୩୪, ରସାୟନ ବିଜ୍ଞାନରେ ୩୫, ବାଣିଜ୍ୟରେ ୩୧, ଏମ୍‌ବିଏ-ଏଫ୍‌ଏମ୍ ୫, ଇତିହାସ ୩୮, ଆଇନ୍ ବିଭାଗରେ ୩୩, ଉଦ୍ଭିଦ ବିଜ୍ଞାନରେ ୩୫, ଇଂଲିଶରେ ୩୪, ଗଣିତରେ ୨୯, ଲିଙ୍ଗୁଇଷ୍ଟ ୬, ଇକୋନୋମିକ୍ସ ୩୬, ଆଇଆର୍ ଏଣ୍ଡ ପି ଏମ୍ ୨୪, ଓଡ଼ିଆ ୩୩, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ୨୧, ଇଲେକ୍ଟ୍ରୋନିକ ସାଇନ୍ସରେ ୨୨ ଛାତ୍ରୀଛାତ୍ର ନାମ ଲେଖାଇଥିବା ପିଜି କାଉନସିଲ୍ ଅଧ୍ୟକ୍ଷା ପ୍ରଫେସର୍ ଅରୁନ୍ଧତୀ ରଥ ସୂଚନା ଦେଇଛନ୍ତି।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ଖଲ୍ଲିକୋଟ,୧୧।୧୨(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ କେଶପୁର ଆର୍‌ଆଇ ସର୍କଲ ବିକ୍ରମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ରାଜକିଶୋର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟୀ ଦାସ, ବିକ୍ରମପୁର ସରପଞ୍ଚ ମମତା ପ୍ରଧାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏଠାରେ ମ୍ୟୁଟେଶନ ପଟ୍ଟା ୧୫ ହିତାଧିକାରୀଙ୍କୁ ବଣ୍ଟନ ହୋଇଥିବା ବେଳେ ଗ୍ରାମକଣ୍ଠ ୧୭ଟି ପଟ୍ଟା ଦିଆଯାଇଥିଲା। ସେହିପରି ଗ୍ରାମକଣ୍ଠ ପଟ୍ଟା ପାଇଁ ୧୦ ଆବେଦନପତ୍ର, ନାଇଣ୍ଟିନ ୱାନସି (ଭାଇଭାଗ ବଣ୍ଟନ) ୪ଟି, ମ୍ୟୁଟେଶନ ଆବେଦନ ୧୯ଟି ହୋଇଥିଲା। କାର୍ଯ୍ୟକ୍ରମକୁ ତହସିଲର ହେଡକ୍ଲର୍କ ସଦାନନ୍ଦ ଶବର, କେଶପୁର ଆର୍‌ଆଇ ମୀନକେତନ ଶବର, ଏଆର୍‌ଆଇ ସୁଦାମ ଶବର, ଅମିନ ପ୍ରଶାନ୍ତ ଦୋରା, ଗୋଦାବରୀ ପ୍ରଧାନ, ତହସିଲ କର୍ମଚାରୀ ପ୍ରଦୀପ କୁମାର, ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।


ଉପସ୍ଥିତ ଅତିଥି ଓ ହିତାଧିକାରୀ।

# ଖଜୁରିପଡ଼ା ବ୍ଲକର ୨ ପ୍ରକଳ୍ପ ଉଦ୍‌ଘାଟିତ

ଖଜୁରିପଡ଼ା,୧୧।୧୨(ଡି.ଏନ୍.ଏ.)


ଏମ୍‌ପି ସାମନ୍ତ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଶୁକ୍ରବାର ଖଜୁରିପଡ଼ା ବ୍ଲକ ଗସ୍ତରେ ଆସି ଗୁଦାରି ପଞ୍ଚାୟତ ମିଶନଶକ୍ତି ଦ୍ୱାରା ପରିଚାଳିତ ମହିଳା ମହାସଂଘର ତାଲିମକେନ୍ଦ୍ର ଓ ଖଜୁରିପଡ଼ା ବ୍ଲକ ହେଡ୍‌କ୍ୱାର୍ଟର ନିକଟ ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟନ କରିଥିଲେ। ଏହାପରେ ଏମ୍‌ପି ସାମନ୍ତ ଦଳୀୟ କର୍ମୀମାନଙ୍କୁ ସଙ୍ଗଠନକୁ ମଜଭୂତ କରିବାସହ ଲୋକଙ୍କ ପାଖକୁ ଯାଇ ସମସ୍ୟା ବୁଝିବାକୁ ପରାମର୍ଶ ଦେଇଥିଲେ। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମଧ ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ କହିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ବ୍ୟକ୍ତିଗତ ପ୍ରତିନିଧି ଦେବେନ୍ଦ୍ର ସାମଲ, ଜିଲା ଏମ୍‌ପି ପ୍ରତିନିଧି ଈଶ୍ୱର ନାଏକ, ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, ଜିଲା ପରିଷଦ ଜୁଲିଲତା ଲେଙ୍କା, ଅନୁରାଧା ସାହୁ, ବ୍ଲକ ଏମ୍‌ପି ପ୍ରତିନିଧି ପଙ୍କଜ ମଲିକ, ବିଡିଓ ରବୀନ୍ଦ୍ର ନାଥ କହଁର, ଅତିରିକ୍ତ ବିଡିଓ ଦିବ୍ୟସିଂହ କହଁର, ସିଡିପିଓ ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆହାର କେନ୍ଦ୍ରରେ ପାତରଅନ୍ତର ଅଭିଯୋଗ

ଗଞ୍ଜାମ,୧୧।୧୨(ଡି.ଏନ.ଏ.)

ଗଞ୍ଜାମ ମିନି ଷ୍ଟାଡିୟମଠାରେ ଥିବା ଆହାର କେନ୍ଦ୍ରରେ ପାତରଅନ୍ତର ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଆହାର କେନ୍ଦ୍ରରେ ସହରକୁ ଆସୁଥିବା ପନିପରିବା ବ୍ୟବସାୟୀ ଓ ଅନ୍ୟାନ୍ୟ ବେପାରୀମାନେ ନିର୍ଭର କରିଥାନ୍ତି। ସେଠାରେ କିଛି ଲୋକଙ୍କୁ ପାର୍ସଲ ଦିଆଯାଉଥିବା ବେଳେ କିଛି ମହିଳା ବେପାରୀଙ୍କୁ ଦିଆଯାଉ ନାହିଁ। ମହିଳା ବେପାରୀଙ୍କ କହିବା ଅନୁଯାୟୀ, ବଜାରରେ ନିଜ ପନିପରିବା ଛାଡି ଆହାର କେନ୍ଦ୍ରଠାରେ ଘଣ୍ଟା ଘଣ୍ଟା ସମୟ ବିତୁଛି। ତେଣୁ ପାର୍ସଲ ଦିଆଯାଇଥିଲେ ଭଲ ହୁଅନ୍ତା ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭୁ କଲ୍ୟାଣ ଦାସଙ୍କୁ ପଚାରିବାରୁ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ୬୦ ଏକର ଜମିର ଗଞ୍ଜେଇ ଗଛ ପୋଡ଼ାଗଲା

ଦିଗପହଣ୍ଡି,୧୧।୧୨(ଡି.ଏନ.ଏ.)

ପାଟପୁର ଥାନା ଟି.ଗୋବିନ୍ଦପୁର ପଞ୍ଚାୟତ ଆଦିବାସୀ ବହୁଳ ନୂଆଗାଁ ନିକଟ ଜଙ୍ଗଲରେ ଶୁକ୍ରବାର ୬୦ ଏକର ଜମିରେ ଚାଷ କରାଯାଇଥିବା ଗଞ୍ଜେଇ ଗଛକୁ ଜାଳି ଦିଆଯାଇଛି। ଅପରେଶନ ସବୁଜ ଜହର ପାର୍ଟ -୨ରେ ଦିଗପହଣ୍ଡି ଅତିରିକ୍ତ ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ରମେଶ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ପୋଲିସ - ଅବକାରୀ କର୍ମଚାରୀମାନେ ଗଞ୍ଜେଇ ଗଛ ଗୁଡ଼ିକୁ ନଷ୍ଟ କରିଥିଲେ। ଗଞ୍ଜାମ-ଗଜପତି ସୀମାନ୍ତ ଜଙ୍ଗଲରେ ବହୁ ପରିମାଣର ଜମିରେ ଗଞ୍ଜେଇ ଚାଷ କରାଯାଇଥିବା ଗୋଇନ୍ଦା ସୂଚନାକୁ ଆଧାରକରି ଗଞ୍ଜାମ ଏସ୍‌ପି ବ୍ରିଜେଶ ରଏଙ୍କ ନିର୍ଦ୍ଦେଶକ୍ରମେ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ପାଟପୁର ଆଇଆଇସି ଅଜୟ କୁମାର ବାରିକ, ଶେରଗଡ଼, ଧରାକୋଟ ଓ ଆସିକା ଥାନା ଆଇଆଇସି ପ୍ରଶାନ୍ତ ସାହୁ, ବ୍ରହ୍ମପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ରୋସନ ଇସୁ ହାସଦା, ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ଇନ୍ସପେକ୍ଟର ବାଳକୃଷ୍ଣ ପଣ୍ଡା, ଦିଗପହଣ୍ଡି ଅବକାରୀ ଏସ୍‌ଆଇ ଅଭିରାମ ସାହୁଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ଏହି ଚଢ଼ାଉରେ ସାମିଲ ଥିଲେ। ଗତ ସୋମବାର ଭୋରରେ ସବୁଜ ଜହର ପାର୍ଟ-୧ ଅନୁଯାୟୀ, ପାଟପୁର ଥାନା କୃଷ୍ଣପୁର ଗାଁରେ ସମସ୍ତଙ୍କ ଘରେ ଚଢ଼ାଉ କରାଯାଇ ୧୪.୬୦ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା।

# ଉପଡାକଘରର ନୂତନ କୋଠା ଲୋକାର୍ପଣ

ଦାରିଙ୍ଗବାଡି,୧୧।୧୨(ଡି.ଏନ୍.ଏ.)

ଦାରିଙ୍ଗବାଡି ଉପ ଡାକଘର ନୂତନ କୋଠା ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଜିଲା ଡାକମଣ୍ଡଳ ଅଧିକାରୀ ଅଜିତ୍ କୁମାର ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଡାକ ବୋର୍ଡର ସଦସ୍ୟ ଡ. ସନ୍ତୋଷ କୁମାର କମିଳା, କରୋନେଲ ଜଳେଶ୍ୱର କହଁର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦାରିଙ୍ଗବାଡି ଉପ ଡାକଘର ପୋଷ୍ଟମାଷ୍ଟର ବିଦ୍ୟାସାଗର ପ୍ରଧାନ, ବ୍ରାହ୍ମଣୀଗାଁ ପୋଷ୍ଟମାଷ୍ଟର ସନ୍ତୋଷ କୁମାର କପାଟପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ପରେ ଏମ୍‌ପି ସାମନ୍ତ ଏବଂ ବିଧାୟକ ପ୍ରଧାନ ପ୍ରମୁଖ ପ୍ଲିହେରୀ ପଞ୍ଚାୟତରେ ପହଞ୍ଚି ମାର୍କେଟ କମ୍ପ୍ଲେକ୍ସ ସହ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ।

# ଅବକାରୀ ଅଫିସ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ସୋରଡ଼ା,୧୧।୧୨(ଡି.ଏନ୍.ଏ.)

ସୋରଡ଼ା ଅବକାରୀ ବିଭାଗର କରଡ଼ା ବାଡି ରାସ୍ତା ଟୋଲ ଗେଟ ନିକଟରେ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ର ସାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭୂମି ପୂଜା କରିଥିବା ବେଳେ ବେଳେ ଥାନାଧିକାରୀ ରମେଶ କୁମାର ପ୍ରଧାନ, ସାମାଜିକ କର୍ମୀ ବସନ୍ତ ସାଇଁ, ରାଜେଶ ସାହୁଙ୍କ ସମେତ ବହୁଜନସାଧାରଣ ଯୋଗଦେଇଥିଲେ। ସେହିପରି ବି ସୀମାଞ୍ଚଳ ପ୍ରଧାନଙ୍କ ଦାରା ଅସୁରବନ୍ଧ ପଞ୍ଚାୟତ ଅଫିସଠାରେ ଆୟୋଜିତ ଭତ୍ତା ବଣ୍ଟନ ମେଳାରେ ବିଧାୟକ ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରିଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷ ବିକଳ ବେହେରା ସମେତ ପଞ୍ଚାୟତ ଜନସାଧାରଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସୋରଡ଼ାରେ ଦୀର୍ଘ ବର୍ଷ ହେଲା ଅବକାରୀ ବିଭାଗର ନିଜସ୍ୱ ଅଫିସ ନ ଥିଲା।


ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ପଲିଥିନ୍ ତଳେ ବିତୁଛି ମା, ୨ ଝିଅଙ୍କ ଜୀବନ

ଖଜୁରିପଡ଼ା/ବଲସକୁମ୍ପା, ୧୧।୧୨(ଡି.ଏନ୍.ଏ.)


ବିପଦସଂକୁଳ ଅବସ୍ଥାରେ ଥିବା ଭଙ୍ଗା ଘର।

ସରକାର ଅସହାୟଙ୍କ ପାଇଁ ଗୃହ ନିର୍ମାଣ କରୁଥିବା ବେଳେ କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଜାମ୍ବୁ ସାହି ଗ୍ରାମର ଅସହାୟ ମହିଳା ଏଥିରୁ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ଦଦରା ପଲିଥିନ୍ ଟଣା ଭଙ୍ଗା ଘରେ ବିପଦ ସଂକୁଳ ଅବସ୍ଥାରେ ରହୁଛନ୍ତି ଅସହାୟ ମହିଳା ଯମୁନା କହଁର (୫୬) ଓ ଦୁଇ ଝିଅ। ଜଣେ ମାନସିକ ବିକାରଗ୍ରସ୍ତ ଝିଅ ବିନତି ଓ ଆଉ ଜଣେ ସ୍ୱର୍ଣ୍ଣ। ପରିବାର କହିଲେ କେବଳ ମା ଓ ଦୁଇ ଝିଅ। ସରକାରୀ ସହାୟତା କହିଲେ ଦୀର୍ଘ ଦିନ ତଳେ ଇନ୍ଦିରାବାସ ଗୃହ ଖଣ୍ଡେ ମିଳିଥିଲା। ସେହି ଘରେ ମୂଳ ଲାଗି ରାଶନ କାର୍ଡରେ ୧୫ କେଜି ଚାଉଳ ଓ ଭତ୍ତା ୫୦୦ ଟଙ୍କା ଲେଖାଏ ୧୦୦୦ ଟଙ୍କା ମିଳୁଛି। ସେଥିରେ ବହୁ କଷ୍ଟରେ ଚଳୁଥିଲେ। କିନ୍ତୁ ଗତ ଅଗଷ୍ଟ ମାସରେ ହେଉଥିବା ଲଗାଣ ବର୍ଷାରେ ଘରର ଟିଣ ଛପର ଭାଙ୍ଗିଯାଇଛି। ପ୍ରଶାସନ ଖଣ୍ଡେ ପଲିଥିନ୍ ଏବଂ ଆର୍ଥିକ ସହାୟତା ୩୫୦୦ ଟଙ୍କା ଦେଇ ଚୁପ୍ ରହିଛି। ବର୍ତ୍ତମାନ ଘରର ସବୁ ଭୁଶୁଡ଼ି ପଡ଼ିଛି। ହାଡ଼ ଭଙ୍ଗା ଶୀତରେ ଦୁଇ ଝିଅକୁ ନେଇ ଯମୁନା ଭଙ୍ଗା ଘରେ ଅତି ଦୁଃଖରେ ରହୁଛନ୍ତି। ମନ୍ଦିରରେ ଭିକ୍ଷା ମାଗି ଚଳୁଥିବା ବେଳେ କେବେ କାହା ଘରୁ ମାଗି ଯାଚି ଖାଉଛନ୍ତି। ଏହି ଅସହାୟ ପରିବାରକୁ ସହାୟତା ପାଇଁ ପୂର୍ବରୁ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ବର୍ତ୍ତମାନ ଯାଏ କିଛି ସହଯୋଗ ମିଳିନାହିଁ। ଏ ନେଇ ଖଜୁରିପଡ଼ା ତହସିଲଦାରଙ୍କ ପ୍ରତିକ୍ରିୟା ନେବାରୁ ବ୍ଲକ ବିଡିଓ ଏବଂ ଜିଲା ପ୍ରଶାସନକୁ ଏ ସମ୍ପର୍କରେ ଚିଠି କରିଛୁ ବୋଲି କହିଥିଲେ। ବିଡିଓ ଏକ ଜରୁରୀକାଳୀନ ମିଟିଂ ଯାଇଥିବା ଯୋଗୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଜିଲାପାଳ ଏହି ଘଟଣାର ତଦନ୍ତ କରି ଗରିବ ପରିବାରକୁ ଘର ଖଣ୍ଡେ ଏବଂ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAA-JAJ-0007-2019/27054/R&DM** **Dated: 10 Sep. 2019**

No. XXIV-26:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– ତୁରା, ଥାନା: ଟମକା ନଂ. ୮୦, ତହସିଲ: ଦାନଗଦି, ଜିଲ୍ଲା: ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର ବରପଦା ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୭୨୩୬, ତା୨୮।୦୨।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– ତୁରା, ଥାନା: ଟମକା, ଜିଲ୍ଲା: ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.dkl.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: ଯାଜପୁର, ତହସିଲ: ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତୁରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୨୨.୫୩୫ | ଏ.୧୮.୯୨ | ଏଥି ସହିତ ସଂଲଗ୍ନ |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
### ଜିଲ୍ଲା: ଯାଜପୁର, ତହସିଲ: ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୦୪।୦୬।୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅତିରିକ୍ତ ଶାସନ ସଚିବ

### ଜମି ଅନୁସୂଚୀ
### ଗ୍ରାମର ନାମ: ତୁରା, ଥାନାର ନାମ: ଟମକା ନଂ. ୮୦,
### ତହସିଲ: ଦାନଗଦି, ଜିଲ୍ଲା: ଯାଜପୁର

**ଜମି ଅଧିଗ୍ରହଣ କେସ୍ ନଂ.: ୫୫/୨୦୧୮**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିଗୃହୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ୩୫୧ | ୦.୦୪୦ | ୦.୦୩୦ | ଅମୂଲ୍ୟ ସାହୁ, ପିତା: କାଙ୍ଗାଳି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨ | ୯ | ୨୫୨ | ୦.୦୫୦ | ୦.୦୧୦ | ଅଲେଖ ସାହୁ, ପିତା: ହରି ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୩ | | ୧୦୭୧ | ୦.୧୦୦ | ୦.୧୦୦ | ଅଲେଖ ସାହୁ, ପିତା: ହରି ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୪ | ୧୦ | ୧୦୫୭ | ୦.୦୩୦ | ୦.୦୩୦ | ଅଲେଖ ସାହୁ, ପିତା: ହରିହର ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫ | ୧୧ | ୩୫୦ | ୦.୦୨୦ | ୦.୦୨୦ | ଆତୁଳ ଚକ୍ର, ପିତା: ବଂଶୀଧର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୬ | ୧୨ | ୧୨୩୫ | ୦.୪୫୦ | ୦.୦୨୦ | ଈଶ୍ୱର ଚନ୍ଦ୍ର ସାହୁ, ପିତା: ସୂର୍ଯ୍ୟମଣି ସାହୁ ଓଗେର, ଜା: ତେଲି, ବା: ଉଛବାଲି | |
| ୭ | ୧୪ | ୧୨୦୭ | ୦.୦୧୦ | ୦.୦୧୦ | କସ୍ତୁରୀ ନାୟକ, ପିତା: ଗଙ୍ଗା ନାୟକ ଓଗେର, ଜା: ତେଲି, ବା: ଉଛବାଲି | |
| ୮ | | ୧୨୦୯ | ୦.୦୨୦ | ୦.୦୨୦ | କସ୍ତୁରୀ ନାୟକ, ପିତା: ଗଙ୍ଗା ନାୟକ ଓଗେର, ଜା: ତେଲି, ବା: ଉଛବାଲି | |
| ୯ | | ୧୨୧୦ | ୦.୦୨୦ | ୦.୦୧୦ | କସ୍ତୁରୀ ନାୟକ, ପିତା: ଗଙ୍ଗା ନାୟକ ଓଗେର, ଜା: ତେଲି, ବା: ଉଛବାଲି | |
| ୧୦ | | ୧୨୧୭ | ୦.୦୭୦ | ୦.୦୭୦ | କସ୍ତୁରୀ ନାୟକ, ପିତା: ଗଙ୍ଗା ନାୟକ ଓଗେର, ଜା: ତେଲି, ବା: ଉଛବାଲି | |
| ୧୧ | ୧୬ | ୪୪ | ୦.୧୨୦ | ୦.୦୭୦ | କପିଳ ସାହୁ, ପିତା: ମଧୁ ସାହୁ, ଜା: ତେଲି, ବା: ଅରଡ଼ାପାଳ | |
| ୧୨ | | ୭୦ | ୦.୨୫୦ | ୦.୨୫୦ | କପିଳ ସାହୁ, ପିତା: ମଧୁ ସାହୁ, ଜା: ତେଲି, ବା: ଅରଡ଼ାପାଳ | |
| ୧୩ | | ୧୦୮ | ୦.୦୭୦ | ୦.୦୨୦ | କପିଳ ସାହୁ, ପିତା: ମଧୁ ସାହୁ, ଜା: ତେଲି, ବା: ଅରଡ଼ାପାଳ | |
| ୧୪ | | ୧୩୭ | ୦.୦୯୦ | ୦.୦୯୦ | କପିଳ ସାହୁ, ପିତା: ମଧୁ ସାହୁ, ଜା: ତେଲି, ବା: ଅରଡ଼ାପାଳ | |
| ୧୫ | ୧୯ | ୨୫୦ | ୦.୧୬୦ | ୦.୧୬୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୬ | ୧୯ | ୨୫୧ | ୦.୦୯୦ | ୦.୦୬୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭ | | ୩୪୯ | ୦.୦୨୦ | ୦.୦୨୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୮ | | ୩୫୩ | ୦.୨୦୦ | ୦.୧୨୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୯ | | ୧୦୪୮ | ୦.୧୦୦ | ୦.୧୦୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୦ | | ୧୦୭୨ | ୦.୦୮୦ | ୦.୦୮୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୧ | | ୧୧୫୯ | ୦.୦୪୦ | ୦.୦୨୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୨ | ୨୨ | ୧୨୦ | ୦.୩୯୦ | ୦.୨୯୦ | ମୀନକେତନ ସାହୁ, ପିତା: ଚିନ୍ତାମଣୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୨୩ | ୨୩ | ୨୬୪ | ୦.୦୭୦ | ୦.୦୫୦ | କାର୍ତ୍ତିକ ସାହୁ, ପିତା: ନେତ୍ରବାସି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୪ | | ୨୮୨ | ୦.୦୩୦ | ୦.୦୩୦ | କାର୍ତ୍ତିକ ସାହୁ, ପିତା: ନେତ୍ରବାସି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୫ | ୨୯ | ୧୦୯୬ | ୦.୫୮୦ | ୦.୫୮୦ | କୀର୍ତ୍ତନ ଚକ୍ର, ପିତା: ଗୋବିନ୍ଦ ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୬ | | ୧୦୯୮ | ୦.୩୬୦ | ୦.୩୬୦ | କୀର୍ତ୍ତନ ଚକ୍ର, ପିତା: ଗୋବିନ୍ଦ ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୭ | ୩୪ | ୧୦୯୨ | ୦.୦୬୦ | ୦.୦୫୦ | କୃଷ୍ଣଚନ୍ଦ୍ର ସାହୁ, ପିତା: ଦୀନବନ୍ଧୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୮ | ୩୬ | ୨୮୦ | ୦.୦୪୦ | ୦.୦୪୦ | କୃଷ୍ଣ ବେହେରା, ପିତା: ଚୁଇଁ ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୨୯ | | ୨୯୫ | ୦.୦୭୦ | ୦.୦୧୦ | କୃଷ୍ଣ ବେହେରା, ପିତା: ଚୁଇଁ ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୩୦ | | ୩୬୭ | ୦.୦୮୦ | ୦.୦୮୦ | କୃଷ୍ଣ ବେହେରା, ପିତା: ଚୁଇଁ ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୩୧ | ୩୯ | ୩୬ | ୦.୧୧୦ | ୦.୦୯୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୨ | | ୫୩ | ୦.୦୫୦ | ୦.୦୫୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୩ | | ୨୬୫ | ୦.୧୦୦ | ୦.୧୦୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୪ | ୩୯ | ୨୭୧ | ୦.୧୬୦ | ୦.୧୬୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୫ | | ୨୭୪ | ୦.୧୪୦ | ୦.୧୪୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୬ | | ୨୭୭ | ୦.୦୬୦ | ୦.୦୬୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୭ | | ୧୦୧୦ | ୦.୧୫୦ | ୦.୧୧୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୮ | | ୧୦୧୨ | ୦.୨୬୦ | ୦.୧୦୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୯ | | ୧୦୧୭ | ୦.୦୮୦ | ୦.୦୮୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୦ | | ୧୦୧୯ | ୦.୧୩୦ | ୦.୧୩୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୧ | | ୧୦୯୫ | ୦.୨୪୦ | ୦.୨୪୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୨ | ୪୦ | ୧୦୪୫ | ୦.୧୩୦ | ୦.୦୭୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୩ | | ୧୦୪୬ | ୦.୦୯୦ | ୦.୦୯୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୪ | | ୧୦୯୩ | ୦.୦୭୦ | ୦.୦୫୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୫ | | ୧୧୦୦ | ୦.୦୩୦ | ୦.୦୧୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୬ | | ୧୧୭୯ | ୦.୧୯୦ | ୦.୧୯୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୭ | | ୧୧୮୦ | ୦.୦୫୦ | ୦.୦୫୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୮ | | ୧୧୮୨ | ୦.୦୬୦ | ୦.୦୩୦ | ଗଙ୍ଗାଧର ସାହୁ, ପିତା: ଦୈତାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୯ | ୫୪ | ୧୩୩୦ | ୦.୧୨୦ | ୦.୧୧୦ | ଗୋପୀନାଥ ସାହୁ, ପିତା: ରଙ୍କ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫୦ | ୫୪ | ୧୩୩୩ | ୦.୦୬୦ | ୦.୦୬୦ | ଗୋପୀନାଥ ସାହୁ, ପିତା: ରଙ୍କ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫୧ | | ୧୩୩୬ | ୦.୦୩୦ | ୦.୦୩୦ | ଗୋପୀନାଥ ସାହୁ, ପିତା: ରଙ୍କ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫୨ | | ୧୨୧୧ | ୦.୦୩୦ | ୦.୦୧୦ | ଗୋପୀନାଥ ସାହୁ, ପିତା: ରଙ୍କ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫୩ | | ୧୨୧୫ | ୦.୦୧୦ | ୦.୦୧୦ | ଗୋପୀନାଥ ସାହୁ, ପିତା: ରଙ୍କ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫୪ | ୬୧ | ୧୩୫ | ୦.୪୮୦ | ୦.୪୮୦ | ଗୌରାଙ୍ଗ ସାହୁ, ପିତା: ଲକ୍ଷ୍ମଣ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୫୫ | | ୧୧୧ | ୦.୦୬୦ | ୦.୦୧୦ | ଗୌରାଙ୍ଗ ସାହୁ, ପିତା: ଲକ୍ଷ୍ମଣ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୫୬ | ୬୨ | ୩୮ | ୦.୦୪୦ | ୦.୦୪୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୫୭ | | ୫୨ | ୦.୧୧୦ | ୦.୧୧୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୫୮ | ୬୩ | ୫୬୬ | ୦.୧୦୦ | ୦.୦୧୦ | ଚକ୍ରଧର ସାହୁ, ପିତା: ବାସୁ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୫୯ | ୬୫ | ୧୧୭୮ | ୦.୦୫୦ | ୦.୦୫୦ | ଚନ୍ଦ୍ର ସାହୁ, ପିତା: ଦାମୋଦର ସାହୁ ଓଗେର, ଜା: ତେଲି, ବା: ଢେଙ୍କିଆ, ଜି: କେନ୍ଦୁଝର | |
| ୬୦ | ୬୬ | ୧୩୬ | ୦.୧୯୦ | ୦.୧୯୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୧ | | ୧୦୨୦ | ୦.୧୯୦ | ୦.୦୪୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୨ | | ୧୦୫୪ | ୦.୦୫୦ | ୦.୦୫୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୩ | | ୧୦୫୬ | ୦.୦୨୦ | ୦.୦୨୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୪ | | ୧୦୫୮ | ୦.୦୩୦ | ୦.୦୧୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୫ | | ୧୦୭ | ୦.୬୨୦ | ୦.୧୯୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୬ | ୬୭ | ୮୯ | ୦.୦୯୦ | ୦.୦୫୦ | ଚିନ୍ତାମଣି ସାହୁ, ପିତା: କ୍ଷେତ୍ର ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୬୭ | | ୧୨୪ | ୦.୦୨୦ | ୦.୦୨୦ | ଚିନ୍ତାମଣି ସାହୁ, ପିତା: କ୍ଷେତ୍ର ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୬୮ | ୭୫ | ୧୦୪୭ | ୦.୦୯୦ | ୦.୦୯୦ | ଜଡ଼ା ଚକ୍ର, ପିତା: ନାକଫୋଡ଼ି ଚକ୍ର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୬୯ | | ୧୦୫୫ | ୦.୦୩୦ | ୦.୦୩୦ | ଜଡ଼ା ଚକ୍ର, ପିତା: ନାକଫୋଡ଼ି ଚକ୍ର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୭୦ | ୭୬ | ୧୦୫୦ | ୦.୨୩୦ | ୦.୧୧୦ | ଜାହାଜି ସାହୁ, ପିତା: ହରି ସାହୁ, ଜା: ଗୁଡ଼ିଆ, ବା: ବାଦବିଲ | |
| ୭୧ | ୭୭ | ୩୫ | ୦.୨୧୦ | ୦.୨୧୦ | ଯୋଗେନ୍ଦ୍ର ନାଥ ବେହେରା, ପିତା: ମହି ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୭୨ | | ୫୧ | ୦.୧୬୦ | ୦.୧୬୦ | ଯୋଗେନ୍ଦ୍ର ନାଥ ବେହେରା, ପିତା: ମହି ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୭୩ | | ୫୯ | ୦.୦୩୦ | ୦.୦୩୦ | ଯୋଗେନ୍ଦ୍ର ନାଥ ବେହେରା, ପିତା: ମହି ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୭୪ | | ୨୭୦ | ୦.୨୦୦ | ୦.୨୦୦ | ଯୋଗେନ୍ଦ୍ର ନାଥ ବେହେରା, ପିତା: ମହି ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୭୫ | ୮୫ | ୧୩୮ | ୦.୦୮୦ | ୦.୦୮୦ | ଦୈତାରି ସାହୁ, ପିତା: ବାସୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୭୬ | | ୧୧୯ | ୦.୧୬୦ | ୦.୦୧୦ | ଦୈତାରି ସାହୁ, ପିତା: ବାସୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୭୭ | | ୧୪୧ | ୦.୦୪୦ | ୦.୦୧୦ | ଦୈତାରି ସାହୁ, ପିତା: ବାସୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୭୮ | ୮୭ | ୧୧୮୧ | ୦.୦୨୦ | ୦.୦୨୦ | ଧନି ସାହୁ, ପିତା: ପାଣୁ ସାହୁ, ଜା: ତେଲି, ବା: ଢେଙ୍କିଆସାହି, ଜି: କେନ୍ଦୁଝର | |
| ୭୯ | | ୧୨୧୬ | ୦.୦୨୦ | ୦.୦୨୦ | ଧନି ସାହୁ, ପିତା: ପାଣୁ ସାହୁ, ଜା: ତେଲି, ବା: ଢେଙ୍କିଆସାହି, ଜି: କେନ୍ଦୁଝର | |
| ୮୦ | ୮୯ | ୧୩୪୨ | ୦.୦୨୦ | ୦.୦୨୦ | ଧରଣୀ ଜେନା, ପିତା: ଜଗବନ୍ଧୁ ଜେନା, ଜା: ଖଣ୍ଡାୟତ, ବା: ବାଦବିଲ | |
| ୮୧ | | ୮୫ | ୦.୩୯୦ | ୦.୦୧୦ | ଧରଣୀ ଜେନା, ପିତା: ଜଗବନ୍ଧୁ ଜେନା, ଜା: ଖଣ୍ଡାୟତ, ବା: ବାଦବିଲ | |
| ୮୨ | ୯୨ | ୧୩୪ | ୦.୩୪୦ | ୦.୩୪୦ | ନକୁଳ ଚରଣ ସାହୁ, ପିତା: ଧରଣୀଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୮୩ | ୯୮ | ୩୯ | ୦.୦୩୦ | ୦.୦୩୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୪ | | ୪୦ | ୦.୦୩୦ | ୦.୦୩୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୫ | | ୪୨ | ୦.୦୭୦ | ୦.୦୭୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୬ | | ୨୭୫ | ୦.୦୫୦ | ୦.୦୫୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୭ | | ୨୭୬ | ୦.୦୪୦ | ୦.୦୪୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୮ | | ୨୮୧ | ୦.୦୩୦ | ୦.୦୩୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୯ | | ୨୮୫ | ୦.୧୩୦ | ୦.୧୧୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୦ | | ୨୮୮ | ୦.୦୩୦ | ୦.୦୩୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୧ | ୯୮ | ୨୯୩ | ୦.୦୧୦ | ୦.୦୧୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୨ | | ୩୬୫ | ୦.୦୪୦ | ୦.୦୪୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୩ | | ୧୦୭୩ | ୦.୨୩୦ | ୦.୦୮୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୪ | | ୧୦୭୪ | ୦.୨୮୦ | ୦.୧୧୦ | ନନ୍ଦ କିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୫ | ୧୦୦ | ୧୦୯୭ | ୦.୧୪୦ | ୦.୧୪୦ | ନବକିଶୋର ସାହୁ, ପିତା: ପ୍ରଭାକର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୯୬ | | ୧୩୪/ ୧୯୦୯ | ୦.୧୫୦ | ୦.୧୫୦ | ନବକିଶୋର ସାହୁ, ପିତା: ପ୍ରଭାକର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୯୭ | ୧୦୫ | ୧୦୫୨ | ୦.୧୮୦ | ୦.୦୭୦ | ନୀଳମଣି ସାହୁ, ପିତା: କୀର୍ତ୍ତନ ବିହାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୯୮ | ୧୧୫ | ୧୦୪୯ | ୦.୫୯୦ | ୦.୪୪୦ | ପିତାମ୍ବର ଜେନା, ପିତା: ବନମାଳି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୯୯ | ୧୧୬ | ୧୩୪୮ | ୦.୦୬୦ | ୦.୦୧୦ | ପିତାମ୍ବର ଜେନା, ପିତା: ବନମାଳି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୦୦ | ୧୧୭ | ୧୩୩୮ | ୦.୦୬୦ | ୦.୦୬୦ | ପିତାମ୍ବର ଜେନା, ପିତା: ବନମାଳି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୦୧ | ୧୧୭ | ୧୩୪୬ | ୦.୦୨୦ | ୦.୦୨୦ | ପିତାମ୍ବର ଜେନା, ପିତା: ବନମାଳି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୦୨ | | ୧୩୪୭ | ୦.୧୭୦ | ୦.୧୩୦ | ପିତାମ୍ବର ଜେନା, ପିତା: ବନମାଳି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୦୩ | | ୧୩୪୯ | ୦.୧୦୦ | ୦.୦୧୦ | ପିତାମ୍ବର ଜେନା, ପିତା: ବନମାଳି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୦୪ | ୧୨୦ | ୧୪୬ | ୦.୦୫୦ | ୦.୦୧୦ | ପିତାମ୍ବର ସାହୁ, ପିତା: ଆର୍ତ୍ତ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୦୫ | ୧୨୧ | ୩୪୨ | ୦.୧୫୦ | ୦.୦୧୦ | ପିତାମ୍ବର ସାହୁ, ପିତା: ଶିବ ସାହୁ ଓଗେର | |
| ୧୦୬ | | ୩୪୩ | ୦.୦୩୦ | ୦.୦୩୦ | ପିତାମ୍ବର ସାହୁ, ପିତା: ଶିବ ସାହୁ ଓଗେର | |
| ୧୦୭ | | ୧୦୬୩ | ୦.୦୭୦ | ୦.୦୭୦ | ପିତାମ୍ବର ସାହୁ, ପିତା: ଶିବ ସାହୁ ଓଗେର | |
| ୧୦୮ | ୧୨୪ | ୫୬୭ | ୦.୦୫୦ | ୦.୦୩୦ | ପୁରସ୍ତମ ସାହୁ, ପିତା: ପାଣ୍ଡୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୦୯ | | ୧୫୩ | ୦.୦୬୦ | ୦.୦୧୦ | ପୁରସ୍ତମ ସାହୁ, ପିତା: ପାଣ୍ଡୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୧୦ | ୧୩୯ | ୧୦୧୨/ ୧୮୪୫ | ୦.୦୬୦ | ୦.୦୬୦ | ବୀରଭଦ୍ର ବାରିକ, ପିତା: ଶୁକଦେବ ବାରିକ, ଜା: ଭଣ୍ଡାରି, ବା: ଢିଙ୍କିଆ, ଥା: ଘସିପୁରା, ଜି: କେନ୍ଦୁଝର | |
| ୧୧୧ | ୧୪୨ | ୩୪୭ | ୦.୦୬୦ | ୦.୦୫୦ | ବାଞ୍ଛାନିଧି ପାଗଡ଼, ପିତା: ନିଶା ପାଗଡ଼ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୨ | ୧୪୩ | ୩୭୦ | ୦.୧୨୦ | ୦.୦୨୦ | ବାଞ୍ଛାନିଧି ସାହୁ, ପିତା: ଶୁକଦେବ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୧୩ | ୧୪୪ | ୧୩୩୪ | ୦.୦୬୦ | ୦.୦୬୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୪ | | ୧୨୧୪ | ୦.୦୧୦ | ୦.୦୧୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୫ | | ୧୩୩୫ | ୦.୦୨୦ | ୦.୦୨୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୬ | | ୧୩୩୭ | ୦.୦୬୦ | ୦.୦୬୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୭ | | ୧୩୪୦ | ୦.୧୭୦ | ୦.୧୭୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୮ | | ୧୩୫୨ | ୦.୧୪୦ | ୦.୧୧୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୯ | ୧୪୫ | ୧୧୮୪ | ୦.୦୫୦ | ୦.୦୨୦ | ବାଞ୍ଛାନିଧି ସାହୁ, ପିତା: ଗୁଞ୍ଜର ସାହୁ ଓଗେର, ଜା: ତେଲି, ବା: ଉଛବାଲି | |
| ୧୨୦ | | ୧୨୦୮ | ୦.୦୩୦ | ୦.୦୩୦ | ବାଞ୍ଛାନିଧି ସାହୁ, ପିତା: ଗୁଞ୍ଜର ସାହୁ ଓଗେର, ଜା: ତେଲି, ବା: ଉଛବାଲି | |
| ୧୨୧ | ୧୪୭ | ୧୨୪୦ | ୦.୨୭୫ | ୦.୨୭୫ | ବାବାଜି ଚକ୍ର, ପିତା: କ୍ଷେତ୍ର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୨୨ | ୧୪୭ | ୧୨୪୧ | ୦.୧୫୫ | ୦.୦୩୦ | ବାବାଜି ଚକ୍ର, ପିତା: କ୍ଷେତ୍ର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୨୩ | | ୧୨୪୩ | ୦.୧୬୦ | ୦.୦୨୦ | ବାବାଜି ଚକ୍ର, ପିତା: କ୍ଷେତ୍ର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୨୪ | ୧୪୯ | ୧୦୫୩ | ୦.୦୫୦ | ୦.୦୫୦ | ବିକଳି ଚରଣ ସାହୁ, ପିତା: ପୁନେଇ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୧୨୫ | ୧୫୦ | ୧୨୩ | ୦.୦୨୦ | ୦.୦୨୦ | ବିକଳି ଚରଣ ସାହୁ, ପିତା: ପୁନେଇ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୧୨୬ | | ୧୨୭ | ୦.୦୫୦ | ୦.୦୫୦ | ବିକଳି ଚରଣ ସାହୁ, ପିତା: ପୁନେଇ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୧୨୭ | | ୧୨୯ | ୦.୦୪୦ | ୦.୦୪୦ | ବିକଳି ଚରଣ ସାହୁ, ପିତା: ପୁନେଇ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୧୨୮ | | ୧୩୧ | ୦.୧୬୦ | ୦.୧୬୦ | ବିକଳି ଚରଣ ସାହୁ, ପିତା: ପୁନେଇ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୧୨୯ | ୧୫୪ | ୩୪୬ | ୦.୦୬୦ | ୦.୦୫୦ | ବେନୁ ସାହୁ, ପିତା: ନରସିଂହ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୩୦ | ୧୬୭ | ୧୧୬୩ | ୦.୧୧୦ | ୦.୦୭୦ | ମଣିନାଥ ସାହୁ, ପିତା: ଭୀମ ସାହୁ, ଜା: କୁମ୍ଭାର, ବା: କରଡ଼ାପାଳ | |
| ୧୩୧ | ୧୭୩ | ୧୩୯ | ୦.୦୩୦ | ୦.୦୨୦ | ଶ୍ରୀ ରାଧାକାନ୍ତଜୀଉ ଠାକୁର ବିଜେ, କରଡ଼ାପାଳ ମାର୍ଫତ ସମସ୍ତ ଗ୍ରାମବାସୀ ତରଫ ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୩୨ | ୧୭୫ | ୭୧ | ୦.୧୯୦ | ୦.୧୯୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୩ | | ୧୪୩ | ୦.୨୯୦ | ୦.୦୮୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୪ | | ୮୬ | ୦.୩୫୦ | ୦.୩୩୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୫ | | ୮୭ | ୦.୦୬୦ | ୦.୦୧୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୬ | ୧୭୬ | ୧୨୧ | ୦.୦୩୦ | ୦.୦୩୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୭ | | ୧୨୨ | ୦.୦୪୦ | ୦.୦୪୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୮ | | ୧୨୬ | ୦.୦୫୦ | ୦.୦୫୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୯ | ୧୭୬ | ୧୨୮ | ୦.୦୪୦ | ୦.୦୪୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୪୦ | | ୧୩୦ | ୦.୨୨୦ | ୦.୨୨୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୪୧ | ୧୭୭ | ୬୩ | ୦.୦୧୦ | ୦.୦୧୦ | ମାଗୁଣୀ ପାଗଡ଼, ପିତା: କ୍ଷେତ୍ର ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୧୪୨ | | ୬୬ | ୦.୦୮୦ | ୦.୦୮୦ | ମାଗୁଣୀ ପାଗଡ଼, ପିତା: କ୍ଷେତ୍ର ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୧୪୩ | | ୭୩ | ୦.୨୨୦ | ୦.୦୩୦ | ମାଗୁଣୀ ପାଗଡ଼, ପିତା: କ୍ଷେତ୍ର ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୧୪୪ | ୧୮୦ | ୧୪୦ | ୦.୦୬୦ | ୦.୦୩୦ | ମାଧବାନନ୍ଦ ସାହୁ, ପିତା: ଭିକାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୪୫ | ୧୮୨ | ୧୧୮୩ | ୦.୦୨୦ | ୦.୦୧୦ | ମାନ ସାହୁ, ପିତା: ନାଣ୍ଡୁ ସାହୁ, ଜା: ତେଲି, ବା: ଉଛବାଲି | |
| ୧୪୬ | ୧୮୫ | ୩୭ | ୦.୨୦୦ | ୦.୦୯୦ | ମୁନି ଓଝା, ପିତା: ନିଧି ଓଝା ଓଗେର, ଜା: ତନ୍ତି, ବା: ଉଛବାଲି | |
| ୧୪୭ | | ୧୮ | ୦.୩୬୦ | ୦.୦୪୦ | ମୁନି ଓଝା, ପିତା: ନିଧି ଓଝା ଓଗେର, ଜା: ତନ୍ତି, ବା: ଉଛବାଲି | |
| ୧୪୮ | | ୨୮୬ | ୦.୦୯୦ | ୦.୦୧୦ | ମୁନି ଓଝା, ପିତା: ନିଧି ଓଝା ଓଗେର, ଜା: ତନ୍ତି, ବା: ଉଛବାଲି | |
| ୧୪୯ | ୧୯୦ | ୧୧୭୬ | ୦.୩୨୦ | ୦.୩୨୦ | ରଘୁ ବେହେରା, ପିତା: ରାମ ବେହେରା ଓଗେର, ଜା: ରାଢ଼ି, ବା: ଉଛବାଲି | |
| ୧୫୦ | ୧୯୦ | ୧୧୭୭ | ୦.୦୫୦ | ୦.୦୫୦ | ରଘୁ ବେହେରା, ପିତା: ରାମ ବେହେରା ଓଗେର, ଜା: ରାଢ଼ି, ବା: ଉଛବାଲି | |
| ୧୫୧ | ୧୯୬ | ୩୪୦ | ୦.୧୫୦ | ୦.୦୪୦ | ରମେଶ ବେହେରା, ପିତା: ଗଙ୍ଗାଧର ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୨ | | ୧୦୫୧ | ୦.୦୧୦ | ୦.୦୧୦ | ରମେଶ ବେହେରା, ପିତା: ଗଙ୍ଗାଧର ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୩ | ୧୯୯ | ୨୬୬ | ୦.୦୨୦ | ୦.୦୨୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୪ | | ୨୬୭ | ୦.୦୬୦ | ୦.୦୬୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୫ | | ୨୮୩ | ୦.୦୨୦ | ୦.୦୨୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୬ | | ୨୮୪ | ୦.୦୬୦ | ୦.୦୧୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୭ | | ୩୪୧ | ୦.୧୪୦ | ୦.୦୧୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୮ | | ୩୪୪ | ୦.୦୪୦ | ୦.୦୪୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୯ | | ୩୬୬ | ୦.୦୪୦ | ୦.୦୪୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୦ | | ୨୬୩ | ୦.୦୬୦ | ୦.୦୧୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୧ | ୧୯୯ | ୧୦୬୯ | ୦.୦୭୦ | ୦.୦୪୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୨ | | ୧୧୦୨ | ୦.୧୯୦ | ୦.୦୮୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୩ | ୨୦୦ | ୧୨୨୦ | ୦.୩୬୦ | ୦.୩୬୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୪ | | ୧୨୨୪ | ୦.୩୮୦ | ୦.୨୧୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୫ | | ୧୨୨୩ | ୦.୩୨୦ | ୦.୩୨୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୬ | ୨୦୬ | ୧୦୧୧ | ୦.୧୨୦ | ୦.୦୨୦ | ସର ସାହୁ, ସ୍ୱାମୀ: ଆତୁଳ ସାହୁ, ଜା: ତେଲି, ବା: ଢିଙ୍କିଆସାହି, ଜି: କେନ୍ଦୁଝର | |
| ୧୬୭ | | ୧୦୧୬ | ୦.୦୯୦ | ୦.୦୯୦ | ସର ସାହୁ, ସ୍ୱାମୀ: ଆତୁଳ ସାହୁ, ଜା: ତେଲି, ବା: ଢିଙ୍କିଆସାହି, ଜି: କେନ୍ଦୁଝର | |
| ୧୬୮ | ୨୦୯ | ୧୩୩୧ | ୦.୦୪୦ | ୦.୦୪୦ | ସାର୍ଦ୍ଧକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୬୯ | | ୧୩୩୯ | ୦.୧୩୦ | ୦.୧୩୦ | ସାର୍ଦ୍ଧକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭୦ | | ୧୩୫୧ | ୦.୨୩୦ | ୦.୦୧୦ | ସାର୍ଦ୍ଧକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭୧ | ୨୦୯ | ୧୩୩୨ | ୦.୦୬୦ | ୦.୦୬୦ | ସାର୍ଦ୍ଧକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭୨ | | ୧୨୧୨ | ୦.୦୩୦ | ୦.୦୧୦ | ସାର୍ଦ୍ଧକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭୩ | | ୧୨୧୩ | ୦.୦୧୦ | ୦.୦୧୦ | ସାର୍ଦ୍ଧକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭୪ | ୨୧୦ | ୧୨୧୮ | ୦.୨୧୦ | ୦.୨୧୦ | ଶୁକ ସାହୁ, ପିତା: କାଳି ସାହୁ ଓଗେର, ଜା: ତେଲି, ବା: ଉଛବାଲି | |
| ୧୭୫ | ୨୧୩ | ୪୧ | ୦.୦୩୦ | ୦.୦୩୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୭୬ | | ୪୩ | ୦.୦୨୦ | ୦.୦୨୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୭୭ | | ୨୬୯ | ୦.୦୩୦ | ୦.୦୩୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୭୮ | | ୨୭୮ | ୦.୦୬୦ | ୦.୦୬୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୭୯ | | ୨୮୭ | ୦.୦୩୦ | ୦.୦୨୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୮୦ | | ୩୫୭ | ୦.୦୫୦ | ୦.୦୫୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୮୧ | | ୩୫୮ | ୦.୦୪୦ | ୦.୦୪୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୮୨ | | ୩୫୯ | ୦.୧୧୦ | ୦.୧୧୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୮୩ | | ୩୬୧ | ୦.୦୬୦ | ୦.୦୬୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୮୪ | ୨୧୩ | ୩୬୨ | ୦.୧୫୦ | ୦.୦୩୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୮୫ | | ୩୬୩ | ୦.୧୦୦ | ୦.୦୭୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୮୬ | | ୩୬୪ | ୦.୨୮୦ | ୦.୧୭୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | Contd... |

**କୃଷି ଆଇନ ସପକ୍ଷରେ ୭୦୦ ବୈଠକ କରିବ ଭାଜପା**

ନୂଆଦିଲ୍ଲୀ- କୃଷି ଆଇନକୁ ନେଇ କୃଷକ ସଂଗଠନ ଓ ସରକାରଙ୍କ ମଧ୍ୟରେ ଅଚଳାବସ୍ଥା ଲାଗି ରହିଛି। ଉକ୍ତ ଆଇନ ସପକ୍ଷରେ ଭାଜପା ସାରା ଦେଶରେ ସଚେତନତା ଅଭିଯାନ ଚଳାଇବା ଲାଗି ଯୋଜନା କରିଛି। ଏହି କ୍ରମରେ ଗୈରିକ ଦଳ ପକ୍ଷରୁ ଆଗାମୀ କିଛି ଦିନ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ୧୦୦ ଖବରଦାତା ସମ୍ମିଳନୀ ଓ କୃଷକମାନଙ୍କୁ ନେଇ ୭୦୦ ବୈଠକ କରାଯିବ। ଏହି ଅଭିଯାନରେ କ୍ୟାବିନେଟ ମନ୍ତ୍ରୀମାନେ ଯୋଗଦେବେ। ନୂଆ ଆଇନକୁ ନେଇ ଚାଷୀଙ୍କ ମଧ୍ୟରେ ଦେଖାଦେଇଥିବା ଆଶଙ୍କା ଦୂର କରିବାକୁ ସମସ୍ତ ଉଦ୍ୟମ କରାଯିବ ବୋଲି ଭାଜପା ସୂତ୍ରରୁ ଜଣାପଡିଛି।

# ନକଲି ସୁନା ବନ୍ଧକ ରଖି ଲକ୍ଷାଧିକ ଠକେଇ

**ପାରଳାଖେମୁଣ୍ଡି,୧୧।୧୨**

- ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ପାରଳାଖେମୁଣ୍ଡି ଶାଖା
- ପୂର୍ବତନ ଶାଖା ପରିଚାଳକ, ସୁନା ବେପାରୀ ଅଟକ

ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ପାରଳାଖେମୁଣ୍ଡି ଶାଖାରେ ନକଲି ସୁନା ବନ୍ଧକ ରଖି ଋଣ ନେବା ଅଭିଯୋଗରେ ପୋଲିସ ଠକେଇ ମାମଲା ରୁଜୁକରି ୨ଜଣଙ୍କୁ ଅଟକ ରଖିଛି। ସେମାନେ ହେଲେ ପାରଳାଖେମୁଣ୍ଡି ଶାଖାର ପୂର୍ବତନ ପରିଚାଳକ ଆର୍. ଭୁଜଙ୍ଗ ରାଓ ଓ ସୁନା ବେପାରୀ କେ.ଗୋପୀ। ପାରଳାଖେମୁଣ୍ଡି ଶାଖାର ସହକାରୀ ପରିଚାଳକ(ଆସିଷ୍ଟାଣ୍ଟ ମ୍ୟାନେଜର) ବିନୋଦ କୁମାର ନନ୍ଦଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ନଂ.୩୦୨/୨୦ରେ ମାମଲା ରୁଜୁ କରାଯାଇଥିବା ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

ପ୍ରକାଶ ଯେ, ବ୍ରହ୍ମପୁର ସମବାୟ ବ୍ୟାଙ୍କ ପାରଳାଖେମୁଣ୍ଡି ଶାଖାରୁ ସୁନା ବେପାରୀ ଗୋପୀ ୨୦୧୬-୧୭ ଆର୍ଥିକ ବର୍ଷରେ ୪ ଥରରେ ୪୬୦.୬ଗ୍ରାମ ସୁନା ବନ୍ଧକ ରଖି ୬ ଲକ୍ଷ ୮୪ ହଜାର ଟଙ୍କା ଋଣ ନେଇଥିଲେ। ମୂଳସୁଧ ମିଶାଇ ଏବେ ୧୧ଲକ୍ଷ ୫୩ହଜାର ୬୬୧ଟଙ୍କା ହେଲାଣି। ଗୁରୁବାର ବ୍ୟାଙ୍କର ରେଜିଷ୍ଟ୍ରାର ବିଶ୍ୱରଞ୍ଜନ ଦାସ ପାରଳାଖେମୁଣ୍ଡି ଶାଖାର ଋଣ ପ୍ରଦାନ ଓ ଆଦାୟ ସମ୍ପର୍କରେ ଯାଞ୍ଚ କରିଥିଲେ। ଗୋପୀ ସୁନା ବନ୍ଧକ ରଖି ଋଣ ନେଇଛନ୍ତି, ମାତ୍ର ପରିଶୋଧ କରୁ ନ ଥିବା ଜଣାପଡିଥିଲା। ନିୟମାନୁଯାୟୀ ସେଗୁଡିକ କାହିଁକି ନିଲାମ କରୁନାହାନ୍ତି ବୋଲି କର୍ମଚାରୀଙ୍କୁ ପଚାରିଥିଲେ। ପରେ ରେଜଷ୍ଟ୍ରାର ଦାସ ବନ୍ଧକ ସୁନା ଆଣି ଓଜନ କରିବାକୁ କହିଥିଲେ। ଓଜନ ପରେ ୨୦୦.୨୬ଗ୍ରାମ ହୋଇଥିଲା। ସେଥିମଧ୍ୟରୁ ଅଧିକାଂଶ ବ୍ରୋଞ୍ଜ ଗହଣା ଓ ତା' ଉପରେ ସୁନା ଝାଳ ଦିଆଯାଇଥିବା ଜଣାପଡିଥିଲା। ଏହାପରେ ସେ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ଆର୍. ଭୁଜଙ୍ଗ ରାଓ ଓ ସୁନା ବେପାରୀ କେ. ଗୋପୀଙ୍କ ନାମରେ ଥାନାରେ ଅଭିଯୋଗ କରିବାକୁ ସହକାରୀ ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହକାରୀ ପରିଚାଳକ ବିନୋଦ ବିହାରୀ ନନ୍ଦ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ଉଭୟଙ୍କୁ ଥାନାକୁ ଆଣି ତଦନ୍ତ କରୁଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ପ୍ରଦୀପ ଲିଙ୍କ୍: ବୋରିଗାଁ ସରପଞ୍ଚଙ୍କୁ ଉଠାଇଲା ପୋଲିସ

**ବ୍ରହ୍ମପୁର ଅଫିସ,୧୧।୧୨**

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଲିଙ୍କରେ ଶୁକ୍ରବାର ସଦର ଥାନା ପୋଲିସ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବୋରିଗାଁ ସରପଞ୍ଚ ବସନ୍ତ କୁମାର ସାହୁଙ୍କୁ ଉଠାଇ ନେଇଥିଲା। ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଅଞ୍ଚଳର କେତେଜଣ ବେକାର ଯୁବତୀ ଯୁବକଙ୍କଠାରୁ ଟଙ୍କା ଠକେଇ ଘଟଣାରେ ବିଧାୟକ ପ୍ରଦୀପଙ୍କ ସହ ତାଙ୍କର କ'ଣ ଲିଙ୍କ ରହିଛି ସେ ନେଇ ପୋଲିସ ଜେରା କରିଥିଲା। କିଛି ତଥ୍ୟ ହାସଲ କରିବା ପରେ ପୋଲିସ ସରପଞ୍ଚଙ୍କୁ ସନ୍ଧ୍ୟାରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପୂର୍ବରୁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଆସି ଚାକିରି ଦେବା ନାଁରେ ଟଙ୍କା ଠକେଇ ଘଟଣାର ତଦନ୍ତ କରିଛି। କ୍ରାଇମବ୍ରାଞ୍ଚ ଟିମ୍ ବିଭିନ୍ନ ଲୋକଙ୍କ ବୟାନ ରେକର୍ଡ କରି ପ୍ରମାଣ ଯୋଗାଡ଼ କରୁଛି। ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ହୋଇଥିବା କୋଟି କୋଟି ଟଙ୍କା ଠକେଇ ଘଟଣାରେ ଗୋପାଳପୁର ବିଧାୟକ ପ୍ରଦୀପ ଗିରଫ ହୋଇ ଏବେ ଜେଲରେ ଅଛନ୍ତି।

# ୮ ଜିଲ୍ଲାରେ ଘନ କୁହୁଡ଼ି: ସତର୍କ କଲା ପାଣିପାଗ ବିଭାଗ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ଆସନ୍ତା ୩ ଦିନ ଯାଏ ବିଭିନ୍ନ ଜିଲ୍ଲାରେ ଘନ କୁହୁଡି ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ, ଜଗତସିଂହପୁର, ଭଦ୍ରକ, ଯାଜପୁର, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଓ ନୟାଗଡ ଜିଲ୍ଲାରେ ଘନ କୁହୁଡି ହେବ। ଯାତାୟାତରେ ବାଧା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୩ ତାରିଖରେ ଜଗତସିଂହପୁର, କଟକ, କେନ୍ଦ୍ରାପଡା, ଭଦ୍ରକ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ ଜିଲ୍ଲାର ଗୋଟିଏ ଦୁଇଟିସ୍ଥାନରେ ପ୍ରବଳ କୁହୁଡି ହେବ। ୧୪ ତାରିଖରେ କନ୍ଧମାଳ, ନୟାଗଡ, ରାୟଗଡା, ବୌଦ୍ଧ, କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନ କୁହୁଡି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କୁହୁଡି ସମ୍ଭାବନା ଥିବାରୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ ଉପରୋକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୁହୁଡି ଜନିତ ଦୁର୍ଘଟଣାକୁ ଏଡାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଜିଲ୍ଲାର ପୋଲିସ ଓ ପରିବହନ ଅଧିକାରୀ ନିର୍ଦ୍ଦେଶ ଦିଆଯାଇଛି। କୁହୁଡି ଯୋଗୁ ରାଜ୍ୟରେ ଶୀତ ହ୍ରାସ ପାଇଛି। ଫୁଲବାଣୀରେ ସର୍ବନିମ୍ନ ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡି ୧୧, ଅନୁଗୋଳ ୧୧ ଏବଂ ଝାରସୁଗୁଡାରେ ୧୧.୫ ଡିଗ୍ରୀସେଲସିୟସ ରେକର୍ଡ କରାଯାଇଛି।


**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT, AT/POST: BALIMELA, DIST. MALKANGIRI, PIN-764051 (ODISHA); PHONE Nos.- 06861-232581(O)/232641 (R) FAX No. 06861-232541, E-mail: unit.head_balimela@yahoo.com/bhep.balimela@gmail.com
REGD. OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANI VIHAR CHOUK, JANAPATH, BHUBANESWAR-22
Tel.: 91-0674-2542983, 2542802, 2545526, 2542826 Fax: 2542102, TELEGRAM: HYDROPOWER
E-MAIL: ohpc.co@gmail.com/md@ohpcltd.com, Web: www.ohpcltd.com
GSTIN: 21AAACO2575P1Z9 CIN 40101OR1995SGC003963

**'e'-Procurement Notice**
**NOTICE INVITING TENDER NO. BHEP/08/2020-21 DATED 10.12.2020**

No. CAD-902:- The Unit Head, Balimela Hydro Electric Project, Balimela, Dist.- Malkangiri invites percentage rate bids in double cover system i.e. Cover-I (Technical Bid) & Cover II (Price bid) for the work through e-procurement as detailed in the table below. The bids should be submitted online in https://tendersodisha.gov.in by eligible class contractors/ service providers registered with the state government and contractors of equivalent grade/class registered with central government / railways having registration for execution of civil works can participate in the works on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Approx. Estimated cost in Rs. | E.M.D. in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 1 | Job Contract on Annual Maintenance of Administrative Office Canteen & Erector's Hostel for 02 (two) years at BHEP, Balimela | 21,23,856.00 | 21240.00 | 'C' or 'B' service provider | 6000/- + GST @ 18% = 7080/- | 02 years (730 days) |

Date & Time of availability of bid document in the portal: From 11.00 hrs of 15.12.2020 to 28.12.2020 (up to 16.00 hrs)
Last date & time of submission of bid: Up to 16.00 hrs of 28.12.2020
The date & time of opening of the bid: 12.00 hrs onwards of 29.12.2020 (only Technical bid)
Further details can be seen from the e-procurement portal https://tendersodisha.gov.in
OIPR-04019/11/0045/2021 Sd./- Contract & Procurement Head, Balimela Hydro Electric Project, Balimela



GOVERNMENT OF ODISHA
OFFICE OF THE ENGINEER -IN-CHIEF (CIVIL), ODISHA, BHUBANESWAR
"E" - PROCUREMENT NOTICE
**WORKS DEPARTMENT**
E-Mail: Ceworldbankprojects@gmail.com
Bid Identification No.CE-W.B.P.(O)-19/2020-21

No.B-511 :- 1. The Chief Engineer (World Bank Project), Odisha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for construction of Road & Bridge Works as detailed in the table below:
2. Nature of work : Road & CD Works
3. No. of work : 1 No.
4. Tender cost : Rs. 10,000.00
5. Class of contractor : Super Class Contractor
6. Available of bid document in the website : From 10.00AM of 18.12.2020 to 5.00 PM of 12.01.2021
7. Pre-Bid meeting : Dt.28.12.2020 at 11.30 AM
8. Date of opening of Bid : Dt.13.01.2021 at 11.30 AM
9. The Bidders have to participate in ONLINE bidding only. Further Details can be seen from the website : https://tenderodisha.gov.in. Any addendum / corrigendum / concellation of tender can also be seen in the said wabsite.

Sd./- Chief Engineer, World Bank Project, Odisha
OIPR-34003/11/0024/2021



GOVERNMENT OF ODISHA
**OFFICE OF THE BLOCK DEVELOPMENT OFFICER, SUBDEGA BLOCK, SUNDARGARH**
**INVITATION TENDER CALL NOTICE**
No. 2082 Dt.10.12.2020
The Block Development Officer, Subdega, Sundargarh invites percentage rate basis for the following work in seald tender on behalf of Government of Odisha from registered and eligible contractor of the State PWD (R&B)/Water Resource/Rural Works/ Minor Irrigation/C.P.W.D./ for the following works eventually to be drawn up in the P1 forms in conformity with the Details Tender Call Notice. The bidder may submit bids for the following works under OMBADC Scheme for the year 2020-21.

| Sl. No. | Location | Name of the Work | Amount put to Tender in Rs. | Cost of Tender Paper (Non-refundable) in Rs. | Bid Security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Damkuda GP | Const. of 2 Nos. of AWC Building (Peruabhadi AWC & San Damkuda AWC) | 3035715/- (Excluding GST) | 6,000/- | 30357/- | 06 (Six Calendar Months) | 'C' & 'B' Class |

The detailed terms and conditions can be downloaded from the District website www.sundargarh.nic.in.
Sd./- Block Development Officer, Subdega, Sundargarh



**ZILLA SWASTHYA SAMITI, KORAPUT**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER (DPMU), NATIONAL HEALTH MISSION**
E-mail: nhmkpt@gmail.com Phone: 06852-250242
Advt No.: 8450/DPMU/NHM/20 Date:- 10/12/2020
**ADVERTISEMENT**
**No. E-431:-** Applications are invited from the eligible candidates for filling up the posts of AYUSH Doctors, Pharmacists & ANMs under Rastriya Bal Swasthya Karyakram (RBSK), National Health Mission, **Koraput** on contractual basis for a period of 11 months and subject to renewal as per OSH&FW Society terms and conditions. Interested candidates fulfilling the criteria can log on to the Koraput district official website: **www.koraput.nic.in** for details of vacancy, eligibility criteria, Age, Remuneration, Application Forms and other terms and conditions. They can apply to the Chief District Medical & Public Health Officer, At/Po- Koraput (Jail Road), Dist- Koraput, PIN-764020 through Speed Post/Regd. Post/Courier only and the last date of submission of filled in application is 28.12.2020 by 05 PM. The envelope containing the application should be superscribed clearly with the name of the post applied for.... Number of vacancies under this Advertisement is provisional which may increase or decrease depending upon the requirement at the time of selection. The candidates are requested to log on district website of Koraput (www.koraput.nic.in) regarding notification of selection process/Shortlisted candidates/Updated result/ notification etc. The undersigned reserves the right to cancel/ reject any or all the applications without assigning any reason thereof.
Sd./- CDMO-cum-District Mission Director, Koraput
OIPR-10077/11/0010/2021



**THE ODISHA MINING CORPORATION LIMITED**
OMC ODISHA NEW OPPORTUNITIES
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
**NOTICE**
**No. 14888/OMC/Persnl./2020 Date: 11/12/2020**
**No. CAD-905:-** Pursuant to the Advt. No. 46/OMC dated 26.02.2020 and Notice No. 14744/ OMC/Persnl./ 2020 dated 07.12.2020, the Online Computer Based Test (CBT) which was originally scheduled on 08.12.2020 (03 shifts) and was postponed until further notice due to Bharat Bandh Call, is hereby **rescheduled on 21.12.2020 (03 shifts).**
This is for information of all the candidates that the rescheduled CBT will be conducted **on 21.12.2020 (03 shifts). The CBT centres, shifts and timings including reporting time of the candidates shall remain unchanged (i.e. as planned earlier for 08.12.2020).**
Communication regarding revised schedule and dispatch of e-Admit card shall be sent to the candidates through their registered e-mail ID & Mobile Number from **14.12.2020 onwards.**
Candidates are advised to report at the examination centre as per the reporting time mentioned in their e-Admit Cards.
For any query /clarification, the candidates are advised to contact the helpdesk Number **022-61306204** or email to **omclhelpdesk@gmail.com**. The helpdesk shall remain opened from 10.00 AM to 5.00 PM during working days.
Sd./- **General Manager (P&A)**
***NB:*** *Candidates are advised to check the OMC website (https://omcltd.in) regularly for important instructions / notifications relating to the online Computer Based Test.*
OIPR-30005/11/0127/2021



Your classified advertisement published in Dharitri will be listed free in Dharitri online edition : **www.dharitri.com**



**NOTICE**
**No. MM-101:-** Sri Bhabani Shankar Behera, Forest Extension Supervisor (Under Suspension), At/Po- Tamparsara, Via- Larambha, PS-Attabira, Dist-Bargarh (Pin No.768102) please take notice that O.O.No.61 dated 30.04.2020 of the Principal Chief Conservator of Forests, (Kendu Leaves) Odisha, Bhubaneswar communicated vide office memo No.881 dated 30.04.2020 of the Divisional Forest Officer, Sambalpur (K.L.) Division was sent to him through special messenger on 01.05.2020, 02.05.2020 & 04.05.2020 to his ancestral house at Panitanki, Modipada, PO/Dist-Sambalpur but the said order was returned back and the messenger reported that he was not present at his residence. In this situation, the said order was sent through Registered Post with A.D. on 27.05.2020, 08.06.2020 & 03.08.2020 at his residential address situated At/Po-Tamparsara, Via- Larambha, PS-Attabira, Dist-Bargarh (Pin No.768102) as per Service Book. But the same was again returned back by the Postal Department with remarks ***'Addressee not staying'***. In this regard, the Inspector-in-Charge, Ullunda Police Station, Ullunda had been requested to lodge an F.I.R. vide Letter No.915 dated 05.05.2020 of the Divisional Forest Officer, Sambalpur (K.L.) Division regarding absconding of Sri Bhabani Shankar Behera, Forest Extension Supervisor (Under Suspension), Ex-Range Officer,Sindhol (K.L.) Range since 07.04.2020 with lock and key of the office room and requested for tracing out of Sri Behera. F.I.R. was lodged vide No.06 dated 12.05.2020 of the I.I.C., Ullunda PS- Ullunda. Further, the Memorandum No.16370 dated 20.10.2020 of the Additional Chief Secretary to Government of Odisha, F & E Department, Bhubaneswar sent to the O/o Divisional Forest Officer, Sambalpur (K.L.) Division through the Chief Conservator of Forests, Sambalpur (K.L.) Circle vide his office memo No.1543 dated 02.11.2020 was communicated to Sri Bhabani Shankar Behera, Forest Extension Supervisor (Under Suspension) vide office memo No.2147 dated 03.11.2020 of the Divisional Forest Officer, Sambalpur (K.L.) Division through special messenger on 04.11.2020, 05.11.2020 & 06.11.2020 to his ancestral house, but the said order was returned back and the messenger reported that he was not present at his residence. In this situation, the said order was sent through Registered Post with A.D., on 09.11.2020, 13.11.2020 & 23.11.2020 at his residential address situated At/Po-Tamparsara, Via- Larambha, PS-Attabira, Dist-Bargarh (Pin No.768102) as per Service Book. But the same was returned back by the Postal Department with remarks ***'Addressee of such named person is not staying'***.
In this context, Sri Bhabani Shankar Behera, Forest Extension Supervisor (Under Suspension) please take notice that he was placed Under Suspension vide O.O.No.61 dated 30.04.2020 of the Principal Chief Conservator of Forests, (Kendu Leaves) Odisha, Bhubaneswar and Memorandum No.16370 dated 20.10.2020 of the Additional Chief Secretary to Government of Odisha, F & E Department, Bhubaneswar with immediate effect. During the period of suspension, his headquarters is fixed in the O/O the Divisional Forest Officer, Sambalpur (K.L.) Division.
**Divisional Forest Officer, Sambalpur (K.L.) Division.**
OIPR-08059/11/0001/2021



**ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ଼**
ବିଜ୍ଞାପନ ସଂଖ୍ୟା: ୪୨୦୬ ତା: ୦୭।୧୨।୨୦୨୦
**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଶେରଗଡ଼ ତହସିଲ ଇଲାକାରେ ଥିବା **କନ୍ଧନୂଆଗଡ଼ ପଥର ସୈରାତ ଉତ୍ସ** (ନିମ୍ନରେ ପ୍ରଦତ୍ତ ବିବରଣୀ) ଗୁଡ଼ିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ ଅର୍ଥାତ୍ ୨୦୨୦-୨୧ଠାରୁ ୨୦୨୪-୨୫ (ଦୀର୍ଘ ମିଆଦୀ) ଲିଜ୍ ପାଇଁ ଜଉମୁଦଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ। ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବସାଇଟ୍ **www.ganjam.nic.in**ରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଶେରଗଡ଼ ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।
ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର, ଶେରଗଡ଼ଙ୍କ କାର୍ଯ୍ୟାଳୟରେ ଥିବା Tender Boxରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା୩୦।୧୨।୨୦୨୦ରିଖଠାରୁ ତା୦୫।୦୧।୨୦୨୧ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।
ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା୦୬।୦୧।୨୦୨୧ରିଖ ୧୧.୦୦ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ କରାଯିବ। କୌଣସି କାରଣରୁ ପ୍ରଥମ ଧାର୍ଯ୍ୟ ତାରିଖରେ ନିଲାମ ନ ହୋଇ ପାରିଲେ ଦ୍ୱିତୀୟ ତା୦୭।୦୧।୨୦୨୧ଠାରୁ ୦୮।୦୧।୨୦୨୧ରିଖ ଏବଂ କୌଣସି କାରଣରୁ ଦ୍ୱିତୀୟ ଧାର୍ଯ୍ୟ ତାରିଖରେ ନିଲାମ ନ ହୋଇ ପାରିଲେ ପୁନର୍ବାର ତା୧୨।୦୧।୨୦୨୧ଠାରୁ ୧୩।୦୧।୨୦୨୧ରିଖରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ।
ସ୍ୱା./- ତହସିଲଦାର, ଶେରଗଡ଼



email ID-Supenger_rbjyp@yahoo.co.in
Phone No-06854-231528
Fax No-06854-231528
GOVERNMENT OF ODISHA
OFFICE OF THE SUPERINTENDING ENGINEER, JEYPORE (R&B) CIRCLE, JEYPORE
No. B-507:-
INVITATIONS FOR BIDS (IFB)
Bid identification No S.E.J.C (R&B) -14/2020-21
No 5070 Date o9.12.2020
1. Name of the work: BUILDING WORKS.
2. Total No. of Works: 02(Two) Nos.
3. Estimated cost: Rs. 351.86 lakhs to 355.84 lakhs.
4. Period of completion: 09(Nine) months each.
5. Bid cost: Rs. 10,000/- each
6. Class of contractor: 'A' & 'Speacial' class.
7. Date & time of availability of bid document in the portal: From 10.00 hours of 18.12. 2020 to 17.00 hours of 01.01.2021
8. Last date/Time for receipt of bids in the Portal: 17.00 hours of 01.01. 2021
9. Opening date of Bid: 10.00 hours of 02.01. 2021
10. Name and address of the officer inviting Bid: Superintending Engineer Jeypore (R&B) Circle, Jeypore
Further details can be seen from the e-procurement portal https :// tenders odisha. gov.in Any addendum/ corrigendum/ cancellation of tender can also be seen in the said website only.
Sd./-Superintending Engineer Jeypore (R&B) Circle, Jeypore
OIPR-34108/11/0012/2021



**TENDER CALL NOTICE**
**Office of District Manager Odisha State Civil Supplies Corporation Ltd., (OSCSC) Malkangiri District**
Phone: 06861230359; District Website: www.malkangiri.nic.in
No. 1466/II-PDS/66/2020 Date. 10/12/2020
District Manager, Odisha State Civil Supplies Corporation Ltd., Malkangiri invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of (i) Transportation of paddy from Paddy Purchase Centre to Rice Mill points & (ii) Transportation of Custom milled rice from rice mill to different tagged RRC-cum-DSCs/FCI for the KMS 2020-21 |
| 2 | Availability of bid document in the portal | From 14.12.2020 |
| 3 | Last Date / Time for receipt of bids in the portal | 28.12.2020 up to 05.00 P.M. |
| 4 | Date/Time of Opening of Technical Bid | 30.12.2020 at 11.00 A.M. |
| 5 | Name and address of the Officer inviting Tender | District Manager, OSCSC Ltd., Malkangiri |

Tender Documents & other details can be seen from the e-procurement portal www.malkangiri.nic.in tender, www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation/ retenders etc. if any shall be published only in above websites.
Sd./- CSO-cum-District Manager OSCSC Ltd., Malkangiri



**OFFICE OF THE DIVISIONAL FOREST OFFICER, KHARIAR DIVISION, KHARIAR**
e.Mail id: dfokhariar@gmail.com, Phone/Fax: 06671-224237.
No. MM-100
**NOTIFICATION**
This is for information of all concerned that the following Forest Roads of Khariar Forest Division will remain closed to traffic on the 31st December, 2020 from zero hour to 24 hours in accordance with Rule-284 of Odisha Forest Department Code 1979. The movement of traffic on the date and time specified above will be violation of Section 26 of Odisha Forest Act, 1972 and hence will be liable for prosecution.

| Sl. No. | Name of the Range | Name of the Forest Road | Length in K.M. |
|---|---|---|---|
| 3 | | 4 | 13 |
| 1 | Khariar Range | Bhimakhol-Ranimunda | 12.20 |
| 2 | -do- | Ranimunda-Kampaniguma | 02.40 |
| 3 | -do- | Birighat-Mantritarai | 08.20 |
| 4 | -do- | Dhobei-Redhamal | 08.80 |
| 5 | -do- | Bhainsadani-Patdarha | 03.16 |
| 6 | Sinapali Range | Darlipada-Ghatmal | 19.20 |
| 7 | -do- | Ghatmal-Chitarama | 05.60 |
| 8 | -do- | Sinapali-Patilpada | 08.00 |
| 9 | -do- | Liad-Ranimunda | 05.60 |
| 10 | -do- | Ghatmal-Amlipadar | 31.20 |
| 11 | -do- | Ghatmal-Patdarha | 02.50 |
| 12 | -do- | Patialpada-Kaseipani | 06.20 |
| 13 | -do- | Chikalchuan-Ghatmal | 14.40 |
| 14 | Komna Range | Khooli-Redhamal | 09.00 |
| 15 | -do- | Dabri-Barkot | 02.50 |
| | | Total | 138.96 |

Sd./-Divisional Forest Officer, Khariar Division
OIPR-08029/11/0006/2021



| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିଗୃହୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୮୭ | | ୩୬୮ | ୦.୨୦୦ | ୦.୦୩୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୮୮ | | ୪୯୩ | ୦.୨୩୦ | ୦.୧୪୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୮୯ | | ୧୦୯୪ | ୦.୧୦୦ | ୦.୧୦୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୯୦ | | ୧୧୦୧ | ୦.୧୦୦ | ୦.୧୦୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୯୧ | | ୧୩୫୩ | ୦.୧୪୦ | ୦.୦୨୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୯୨ | | ୧୩୫୪ | ୦.୬୧୦ | ୦.୦୧୦ | ଶୁକଦେବ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୯୩ | ୨୧୬ | ୭୨ | ୦.୨୮୦ | ୦.୧୬୦ | ସୂର୍ଯ୍ୟମଣି ପୁଷ୍ଟି, ପିତା: ରତ୍ନ ପୁଷ୍ଟି ଓଗେର, ଜା: ତେଲି, ବା: ଗୌଡ଼ବାହାଲି | |
| ୧୯୪ | ୨୧୮ | ୧୦୭୫ | ୦.୦୫୦ | ୦.୦୫୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୯୫ | ୨୧୮ | ୧୩୪୩ | ୦.୦୪୦ | ୦.୦୪୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୯୬ | | ୧୦୭୬ | ୦.୦୯୦ | ୦.୦୯୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୯୭ | | ୧୦୭୭ | ୦.୦୭୦ | ୦.୦୬୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୯୮ | | ୧୩୪୧ | ୦.୦୬୦ | ୦.୦୬୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୯୯ | ୨୧୯ | ୪୯୪ | ୦.୩୯୦ | ୦.୧୮୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୦୦ | ୨୨୩ | ୨୪୯ | ୦.୨୬୦ | ୦.୨୦୦ | ଶୋଶୀଳା ନାଥ, ପିତା: ନବଘନ ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୦୧ | | ୧୧୬୨ | ୦.୬୬୦ | ୦.୬୬୦ | ଶୋଶୀଳା ନାଥ, ପିତା: ନବଘନ ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୦୨ | | ୨୭୨ | ୦.୧୧୦ | ୦.୦୨୦ | ଶୋଶୀଳା ନାଥ, ପିତା: ନବଘନ ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୦୩ | | ୩୪୮ | ୦.୦୭୦ | ୦.୦୭୦ | ଶୋଶୀଳା ନାଥ, ପିତା: ନବଘନ ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୦୪ | | ୧୧୬୦ | ୦.୦୩୦ | ୦.୦୩୦ | ଶୋଶୀଳା ନାଥ, ପିତା: ନବଘନ ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୦୫ | ୨୨୬ | ୨୯୦ | ୦.୦୫୦ | ୦.୦୫୦ | ହରି ଓଝା, ପିତା: କାଳି ଓଝା ଓଗେର, ଜା: କମାର, ବା: ଉଛବାଲି | |
| ୨୦୬ | | ୩୪୫ | ୦.୨୬୦ | ୦.୨୬୦ | ହରି ଓଝା, ପିତା: କାଳି ଓଝା ଓଗେର, ଜା: କମାର, ବା: ଉଛବାଲି | |
| ୨୦୭ | ୨୨୭ | ୫୦ | ୦.୦୪୦ | ୦.୦୧୦ | ହରି ଜେନା, ପିତା: ଗୋବିନ୍ଦ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୦୮ | | ୨୬୮ | ୦.୦୧୦ | ୦.୦୧୦ | ହରି ଜେନା, ପିତା: ଗୋବିନ୍ଦ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୦୯ | | ୨୯୧ | ୦.୦୧୦ | ୦.୦୧୦ | ହରି ଜେନା, ପିତା: ଗୋବିନ୍ଦ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୧୦ | | ୩୩୯ | ୦.୧୪୦ | ୦.୦୪୦ | ହରି ଜେନା, ପିତା: ଗୋବିନ୍ଦ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୧୧ | | ୧୦୭୦ | ୦.୧୦୦ | ୦.୦୨୦ | ହରି ଜେନା, ପିତା: ଗୋବିନ୍ଦ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୧୨ | ୨୨୮ | ୩୫୪ | ୦.୦୪୦ | ୦.୦୪୦ | ହାଇଲା ଦେହୁରୀ, ପିତା: ଗୌର ଦେହୁରୀ, ଜା: ଶବର, ବା: ଉଛବାଲି | |
| ୨୧୩ | | ୩୫୫ | ୦.୦୬୦ | ୦.୦୬୦ | ହାଇଲା ଦେହୁରୀ, ପିତା: ଗୌର ଦେହୁରୀ, ଜା: ଶବର, ବା: ଉଛବାଲି | |
| ୨୧୪ | | ୩୫୬ | ୦.୦୬୦ | ୦.୦୬୦ | ହାଇଲା ଦେହୁରୀ, ପିତା: ଗୌର ଦେହୁରୀ, ଜା: ଶବର, ବା: ଉଛବାଲି | |
| ୨୧୫ | ୨୨୮ | ୧୦୧୫ | ୦.୨୭୦ | ୦.୧୮୦ | ହାଇଲା ଦେହୁରୀ, ପିତା: ଗୌର ଦେହୁରୀ, ଜା: ଶବର, ବା: ଉଛବାଲି | |
| ୨୧୬ | | ୧୦୧୮ | ୦.୧୪୦ | ୦.୧୪୦ | ହାଇଲା ଦେହୁରୀ, ପିତା: ଗୌର ଦେହୁରୀ, ଜା: ଶବର, ବା: ଉଛବାଲି | |
| ୨୧୭ | ୨୩୦ | ୩୩୬ | ୦.୦୮୦ | ୦.୦୧୦ | ହାଡ଼ିବନ୍ଧୁ ପାଗଡ଼, ପିତା: ମଣି ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୧୮ | | ୧୧୬୧ | ୦.୨୪୦ | ୦.୨୧୦ | ହାଡ଼ିବନ୍ଧୁ ପାଗଡ଼, ପିତା: ମଣି ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୧୯ | ୨୩୫ | ୧୦୯୯ | ୦.୨୦୦ | ୦.୧୫୦ | ହୃଷିକେଶ ସାହୁ, ପିତା: ପୋକ ସାହୁ, ଜା: ତେଲି, ବା: ଉଛବାଲି | |
| ୨୨୦ | | ୧୨୩୬ | ୦.୧୪୦ | ୦.୧୨୦ | ହୃଷିକେଶ ସାହୁ, ପିତା: ପୋକ ସାହୁ, ଜା: ତେଲି, ବା: ଉଛବାଲି | |
| ୨୨୧ | | ୧୨୩୭ | ୦.୦୭୦ | ୦.୦୭୦ | ହୃଷିକେଶ ସାହୁ, ପିତା: ପୋକ ସାହୁ, ଜା: ତେଲି, ବା: ଉଛବାଲି | |
| ୨୨୨ | ୨୩୫/୧୦ | ୩୬୦ | ୦.୦୯୦ | ୦.୦୯୦ | ବୋଧିରାମ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୨୩ | | ୩୫୭/୧୯୫୦ | ୦.୦୧୦ | ୦.୦୧୦ | ବୋଧିରାମ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୨୪ | | ୩୫୮/୧୯୫୧ | ୦.୦୭୦ | ୦.୦୭୦ | ବୋଧିରାମ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୨୫ | ୨୩୫/୧୧ | ୨୭୩ | ୦.୦୪୦ | ୦.୦୪୦ | କାଳନ୍ଦି ସାହୁ, ପିତା: ବୋଧିରାମ ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୨୨୬ | ୨୩୫/୧୧ | ୨୭୯ | ୦.୧୧୦ | ୦.୧୧୦ | କାଳନ୍ଦି ସାହୁ, ପିତା: ବୋଧିରାମ ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୨୨୭ | ୨୩୫/୧୧ | ୨୮୯ | ୦.୦୧୦ | ୦.୦୧୦ | କାଳନ୍ଦି ସାହୁ, ପିତା: ବୋଧିରାମ ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୨୨୮ | | ୨୯୨ | ୦.୦୩୦ | ୦.୦୩୦ | କାଳନ୍ଦି ସାହୁ, ପିତା: ବୋଧିରାମ ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୨୨୯ | ୨୩୫/୪୩ | ୧୦୬୩/୧୯୬୬ | ୦.୧୫୦ | ୦.୦୩୦ | ତରଣୀସେନ ସାହୁ, ପିତା: ମଣିନାଥ ସାହୁ, ଜା: କୁମ୍ଭାର, ବା: କରଡ଼ାପାଳ | |
| ୨୩୦ | ୨୩୫/୪୪ | ୧୨୪୦/୧୯୬୮ | ୦.୨୭୫ | ୦.୨୭୫ | ସୁରେନ୍ଦ୍ର କୁମାର ଚକ୍ର, ପିତା: ନିତ୍ୟାନନ୍ଦ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| | | | ମୋଟ | ୧୮.୯୨୦ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୨୩୦ (ଦୁଇ ଶହ ତିରିଶି), ମୋଟ ଅଧିଗୃହୀତ ଜମି: ୧୮.୯୨୦ ଏକର।
ରାଜ୍ୟପାଳଙ୍କ ଆଦେଶକ୍ରମେ
**ଅତିରିକ୍ତ ଶାସନ ସଚିବ**
OIPR-24001/14/0156/2021

## ୫୦୦ ଟଙ୍କା କମିଲା ସୁନା ଦର

ଗତ ୨ ଦିନ ହେଲା ଦେଶରେ ସୁନାର ଚାହିଦା କମିବା ଦ୍ୱାରା ଏହାର ପ୍ରଭାବ ଦର ଉପରେ ପଡିଛି। ଫଳରେ ନିବେଶକ ମାନେ ମଧ ସୁନାରୁ ନିବେଶ ପ୍ରତ୍ୟାହାର କରି ନେଉଛନ୍ତି। ଶୁକ୍ରବାର ୫୦୦ ଟଙ୍କା ସୁନା ଦର କମିଛି । ଫଳରେ ୨୪ କ୍ୟାରେଟ୍ ବିଶିଷ୍ଟ ସୁନାର ଦାମ୍ ୧୦ ଗ୍ରାମ୍ ପ୍ରତି ୪୯,୦୪୬ ଟଙ୍କା ଥିବା ବେଳେ ୨୨ କ୍ୟାରେଟର ଦାମ୍ ରହିଛି ୪୪,୨୭୦ଟଙ୍କା। ସେହିପରି ରୁପାର ଦାମ୍ କେଜି ପିଛା ରହିଛି ୬୨୨୩୨ ଟଙ୍କା।

# ସେନ୍‌ସେକ୍ସ ୧୩୯ ପଏଣ୍ଟ ବୃଦ୍ଧି




■ନିଫ୍ଟିରେ ସୁଧାର
■ଓଏନ୍‌ଜିସି ସର୍ବାଧିକ ୫.୭%

ମୁମ୍ବାଇ, ୧୧।୧୨

କରୋନା ମହାମାରୀ ଯୋଗୁ ଦେଶରେ ମାନ୍ଦାବସ୍ଥା ଜାରି ରହିଛି। ଏହି ମାନ୍ଦାବସ୍ଥା ସମୟରେ ଦେଶବାସୀ ଓ ସୂଚକାଙ୍କ ପାଇଁ ଏକ ଭଲ ଖବର ଆସିଛି। ଶୁକ୍ରବାର ଏକ୍ସଚେଞ୍ଜର କାରବାରର ଶେଷ ଦିନ ଶେୟାର ବଜାର ଆଶାନୁଯାୟୀ ଅଭିବୃଦ୍ଧି ହାସଲ କରିଛି। ଶୁକ୍ରବାର ବିଭିନ୍ନ ବିଦେଶୀ ପାଣ୍ଠିର ଆଗମନ ଯୋଗୁ ଶେୟାର ବଜାରରେ ଅଭିବୃଦ୍ଧି ଦେଖାଦେଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ମୁଖ୍ୟ ଇଣ୍ଡେକ୍ସ ସେନସେକ୍ସ ୦.୩୦% ଅଭିବୃଦ୍ଧି ସହ ୧୩୯.୧୩ ପଏଣ୍ଟ ବୃଦ୍ଧି ପାଇ ୪,୬୦୯୯.୦୧ ସ୍ତରରେ ପହଞ୍ଚିଥିଲା। ସେହିପରି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ନିଫ୍ଟିରେ ମଧ ୦.୨୬ % ଅଭିବୃଦ୍ଧି ସହ ସୂଚକାଙ୍କ ୧୩୫୧୩.୮୫ ସ୍ତରରେ ବନ୍ଦ ହୋଇଛି। ୧୧ ତାରିଖରେ ଶେଷ ହୋଇଥିବା କାରବାର ଓ ଏହି ସପ୍ତାହରେ ୩୦ ଶେୟାରଙ୍କ ସେନସେକ୍ସ ୯୨୯.୮୩ ପଏଣ୍ଟ ଅର୍ଥାତ ୨.୧୦% ପର୍ଯ୍ୟନ୍ତ ଅଭିବୃଦ୍ଧି ହାସଲ କରିଛି। ସେହିଭଳି ନିଫ୍ଟିରେ ୨.୨୩% ଅଭିବୃଦ୍ଧି ଦେଖାଯାଇଛି। ଏଥିରୁ ୨୦୨୦ ବର୍ଷରେ ଇଣ୍ଡେକ୍ସର ହୋଇଥିବା କ୍ଷତି ଭରଣା କିପରିମାଣରେ ହୋଇଯାଇଛି ବୋଲି ଜଣାପଡିଛି। ଚଳିତ ବର୍ଷ ୧ ଜାନୁୟରୀରୁ ଇଣ୍ଡେକ୍ସ ୪୧,୩୦୬.୦୨ ସ୍ତରରେ ବନ୍ଦ ହୋଇଥିଲା। ତେବେ ଏହାର ଅର୍ଥ ନୁହେଁ ଯେ ବଜାରର ଅବସ୍ଥା ସୁଧୁରି ଯାଇଛି। ଏହା ଆଗକୁ ମଧ ବଜାର ବ୍ୟବସ୍ଥାରେ ଉପରତଳ ହେବ ବୋଲି ଆଶା କରାଯାଉଛି। ସେହି ହିସାବରେ ନିବେଶକଙ୍କୁ ପୂର୍ଣ୍ଣ ସାବଧାନତା ଅବଲମ୍ବନ କରିବାକୁ ପଡିବ ବୋଲି ବଜାର ବିଶ୍ଳେଷକ ମାନେ ପରାମର୍ଶ ଦେଇଛନ୍ତି।

କାରବାରର ଶେଷ ଦିନରେ ପ୍ରମୁଖ କମ୍ପାନୀଗୁଡିକ ଓଏନଜିସି, ଟାଟା ଷ୍ଟିଲ, ଗେଲ, କୋଲ ଇଣ୍ଡିଆ ଓ ଏନଟିପିସି ଭଳି ସଂସ୍ଥାଙ୍କ ଶେୟାର ସବୁଜ ସଙ୍କେତରେ ବନ୍ଦ ହୋଇଛି। ସେହିପରି ଆକ୍ସିସ ବ୍ୟାଙ୍କ, ଆଇଚର ମୋଟର୍ସ, ଡିଭିସ ଲ୍ୟାବ, ଆଦାନୀ ପୋର୍ଟସ୍ ଓ ଏମ ଏଣ୍ଡ ଏମ୍ ଶେୟାର ଲାଲ ସଂକେତରେ ବନ୍ଦ ହୋଇଛି। ସେକ୍ଟୋରିଆଲ ଇଣ୍ଡେକ୍ସରେ ଫର୍ମା, ଅଟୋ ଓ ଆଇଟି ଅତିରିକ୍ତ ସମସ୍ତ ଶେୟାର ସବୁଜ ସଂକେତକୁ ଛୁଇଁ ପାରିଛନ୍ତି। ଏଥିରେ ରିୟଲିଟି,ଏଫଏମସିଜି, ମେଟାଲ, ପିଏସୟୁ ବ୍ୟାଙ୍କ, ଫାଇନାନ୍ସ ସର୍ଭିସେସ୍, ଘରୋଇ ବ୍ୟାଙ୍କ ଓ ମିଡିଆ ଶେୟାରରେ ମଧ ସୁଧାର ପରିଲକ୍ଷିତ ହୋଇଥିବା ଜଣାପଡିଛି।

## ସଂକ୍ଷେପରେ

### ଆଇସିଆଇସିଆଇ ବ୍ୟାଙ୍କର ଆଇ ମୋବାଇଲ ପେ ଆପ୍

ନୂଆଦିଲ୍ଲୀ,୧୧।୧୨: ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଆଇ ମୋବାଇଲ ପେ ଆପ୍ ଉନ୍ମୋଚନ କରାଯାଇଛି। ଏହା ଭାରତର ପ୍ରଥମ ଆପ୍ ଯେଉଁଥିରେ ପେମେଣ୍ଟ ଏବଂ ସବୁ ପ୍ରକାରର ବ୍ୟାଙ୍କ ସେବା ଗ୍ରାହକ ଲାଭ କରିପାରିବେ। ଯେକୌଣସି ବ୍ୟାଙ୍କର ଗ୍ରାହକ ନିଜ ଆକାଉଣ୍ଟକୁ ଲିଙ୍କ୍ କରି ଏହାର ବ୍ୟବହାର କରିପାରିବେ। ଆଇ ମୋବାଇଲ ଆପ୍‌ର ବ୍ୟବହାରକାରୀମାନେ ଯେ କୌଣସି ବ୍ୟାଙ୍କ ଖାତା, ପେମେଣ୍ଟ ଆପ୍ ଏବଂ ଡିଜିଟାଲ ୱାଲେଟକୁ ଟଙ୍କା ପଠାଇପାରିବେ। ଏଥିରେ ପେ ଟୁ କଣ୍ଟାକ୍ଟ ସୁବିଧା ରହିଛି। ଏହା ଜରିଆରେ ନିଜ ଫୋନ ବୁକରେ ରହିଥିବା ୟୁପିଆଇ ବ୍ୟବହାରକାରୀଙ୍କ ଆଇଡି ଦେଖିହେବ। ଏହା ଦ୍ୱାରା ପେମେଣ୍ଟ ଆପ୍ ଓ ଡିଜିଟାଲ ୱାଲେଟକୁ ଟଙ୍କା ପଠେଇବା ସହଜ ହେବ। ଭାରତର ପ୍ରଥମ ଧରଣର ଏହି ଆପ୍‌ରେ ଅନେକ ପ୍ରକାର ବ୍ୟାଙ୍କିଙ୍ଗ ସେବା ମିଳିବ ଯାହା ପୂର୍ବରୁ କେବଳ ନିଜ ବ୍ୟାଙ୍କରେ ଉପଲବ୍ଧ ହେଉଥିଲା। ନବ ସୃଜନକୁ ଉପସ୍ଥାପନ କରିବାକୁ ଯାଇ ଏଭଳି ଏକ ସୁବିଧା ଆରମ୍ଭ କରାଯାଇଥିବା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୁପ ବାଗଚୀ ସୂଚନା ଦେଇଛନ୍ତି।

### ୧୩% ବଢ଼ିଲା ଯାତ୍ରୀବାହୀ ଯାନ ବିକ୍ରି

ବାଙ୍ଗାଲୁରୁ ,୧୧।୧୨: ଚଳିତ ବର୍ଷ ନଭେମ୍ବର ଶେଷ ସୁଦ୍ଧା ସମଗ୍ର ଦେଶରେ ଘରୋଇ ଯାତ୍ରୀବାହୀ ଯାନ ବିକ୍ରିରେ ବ୍ୟାପକ ବୃଦ୍ଧି ପାଇଛି। ଫଳରେ ଏହି ମାସରେ ଏହା ୧୨.୭୩% ବୃଦ୍ଧି ଘଟିଛି। ଗତ ବର୍ଷ ଏହି ସମୟ ମଧରେ ୨୫୩୧୩୯ ବିକ୍ରି ହୋଇଥିବା ବେଳେ ଠିକ ଏହି ସମୟ ମଧରେ ଚଳିତ ବର୍ଷ ୨୮୫୩୬୭ ୟୁନିଟ ଗାଡି ବିକ୍ରି ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ଏ ସମ୍ପର୍କରେ ସୋସାଇଟି ଅଫ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍ଚରିଙ୍ଗସ(ଏସଆଇଏଏମ) ସଂସ୍ଥା ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି।

## ମେଡ୍‌ଇଜିର ବିଂଶତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୧।୧୨

ସମଗ୍ର ଭାରତ ତଥା ଓଡ଼ିଶାର ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ୨୦୦୧ ମସିହାରେ ଏକ୍ସ.ଆଇଇଏସ ବି.ସିଙ୍ଗ ମେଡଇଜି ପ୍ରତିଷ୍ଠା କରିଥିଲେ। ବିଗତ ୨୦ବର୍ଷରେ ମେଡଇଜିରୁ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଆଇଇଏସ ଓ ପିଏସୟୁଏସର ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇଛନ୍ତି।

କୋଭିଡ୍-୧୯ ମହାମାରୀ ସମୟରେ ସରକାରୀ କଟକଣା ଅନୁସାରେ ଅନୁଷ୍ଠାନ ତାର ୨୦ତମ ପ୍ରତିଷ୍ଠା ଦିବସ ପାଳନ କରୁଅଛି। ଏହି ଅବସରରେ ମେଡ଼ଇଜି କୋର୍ସ ଫି ବାବଦକୁ ୨୦% ରିହାତି ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରୁଛି। ଏହି ରିହାତି କେବଳ ଆସନ୍ତା ୨୦ ଦିନ ପାଇଁ ଉପଲବ୍ଧ ଅଟେ। କରୋନା କଟକଣାକୁ ଆଖି ଆଗରେ ରଖି ପ୍ରତି ବ୍ୟାଚରେ ସୀମିତ ସଂଖ୍ୟାର ଛାତ୍ରୀଛାତ୍ରଙ୍କୁ ଆଡମିଶନ ଦିଆଯାଉଛି। ଗେଟ୍ ଓ ଇ.ଏସ.ଇ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରମାନେ ଯଥାଶୀଘ୍ର ଏହି ରିହାତିର ଲାଭ ଉଠାଇ ପାରିବେ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସଂସ୍ଥାର ୨୦ ବର୍ଷ ପୂର୍ତ୍ତି ଅବସରରେ ୨୦% ରିହାତି ଆଗାମୀ ୨୦ ଦିନ ପାଇଁ ଦେଉଥିବା ସମ୍ପର୍କରେ ମେଡଇଜି ଭୁବନେଶ୍ୱର ଶାଖାର ଶାଖା ପ୍ରବନ୍ଧକ ସୁବ୍ରତ କୁମାର ଛାଟୋଇ ବିସ୍ତୃତ ସୂଚନା ଦେଇଥିଲେ। ମହାମାରୀ ସମୟରେ ଏହି ସୁବିଧା ଓ ରିହାତି ସବୁ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ବହୁମାତ୍ରାରେ ସହାୟକ ହେବ ହେବ। ଏହି ରିହାତି ସୁବିଧା ଚଳିତ ବର୍ଷ ୭ ରୁ ୨୭ ଡିସେମ୍ବର ପର୍ଯ୍ୟନ୍ତ ଉପଲବ୍ଧ ହେଉଛି ବୋଲି ସେ

MADE EASY
India's Best Institute for IES, GATE & PSUs

ମତ ପ୍ରକାଶ କରିଛନ୍ତି। ଏହି ରିହାତି ସୁବିଧା ପାଇବା ପାଇଁ ଆଗ୍ରହୀ ଛାତ୍ରୀଛାତ୍ରମାନେ ମେଡ଼ଇଜିର ୱେବସାଇଟ ମାଧମରେ ରେଜିଷ୍ଟ୍ରେଶନ କରାଇନିଅନ୍ତୁ। ୨୨ ଫେବୃୟାରୀ ୨୦୨୧ରୁ ଅଫଲାଇନରେ କ୍ଲାସ ଆରମ୍ଭ ହେବାକୁ ଯାଉଛି। ସଂକ୍ରମଣର ଭୟାବହତାକୁ ନଜରରେ ରଖି ଛାତ୍ରୀଛାତ୍ରମାନଙ୍କର ସୁରକ୍ଷା ଓ ସରକାରୀ ଗାଇଡଲାଇନକୁ ସମ୍ପୂର୍ଣ୍ଣ ପ୍ରାଥମିକତା ଦିଆଯିବ ବୋଲି ଜଣାପଡିଛି।

## ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍‌ସର ଆକର୍ଷଣୀୟ କଲେକ୍ସନ

ଭୁବନେଶ୍ୱର,୧୧।୧୨



ପ୍ଲାଟିନମ୍ ଗିଲ୍ଡ ଇଣ୍ଡିଆ ଦ୍ୱାରା ପ୍ଲାଟିନମ ଡେ ଅଫ ଲଭ ପକ୍ଷରୁ ସୁନ୍ଦର କଳାକୃତିର ପ୍ଲାଟିନମ ଲଭ ବ୍ୟାଣ୍ଡ୍‌ସର ଏକ ନୂତନ କଲେକ୍ସନର ଶୁଭାରମ୍ଭ କରାଯାଇଛି। ଏହି ନୂତନ କଲେକ୍ସନଗୁଡିକ ସେହି ଦମ୍ପତିମାନଙ୍କ ପ୍ରତି ଉତ୍ସର୍ଗୀକୃତ ଯେଉଁମାନେ କି ସଂଘର୍ଷ ସମୟରେ ମଧ ସେମାନଙ୍କର ଶକ୍ତି, ଧୈର୍ଯ୍ୟ, ସ୍ଥିରତା ଏବଂ ଆଶାବାଦୀ ମୂଲ୍ୟବୋଧ ପ୍ରଦର୍ଶନ କରିଛନ୍ତି। ଏହି ଲଭ ବ୍ୟାଣ୍ଡସର ପ୍ରତ୍ୟେକ ସେଟ୍ ଏବଂ ଏହାକୁ ପିନ୍ଧୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କର ଅନନ୍ୟ ଯାତ୍ରା ପାଇଁ କୃତଜ୍ଞତା ଜଣାଉଛି। ଏହି ସୁନ୍ଦର ଲଭ ବ୍ୟାଣ୍ଡଗୁଡିକର ଜ୍ୟାମିତିକ ଡିଜାଇନ, ସୂକ୍ଷ୍ମ ମାର୍କିଂ, ଜଟିଳ ଢାଞ୍ଚା, ପରିଷ୍କାର ରେଖା ଏବଂ ମୂଲ୍ୟବାନ ପଥର ଦମ୍ପତିମାନଙ୍କର ସେହି ଅନନ୍ୟ ସମ୍ପର୍କର ଯାତ୍ରାକୁ ପାଳନ କରୁଛି। ଏହି ପ୍ଲାଟିନମ ଲଭ ବ୍ୟାଣ୍ଡସରେ ଥିବା ସମାନ୍ତରାଳ ରେଖାଗୁଡିକ କିଭଳି ଯେ କୌଣସି ଝଡକୁ ପ୍ରତିହତ କରି ପରସ୍ପର ପଛରେ ରହିଥାନ୍ତି ଏବଂ ପରସ୍ପରକୁ ସମର୍ଥନ କରିଥାନ୍ତି ତାହାର ଏକ ପ୍ରମାଣ। ସେହିଭଳି ସଲିଟାରୀ ସେଣ୍ଟର ଏବଂ ଜ୍ୟାମିତିକ ଉପାଦାନ ସହିତ ଏହି ପ୍ଲାଟିନମ ଲଭ ବ୍ୟାଣ୍ଡଗୁଡିକ ଆପଣଙ୍କର ପ୍ରେମକୁ ଆହୁରି ମଜବୁତ କରୁଛି, ଯାହାକି ଏକ ମାର୍ଗଦର୍ଶକ ହିସାବରେ କାର୍ଯ୍ୟ କରିଥାଏ, ଏହା ଆପଣଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ଅଗ୍ରସର କରାଇଥାଏ। ସେହିଭଳି ଏହି ପ୍ଲାଟିନମ ଲଭ ବ୍ୟାଣ୍ଡସରେ ଥିବା ସମାନ୍ତରାଳ ରିଜଡ ଢାଞ୍ଚାଗୁଡିକ ହେଉଛି ପ୍ରତ୍ୟେକ ପଦକ୍ଷେପରେ ଆପଣ କିପରି ପରସ୍ପର ସହିତ ପାଦଥାପି ଚାଲିଥାନ୍ତି, ଏହା ତାହାର ଏକ ଦୃଷ୍ଟାନ୍ତ ।

## ଡକାର ପାଇଁ ହିରୋ ମୋଟୋକର୍ପ୍ସ ପ୍ରସ୍ତୁତ

ଭୁବନେଶ୍ୱର,୧୧।୧୨: ବିଶ୍ୱର ସର୍ବବୃହତ ୨ ଚକିଆ ନିର୍ମାତା ହିରୋ ମୋଟୋସ୍ପୋର୍ଟ୍ସ ଦଳ ଗୁରୁବାର ଡକାର ର୍‍ୟାଲି ୨୦୨୧ ପାଇଁ ଯୋଜନା ଉନ୍ମୋଚନ କରିଛି। ଏକ ପୂର୍ଣ୍ଣ ଶକ୍ତି ଆରୋହୀ ଦଳ ସହିତ ଅଂଶଗ୍ରହଣ କରି ହିରୋ ମୋଟୋସ୍ପୋର୍ଟ୍ସ ୨୦୨୦ ଏଫଆଇଏମ୍ କ୍ରସ କଣ୍ଟ୍ରି ବିଏଜେଏର ବିଶ୍ୱକପ ବିଜେତା ସେବାଷ୍ଟିନ ବାଲର, ପ୍ୟାନ ଆଫ୍ରିକା ରାଲି ବିଜେତା ୱାକିମ ରୋଡ୍ରିଗେସ ଏବଂ ସର୍ବୋତ୍କୃଷ୍ଟ ଭାରତୀୟ ଆରୋହୀ ସିଏସ ସନ୍ତୋଷ ସହିତ ଡକାର ୨୦୨୧ ଗ୍ରହଣ କରିବ। ଡକାରରେ ହିରୋ ରଙ୍ଗରେ ସେବାଷ୍ଟିନଙ୍କ ପାଇଁ ୨ୟ ଅଫିସିଆଲ ପଦାର୍ପଣ ହେଉଥିବା ବେଳେ ଉଭୟ ଜେ ରଡ ଏବଂ ସନ୍ତୋଷଙ୍କ ପାଇଁ ଏହା ୫ମ ପଦାର୍ପଣ ହେବ। ଏହି ନୂତନ ହିରୋ ୪୫୦ ରାଲି ବାଇକରେ ଆରୋହୀମାନେ ଡକାର ଆହ୍ୱାନ ଗ୍ରହଣ କରିବେ, ଯେଉଁଥିରେ ବର୍ତ୍ତମାନ ଏକ ନୂତନ ୪୫୦ ସିସି ଇଞ୍ଜିନ ଏବଂ ବିକଶିତ ଚେସୀ ରହିଛି। ରାଲି ସ୍ପୋର୍ଟ୍ସ ପାଇଁ ବିଶେଷ ଭାବେ ବିକଶିତ ହୋଇଥିବା ଇଞ୍ଜିନ ଉନ୍ନତ ଶୀର୍ଷ ବେଗ ଏବଂ ତ୍ୱରଣ ପ୍ରଦାନ କରେ। ଏକ ସର୍ବୋତ୍କୃଷ୍ଟ ଓଜନ ସନ୍ତୁଳନ, ଉତ୍ତମ ରାଇଡର ଏର୍ଗୋନୋମିକ୍ସ, ଅଧିକ ପରିମାଣରେ ଇନ୍ଧନ ଟାଙ୍କି, ଉନ୍ନତ ସସ୍‌ପେନସର ଏବଂ ଶୀତଳୀକରଣ ପ୍ରଣାଳୀ ସହିତ ନୂତନ ବାଇକ ଉଭୟ ଉଚ୍ଚ ଗତି ଓ ଲମ୍ବା ଷ୍ଟ୍ରାଇଡ ଡାଙ୍କିବାରେ ଦୈତ୍ୟ ଭୂମିକାରେ କାର୍ଯ୍ୟ କରିବ ବୋଲି ସୂଚନା ମିଳିଛି।

## ୟୁନିୟନ ବ୍ୟାଙ୍କର ନୂତନ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ




ଭୁବନେଶ୍ୱର,୧୧।୧୨

ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାନସ ରଞ୍ଜନ ବିଶ୍ୱାଳଙ୍କ ଦ୍ୱାରା ବ୍ୟାଙ୍କର ନୂତନ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ବରମୁଣ୍ଡା ଠାରେ ଉଦଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତଥିଲେ। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ଅଧୀନରେ ଓଡିଶା ରାଜ୍ୟ ମଧରେ ୬ଟି କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ୩୭୩ ଟି ଶାଖା ରହିଛି। ବିଶ୍ୱାଳଙ୍କ ଏହି ଗସ୍ତ ଅବସରରେ ଏହି ଅଞ୍ଚଳର ସମସ୍ତ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ କ୍ରେଡିଟ ପୋର୍ଟଫୋଲିଓ ବୃଦ୍ଧି ନିମନ୍ତେ ଆବଶ୍ୟକ ପନ୍ଥା ଅବଲମ୍ବନ କରିବାକୁ ସେ ଆହ୍ୱାନ କରିଥିଲେ। ୟୁନିୟନ ବ୍ୟାଙ୍କ ସହ ଅନ୍ୟ ୨ଟି ବ୍ୟାଙ୍କର ମିଶ୍ରଣ ପରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ମୋଟ ବ୍ୟବସାୟ ବର୍ତ୍ତମାନ ସୁଦ୍ଧା ୪୦,୦୪୭ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସୂଚନା ମିଳିଛି।

## ରାଜ୍ୟ ଖବର

# ଏସ୍‌ଆଇଟି ତଦନ୍ତର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ

■ଏସ୍‌ପିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି
■ପରୀକୁ ହତ୍ୟା ପରେ ଭୟ
■ଗାଁ ଦାଣ୍ଡରେ ପିଲାଙ୍କ ଖେଳ ବନ୍ଦ

ନୟାଗଡ଼ ଅଫିସ,୧୧।୧୨

ନୟାଗଡ଼ ଅଫିସ,୧୧।୧୨: ପରୀ ହତ୍ୟା ଘଟଣାକୁ ଇତିମଧ୍ୟରେ ୪ମାସ ବିତିଛି। ହେଲେ ହତ୍ୟାକାରୀ କି ହତ୍ୟାର କାରଣ ଜଣାପଡୁନି। ପୋଲିସର ବିଫଳତା ପରେ ଏବେ ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କୁ ପରୀ ହତ୍ୟାକାଣ୍ଡର ତଦନ୍ତ କ୍ଷମତା ପ୍ରଦାନକୁ ନେଇ ଉଠିଛି ପ୍ରଶ୍ନ । ଭାଜପା ଓ କଂଗ୍ରେସ ନେତାଙ୍କ ଅଭିଯୋଗ ପରେ ଏବେ ଏସ୍‌ଆଇଟି ତଦନ୍ତର ସ୍ୱଚ୍ଛତା ଉପରେ ସମସ୍ତଙ୍କ ନଜର ରହିଛି । ସରକାର ଏନେଇ କୌଣସି ମନ୍ତବ୍ୟ ଦେଉ ନ ଥିବାରୁ ଏସ୍‌ଆଇଟି ତଦନ୍ତ ସନ୍ଦେହ ଘେରକୁ ଆସିଛି ।

ବୋଥ୍ରା ପରିବହନ ନିଗମର ସିଏମ୍‌ଡି ଥିବାରୁ ତାଙ୍କର ପୋଲିସ କ୍ଷମତା ନାହିଁ। ୩୬ ସିଆରପିସିରେ କ୍ଷମତା ଥିବା ବ୍ୟକ୍ତି ଏସ୍‌ଆଇଟିରେ ରହିବା ଦରକାର ବୋଲି କୁହାଯାଉଛି। ପୁଣି ଏସ୍‌ଆଇଟି ତଦନ୍ତ ଚାଲୁ ରହିଥିବାବେଳେ ନୟାଗଡ ସଦର ଥାନା ଆଇଆଇସିଙ୍କ ନିଲମ୍ବନ ଓ ଏସ୍‌ଡିପିଓଙ୍କ ବଦଳି ହୋଇଛି । ହେଲେ ଏସ୍‌ପିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ତରବରିଆ ବଦଳି ଓ ନିଲମ୍ବନ ବେଳେ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ମୋ ସରକାରର ଅନୁଶାସନ ଉପରେ ଦାଗ ଲଗାଇଛି ବୋଲି ନୟାଗଡ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କହିଛନ୍ତି । ନୟାଗଡ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ପରୀ ହତ୍ୟାକାଣ୍ଡର ତଦନ୍ତ ଚାଲିଥିଲା । ଏଭଳି ସ୍ଥଳେ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛି ଜିଲା କଂଗ୍ରେସ। କେଉଁ ରାଜନୈତିକ ନେତାଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ ପୋଲିସ ପରୀଙ୍କ ପରିବାର ସଦସ୍ୟଙ୍କୁ ନ୍ୟାୟ ଦେଇ ପାରୁ ନାହିଁ ତା'ର ତଦନ୍ତ ହେଉ ବୋଲି ଦାଶ କହିଛନ୍ତି ।

ଏ ସଂକ୍ରାନ୍ତରେ ପରୀର ବାପା ଅଶୋକ ଓ ମା' ସୌଦାମିନୀ ବେହେରା କୁହନ୍ତି, ଆମ ଝିଅ ଅପହରଣ ସମୟରେ ଆଇଆଇସି, ଏସ୍‌ଡିପିଓ ଓ ଏସ୍‌ପିଙ୍କ ସହଯୋଗ ମିଳିଲାନି। ମୃତଦେହ ଜବତ ପରେ ବି ଏହି ୩ ଅଫିସର ଅସହଯୋଗ କଲେ। ହତ୍ୟା ଘଟଣାର ଗୁମର ଖୋଲିବା ପରେ ସଦର ଥାନା ଆଇଆଇସି ଓ ଏସ୍‌ଡିପିଓ ନ୍ୟାୟ ଦେବା ବଦଳରେ ଆମ ପରିବାରର ସଦସ୍ୟଙ୍କୁ ମାରପିଟ୍ ଓ ନିର୍ଯାତନା ଦେଇ ଏହି ମାମଲାକୁ ଚାପି ଦେବାକୁ ଉଦ୍ୟମ କରିଥିଲେ । ଏଣୁ ଆଇଆଇସି ଓ ଏସ୍‌ଡିପିଓଙ୍କୁ ବହିଷ୍କାର କରାଯାଉ। ଆଇଆଇସିଙ୍କ ନିଲମ୍ବନ ଓ ଏସ୍‌ଡିପିଓଙ୍କ ବଦଳିରେ ଆମେ ସନ୍ତୁଷ୍ଟ ହୋଇନାହୁଁ । ଏସ୍‌ପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ । ପରୀ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ଏହି ଦମ୍ପତି ଦାବି କରିଛନ୍ତି ।

ଅନ୍ୟପକ୍ଷେ ପରୀର ଗାଁ ଯଦୁପୁରରେ ଆଉ ଛୋଟ ପିଲା ଗାଁ ଦାଣ୍ଡରେ ଖେଳୁଥିବାର ଦୃଶ୍ୟ ଦେଖିବାକୁ ମିଳୁନି । କାଳେ କେହି ଛୋଟ ପିଲାଙ୍କୁ ପରୀ ପରି ଅପହରଣ କରି ନେବ ସେ ଭୟ ସମସ୍ତଙ୍କୁ ଘାରିଛି । ଯଦି ଘର ଭିତରୁ କୌଣସି ଛୋଟ ପିଲା ବାହାରକୁ ଚାଲି ଆସୁଛି, ତାକୁ ଆକଟ ଓ ଭୟ ଦେଖାଇ ଘରକୁ ଫେରାଇ ନେଉଛନ୍ତି ପରିବାର ସଦସ୍ୟମାନେ। ନଚେତ୍ ଘର ଲୋକଙ୍କ ଉପସ୍ଥିତିରେ ପିଲାମାନେ ବାହାରକୁ ଆସୁଥିବା ଦେଖିବାକୁ ମିଳୁଛି। ପରୀର ଅପହରଣ ଓ ହତ୍ୟା ଗାଁର ପରିବେଶକୁ ଏକ ପ୍ରକାର ବଦଳାଇ ଦେଇଛି। ପ୍ରତିଦିନ ଯଦୁପୁରରେ ପୋଲିସ ଓ ତଦନ୍ତକାରୀ ଟିମ୍‌କୁ ଦେଖି ଅନେକେ ପସନ୍ଦ କରୁନାହାନ୍ତି। ଏପରି ସ୍ଥିତିରେ ଗ୍ରାମବାସୀ ବି ମୁହଁ ଖୋଲିବାକୁ ଭୟ କରୁଛନ୍ତି ।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୪ରେ ନୟାଗଡ଼ ସଦର ଥାନା ଯଦୁପୁରରେ ଅମ୍ରିତା ସ୍ନେହା ସାହୁ ଓରଫ ପରୀ (୫) ନାମ୍ନୀ ଶିଶୁକନ୍ୟା ନିଖୋଜ ହୋଇ ଯାଇଥିଲେ। ଏହାର ୧୦ ଦିନ ପରେ ଅର୍ଥାତ୍ ଜୁଲାଇ ୨୩ରେ ପରୀର ଗଳିତ ମୃତଦେହ ଜବତ କରାଯାଇଥିଲା। ନିଖୋଜ ସ୍ଥାନଠାରୁ ମାତ୍ର ୫୦ ମିଟର ଦୂରରେ ମୃତଦେହ ପଡିଥିଲା। ମୃତଦେହ ଜବତ ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ଚୁପ ରହିଥିଲା । ନଭେମ୍ବର ୨୪ରେ ପରୀର ମା'ବାପା ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିବା ପରେ ଏହି ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା ।

### ଆଜି ଶ୍ରୀମନ୍ଦିର ଖୋଲିବା ନିଷ୍ପତ୍ତି

୪ ପ୍ରସ୍ତାବ ଉପରେ ହେବ ଆଲୋଚନା

ପୁରୀ ଅଫିସ, ୧୧।୧୨: ଶ୍ରୀମନ୍ଦିର ଖୋଲିବା ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଶନିବାର ଛତିଶା ନିଯୋଗ ବୈଠକ ବସିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧକ୍ଷତାରେ ହେବାକୁ ଥିବା ଏହି ବୈଠକରେ ଜିଲାପାଳ ଏବଂ ଏସ୍‌ପିଙ୍କ ସମେତ ସମସ୍ତ ନିଯୋଗର ସଦସ୍ୟ ତଥା ସେବାୟତମାନେ ଯୋଗଦେବେ। ସମସ୍ତଙ୍କ ମତାମତ ଭିତ୍ତିରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ମନ୍ଦିର ଖୋଲିବା ନେଇ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରାଯିବା ସହ ଦିନକରେ କେତେ ଲୋକଙ୍କୁ ଦାରୁଦିଅଁଙ୍କ ଦର୍ଶନ ଲାଗି ଅନୁମତି ଦିଆଯିବ ସେନେଇ ଆଲୋଚନା ହେବ। ଏଥିସହ ଯଦି ମନ୍ଦିର ଖୋଲେ ତାହାହେଲେ କୋଭିଡ୍ କଟକଣା ପାଳନ ଲାଗି କି ପ୍ରକାର ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ରହିବ ସେନେଇ ମଧ ଆଲୋଚନା କରାଯିବ। ବୈଠକରେ ମୁଖ୍ୟତଃ ୪ଟି ପ୍ରସ୍ତାବ ଉପରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ପହିଲି ଭୋଗ ଆସନ୍ତା ୧୫ରୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାରୁ ଏଥିପାଇଁ ନୀତି ନିର୍ଘଣ୍ଟ ସ୍ଥିର କରାଯାଇ ଅନୁମୋଦନ ଦିଆଯିବ। ସେହିପରି ମକର ସଂକ୍ରାନ୍ତି ଏବଂ ଦେବାଭିଷେକ ପୂର୍ଣ୍ଣିମା ଲାଗି ମଧ ନୀତି ନିର୍ଘଣ୍ଟ ହେବ।

### ଆଠପଡା ତାରିଣୀ ମନ୍ଦିର ଦାନବାକ୍ସ ଚୋରି

ରିଆମାଳ, ୧୧।୧୨ (ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଧରମପୁର ନିକଟ ଆଠପଡା ତାରିଣୀ ମନ୍ଦିରରୁ ଗୁରୁବାର ରାତିରେ ଦାନବାକ୍ସ ଚୋରି ହୋଇଛି। ଦୁର୍ବୃତ୍ତ ମନ୍ଦିର ପ୍ରଥମ ଗେଟ ଡେଇଁ ଦାନବାକ୍ସ ଉଠାଇନେଇ ପୋଖରୀ ହୁଡାରେ ଭାଙ୍ଗି ସମସ୍ତ ଅର୍ଥ ନେଇ ଫେରାର୍ ହୋଇଯାଇଛନ୍ତି। ବାକ୍ସ ପାଖରେ ଏକ ଟୋପି ପଡିଥିବାର ଦେଖିବାକୁ ମିଳିଛି। ଦୀର୍ଘ ୭ବର୍ଷ ହେଲା ଦାନବାକ୍ସ ଖୋଲାହୋଇ ନ ଥିଲା। ମନ୍ଦିର ପୂଜକ ପ୍ରଫୁଲ୍ଲ କୁମାର ଦାଶଙ୍କୁ ପଚାରିବାରୁ କେତେ ଟଙ୍କା ଚୋରି ହୋଇଛି ସେ କହିପାରିବେ ନାହିଁ ବୋଲି ସୂଚନା ଦେଇଛନ୍ତି। ଆନୁମାନିକ ୧ଲକ୍ଷ ଟଙ୍କାରୁ ଅଧିକ ଥିବ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ପ୍ରତିଷ୍ଠାର ଦ୍ୱିତୀୟ ବର୍ଷ ୧୧ ହଜାର ଟଙ୍କା ଥିଲା ବୋଲି ପୂର୍ବତନ ରିଆମାଳ ବ୍ଲକ ଅଧକ୍ଷ ଇନ୍ଦୁକାନ୍ତ ପ୍ରଧାନ କହିଛନ୍ତି। ରିଆମାଳ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଅନୁସନ୍ଧାନ ଚଳାଇଛି। ଖୁବଶୀଘ୍ର ଚୋର ଧରାଯିବ ବୋଲି ପୋଲିସ କହିଛି।

### ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଦେବଗଡ଼, ୧୧।୧୨(ଡି.ଏନ୍.ଏ.)- ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ବାବୁରୀକାନୀ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ହାତୀ ଆକ୍ରମଣରେ କମାର କିଷାନ (୭୦) ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ୫ଟାରେ କମାର ଶୌଚ ନିମନ୍ତେ ଘର ପଛପଟେ ଥିବା ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଏକ ଜଙ୍ଗଲୀ ହାତୀ ଆସି କମାରଙ୍କୁ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାପାଇ ଦେବଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ବନସଂରକ୍ଷକ ସମୀର ତିର୍କୀ ସଦଳବଳ ସେଠାକୁ ଯାଇ ପରିସ୍ଥିତି ଅନୁଧାନ କରିଥିଲେ। କୁଣ୍ଡେଇଗୋଲା ଥାନା ପୋଲିସ ମଧ୍ୟ ସେଠାରେ ପହଞ୍ଚି ତଦନ୍ତ କରିଥିଲେ।

## ଆହାର କେନ୍ଦ୍ରରୁ ଖାଦ୍ୟ ଚାଲାଣ

**ଭାଇରାଲ୍ ହେଲା ଭିଡିଓ**
■କେନ୍ଦ୍ର ପରିଚାଳକଙ୍କୁ କାରଣ ଦର୍ଶାଅ ନୋଟିସ୍

କେନ୍ଦୁଝର, ୧୧।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ରରୁ ଖାଦ୍ୟ ପ୍ୟାକିଂ ହୋଇ ସରକାରୀ ଜିପ୍‌ରେ ବାହାରକୁ ଚାଲାଣ ହେଉଥିବା ଭିଡିଓ ଭାଇରାଲ୍ ହୋଇଛି। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରୁ ପ୍ରଶାସନ ପକ୍ଷରୁ ଆହାର କେନ୍ଦ୍ରର ପରିଚାଳକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ଚର୍ଚ୍ଚାର ବିଷୟ ହୋଇଛି। ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ଗରିବ ରୋଗୀଙ୍କ ସମ୍ପର୍କୀୟଙ୍କୁ ୫ ଟଙ୍କାରେ ଖାଦ୍ୟ ଯୋଗାଇଦେବା ପାଇଁ ଆହାର କେନ୍ଦ୍ର ଖୋଲାଯାଇଛି । ଏହି କେନ୍ଦ୍ରରେ ଲୋକେ ଆହାର ଖାଇପାରିବେ କିନ୍ତୁ ବାହାରକୁ ନେଇପାରିବେ ନାହିଁ । ତେବେ ଉକ୍ତ କେନ୍ଦ୍ରରୁ ଖାଦ୍ୟ ପ୍ୟାକିଂ କରି ନାଲିବତୀ ଲାଗିଥିବା ପୌରପାଳିକା ଜିପ୍‌ରେ ବାହାରକୁ ନିଆଯିବା ଭଳି ଭିଡିଓ ଭାଇରାଲ ହେବା ପରେ କେନ୍ଦ୍ରରେ ଚାଲି ଆସୁଥିବା ବେଆଇନ କାର୍ଯ୍ୟ ପଦାକୁ ଆସିଥିଲା। ଆହାରକେନ୍ଦ୍ରରୁ ସରକାରୀ ଗାଡ଼ିରେ ବାହାରକୁ ଖାଦ୍ୟ ଚାଲାଣ କରାଯିବା ଦୁର୍ଭାଗ୍ୟପୂର୍ଣ୍ଣ , ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ବୋଲି ଆଇନଜୀବୀ ରବୀନ୍ଦ୍ର ସେଠୀ କହିଛନ୍ତି। ପୌରପାଳିକା ନିର୍ବାହୀ ଅଧିକାରିଣୀ ଡ.ମଧୁସ୍ମିତା ସାମନ୍ତରାୟଙ୍କୁ ପଚାରିବାରୁ କେନ୍ଦ୍ର ବାହାରକୁ ଖାଦ୍ୟ ପ୍ୟାକିଂ ହୋଇ ଯିବା ଉଚିତ୍ ନୁହେଁ। ଆହାର କେନ୍ଦ୍ର ପରିଚାଳକଙ୍କୁ ନୋଟିସ୍ ଦିଆଯାଇଛି। ନୋଟିସର ଉତ୍ତର ମିଳିବା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଥିଲେ।

## ଘାଟିରେ ଓଲଟିଲା ଟ୍ରକ୍-ଟ୍ରାକ୍ଟର: ୨ ମୃତ

ଟିକିରି୧୧।୧୨ (ଡି.ଏନ୍.ଏ.)–



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

ରାୟଗଡ଼ା ଜିଲା ଟିକିରି ଥାନା ଅଧୀନ କାଳିଆପଡ଼ା ଘାଟିରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତ ଦୁଇ ବ୍ୟକ୍ତି ଆନ୍ଧ୍ରପ୍ରଦେଶ କାକିନଡ଼ା ଅଞ୍ଚଳର ଟ୍ରାକ୍ଟର ଚାଳକ ବି. ସାଇନାଥ(୨୫) ଏବଂ ବି. ବୀରବାବୁ(୨୦) ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା କେସିଙ୍ଗା ଅଞ୍ଚଳରେ ରହୁଥିବା ୩ ଶ୍ରମିକ ଗୁରୁବାର ରାତିରେ ଏକ ଟ୍ରାକ୍ଟର(ଏପି ୦୫ ଟିସି ୨୮୮୫) ଯୋଗେ ଟିକିରି ଦେଇ ଆନ୍ଧ୍ର ପ୍ରଦେଶ ଯାଉଥିଲେ। କାଳିଆପଡ଼ା ଘାଟି ବୁଲାଣିରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ୫ ଶ୍ରମିକଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇଥିଲେ। ଟିକିରି ପୋଲିସ ପହଞ୍ଚି ଗୁରୁତରଙ୍କୁ ଟିକିରି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ରାୟଗଡ଼ା ଜିଲା ଡାକ୍ତରଖାନାକୁ ପଠାଇଥିଲା। ତେବେ ଏହାର କିଛି ସମୟ ପରେ କାଶୀପୁରରୁ ଜେକେପୁର ଯାଉଥିବା ଏକ କାଠ ବୋଝେଇ ଟ୍ରକ୍(ଓଆର୍ ୧୮ ସି ୬୦୪) ମଧ ସେଠାରେ ଓଲଟିପଡ଼ିଥିଲା। ଏଥିରେ ରାସ୍ତାପାର୍ଶ୍ୱରେ ବସିଥିବା ବି. ସାଇନାଥ ଏବଂ ବି. ବୀରବାବୁ କାଠ ତଳେ ଚାପି ହୋଇଯାଇଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବାଟରେ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଟ୍ରକ୍ ଚାଳକ ବାବୁଲା ରାଉତ ମଧ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଟିକିରି ଏବଂ ପରେ ରାୟଗଡ଼ା ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଟିକିରି ଥାନାରେ ୨୧୫/୨୦ ଏବଂ ୨୧୬/୨୦ରେ ଦୁଇଟି ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ପ୍ରଥମ ଦିବସରେ ୨୦ ଉଇକେଟ ପତନ

**ସିଡ୍‌ନୀ, ୧୧।୧୨(ପି.ଟି.)**

ଶୁକ୍ରବାର ଏଠାରେ ଆରମ୍ଭ ହୋଇଥିବା ଭାରତ ଓ ଅଷ୍ଟ୍ରେଲିଆ 'ଏ' ଦିବାରାତ୍ର ୱାର୍ମଅପ୍ କ୍ରିକେଟ ମ୍ୟାଚର ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିବସରେ ୨୦ଟି ଉଇକେଟର ପତନ ଘଟିଛି। ଭାରତ ପ୍ରଥମ ଇନିଂସରେ ୧୯୪ ରନ କରିଥିବାବେଳେ ଅଷ୍ଟ୍ରେଲିଆ 'ଏ' ୧୦୮ରେ ଅଲଆଉଟ ହୋଇଛି। ଫଳରେ ଭାରତ ୮୬ ରନରେ ଅଗ୍ରଣୀଲାଭ କରିଛି।

## ବୁମ୍‌ରାଙ୍କ ପ୍ରଥମ ଅର୍ଦ୍ଧଶତକ

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳର ଅଧିକାଂଶ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଫେଲ୍ ମାରିଥିବାବେଳେ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା ବ୍ୟାଟିଂ ଚମତ୍କାରିତା ଦେଖାଇ ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ଏହାଥିଲା ତାଙ୍କ କ୍ୟାରିୟରର ପ୍ରଥମ

**ଦିବାରାତ୍ର ୱାର୍ମଅପ୍ ଗେମ୍**

ଅର୍ଦ୍ଧଶତକ। ସେ ୫୭ ବଲରୁ ୫୫ ରନରେ ଅପରାଜିତ ରହି ଟପ୍ ସ୍କୋରର ହୋଇଥିଲେ। ଏହା ମଧ୍ୟରେ ସେ ୬ ଚୌକା ଓ ୨ ଛକା ମାରିଥିଲେ। ୨୭ ବର୍ଷୀୟ ବୁମ୍‌ରା ଅଲରାଉଣ୍ଡର ୱିଲ୍ ସୁଧରଲାଣ୍ଡଙ୍କ ବଲରେ ଛକା ମାରି ଅର୍ଦ୍ଧଶତକ ପୂରଣ କରିଥିଲେ। ୧୨୩ ରନରେ ଭାରତର ୯ମ ଉଇକେଟ ପତନ ହୋଇଥିବାବେଳେ ବୁମ୍‌ରା ଓ ମହମ୍ମଦ ସିରାଜ ୧୦ମ ଉଇକେଟରେ ମୂଲ୍ୟବାନ ୭୧ ରନର ଭାଗୀଦାରି ଗଢ଼ିବା ଯୋଗୁ ଭାରତ ସମ୍ମାନଜନକ ସ୍ଥିତିରେ ପହଞ୍ଚି ପାରିଥିଲା। ସିରାଜ ୩୪ ବଲ ଖେଳି ୨୨(୨ ଚୌକା, ୧ ଛକା) ରନ କରିଥିଲେ। ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ କେବଳ ପୃଥ୍ୱୀ ଶ' ୪୦(୨୯ ବଲ, ୮ ଚୌକା) ଓ ଶୁବମନ ଗିଲ୍ ୪୩(୫୮ ବଲ, ୬ ଚୌକା, ୧ ଛକା) ରନ କରି ପାରିଥିଲେ। ଅଷ୍ଟ୍ରେଲିଆ 'ଏ' ପକ୍ଷରୁ ସିଅନ ଆବୋଟ ଓ ଜ୍ୟାକ୍ ୱାଇଲ୍ଡରମୁଥ ୩ଟି ଲେଖାଏ ଏବଂ ହ୍ୟାରୀ କନ୍‌ୱେ, ସୁଥରଲାଣ୍ଡ, କାମେରନ ଗ୍ରୀନ୍ ଓ ମିଚେଲ ସ୍ୱେପସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।





ମୁଣ୍ଡରେ ଆଘାତ ପାଇବା ପରେ ବସିପଡ଼ିଛନ୍ତି କାମେରନ ଗ୍ରୀନ୍। ଅର୍ଦ୍ଧଶତକ ହାସଲ ଅବସରରେ ଯଶପ୍ରୀତ୍ ବୁମ୍‌ରା।

## ଗ୍ରୀନ୍‌ଙ୍କ ମୁଣ୍ଡରେ ବଲ ବାଜିଲା

ଅଲରାଉଣ୍ଡର କାମେରନ ଗ୍ରୀନ୍ ନିଜ ୭ମ ଓଭରର ପ୍ରଥମ ବଲ ବୋଲିଂ କରୁଥିବାବେଳେ ମୁଣ୍ଡରେ ଆଘାତ ପାଇଛନ୍ତି। ବୁମ୍‌ରା ଷ୍ଟ୍ରେଟ୍ ଡ୍ରାଇଭ୍ ମାରିଥିଲେ ଏବଂ ବଲଟି ଆସି ସିଧା ଗ୍ରୀନ୍‌ଙ୍କ ମୁଣ୍ଡର ଡାହାଣ ପଟରେ ବାଜିଥିଲା। ବଲଟି ଏତେ ଶୀଘ୍ର ଆସିଥିଲା ଯେ ୨୧ ବର୍ଷୀୟ ଗ୍ରୀନ୍ ହଠାତ୍ ରିଆକ୍ଟ କରିପାରି ନ ଥିଲେ। ସେ ତତ୍କ୍ଷଣାତ ତଳେ ବସିପଡ଼ିଥିଲେ ଏବଂ ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିବା ସିରାଜ ତାଙ୍କ ପାଖରେ ପହଞ୍ଚିଥିଲେ। ମେଡିକାଲ ଟିମ୍‌ଦ୍ୱାରା କିଛି ସମୟ ପରୀକ୍ଷା କରାଯିବାପରେ ଗ୍ରୀନ୍ ପଡ଼ିଆ ବାହାରକୁ ଚାଲିଯାଇଥିଲେ। କନ୍‌କସନ ନିୟମ ଅନୁସାରେ ତାଙ୍କ ବଦଳ ଖେଳାଳିଭାବେ ପ୍ୟାଟ୍ରିକ ରୋ ଦଳରେ ସାମିଲ ହୋଇଥିଲେ। ଗ୍ରୀନ୍‌ଙ୍କ ପରୀକ୍ଷା ନିରୀକ୍ଷା ଚାଲିଛି ଏବଂ ସେ ପରବର୍ତ୍ତୀ ୨ ଦିନ ଖେଳିବେ ନାହିଁ ବୋଲି ଅଷ୍ଟ୍ରେଲିଆ ଟିମ୍ ଡାକ୍ତର ପିପ୍ ଇନ୍‌ଗେ ପ୍ରକାଶ କରିଛନ୍ତି। ପ୍ରଥମ ୱାର୍ମଅପ୍ ଗେମ୍‌ରେ ୧୨୫ ରନ କରିଥିବାରୁ ଗ୍ରୀନ୍ ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇବା ଏକପ୍ରକାର ନିଶ୍ଚିତ ହୋଇଥିଲା।

ଭାରତ ଇନିଂସ ଶେଷ ହେବାପରେ ଅଷ୍ଟ୍ରେଲିଆ 'ଏ' ଦଳର ଖେଳାଳିମାନେ ଭ୍ରମଣକାରୀ ଦଳର ବୋଲରଙ୍କୁ ଠିକ୍‌ଭାବେ ମୁକାବିଲା କରିପାରି ନ ଥିଲେ। ଫଳରେ ମାତ୍ର ୩୨.୨ ଓଭରରେ ଦଳ ଅଲ୍‌ଆଉଟ ହୋଇଯାଇଥିଲା। ଅଷ୍ଟ୍ରେଲିଆ 'ଏ' ପକ୍ଷରୁ ଆଲେକ୍ସ କାରେ ସର୍ବାଧିକ ୩୨ ଓ ମାର୍କସ ହାରିସ ୨୬ ରନ କରିବାକୁ ସକ୍ଷମ ହୋଇଥିଲେ। ୭ ଜଣ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ମହମ୍ମଦ ସାମି ଓ ନବଦୀପ ସଇନୀ ୩ଟି ଲେଖାଏ, ବୁମ୍‌ରା ୨ଟି ଓ ସିରାଜ ଗୋଟିଏ ଉଇକେଟ ନେଇଥିଲେ।

# ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଛନ୍ତି ପେସ୍

**କୋଲକାତା, ୧୧।୧୨ (ପି.ଟି.):** ଭାରତୀୟ ଟେନିସ୍ ଆଇକନ୍ ଲିଆଣ୍ଡର ପେସ୍ ଆସନ୍ତାବର୍ଷ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସ ଲାଗି ପ୍ରସ୍ତୁତ ହେଉଛନ୍ତି। ଜଣେ ପ୍ରଫେଶନାଲ ଖେଳାଳି ହିସାବରେ ୨୦୨୦ ତାଙ୍କର ଶେଷବର୍ଷ ହେବ ବୋଲି ୨୦୧୯ ଖ୍ରୀଷ୍ଟମାସ୍ ଡେ'ରେ ସେ ଘୋଷଣା କରିଥିଲେ। ଏଥିରୁ ସ୍ପଷ୍ଟ ସୂଚୀତ ହେଉଥିଲା ଯେ, ସେ ଟୋକିଓ ଅଲିମ୍ପିକ୍ସରେ ଭାଗ ନେବେ। ଏଠାରେ ମୋଟୋଭୋଲ୍ଟ ମୋବିଲିଟି ସ୍ମାର୍ଟ ଇ-ସାଇକେଲ୍ସର ଅନାବରଣ ଉତ୍ସବରେ ଯୋଗଦାନ ଅବସରରେ ପେସ୍ କହିଛନ୍ତି କରୋନା ମହାମାରୀ ଦ୍ୱାରା ସମଗ୍ର ବିଶ୍ୱ ଏତେ ପ୍ରଭାବିତ ହେବ ବୋଲି କେହି କଳ୍ପନାରେ ସୁଦ୍ଧା ଭାବି ନ ଥିଲେ। ବହୁ ଦିନ ଧରି ବ୍ରେକ୍ ପରେ ସେ ଖୁସି ଅନୁଭବ କରୁଛନ୍ତି। ଶାରୀରିକ, ମାନସିକ ଓ ଭାବନାତ୍ମକ ଦିଗରୁ ସେ ପ୍ରସ୍ତୁତ ଅଛନ୍ତି। ଇତିହାସ ପୃଷ୍ଠାରେ ଭାରତର ନାମ କିପରି ଲିପିବଦ୍ଧ ହୋଇ ରହିବ ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ। ଏହି ଦୃଷ୍ଟିରୁ ସେ ୩୦ ବର୍ଷ ହେଲା ତାଙ୍କ କ୍ୟାରିୟର ଜାରି ରଖିଛନ୍ତି। ଟୋକିଓ ଅଲିମ୍ପିକ୍ସ ଜୁଲାଇ ୨୩ରୁ ଆରମ୍ଭ ହେବ। ସେତେବେଳକୁ ପେସ୍‌ଙ୍କୁ ୪୮ ବର୍ଷ ବୟସ ହୋଇଥିବ। ସେ କହିଛନ୍ତି, ବୟସ ଏକ ସଂଖ୍ୟା ଛଡ଼ା ଆଉ କିଛି ନୁହେଁ। ରେକର୍ଡ ବୁକ୍‌ରେ ଭାରତର ନାମ ସବୁଦିନ ପାଇଁ ରହୁ ବୋଲି ସେ ଚାହାନ୍ତି। ଜଣେ ଟେନିସ ଖେଳାଳି ହିସାବରେ ସର୍ବାଧିକ ୭ ଥର ଅଲିମ୍ପିକ୍ସରେ ଭାଗ ନେଇ ସେ ପୂର୍ବରୁ ରେକର୍ଡର ଅଧିକାରୀ ହୋଇସାରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଭାଗ ନେଲେ ଏହି ସଂଖ୍ୟା ୮ରେ ପହଞ୍ଚିବ। ଭବିଷ୍ୟତରେ ଏହି ରେକର୍ଡ ଭାଙ୍ଗିବା ସହଜ ହେବ ନାହିଁ।



ଲିଆଣ୍ଡର ପେସ୍

# ରୋହିତ ଫିଟ୍: ୧୪ରେ ଯିବେ ଅଷ୍ଟ୍ରେଲିଆ

**ନୂଆଦିଲ୍ଲୀ, ୧୧।୧୨ (ପି.ଟି.)**

ଭାରତର ସିନିୟର ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ବାଙ୍ଗାଲୋରସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ଠାରେ ଶୁକ୍ରବାର ହୋଇଥିବା ଫିଟ୍‌ନେସ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଶ୍ୱର ନମ୍ବର ୱାନ ଦଳ ବିପକ୍ଷରେ ଟେଷ୍ଟ ସିରିଜ ଆରମ୍ଭର ୩ ଦିନ ପୂର୍ବରୁ ଅର୍ଥାତ ଡିସେମ୍ବର ୧୪ରେ ସେ ଅଷ୍ଟ୍ରେଲିଆ ଗସ୍ତ କରିବେ। ୟୁଏଇରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଚାଲିଥିବାବେଳେ ରୋହିତଙ୍କ ଉରୁସନ୍ଧିରେ ଆଘାତ ଲାଗିଥିଲା। ଏହି କାରଣରୁ ସେ ଚଳିତ ଟୁର୍‌ର ହ୍ୱାଇଟ୍ ବଲ୍ ପର୍ଯ୍ୟାୟ ଖେଳରୁ ବଞ୍ଚିତ ହୋଇଥିଲେ। ସେ ପ୍ରଥମ ଦୁଇ ଟେଷ୍ଟ ଖେଳି ପାରିବେ ନାହିଁ, କିନ୍ତୁ ଅବଶିଷ୍ଟ ଦୁଇଟି ଟେଷ୍ଟରେ ଅଂଶଗ୍ରହଣ କରିପାରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ ଅଫିସିଆଲ ପ୍ରକାଶ କରିଛନ୍ତି। ଏନସିଏ ନିର୍ଦ୍ଦେଶକ ରାହୁଲ ଦ୍ରାବିଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୋହିତଙ୍କ ଫିଟ୍‌ନେସ୍ ଟେଷ୍ଟ ହୋଇଥିଲା। ଫିଟ୍‌ନେସ୍ ସାର୍ଟିଫିକେଟ ପ୍ରଦାନ କରିବା ଦାୟିତ୍ୱ ଦ୍ରାବିଡଙ୍କ ଉପରେ ନ୍ୟସ୍ତ ଥିଲା। ଅଷ୍ଟ୍ରେଲିଆ ସରକାରଙ୍କ ନିୟମାନୁସାରେ ଏହି ଷ୍ଟାର ବ୍ୟାଟ୍ସମ୍ୟାନ ୧୪ଦିନ କ୍ୱାରାଣ୍ଟାଇନ୍‌ରେ ରହି ସାରିବା ପରେ ଯାଇ ସିଡ୍‌ନୀ (ଜାନୁୟାରୀ ୭ରୁ ୧୧) ଏବଂ ବ୍ରିସ୍‌ବେନ୍‌ଠାରେ ହେବାକୁଥିବା ଅନ୍ତିମ ଦୁଇ ଟେଷ୍ଟ ମ୍ୟାଚ ପାଇଁ ଟ୍ରେନିଂ ନେଇ ପାରିବେ। ରୋହିତଙ୍କୁ ନେଇ ଗତ କିଛି ସପ୍ତାହ ହେଲା ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳୁଥିବାବେଳେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ବାମ ଉରୁସନ୍ଧିରେ ଆଘାତ ଲାଗିଥିଲା। ରୋହିତ ଅଷ୍ଟ୍ରେଲିଆ ଟୁର୍‌ରେ ସାମିଲ ହେବେକି ନା ସେ ନେଇ ଅଧିନାୟକ ବିରାଟ କୋହଲି କିଛି ସ୍ପଷ୍ଟ କରି ନ ଥିଲେ। ଫଳରେ ଖେଳପ୍ରେମୀମାନେ ଦ୍ୱନ୍ଦ୍ୱରେ ଥିଲେ। ଆଘାତପ୍ରାପ୍ତ ହେବାପରେ ରୋହିତ ଆଇପିଏଲ୍‌ରେ ୪ଟି ମ୍ୟାଚ ଖେଳି ନ ଥିଲେ। ଫଳରେ ଚୟନକର୍ତ୍ତାମାନେ ଅଷ୍ଟ୍ରେଲିଆ ଟୁର୍ ପାଇଁ ତାଙ୍କ ନାମ ବିଚାରକୁ ନେଇ ନ ଥିଲେ। ବହୁ ପ୍ରତୀକ୍ଷିତ ଟୁର୍ ପାଇଁ ଦଳରୁ ବାଦ୍ ପଡ଼ିବା ପରେ ସେ ଶୀଘ୍ର ପ୍ରତ୍ୟାବର୍ତ୍ତନ କରି ଆଇପିଏଲ୍‌ରେ ତାଙ୍କ ଫ୍ରାଞ୍ଚାଇଜ୍‌ର ଅବଶିଷ୍ଟ ମ୍ୟାଚଗୁଡ଼ିକରେ ନେତୃତ୍ୱ ନେଇଥିଲେ। ଫଳରେ ପ୍ରଶଂସକ ମହଲରେ ତାଙ୍କୁ ନେଇ ଉତ୍କଣ୍ଠା ସୃଷ୍ଟି ହୋଇଥିଲା। ନଭେମ୍ବର ୯ରେ ବିସିସିଆଇ ରୋହିତଙ୍କ ଷ୍ଟାଟସ୍



ରୋହିତ ଶର୍ମା

ଅପ୍‌ଡେଟ୍ କରିଥିଲା। ଟେଷ୍ଟ ସିରିଜ ପାଇଁ ସମ୍ପୂର୍ଣ୍ଣ ଫିଟ୍‌ନେସ୍ ଫେରିପାଇବା ଲାଗି ଚୟନକର୍ତ୍ତାମାନେ ଏହି ଷ୍ଟାର ବ୍ୟାଟ୍ସମ୍ୟାନଙ୍କୁ ସୀମିତ ଓଭର ପର୍ଯ୍ୟାୟରୁ ବାଦ୍ ଦେଇଥିବା କହିଥିଲା। କିନ୍ତୁ ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍ ଟାଇଟଲ ସଫଳତା ପାଇବା ପରେ ହ୍ୱାଇଟ୍‌ବଲ୍ ଉପଅଧିନାୟକ ୟୁଏଇରୁ ତାଙ୍କ ଜାତୀୟ ସାଥୀଖେଳାଳିମାନଙ୍କ ସହ ସିଧାସଳଖ ଅଷ୍ଟ୍ରେଲିଆ ନ ଯାଇ ମୁମ୍ବାଇ ଫେରିଥିଲେ। ସେ ସମୟରେ କୋହଲି କହିଥିଲେ ରୋହିତ କାହିଁକି ତାଙ୍କ ରିହାବିଲିଟେଶନ କାର୍ଯ୍ୟ ଅଷ୍ଟ୍ରେଲିଆରେ କଲେ ନାହିଁ ତାହା ସେ ବୁଝିପାରୁ ନାହାନ୍ତି। ବିସିସିଆଇ ଏହାପରେ ନଭେମ୍ବର ୨୬ରେ ଆଉ ଏକ ପ୍ରେସ୍ ଇସ୍ତାହାର ପ୍ରକାଶ କରିଥିଲା। ଅସୁସ୍ଥ ପିତାଙ୍କୁ ଦେଖିବା ଲାଗି ଏହି ଓପନିଂ ବ୍ୟାଟ୍ସମ୍ୟାନ ଭାରତ ଫେରିଥିବା ସଫେଇ ଦେଇଥିଲା।

# ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ସପକ୍ଷରେ ବଶିଷ୍ଟ



ଦାବି ଉପସ୍ଥାପନ ଅବସରରେ ବଶିଷ୍ଟ।

**ଭୁବନେଶ୍ୱର, ୧୧।୧୨ (କ୍ରୀଡ଼ା ପ୍ରତିନିଧି):** ହକି ଯାଦୁକର ଧ୍ୟାନଚାନ୍ଦଙ୍କୁ 'ଭାରତ ରତ୍ନ' ସମ୍ମାନ ପ୍ରଦାନ ସପକ୍ଷରେ ଦେଶବ୍ୟାପୀ ଦାବି ଜୋର ଧରିବାରେ ଲାଗିଛି। ଗତ ୩ ତାରିଖରେ ଧ୍ୟାନଚାନ୍ଦଙ୍କ ୪୧ତମ ଶ୍ରାଦ୍ଧ ଦିବସ ଅବସରରେ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ନେତୃତ୍ୱରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଏହି ଦାବିକୁ ପୁନର୍ବାର ଉତ୍‌ଥାପନ କରାଯାଇଥିଲା। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଅନୁପ୍ରାଣୀତ ହୋଇ କେରଳର କାଲିକଟସ୍ଥିତ ମାଲବାର ଖ୍ରୀଷ୍ଟିଆନ କଲେଜର ଇତିହାସ ବିଭାଗ ପ୍ରଫେସର ବଶିଷ୍ଟ ଏବେ ଏହି ଦାବିକୁ ଦୋହରାଇଛନ୍ତି। ବଶିଷ୍ଟ ଜଣେ ଖେଳପ୍ରେମୀଭାବେ ବିଶେଷ ଜଣାଶୁଣା। ସେ ଗତ ହକି ବିଶ୍ୱକପ ସମୟରେ ଭୁବନେଶ୍ୱର ଆସି ଖେଳ ଉପଭୋଗ କରିଥିଲେ। ଏହି ଅଭିଯାନରେ ସେ ନିଜ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସାମିଲ କରିବାକୁ ଉଦ୍ୟମ କରିବେ ବୋଲି ବଶିଷ୍ଟ ପ୍ରକାଶ କରିଛନ୍ତି।

# ନିକୋଲ୍ସଙ୍କ ଅପରାଜିତ ଶତକ

**ୱେଲିଂଟନ, ୧୧।୧୨ (ଏପି)**

ସ୍ଥାନୀୟ ବେସିନ ରିଜର୍ଭଠାରେ ଶୁକ୍ରବାରଠାରୁ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଆରମ୍ଭ ହୋଇଛି। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷ ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ଉଇକେଟ ବିନିମୟରେ ୨୯୪ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ହେନରୀ ନିକୋଲ୍ସ ୧୧୭ରନ କରି ଅପରାଜିତ ରହିଛନ୍ତି। କିକୋଲ୍ସଙ୍କର ଏହା ହେଉଛି ୬ଷ୍ଠ ଟେଷ୍ଟ ଶତକ। ବେସିନ ରିଜର୍ଭ ଗ୍ରାଉଣ୍ଡରେ ଏହା ୧୦୦ତମ ଶତକ। ନ୍ୟୁଜିଲାଣ୍ଡର ରାଜଧାନୀ ସହରରେ ବର୍ଷା ଯୋଗୁ ବହୁ ଦିନ ଧରି ପିଚ୍‌କୁ ଘୋଡାଇ ରଖାଯାଇଥିଲା। କଭର କାଢ଼ିନେବା ପରେ ପିଚ୍ ଘାସୁଆ ଏବଂ କଠିନ ଥିଲା। ଫଳରେ ଟସ୍ ହାରିବା ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ହେବ, ଏହା ସହଜ ହେବ ନାହିଁ ବୋଲି ତାହା ସ୍ପଷ୍ଟ ଥିଲା। ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ଟସ୍ ଜିତିବା ପରେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଶାନନ ଗାବ୍ରିଏଲଙ୍କ ନେତୃତ୍ୱରେ ଭ୍ରମଣକାରୀ ଦଳର ବୋଲିଂ ଆକ୍ରମଣ ଜୋରଦାର ଥିଲା। ମଧ୍ୟାହ୍ନ ଭୋଜନ ବିରତି ପୂର୍ବରୁ ସେମାନେ ୩ ଉଇକେଟ ଖସାଇ ଦେଇଥିଲେ। ଏହି ୩ଜଣ ବ୍ୟାଟ୍ସମ୍ୟାନ ହେଲେ ଟମ୍ ବ୍ଲଣ୍ଡେଲ (୧୪), ଟମ୍ ଲଥାମ (୨୭) ଓ ରସ୍ ଟେଲର (୯)। ତେବେ ନିକୋଲ୍ସ ତାଙ୍କ ଅପରାଜିତ ଇନିଂସ ଅବସରରେ ୱିଲ୍ ୟଙ୍ଗ (୪୩)ଙ୍କ ସହ ୭୦, ବି.ଜେ. ୱାଟଲିଂଙ୍କ ସହ ୫୫ ଏବଂ ଡେରିଲ ମିଚେଲ (୪୨)ଙ୍କ ସହ ୮୩ରନ ଯୋଗ କରିଥିଲେ। ପ୍ରଥମ ଦିବସ ଖେଳ ଶେଷ ବେଳକୁ ତାଙ୍କ ସହ କାଇଲ ଜେମିସନ ୧ ରନ କରି ଅପରାଜିତ ରହିଛନ୍ତି। ଭ୍ରମଣକାରୀ ଦଳ ପକ୍ଷରୁ ସବୁଠାରୁ ସଫଳ ବୋଲର ଶାନନ ଗାବ୍ରିଏଲ ୩, ଚେମର ହୋଲ୍‌ଡର ୨ ଏବଂ ଅଲଜାରି ଯୋଶେଫ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚକୁ ନ୍ୟୁଜିଲାଣ୍ଡ ଏକ ଇନିଂସ ୧୩୪ ରନରେ ଜିତିନେଇଥିଲା।



ଶତକ ହାସଲ ପରେ ହେନ୍‌ରୀ ନିକୋଲ୍ସ।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୨୯୪/୬ (ହେନ୍‌ରୀ ନିକୋଲ୍ସ-୧୧୭*, ୱିଲ୍ ୟଙ୍ଗ୍-୪୩, ଡେରିଲ୍ ମିଚେଲ-୪୨, ବି.ଜେ. ୱାଟଲିଂ-୩୦, ଶାନନ ଗାବ୍ରିଏଲ୍-୩/୫୭, ଚେମର ହୋଲ୍ଡର-୨/୬୫)।

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019

F.No. J-11074(022)/2020-21/S&P Date: 09-12-2020

**E-TENDER CALL NOTICE**

Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for **"(1) Instrument Set for Minimally Invasive Cardia Surgery (2) Cardiac Specific Instrument Set for Cardio-Vascular and Thoracic surgery for the dept. of CTVS (3) Instrument Set for Coronary Surgery (4) Steel Rack with Adjustable Rack Shelves (5) Supply of 10,000 nos. of Inj. Enoxaparin 60mg0.6ml in PFS/Ampules (6) Extra Corporeal Membrane Oxygenation (ECMO) Device for Vascular Surgery (7) Heart Lung Machine with Heater cooler unit for open Heart and Bypass surgery at AIIMS, Bhubaneswar in Two Bid System"**. The e-tender document along with last date of submission of the tender can be viewed and downloaded from the official website **i.e. www.aiimsbhubaneswar.nic.in / www.tenderwizard.com and CPP Portal www.eprocure.gov.in.** The sealed e-Tender will be received through Speed post/Reg. post/Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.
Director, AIIMS, Bhubaneswar reserves the right to reject any or all the e-tenders without assigning any reason thereof.

Sd/-
Sr. Procurement-Cum Store Officer
AIIMS, Bhubaneswar

**OFFICE OF THE MUNICIPAL COUNCIL, SUBARNAPUR**
No.3484 Dt.11.12.2020

**QUOTATION CALL NOTICE**

Sealed quotations are invited in the prescribed Proforma from the certified firm/manufacture/authorized dealer/having upto date dealership/GST clearance certificate/PAN card etc. for supply and installation of open GYM and children playing instrument in Sonepur Municipality. The quotation along with price list should reach the undersigned on or before dt.18.12.2020 at 11.00 A.M. through Regd. Post/ Speed Post or in person drop in tender box and the same will opened on dt.18.12.2020 at 12.00 P.M. in presence of tender committee members and quotationer or their authorised representatives. Beyond the date and time and any postal delay no quotation shall be entertained. The quotation paper is available in Dist. website of Subarnapur ie.e www.subarnapur.nic.in with effect from dt.11.12.2020 to 18.12.2020 upto 11.00 A.M. The quotationer shall have to deposit Rs.2000/- (Rupees Two Thousand) only towards cost of tender paper and Rs.10,000/- (Rupees Ten thousand) only towards EMD in shape of Demand Draft in favour of Executive Officer, Subarnapur Municipality payable at SBI, Sonepur. The quotationer have to furnish the experience certificate with the quotation paper showing similar nature of work order. The undersigned reserves the right to reject whole or part of quotation without assigning any reason thereof.

**Sd./- Executive Officer**
**Subarnapur Municipality**

**PARADIP PORT TRUST**
No.: EM/MM/P/PHD(M)/CHEM/02/2020/247 Dated: 04.12.2020

**e-Tendering Notice**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/authorized dealers for supply of **Hydrated Lime**. The last date and time of submission of the tender is 17.15 Hours on Dt. 28.12.2020. For details, log on to website **https://eprocure.gov.in/eprocure/app.**

PPT/PR/334/20-21 Date 11.12.2020
Sr. Dy. Materials Manager

See Career Appointment on every Wednesday & Saturday

**ନିୟନ୍ତ୍ରିତ ବଜାର କମିଟି, ବାଲେଶ୍ୱର**
**ସା.- ବାମପଦା, ପୋ.ଅ.-ଛଣପୁର, ଭାୟା- କୁରୁଡା, ଜିଲ୍ଲା-ବାଲେଶ୍ୱର, ପିନ୍-୭୫୬୦୫୬**
**ବିଜ୍ଞପ୍ତି ନଂ.୫୮ ତା୧୦।୧୨।୨୦୨୦**

ଏତଦ୍ୱାରା ବାଲେଶ୍ୱର ଜିଲ୍ଲାର ସମସ୍ତ ପଞ୍ଜୀକୃତ ଚାଷୀ ଭାଇଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ଚଳିତ ୨୦୨୦-୨୧ ବିପଣନ ବର୍ଷରେ ରାଜ୍ୟ ସରକାର ଜିଲ୍ଲାର ସମସ୍ତ ପ୍ରାଥମିକ ସେବା ସମବାୟ ସମିତିଗୁଡିକ ମାଧ୍ୟମରେ କେବଳ ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରିବେ। ଏଣୁ ଚାଷୀମାନେ ନିଜର ନାମ ପଞ୍ଜୀକରଣ କରିଥିବା ସମବାୟ ସମିତିରେ ନିଜର ଶୃଙ୍ଖଳା ଓ ପରିଷ୍କାର (ଏଫ୍.ଏ.କ୍ୟୁ. ମାନ) ଧାନ ବିକ୍ରୟ କରି ସରକାରୀ ଧାର୍ଯ୍ୟ ମୂଲ୍ୟ ସାଧାରଣ ଧାନ ପାଇଁ ଟ୧୮୬୮/-ଙ୍କା (କୁଇଣ୍ଟାଲ ପିଛା) ଓ ଗ୍ରେଡ୍-ଏ ଧାନ ପାଇଁ ଟ.୧୮୮୮/-ଙ୍କା (କୁଇଣ୍ଟାଲ ପିଛା) ପାଇପାରିବେ। ପ୍ରତ୍ୟେକ ସମବାୟ ସମିତିରେ ଜିଲ୍ଲା ପ୍ରଶାସନ ଦ୍ୱାରା ଧାର୍ଯ୍ୟ କ୍ରୟ ଦିବସରେ (ଗୁରୁବାର ଓ ଛୁଟିଦିନ ବ୍ୟତୀତ) ଧାନ ସଂଗ୍ରହ କରାଯିବ। ଏଣୁ ସମବାୟ ସମିତିଗୁଡିକରେ ଅନ୍‌ଲାଇନ୍ ନାମ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀ ଭାଇଭଉଣୀମାନେ ତାଙ୍କର ବଳକା ଧାନକୁ ଖରାରେ ଶୁଖାଇ ବାଲି, ମାଟି, କୁଟା ଓ ଅଗାଡି ଇତ୍ୟାଦିକୁ ସଫାକରି ଏଫ୍.ଏ.କ୍ୟୁ.ମାନକୁ ଉନ୍ନତ କରାଇ ନିର୍ଦ୍ଧାରିତ କ୍ରୟ ଦିବସମାନଙ୍କରେ କ୍ରୟ କେନ୍ଦ୍ରକୁ ଆଣିବାକୁ ଅନୁରୋଧ। ଧାନ ବିକ୍ରୟର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରୟ ଯୋଗ୍ୟ ଧାନର ପରିମାଣ ଓ ବିକ୍ରୟ ଦିବସର ସୂଚନା ସେମାନଙ୍କ ପଞ୍ଜୀକୃତ ମୋବାଇଲ ଓ ସମବାୟ ସମିତିର ମୋବାଇଲକୁ ଏସ୍.ଏମ୍.ଏସ୍. ମାଧ୍ୟମରେ ବାର୍ତ୍ତା ପ୍ରେରଣର ବ୍ୟବସ୍ଥା ରହିଛି। ଉକ୍ତ ଏସ୍.ଏମ୍.ଏସ୍. ବାର୍ତ୍ତା ଆଧାରରେ ନିର୍ଦ୍ଧାରିତ କ୍ରୟ ଦିବସରେ ପୂର୍ବାହ୍ନ ୮.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କ୍ରୟ କେନ୍ଦ୍ରରେ ଧାନ ପହଞ୍ଚାଇବାକୁ ଅନୁରୋଧ। ଜଣେ ଚାଷୀ ଗୋଟିଏ ଦିନରେ ରାଜ୍ୟ ସରକାରଙ୍କଠାରୁ ପ୍ରାପ୍ତ ଟୋକନ୍‌ରେ ଥିବା ନିର୍ଦ୍ଧାରିତ ପରିମାଣର ଧାନ ବିକ୍ରୟ କରିପାରିବେ ଓ ଧାନର ବିକ୍ରୟ ମୂଲ୍ୟ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ପଞ୍ଜୀକୃତ ବ୍ୟାଙ୍କ ଖାତାକୁ ଅନ୍‌ଲାଇନରେ ପ୍ରଦାନ କରାଯିବ। ଚାଷୀମାନଙ୍କ ବିକ୍ରୟ ଯୋଗ୍ୟ ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ ଓ ଆର୍ଦ୍ରତା ନିମ୍ନ ଧାର୍ଯ୍ୟ ସୀମା ମଧ୍ୟରେ ହୋଇଥିଲେ ତାହା ଗ୍ରହଣଯୋଗ୍ୟ ହେବ। ୧ (କ) ବାଲି, ମାଟି, ଗୋଡି, ପଥର, ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ: ୧%, (ଖ) କାଠି, କୁଟା, ଧୂଷ, ଅଗାଡି ଓ ପୋଲା ଇତ୍ୟାଦି ଜୈବିକ ପଦାର୍ଥ:୧%, (୨) ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର): ୫%, (୩) ଅପରିପକ୍ୱ, କଂଚା, ସବୁଜ, ବଙ୍କା ଓ ସଂକୁଚିତ: ୩%, (୪) ଗ୍ରେଡ୍-ଏ (ସରୁ) ଧାନରେ ମିଶିଥିବା ମୋଟା ଧାନ ପରିମାଣ: ୬%, (୫) ଆର୍ଦ୍ରତା: ୧୭% ।

- ନିର୍ଦ୍ଧାରିତ କ୍ରୟଦିବସରେ ଧାନ କ୍ରୟ ହୋଇ ନ ପାରିଲେ ପରବର୍ତ୍ତୀ ସମୟରେ ମଧ୍ୟ ବିକ୍ରୟ କରିପାରିବେ।
- ଧାନ ବିକ୍ରୟ ବେଳେ ଚାଷୀମାନେ ନିଜର କିଷାନ୍ କ୍ରେଡିଟ୍ କାର୍ଡ ଓ ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ, ଭୋଟର ପରିଚୟ ପତ୍ର, ଆଧାର କାର୍ଡ ଓ ପଞ୍ଜୀକୃତ ବ୍ୟାଙ୍କ ପାସ୍‌ବୁକ୍ କ୍ରୟ କେନ୍ଦ୍ରକୁ ଆଣିବାକୁ ଅନୁରୋଧ।
- ଧାନ କ୍ରୟ କେନ୍ଦ୍ରରେ ଧାନର ମାନ ନିର୍ଦ୍ଧାରକ ଯନ୍ତ୍ରପାତିମାନ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଯୋଗାଇ ଦିଆଯାଇଅଛି ଏବଂ ପ୍ରତ୍ୟେକ ସେବା ସମବାୟ ସମିତିର ଧାନ କ୍ରୟ କେନ୍ଦ୍ର (ବ୍ୟବସାୟିକ ସ୍ଥାନ) ଗୁଡିକୁ ନିୟନ୍ତ୍ରିତ ବଜାର କମିଟିର ଅତିରିକ୍ତ ବଜାର ପ୍ରାଙ୍ଗଣ ରୂପେ ଘୋଷଣା କରାଯାଇଛି।

**ଚାଷୀଭାଇମାନେ ଧାନ କ୍ରୟ ସମ୍ବନ୍ଧିତ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ନିମ୍ନଲିଖିତ ଫୋନ୍ ନମ୍ବରଗୁଡିକରେ ଯୋଗାଯୋଗ କରିପାରିବେ**

| | | | |
|---|---|---|---|
| ରାଜ୍ୟ ସରକାରଙ୍କ ଟୋଲ୍ ଫ୍ରି ନଂ. | : ୧୯୬୭ | ସହକାରୀ ନିବନ୍ଧକ, ସମବାୟ ବିଭାଗ, ବାଲେଶ୍ୱର | : ୦୬୭୮୨-୨୬୯୭୬୭ |
| ଜିଲ୍ଲା କଣ୍ଟ୍ରୋଲ ରୁମ୍, ବାଲେଶ୍ୱର | : ୦୬୭୮୨-୨୬୫୭୪୧ | ସହକାରୀ ନିବନ୍ଧକ, ସମବାୟ ବିଭାଗ, ଭଦ୍ରକ | : ୦୬୭୮୪-୨୪୦୫୩୯ |
| ଜିଲ୍ଲା ଯୋଗାଣ ଅଧିକାରୀ, ବାଲେଶ୍ୱର | : ୦୬୭୮୨-୨୬୨୦୦୭ | କେନ୍ଦ୍ର ସମବାୟ ବ୍ୟାଙ୍କ, ବାଲେଶ୍ୱର | : ୦୬୭୮୨-୨୬୨୬୦୭ |
| ସହକାରୀ ଯୋଗାଣ ଅଧିକାରୀ, ବାଲେଶ୍ୱର | : ୯୪୩୮-୨୮୩୪୩ | ଉପଜିଲ୍ଲାପାଳ, ବାଲେଶ୍ୱର | : ୦୬୭୮୨-୨୬୨୦୫୨ |
| ଉପନିବନ୍ଧକ, ସମବାୟ ବିଭାଗ, ବାଲେଶ୍ୱର | : ୦୬୭୮୨-୨୬୨୨୩୮ | ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବାଲେଶ୍ୱର | : ୦୬୭୮୨-୨୫୫୬୦୫ |

ସ୍ୱା./-
**ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବାଲେଶ୍ୱର**

ସ୍ୱା./-
**ଉପଜିଲ୍ଲାପାଳ, ବାଲେଶ୍ୱର-ତଥା-ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବାଲେଶ୍ୱର**

**DISTRICT PROJECT OFFICE, RTE-SS, SUNDARGARH**
No.1506 Date:10.12.2020

**QUOTATION CALL NOTICE**

Sealed quotations are invited in the prescribed application from the book sellers/ Publishers having GSTN and PAN for supply of Hindi script Text Books (Except Hindi language books) from Class-I to Class-VIII for Govt. and Govt. aided Hindi medium primary and Upper Primary Schools of Sundargarh District in Speed Post/Regd. Post only. The terms and conditions along with the book list are available in the district website www.sundergarh.nic.in The quotation completed in all respect should reach to the Office of the District Project Coordinator, Sarva Sikshya Abiyan, Sundargarh on or before 23.12.20 by 5 P.M. and the same will be opened on 24.12.20 at 11 A.M./ PM in the office chamber of Collector-Cum-Chairman, SSA, Sundargarh in presence of bidders and their authorized representatives. The intending bidders will have to submit the sample copy of Hindi script books under proper seal and signature of the firm at the time of opening of tender. The authority reserves the rights to amend, alter, modify and cancel any part or all the tender notice without assigning any reason thereof.

**Sd./- Collector-Cum-Chairman**
**RTE-SS, Sundargarh**



**ମୂଷା ପାଳିବାକୁ ଅନୁମତି**

ଘରେ ଆସବାବପତ୍ର ନଷ୍ଟ କରୁଥିବା ମୂଷା ଦାଉରୁ ରକ୍ଷା ପାଇବା ପାଇଁ ବଜାରରେ ଅନେକ ପ୍ରକାରର ମୂଷା ମରା ଔଷଧ ଉପଲବ୍ଧ। କିନ୍ତୁ ପୃଥିବୀରେ ଏମିତି ବି ଦେଶ ଅଛି ଯେଉଁଠି ମୂଷା ମାରିବା ଅପରାଧରେ ଗଣା। ଏହି ଦେଶ ହେଉଛି କାନାଡା। ଏଠାକାର ଲୋକେ ମୂଷା ପାଳିବାକୁ ପସନ୍ଦ କରନ୍ତି। କିନ୍ତୁ ଯେ କେହି ମୂଷା ପାଳନ କରିପାରିବେ ନାହିଁ। ଏଥିପାଇଁ ସରକାରଙ୍କ ଅନୁମତି ଆବଶ୍ୟକ ପଡିଥାଏ।

# ରହସ୍ୟମୟ 'ମୋନୋଲିଥ୍'

'ମୋନୋଲିଥ୍'କୁ ନେଇ ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚା। ପ୍ରସ୍ତରଯୁଗରେ ଏକ ନିର୍ଦ୍ଦିଷ୍ଟ କାରଣ ପାଇଁ ଜନବସତିରେ ପଥର ନିର୍ମିତ ଏଭଳି ସ୍ତମ୍ଭ ସ୍ଥାପନ କରାଯାଉଥିଲା। ତେବେ ନିକଟରେ ଠାବ କରାଯାଉଥିବା 'ମୋନୋଲିଥ୍' ଧାତୁ ନିର୍ମିତ। ସବୁଠାରୁ ବଡ଼ କଥା ହେଉଛି, ଦୃଶ୍ୟମାନ ହେବାର କିଛି ଦିନ ଭିତରେ ଏହା ରହସ୍ୟଜନକ ଭାବେ ଅଦୃଶ୍ୟ ହୋଇଯାଉଛି। କେତେଜଣ ଏହା ଏଲିୟନଙ୍କ କାମ କହୁଥିବାବେଳେ ଅନ୍ୟମାନେ ଏହାକୁ ଶତ୍ରୁଦେଶର ଗୁପ୍ତ ରଣନୀତି ବୋଲି କହୁଛନ୍ତି। ହେଲେ ଏଭଳି ରହସ୍ୟମୟ ଧାତବ ସ୍ତମ୍ଭ ଉପରୁ ରହସ୍ୟ ଏଯାଏ ଉନ୍ମୋଚିତ ହୋଇପାରିନାହିଁ।



**ୱାଶିଂଟନ**

'ମୋନୋଲିଥ୍' ଏକ ନୂଆ ଶବ୍ଦ ନୁହେଁ। ଏହାର ପ୍ରଚଳନ ଦୀର୍ଘଦିନରୁ ରହିଛି। ତେବେ ଗତ ମାସେ ହେଲା ଏହା ପାଲଟିଛି ରହସ୍ୟର କେନ୍ଦ୍ରବିନ୍ଦୁ। ସାଧାରଣତଃ 'ମୋନୋଲିଥ୍' କହିଲେ ପଥରରେ ନିର୍ମିତ ଏକ ଦଣ୍ଡକୁ ବୁଝାଯାଏ। ସୂର୍ଯ୍ୟଙ୍କ ଗତିବିଧି ଜାଣିବା, ସୂର୍ଯ୍ୟଙ୍କ ତିର୍ଯ୍ୟକ କିରଣ ଅନୁଯାୟୀ ସୃଷ୍ଟି ହେଉଥିବା ଛାଇକୁ ଦେଖି ସମୟ ନିର୍ଦ୍ଧାରଣ କରିବା ସମେତ ସାଙ୍କେତିକ ଭାବେ ଏହାକୁ ପୁରାତନ କାଳରେ ବ୍ୟବହାର କରାଯାଉଥିଲା। ହେଲେ ନିକଟରେ ଆମେରିକା, ରୋମାନିଆ, ବ୍ରିଟେନ, ବେଲ୍‌ଜିୟମ ସମେତ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଠାବ କରାଯାଇଥିବା 'ମୋନୋଲିଥ୍' ଧାତୁରେ ତିଆରି, ଯାହା ଆଲୁଅ ସଂସ୍ପର୍ଶରେ ଆସିଲେ ଚିକ୍‌ଚିକ୍ କରେ। ହେଲେ କଥା ଏଇଠି ସରିନି, ଦୃଶ୍ୟମାନ ହେବାର କିଛି ଦିନ ମଧ୍ୟରେ ଏଗୁଡ଼ିକ ଆପେଆପେ ଗାଏବ ହୋଇଯାଉଛି। ଏହାକୁ କେଉଁ ଉଦ୍ଦେଶ୍ୟରେ ରଖାଯାଉଛି, କିଏ ବ୍ୟବହାର କରୁଛି ଏବଂ କିଛିଦିନ ପରେ କୁଆଡ଼େ ଗାଏବ ହୋଇଯାଉଛି ତାହା ଏବେ ବି ରହସ୍ୟଘେରରେ ରହିଛି।

ଗତମାସ ୧୮ ତାରିଖରେ ଆମେରିକାର ଉଟାହ ମରୁଭୂମିରେ ଉପରେ ଚକ୍କର କାଟୁଥିବା ଏକ ହେଲିକପ୍ଟର ପ୍ରିଜିମ୍ ଆକୃତିର ଧାତବ 'ମୋନୋଲିଥ୍' ଠାବ କରିଥିଲା। ୩ ମିଟର ଉଚ୍ଚତାର ଏହି ରହସ୍ୟମୟ ସ୍ତମ୍ଭ ୯ ଦିନ ପରେ ହଠାତ୍ କୁଆଡ଼େ ଗାଏବ ହୋଇଯାଇଥିଲା। ଏହା ଯେମିତି ରହସ୍ୟମୟ ଭାବେ ଠାବ ହୋଇଥିଲା ସେଭଳି ଅଦୃଶ୍ୟ ହୋଇଗଲା। ସମାନଘଟଣା ଘଟିଥିଲା କାଲିଫର୍ନିଆ, ରୋମାନିଆ, ଇଂଲଣ୍ଡର ଦକ୍ଷିଣ ଉପକୂଳର ଇସ୍‌ଲେ ଅଫ୍ ୱିଟ୍, ନେଦରଲାଣ୍ଡ ଏବଂ ରୋମାନିଆରେ। ହେଲେ ଧାତବ 'ମୋନୋଲିଥ୍' ବିଷୟରେ ନିର୍ଦ୍ଦିଷ୍ଟ ଭାବେ କୌଣସି ବ୍ୟାଖ୍ୟା କରାଯାଇପାରି ନ ଥିବାବେଳେ ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା।

ବିଶେଷଜ୍ଞଙ୍କ କହିବା କଥା, ପ୍ରତ୍ନତାତ୍ତ୍ୱିକ ଉତ୍ଖନନରୁ ପ୍ରସ୍ତର ନିର୍ମିତ ଅନେକ 'ମୋନୋଲିଥ୍' ମିଳିଛି। ପୁରାତନ ସଭ୍ୟତାର ଲୋକମାନେ ଏହାକୁ ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହାର କରୁଥିଲେ। ଏହା ସାଙ୍କେତିକ, ଧାର୍ମିକ ବା ସାମୂହିକ ଉପାସନର କେନ୍ଦ୍ରସ୍ଥଳ ହୋଇଥାଇପାରେ। ତେବେ ନିକଟରେ ମିଳୁଥିବା ରହସ୍ୟମୟ 'ମୋନୋଲିଥ୍' ଧାତୁ ନିର୍ମିତ। ଏହା ଚକ୍‌ଚକ୍ କରୁଛି। ହେଲେ କିଛି ଦିନ ମଧ୍ୟରେ ଗାଏବ ହୋଇଯାଉଥିବାରୁ ଗବେଷଣା କରିବାର ସୁଯୋଗ ମିଳୁନାହିଁ।

# କ୍ୟୁଟ ରକୁଲଙ୍କ ହଟ୍ ଅନ୍ଦାଜ



ରକୁଲ ପ୍ରିତ ସିଂ

**ମୁମ୍ବାଇ:** ନିଜ କ୍ୟୁଟ ଅନ୍ଦାଜ ପାଇଁ ଚର୍ଚ୍ଚାରେ ରହୁଥିବା ବଲିଉଡ୍ ଅଭିନେତ୍ରୀ ରକୁଲ ପ୍ରିତ ସିଂଙ୍କ ଷ୍ଟାଇଲିଶ୍ ବିଚ୍ ଫଟୋ ଫ୍ୟାନଙ୍କୁ ପାଗଳ କରିଛି। ବ୍ଲୁ ଷ୍ଟ୍ରାଇପ୍ ଥିବା ପ୍ୟାଣ୍ଟରେ ହଳଦିଆ ବିକିନି ପିନ୍ଧିଥିବାର ଏକ ଫଟୋ ସେ ତାଙ୍କ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସମୁଦ୍ର କୂଳରେ ଏଗ ଚେୟାରରେ ରକୁଲ ଷ୍ଟାଇଲସ୍ ଢଙ୍ଗରେ ବସିଥିବା ଏହି ଫଟୋକୁ ଫ୍ୟାନମାନେ ବେଶ ପସନ୍ଦ କରିଛନ୍ତି। ଏହି ଲୁକ୍ ତାଙ୍କୁ ବେଶ ମାନୁଥିବା ପ୍ରଶଂସକମାନେ କମେଣ୍ଟ କରିଛନ୍ତି। ସୌକିନ ଡ୍ରେସ ପିନ୍ଧି ଅନେକ ଆଗଧାଡ଼ିର ଅଭିନେତ୍ରୀ ଚର୍ଚ୍ଚାରେ ରହୁଥିବାବେଳେ ଏଥିରେ ରକୁଲ ମଧ୍ୟ ସାମିଲ ହୋଇଛନ୍ତି। ତେବେ କେବଳ ବୋଲ୍ଡ ଡ୍ରେସ ନୁହେଁ, ଶାଢୀ, ଜିନ୍ସରେ ମଧ୍ୟରେ ରକୁଲ ତାଙ୍କ ଇନଷ୍ଟାରେ ଫଟୋ ପୋଷ୍ଟ କରିଛନ୍ତି। ସେ ସବୁରେ ମଧ୍ୟ ରକୁଲଙ୍କ ଚମକ ତାଙ୍କ ଫ୍ୟାନଙ୍କୁ କିମିଆ କରିଛି। ନଖରାମୀରେ ସବୁବେଳେ ଦର୍ଶକଙ୍କ ମନ ମୋହୁଥିବା ଏହି ଅଭିନେତ୍ରୀଙ୍କୁ ବଲିଉଡ ଆକ୍ଟର ଅଭିଷେକ ବଚ୍ଚନଙ୍କ ସହ 'ମେ ଡେ'ରେ ଦର୍ଶକେ ଦେଖିବାକୁ ପାଇବେ।

# ଯାଆଁଳା ପିଲାଙ୍କୁ ଚିହ୍ନିବାକୁ ଟାଟୁ



**ନୂଆଦିଲ୍ଲୀ**

ଅନେକଯାଆଁଳାଶିଶୁଜନ୍ମସମୟରୁହିଁଏକାପରି ଦେଖାଯାଆନ୍ତି। ଏମିତିରେ ସେମାନଙ୍କୁ ଚିହ୍ନିବା କଷ୍ଟକର ହୋଇଥାଏ। ଲୋକେ କୁହନ୍ତି, ଏକାପରି ଦେଖାଗଲେ ବି ମା' ନିଜ ପିଲାଙ୍କୁ ଚିହ୍ନିବାରେ କୌଣସି ସମସ୍ୟା ହୁଏନି। କିନ୍ତୁ ଏମିତି ଏକ ଘଟଣା ସାମ୍ନାକୁ ଆସିଛି।

ଆମେରିକାର ଜଣେ ୩୧ ବର୍ଷୀୟା ମହିଳା ଯାଆଁଳା ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଦୁହିଁଙ୍କ ନାମ ଆଡାମ୍ ଏବଂ ଜ୍ୟାକ୍ ରଖିଛନ୍ତି। ହେଲେ ଦୁଇ ଶିଶୁ ଏକାପରି ଦେଖାଯାଉଥିବାରୁ ମା' ମଧ୍ୟ ସେମାନଙ୍କ ମଧ୍ୟରେ ଭିନ୍ନତା ଜାଣିପାରି ନ ଥିଲେ। ତେଣୁ ସେ ଦୁଇ ପିଲାଙ୍କୁ ଚିହ୍ନିବା ପାଇଁ ଜଣେ ଶିଶୁର ଶରୀରରେ ଟାଟୁ କରିଛନ୍ତି। ହେଲେ ଟାଟୁ କରିବାକୁ ମହିଳାଙ୍କ ଶାଶୁ ନାପସନ୍ଦ କରିବା ସହ ରାଗିଥିଲେ। ଏକ ରିପୋର୍ଟ ଅନୁଯାୟୀ ମହିଳା ନିଜର ଏହି କାହାଣୀକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ ମହିଳା ଜଣଙ୍କ ଉଲ୍ଲେଖ କରିଛନ୍ତି ଯେ, ତାଙ୍କର ଦୁଇ ଶିଶୁଙ୍କ ମଧ୍ୟରୁ ଜ୍ୟାକ୍ ଜନ୍ମରୁ ଅସୁସ୍ଥ ଥିଲେ। ତାଙ୍କୁ ପ୍ରତ୍ୟେକ ସପ୍ତାହରେ ଇଞ୍ଜେକ୍ସନ ଦେବାକୁ ପଡୁଥିଲା। ହେଲେ ଦୁଇ ଶିଶୁଙ୍କ ଜେଜେ ମା' ପିଲାଙ୍କ ମଧ୍ୟରେ ଅନ୍ତର ଜାଣି ନ ପାରିବାରୁ ଡାକ୍ତର ଭୁଲରେ ଆଡାମ୍‌ଙ୍କୁ ଇଞ୍ଜେକ୍ସନ ଦେଇଥିଲେ। ଏହାପରେ ଜେଜେ ମା' ପିଲାଙ୍କ ଯତ୍ନ ନେବାକୁ ଭୟ କରିଥିଲେ। ତେଣୁ ଜଣେ ଶିଶୁଙ୍କ ଦେହରେ ଏକ ଝୋଟିଆ ଚିକିତ୍ସା ଟାଟୁ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଏହାପରେ ମହିଳା ଜଣଙ୍କ ଜ୍ୟାକ୍ ଦେହରେ ଏହି ଟାଟୁ କରାଇଥିଲେ। ଏଥିପାଇଁ ଜେଜେ ମା' ରାଜି ହୋଇ ନ ଥିଲେ ମଧ୍ୟ ପରେ ମନକୁ ବୁଝାଇଥିବା ମହିଳା ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଶିଶୁଙ୍କ ଦେହରେ ଟାଟୁ କରିବାକୁ ନେଇ ସୋସିଆଲ୍ ସାଇଟ୍‌ରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ହନିମୁନ୍ ବଦଳରେ ଆବର୍ଜନା ସଫା



**ବେଙ୍ଗାଲୁରୁ:** କିଛି ଲୋକ ଏପରି ଥାଆନ୍ତି ଯେଉଁମାନେ ନିଜ ସ୍ୱାର୍ଥ ବଦଳରେ ସମାଜର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଅନ୍ତି। ଠିକ୍ ଏମିତି ବ୍ୟକ୍ତିତ୍ୱର ଉଦାହରଣ ସୃଷ୍ଟି କରିଛନ୍ତି ଏକ ଦମ୍ପତି ଅନୁଦୀପ ଏବଂ ମୀନୁଷା। ଏହି ଦମ୍ପତି ନିଜର ହନିମୁନ ଟ୍ରିପ୍ ବଦଳରେ ସମୁଦ୍ରରେ ଜମିଥିବା ଆବର୍ଜନା ସଫା କରିବାକୁ ପସନ୍ଦ କରିଛନ୍ତି। କର୍ଣ୍ଣାଟକର ବୈନ୍ଦୁର ଅଞ୍ଚଳର ଅନୁଦୀପ ହେଗ୍‌ଡେ ଓ ତାଙ୍କ ପତ୍ନୀ ମୀନୁଷା କଞ୍ଚନଙ୍କର କିଛି ଦିନ ତଳେ ବିବାହ ହୋଇଛି। ତେଣୁ ସେମାନେ ଏକ ସୁନ୍ଦର ସ୍ଥାନକୁ ହନିମୁନ ଯିବା ପାଇଁ ଯୋଜନା କରୁଥିଲେ। କିନ୍ତୁ ହନିମୁନ ଯିବା ପୂର୍ବରୁ ସେମାନେ ଥରେ ସୋମେଶ୍ୱର ବିଚ୍‌କୁ ବୁଲିବାକୁ ଯାଇଥିଲେ। ଆଉ ସେଠାରେ ଜମା ହୋଇଥିବା ପ୍ଲାଷ୍ଟିକ୍ ଆବର୍ଜନାକୁ ଦେଖି ହନିମୁନ ଟ୍ରିପ୍ କ୍ୟାନସଲ୍ କରି ଦେଇଥିଲେ। ଆଉ ହନିମୁନରେ ଯିବାକୁ ଥିବା ଟଙ୍କା ବିନିଯୋଗ କରି ନିଜେ ସୋମେଶ୍ୱର ବିଚ୍ ସଫା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହାପରେ ସେମାନେ ସମୁଦ୍ର ଉପକୂଳରେ ଉଭୟ ସଫେଇ କାମ ଆରମ୍ଭ କରିଥିଲେ। ଉଭୟଙ୍କୁ ସଫା କରୁଥିବାର ଦେଖି ସେଠାକୁ ଆସୁଥିବା ଅନ୍ୟମାନେ ମଧ୍ୟ ତାଙ୍କୁ ଏହି କାମରେ ସହଯୋଗ କରିଥିଲେ। ଶେଷରେ ପୂରା ୧୦ ଦିନର ଅକ୍ଳାନ୍ତ ପରିଶ୍ରମ ପରେ ସୋମେଶ୍ୱର ବିଚ୍‌ରେ ଥିବା ପ୍ରାୟ ୮୦୦ କିଲୋଗ୍ରାମ୍ ଆବର୍ଜନା ସଫା କରି ପାରିଛନ୍ତି। ଅନୁଦୀପ ତାଙ୍କର ଏଭଳି କାମ ସମ୍ପର୍କରେ ପ୍ରଥମେ ନିଜ ଟୁଇଟର ଆକାଉଣ୍ଟରେ ପ୍ରକାଶ କରିଥିଲେ। ଏହାପରେ ତାଙ୍କର ଏହି କାମକୁ ସବୁଆଡୁ ଲୋକେ ପ୍ରଶଂସା କରିଛନ୍ତି। ତାଙ୍କ ଭଳି ଅନ୍ୟ ସମସ୍ତେ ଏଭଳି ଅଭିଯାନ ଆରମ୍ଭ କଲେ ସାଧାରଣ ଲୋକେ ବି ବହୁ ମାତ୍ରାରେ ସଚେତନ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
The World Mall, Nayapalli, Bhubaneswar
Ph.: 8144114249
9667766419

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିଯୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 +
ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**ସିଲଂ**

# ଛତୁରୁ ବାହାରୁଛି ଲାଇଟ୍

ଅନ୍ଧାର ରାତିରେ ଛତୁ ଦେଉଛି ଆଲୋକ। ଲୋକେ ଏହି ଛତୁକୁ ଟର୍ଚ୍ଚ ଭଳି ବ୍ୟବହାର କରୁଛନ୍ତି। ଏମିତି ଏକ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ କି! ଏକଥା ଶୁଣି ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ। କାହିଁକିନା ଛତୁକୁପ୍ରାୟତଃ ସମସ୍ତେ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି। କିନ୍ତୁ ଏଥିରୁ ଲାଇଟ୍ କିପରି ବାହାରିବ ତାହା ବିଶ୍ୱାସ କରି ହେବନି। କିନ୍ତୁ ଏଭଳି ଏକ ବିଶେଷ ଧରଣର ଛତୁ ରହିଛି ମେଘାଳୟରେ।

ଭାରତର ପୂର୍ବଭାଗରେ ଥିବା ମେଘାଳୟର କେତେକ ଜଙ୍ଗଲୀ ଇଲାକାରେ ଏଭଳି ଏକ ବିଶେଷ ଛତୁ ରହିଛି, ଯାହା ରାତିର ଅନ୍ଧାରରେ ଆଲୋକ ପ୍ରଦାନ କରିଥାଏ। ବୈଜ୍ଞାନିକମାନେ ଏବେ ଏଭଳି ଏକ ଛତୁ ଥିବା ନେଇ ଅନୁସନ୍ଧାନ କରି ଜାଣି ପାରିଛନ୍ତି। ଜଙ୍ଗଲୀ ଅଞ୍ଚଳରେ ଏଭଳି ଏକ ବିଶେଷ ଧରଣର ଛତୁ ରହିଛି, ଯାହାକୁ ବୈଜ୍ଞାନିକଙ୍କ ଭାଷାରେ ବାୟୋଲ୍ୟୁମିନିସେଣ୍ଟ କୁହାଯାଏ। ରିସର୍ଚ୍ଚରୁ ଜଣାପଡ଼ିଛି କି ଏଭଳି ମସରୁମ୍ ରେରିଡୋମାଇଶିସ୍ ଜିନ୍‌ସର ସଦସ୍ୟ ଯାହା ସମ୍ପୂର୍ଣ୍ଣ ନୂଆ କିସମର। ରିସର୍ଚ୍ଚ ବଟାନୀ ଜର୍ନାଲ ଫାଇଟୋଟେକ୍ସାରେ ଏହି ଛତୁ ସମ୍ପର୍କରେ ସମସ୍ତ ତଥ୍ୟ ପ୍ରକାଶ ପାଇଛି। ଜର୍ନାଲରେ ଏ ସମ୍ପର୍କିତ ଖବର ରେରିଡୋମାଇଶିସ୍ ଫାଇଷ୍ଟୋକାଇଡିସ୍ ନାମରେ ପ୍ରକାଶିତ ହୋଇଛି। ସାଧାରଣତଃ ଏହି ପ୍ରକାରର ଛତୁ ସମୁଦ୍ରରେ ସୃଷ୍ଟି ହୋଇଥାଏ। କିନ୍ତୁ ଏହା କେତେକ ବିଶେଷ ସ୍ଥାନରେ ସ୍ଥଳଭାଗରେ ସୃଷ୍ଟି ହୋଇଥାଏ। ଏଥିରେ ରହିଥିବା କେମିକାଲ ତତ୍ତ୍ୱ ଯୋଗୁ ଏଥିରୁ ଆଲୋକ ବାହାରିଥାଏ। ମେଘାଳୟରେ ଏହି ଛତୁକୁ ଲୋକେ ସାଧାରଣତଃ ଟର୍ଚ୍ଚ ଭଳି ବ୍ୟବହାର କରିଥାନ୍ତି। କିନ୍ତୁ ଏହି ଛତୁକୁ ଖିଆଯାଏ କି ନାହିଁ ସେ ସମ୍ପର୍କରେ ସେଠାକାର ଲୋକେ କିଛି ଜାଣି ନାହାନ୍ତି। ତେବେ ରାତିରେ ଏହା ଚମକୁ ଥିବାରୁ ସ୍ପଷ୍ଟଭାବେ ଦେଖାଯାଇଥାଏ।




**ମନେ ପଡ଼ନ୍ତି**

ଊନବିଂଶ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ତାରିଣୀ ଦେବୀ ଶର୍ମା
କଟି-ଭଗବାନ କୁଟୀରମ୍
(ତାରିଣୀ ବୈକୁଣ୍ଠ)
ପ୍ଲଟ. ନଂ.: ଏ-୧୨୯
ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ତିରୋଧାନ : ତା ୧୨/୧୨/୨୦୦୧
"ଏ କୁଟୀରଟି ତୋର ବୈକୁଣ୍ଠ, ତୋ ଲୀଳା ଖେଳା ସଦା ପ୍ରକଟ। ତୋ ସ୍ନେହଧାରା ଝରୁଛି ଯହିଁ ଆମକୁ ଛାଡି ଯାଇନୁ ତୁହି"।
ସ୍ମୃତି ଶୋକାପ୍ଲୁତ
ସ୍ୱାମୀ ଆଚାର୍ଯ୍ୟ ଦାମୋଦର ଶର୍ମା, ଝିଅ-ଜ୍ୱାଇଁ, ପୁଅ-ବୋହୂ, ନାତି-ନାତୁଣୀ, ପ୍ରିୟ-ପରିଜନ ଏବଂ ସମସ୍ତ ବନ୍ଧୁବାନ୍ଧବ।
ଧ-୭୯୯୪୪

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଣ ହିମଚନ୍ଦ୍ର ପଣ୍ଡା
ବରଗଡ
ଆବିର୍ଭାବ: ୧୮.୦୨.୧୯୫୧
ତିରୋଧାନ: ୧୨.୧୨.୨୦୧୭
ଚାହୁଁ ଚାହୁଁ ତିନି ବର୍ଷ ପୂରିଗଲା, ହେଲେ ଏବେବି ମନେ ହୁଏ ଯେପରି, ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ନିଷ୍ଠା ଓ ଆଶୀର୍ବାଦ ଆମର ପଥପ୍ରଦର୍ଶନ କରୁଛି। ଆଜିର ଏହି ପବିତ୍ର ଶ୍ରାଦ୍ଧବାର୍ଷିକୀରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ଠାରେ ବିନମ୍ର ପ୍ରାର୍ଥନା।
-: ଶୋକ ସନ୍ତପ୍ତ :-
ପରିବାର ବର୍ଗ
ଧ-୧୯୨୦୯

## ଖିଲିଖିଲି ହସ

ବାପା– ପାଠ ପଢ଼ିବୁନି ତ କ'ଣ କରିବୁ ?
ଚିଣ୍ଟୁ– ବସ୍ ଚଲେଇବି, ପରେ ନୂଆ ବସ୍ କିଣିବି, ସ୍ତ୍ରୀକୁ କଲେକ୍ଟର କରିବି ଆଉ ତମ ନାଁରେ ହସ୍‌ପିଟାଲ କରିବି।
ବାପା– ଚୁପ୍, ତୁ ଆଜି ଦିନରେ ପାଠ ପଢ଼ିନୁ, ପୁଣି ଫିଲ୍ମ ଦେଖି ଡାଏଲଗ୍ କହିଲୁ।

ସକାଳୁ ସକାଳୁ ମାଆଙ୍କୁ ମେକ୍‌ଅପ୍ ନେଉଥିବାର ଦେଖି ସାନୁ ପଚାରିଲା ମାଆ ତମେ କଣ ପାଗଳ ହେଇଯାଇଛ, ଏତେ ସକାଳୁ କିଛି କାମ ନ କରି ମେକ୍‌ଅପ୍ ନେଉଛ ? ସାନୁର ମାଆ କହିଲେ ଚୁପ୍ ତୁ କଣ ଜାଣିଛୁ..ମୋ ଫୋନ୍‌ରେ ଫେସ୍ ଲକ୍ ପକେଇଥିଲି। ଏବେ ସେ ମତେ ଚିହ୍ନିପାରୁନି, ସେଥିପାଇଁ ମେକ୍‌ଅପ୍ ନେଉଥିଲି।

ଜଣେ ଗାଉଁଲି ମହିଳା ଟ୍ରେନରେ ତାଙ୍କ ଛୋଟ ପିଲାର ପ୍ୟାଣ୍ଟ ବଦଳାଉଥିଲେ। ଜଣେ ସହରୀ ମହିଳା ଏହା ଦେଖି ପଚାରିଲେ, ହଗିସ୍ ନାହିଁ କି ?
ଗାଉଁଲି ମହିଳା– ନା ନା ମ୍ୟାଡାମ୍ ସେ ହଗିସ୍ କରିନି ଖାଲି ମୁତିସ୍...।

## ମତାମତ

➔ଏଥର କବିତାଗୁଡ଼ିକ ଶୀତ ଉପରେ ଥିବାରୁ ତାହା ବହୁତ ଭଲ ଲାଗିଲା। ମନେହେଉଥିଲା ଯେପରି ଆମଭଳି ପିଲାଙ୍କ କଥା ହିଁ କବିତା ମାଧ୍ୟମରେ କୁହାଯାଇଛି।
*–ରାମଚନ୍ଦ୍ର ବେହେରା, ମୁଣ୍ଡୁଳି, କଟକ*

➔ହସକଥା ସ୍ତମ୍ଭରେ ଖୁବ୍ କମ୍ ପ୍ରସଙ୍ଗ ଥିଲେ ବି ଭଲ ଲାଗୁଛି। ଅବଶ୍ୟ ଆଉ ଟିକେ ଅଧିକ ହସକଥା ପ୍ରକାଶ ପାଇଲେ ବେଶି ଭଲ ହୁଅନ୍ତା।
*–ସବିତା ଜେନା, ଆଳି, କେନ୍ଦ୍ରାପଡ଼ା*

➔ସବୁଠୁ ଭଲ ଲାଗିଲା ଗିନିଜ୍ ସ୍ତମ୍ଭଟି। ଏଥିରେ କେତେ ଆଶ୍ଚର୍ଯ୍ୟଜନକ ଜିନିଷ ଆଉ ସତ କଥା ପ୍ରକାଶ ପାଉଛି। ଏହି ସ୍ତମ୍ଭଟି ମତେ ବହୁତ ପ୍ରେରଣା ଦେଇଥାଏ।
*–ବ୍ରଜ ପଣ୍ଡା, ଚକ୍ରତୀର୍ଥ ରୋଡ, ପୁରୀ*

➔ଗପ ମାଧ୍ୟମରେ ପିଲାଙ୍କ ପାଇଁ ସୁନ୍ଦର ଶିକ୍ଷାଟିଏ ରହିଥିଲା। ଏହିଭଳି ଗପ ପଢ଼ିଲେ ନିଶ୍ଚିତଭାବେ ଗଛ ଲଗାଇବା ପାଇଁ ପ୍ରତ୍ୟେକ ପିଲାଙ୍କ ମନରେ ନିଶ୍ଚିତଭାବେ ଆଗ୍ରହ ସୃଷ୍ଟି ହେବ।
*–ରଞ୍ଜନ କୁମାର ବିଶ୍ୱାଳ, ଓଳାଭର, କେନ୍ଦ୍ରାପଡ଼ା*

➔ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପିଲାଙ୍କ ପାଇଁ ପାଠ୍ୟକ୍ରମର ଏକ ସ୍ୱତନ୍ତ୍ର ସ୍ଥାନ ରହିଲେ ଭଲ ହୁଅନ୍ତା। ପ୍ରତିଥର ଅଲଗା ଅଲଗା ବିଷୟରେ ପାଠ୍ୟକ୍ରମ ପ୍ରକାଶ ପାଇଲେ ପଢ଼ିବା ସମୟରେ ବହୁତ ମଜା ଲାଗିବ।
*–ଅନିଲ ବେହେରା, ବାଲେଶ୍ୱର*

➔ଏହି ପୃଷ୍ଠାରେ ମତେ କାର୍ଟୁନ ବିଭାଗରେ ପ୍ରକାଶ ପାଉଥିବା ବିଷୟ ବହୁତ ଭଲଲାଗେ।
*–ନିଖିଳ ରଞ୍ଜନ, ବାଳିଅପଟା, ଭୁବନେଶ୍ୱର*

## ଆ ଇ ନା



ଆୟୁଷ୍ମାନ
୫ ବର୍ଷ

## କହିଲ ଦେଖି

**ଜ**ନ୍ମବେଳେ ସିଏ ଦୂରେଇ ଥାଏ
ବୟସ ବଢ଼ିଲେ ପାଖେଇ ଯାଏ
ପାରେନାହିଁ କେହି ତା ବାଟ ରୋକି
ନେଇଯାଏ ସିଏ ସାଥିରେ ଡାକି
ବାକି ସବୁ ମିଛ ଅଟେ ସେ ସତ
ଜନ୍ମ ଥିଲେ ତାହା ଘଟେ ନିଶ୍ଚିତ।
**ଉତ୍ତର : ମୃତ୍ୟୁ**



**ଚା**ରୋଟି ଅକ୍ଷରେ ଫୁଲ ସମ୍ଭାର
ପ୍ରଥମ ଦ୍ୱିତୀୟ ସାଜେ ଠାକୁର
ତୃତୀୟ ଚତୁର୍ଥ ଅଟେ ଆହାର
ଦେଖିବାକୁ ଲାଗେ ସେ ମନୋହର
ନାଲିଆ ରଙ୍ଗର ଫୁଲଟି ସିଏ
ନାମଟି ତାହାର କହିବ କିଏ
**ଉତ୍ତର : କୃଷ୍ଣଚୂଡ଼ା**

**କା**ଟିଲେ ତାକୁ କାନ୍ଦେନି ସିଏ
କାଟିବା ଲୋକକୁ କନ୍ଦେଇ ଦିଏ
ଆଖିରୁ ଝରଇ ଲୁହର ଧାର
କିଏ ସେ କହିବ ନାମ ତାହାର।
**ଉତ୍ତର : ପିଆଜ**



**ଦୁ**ଇଗୋଟି ଚକା କାଠେ ତିଆରି
ଆଠ ଗୋଡ଼ ଥାଏ ସାଥେ ତାହାରି
ଲୋଡ଼ା ପଡ଼େ ଦ୍ରବ୍ୟ ବୋହିବା ପାଇଁ
କିଏ ସେ ପାରିବ ନାମ ତା' କହି
**ଉତ୍ତର : ଶଗଡ଼**
**–ପ୍ରଶାନ୍ତ କୁମାର ନାଥ,** ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର

## କବିତା

### ଶୀତ ଆସିଛି

**ଶୀ**ତ ଆସିଅଛି ଆମ ଗାଆଁକୁ
କାଲୁଆ ପବନ ବାଧେ ଦେହକୁ ।
ଥରି ଉଠୁ ଥାଏ ସାରା ଶରୀର
ପଶମ ପୋଷାକ ଲାଗେ ନିଜର ।
ଗରମ ମୁଢ଼ିକୁ ପିଆଜି ବରା
ଖାଇଥିବ ଯିଏ କହିବ ପରା ।
ବୁଢ଼ୀ ବୁଢ଼ା ବସି ନିଆଁ ପୁଆଁନ୍ତି
ଶୀତର କଷଣ ଗୀତ ଗାଆନ୍ତି ।
ପନିପରିବା ଯେ ମିଳେ ଟଟକା
ପିଠା ପଣା ସବୁ ସୁଆଦ ତାଜା।
ଋତୁ ମଧ୍ୟ ସାର ଶୀତ ଋତୁଟି
କୁନାକୁ ବୁଝାଇ ଦେଲି କହିଟି ।
ଶୀତ ସାଙ୍ଗେ ଆସ ବସିବା ମିତ
କଅଁଳିଆ ଖରା ଦେହକୁ ହିତ ।
**–ଧ୍ରୁବଚରଣ ବେହେରା,** *କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ, ଝାଡଖଣ୍ଡ*

### ବୃକ୍ଷ ଆମର ବନ୍ଧୁ

**ଆ**ସରେ ପିଲେ ମୁନା ମାମୁନି
ପୋତିବା ଆମେ ଗଛ,
ଆଉ ଯେତେକ କାମକୁ ଆମେ
କରିବା ଏବେ ପଛ।
ଗଛ ବଢ଼ିବ ବଡ଼ ହୋଇବ
ମେଲିବ କେତେ ଡାଳ,
ଜାତି ଜାତିକା ଫୁଲ ଫୁଟିବ
ଫଳିବ ପୁଣି ଫଳ ।
ଚେର ମେଲାଇ ଜାବୁଡ଼ି ଧରି
ରକ୍ଷା କରିବ ମାଟି
ପଶୁ ବା ପକ୍ଷୀ ଆଶ୍ରୟ ନେବେ
ମୂଳ ଠୁ ଡାଳ ବାଣ୍ଟି।
ବୃକ୍ଷ ହିଁ ଆଣେ ଏହି ଧରାକୁ
ବରଷା ବାରି ଧାରା,
କୃଷକ ଭାଇ କରଇ ଚାଷ
ମହା ଆନନ୍ଦେ ପରା ।
ଯୋଗାଇ ଦିଏ ଘରକୁ କାଠ
ଚୁଲିକୁ ପୁଣି ଜାଳ,
ମଣିଷ ହିତେ ଉଭା ହୋଇଛି
ମାଟିରେ ଚିର କାଳ ।
ବଞ୍ଚିବା ପାଇଁ ଯୋଗାଇ ଦିଏ
ନିଃଶ୍ୱାସେ ଶୁଦ୍ଧ ବାୟୁ,



ସମାଜ ପାଇଁ ସମର୍ପି ଦିଏ
ସତେ ନିଜର ଆୟୁ ।
ବୃକ୍ଷ ହିଁ ଆମ ପ୍ରକୃତ ବନ୍ଧୁ
ରହିଛି ଆମ ହିତେ
ଶପଥ ନେବା ରକ୍ଷା କରିବା
ଆସରେ ପିଲା ସାଥେ ।
**–ସୁଦର୍ଶନ ମହାପାତ୍ର**
*କୁଞ୍ଜବିହାରୀ ଲେନ, କଟକ*

### ଆସୁଛି ସେ ଶୁଭଦିନ

**ପ**ଚାରିଲା କୁନା କହ ଆଲୋ ମାଆ
କରୋନା ଆସିଲା କାହୁଁ,
ଆମ୍ଭମାନଙ୍କର ହସଖୁସି ସବୁ
ଛଡ଼ାଇଲା ଚାହୁଁ ଚାହୁଁ।
ହସି ଖେଳି ଆମେ ଉଡ଼ି ବୁଲୁଥିଲୁ
ମୁକ୍ତ ବିହଙ୍ଗ ପରି,
ଗୃହ ପଞ୍ଜୁରିରେ କରୋନା ଆମକୁ
ରଖିଦେଲା ବନ୍ଦି କରି।
ବିଦ୍ୟାଳୟ ଯିବା ବନ୍ଦ ହୋଇଗଲା
ମଧ୍ୟାହ୍ନଭୋଜନ ଖିଆ,
କରୋନା ରାକ୍ଷସ ଉଜାଡ଼ିଲା ଆମ
ହସଖୁସିର ଦୁନିଆ।
ଅଗଷ୍ଟ ପନ୍ଦର ପାଳନ କଲୁନି
ଗଣେଶ ପୂଜାର ମଜା,
ଗୁରୁ ଦିବସରେ କରିପାରିଲୁନି
ଗୁରୁଙ୍କ ଚରଣ ପୂଜା।
କପାଳ ଆଉଁଶି ବୁଝାଇଲେ ମାଆ
ଅଥୟ ହେଉଛୁ କିଆଁ,
ଏକା ତୁ ନୁହେଁରେ କରୋନା ଭୟରେ
ଥରୁଛି ସାରା ଦୁନିଆ।
ଅଧୈର୍ଯ୍ୟ ହୁଅନା ଶୁଣ ଆରେ ଧନ
ଆସୁଛି ସେ ଶୁଭ ଦିନ,
ଧରଣୀ ବକ୍ଷରୁ କରୋନା ରାକ୍ଷସ
ଅଚିରେ ହେବ ବିଲୀନ।
**–ମାଧବୀଲତା ଦେଈ**
*ପ୍ରଧାନଶିକ୍ଷୟିତ୍ରୀ, କନପୁର ନୋଡାଲ ଉପ୍ରା ବିଦ୍ୟାଳୟ, ନିମାପଡ଼ା, ପୁରୀ*

### ଶୀତ ଆଣିଛି ଉପହାର

**ଶୀ**ତ ପରା ମିତ
ଭଳିକି ଭଳିକି ଆଣିଲାଣି ଉପହାର,
କ୍ଷେତକୁ ସଜେଇ ପାଚିଲା ଧାନ
କରିଛି କେଡେ ସୁନ୍ଦର।
ସୋରିଷ ଫୁଲକୁ ହରଷ ଭରେ
ହଳଦିଆ ରଙ୍ଗ ବୋଳି,
ହାଟ, ବଜାରକୁ ପନିପରିବା
ଆସିଲାଣି ଭଳି ଭଳି।
ଫୁଲକୋବି, ମୂଳା, ପାଳଙ୍ଗ ଶାଗ,
ବିଲାତି ଓ ବନ୍ଧା କୋବି,
ମନଟି ବିଚାରେ ଭରି ଥଳିରେ
ଘରକୁ ବୋହି ଆଣିବି।
ବାଡି ବଗିଚାରେ ମାଟି ମାଆ କୋଳେ
ଗେଣ୍ଡୁ ଫୁଲମାନ ଫୁଟି,
ଅନେଇ ବସିଛି ମାଣ ବସାରେ
ମା' ଗଳେ ଯିବ ସେ ଲୋଟି।



ଶୀତ ସହଦୋର ଶିଶିର ବିନ୍ଦୁ
ତୃଣ ଅଙ୍ଗେ ପଡି ହସେ,
ନିଶି ଅବସାନେ ରବି କିରଣେ
ମୁକୁତା ଭଳିଆ ଦିଶେ।
**–ବସନ୍ତ ଦାସ**
*ରମ୍ଭା, ବରୀ, ଯାଜପୁର*

## ଗିନିଜ୍ ୱାର୍ଲ୍ଡ ରେକର୍ଡ



## ୧୦୩ ବର୍ଷରେ ପାରାଚୁଟ୍ ଲମ୍ଫ

**ପି**ଲାମାନେ ତୁମେ ପାରାଚୁଟ୍ ଦେଖିଥିବ ନିଶ୍ଚୟ। ପୃଥିବୀ ପୃଷ୍ଠର ବହୁ ଉଚ୍ଚରୁ ପାରାଚୁଟ୍ ସାହାଯ୍ୟରେ ତଳକୁ ଡେଇଁବା ସମ୍ଭବ ହୋଇଥାଏ। ଏତେ ଉଚ୍ଚରୁ ତଳକୁ ଡେଇଁବା ବେଳକୁ ଭୟ ତ ନିଶ୍ଚୟ ଲାଗିବ। କିନ୍ତୁ ଅଭ୍ୟାସ ଜାରି ରଖିଲେ ଏହି କାମ ବି ବହୁତ ସହଜ ହୋଇପାରିବ। ଏହାର ଏକ ଉଦାହରଣ ହେଉଛନ୍ତି ୧୦୩ ବର୍ଷର ବୃଦ୍ଧ ଆଲଫ୍ରେଡ ଅଲ୍ ବ୍ଲାଶ୍‌ଚ। ଏ ବୟସରେ ସେ ପାରାଚୁଟ୍‌ରେ ତଳକୁ ଡେଇଁ ନିଜ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ପରିସରଭୁକ୍ତ କରିବାରେ ସକ୍ଷମ ହୋଇଛନ୍ତି। ଆଲଫ୍ରେଡ ୧୪ହଜାର ଫୁଟରୁ ତଳକୁ ଲମ୍ଫ ପ୍ରଦାନ କରିଛନ୍ତି। ଆଉ ଘଣ୍ଟାପ୍ରତି ୧୨୦ ମାଇଲ୍ ବେଗରେ ସେ ଓହ୍ଲାଇ ରେକର୍ଡ କରିଛନ୍ତି। ତେବେ ପିଲାମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବ କି ବୃଦ୍ଧଜଣକ ଏହା ପୂର୍ବରୁ ମଧ ୧୦୦ ବର୍ଷ ବୟସରେ ତାଙ୍କ ଜନ୍ମ ଦିନରେ ମଧ ଏମିତି ପାରାଚୁଟରୁ ଲମ୍ଫ ଦେଇଥିଲେ। ତେଣୁ ତାଙ୍କ ମନୋବଳ ନିଶ୍ଚିତଭାବେ ଅତ୍ୟନ୍ତ ଦୃଢ ରହିଛି ଏବଂ ମନୋବଳକୁ ଦୃଢ ରଖିଲେ ଯେକୌଣସି ବୟସରେ ବି ଅସାଧ କାମକୁ ସମ୍ପୂର୍ଣ୍ଣ କରିହେବ।

## ତୁମ ତୂଳୀରୁ





**ରଞ୍ଜିତ ସ୍ୱାଇଁ,** କ୍ଲାସ–୭, ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ, ଅରଙ୍ଗାବାଦ, ଯାଜପୁର





**ଧନେଶ୍ୱରୀ ଶବର**
କ୍ଲାସ–୮, ପ୍ର.ଉ.ପ୍ରା ବିଦ୍ୟାଳୟ, ଶୁକ୍ଳିମୁଣ୍ଡି, ନୂଆପଡ଼ା





**ରିୟାନ୍ସ ପଣ୍ଡା**
କ୍ଲାସ–୧, ରବିନ୍ଦ୍ର ଭାରତୀ ଗ୍ଲୋବାଲସ୍କୁଲ,ବାଙ୍ଗାଲୋର

## ଆସ ଜାଣିବା

# ଓଟପକ୍ଷୀ

**ଆ**ଫ୍ରିକା ମହାଦେଶର ମରୁଭୂମି ଓ ସାଭାନ୍ନା ଅଞ୍ଚଳରେ ଏକ ବିରଳ ପ୍ରଜାତିର ପକ୍ଷୀ ଦେଖାଯାଆନ୍ତି, ଯାହା ଓଟପକ୍ଷୀ (ଅଷ୍ଟ୍ରିଚ୍) ନାମରେ ଖ୍ୟାତ। ପୃଥିବୀର ସର୍ବବୃହତ୍‌କାୟ ପକ୍ଷୀ ରୂପେ ଏହା ପରିଚିତ। ଲମ୍ବା ବେକ। ଗୋଡ଼ ମଧ ଖୁବ୍ ଲମ୍ବା ଓ ଶକ୍ତ। ଗୋଡ଼ ଶକ୍ତ ହୋଇଥିବାରୁ ଏହା ସହଜରେ ଶତ୍ରୁକୁ ଆକ୍ରମଣ କରିପାରେ। ମୁଣ୍ଡ ତୁଳନାରେ ଆଖି ଦୁଇଟି ଯଥେଷ୍ଟ ବଡ଼। ଆଖିର ଲମ୍ବ ଡାଏମିଟରରେ ୨ଇଞ୍ଚ ବା ୫ ସେଣ୍ଟିମିଟର ହେବ। ଏତେ ବଡ଼ ଆଖି ପୃଥିବୀର ଅନ୍ୟ କୌଣସି ପକ୍ଷୀଙ୍କ ଠାରେ ଦେଖାଯାଏ ନାହିଁ। ଅନ୍ୟ ପକ୍ଷୀଙ୍କର ତିନିରୁ ଚାରିଟି ଆଙ୍ଗୁଠି ଥିବାବେଳେ ପୃଥିବୀର ଏହା ଏକମାତ୍ର ପକ୍ଷୀ ଯାହାର ପ୍ରତ୍ୟେକ ପାଦରେ ଦୁଇଟି ଆଙ୍ଗୁଠି ଥାଏ, ଯାହା କି ତାକୁ ଦୌଡ଼ିବାରେ ସାହାଯ୍ୟ କରିବା ସହିତ ଶତ୍ରୁ କବଳରୁ ରକ୍ଷାକରେ। ସବୁ ଓଟପକ୍ଷୀ ଦେଖିବାକୁ ସମାନ ନୁହନ୍ତି। ଭିନ୍ନ ଭିନ୍ନ ରଙ୍ଗ, ଚର୍ମ, ଆକୃତି ଓ ଅଣ୍ଡାର ଓଟପକ୍ଷୀ ଦେଖାଯାଆନ୍ତି।

ଓଟପକ୍ଷୀ ତା'ର ସୁନ୍ଦର ପର ପାଇଁ ପ୍ରସିଦ୍ଧ । ଡେଣା ଛୋଟ। ଏହି ପକ୍ଷୀ ମଣିଷଠାରୁ ଯଥେଷ୍ଟ ଡେଙ୍ଗା, ବୃହତ୍‌କାୟ ଏବଂ ଅଧିକ ଓଜନର। ଡେଣା ଛୋଟ ଥିବାରୁ ଏହି ପକ୍ଷୀ ଉଡ଼ିପାରେ ନାହିଁ, ମାତ୍ର ଦ୍ରୁତ ବେଗରେ ଦୌଡ଼ି ପାରେ ଓ ଡେଇଁ ବି ପାରେ। ଘଣ୍ଟା ପ୍ରତି ପ୍ରାୟ ୭୦ କି.ମି. ବା ୪୩ ମାଇଲ ବେଗରେ ଏହା ଦୌଡ଼ି ପାରେ। ଆବଶ୍ୟକ ହେଲେ ୭୨.୫ କି.ମି. ବା ୪୫ ମାଇଲ ଘଣ୍ଟା ପ୍ରତି ବେଗରେ ଏହା ଦୌଡି ପାରେ। ଓଟପକ୍ଷୀର ଜୀବନ କାଳ ୪୦ ରୁ ୫୦ ବର୍ଷ । ଓଜନ ସାଧାରଣତଃ ୬୩ ରୁ ୧୪୫ କି.ଗ୍ରା.। ଉଚ୍ଚତା ପ୍ରାୟତଃ ୧.୭ ମିଟରରୁ ୨.୮ ମିଟର ବା ୬ ଫୁଟରୁ ୯.୨୫ ଫୁଟ ପର୍ଯ୍ୟନ୍ତ ହୋଇଥାଏ। ବୟସ୍କ ପୁରୁଷ ଓଟପକ୍ଷୀର ଉଚ୍ଚତା ୨.୧ ମିଟରରୁ ୨.୮ ହୋଇଥିବା ବେଳେ ବୟସ୍କ ମହିଳା ଓଟପକ୍ଷୀର ଉଚ୍ଚତା ୧.୭ ମିଟରରୁ ୨ ମିଟର ମଧ୍ୟରେ ହୋଇଥାଏ।



ଏହି ପକ୍ଷୀମାନେ ଦଳ ଦଳ ହୋଇ ରହିବାକୁ ପସନ୍ଦ କରନ୍ତି। ବିଶେଷକରି ୫ ରୁ ୫୦ ମଧ୍ୟରେ ଏମାନେ ଦଳ ବାନ୍ଧନ୍ତି। ଏମାନେ ଚରିବା କିମ୍ବା ବୁଲିବାବେଳେ ଅନେକ ପ୍ରକାର ଶବ୍ଦ କରିଥାନ୍ତି। ଏମାନେ ଉଭୟ ଶାକାହାରୀ ଓ ମାଂସାହାରୀ। ଛୋଟ ଗଛ, ପତ୍ର, ଚେର,ମୂଳ ଇତ୍ୟାଦି ଖାଇବାକୁ ପସନ୍ଦ କରୁଥିବାବେଳେ କୀଟପତଙ୍ଗ, ସାପ, ଝିଟିପିଟି, ମୂଷା, ବିଲେଇ, ନେଉଳ ଇତ୍ୟାଦି ମଧ ଖାଇବାକୁ ଭଲପାଆନ୍ତି। ଏମାନେ ବଡ ବଡ ଅଣ୍ଡା ଦିଅନ୍ତି। ପ୍ରତି ଅଣ୍ଡାର ଓଜନ ପ୍ରାୟତଃ ୧.୫ ବା ଦେଢ କି.ଗ୍ରା. ହେବ। ଏହି ଅଣ୍ଡାଗୁଡିକୁ ଖାଇବା ପାଇଁ ବ୍ୟବହାର କରାଯାଏ। ଓଟପକ୍ଷୀର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ହେଉଛି ଯେ ଏହାର ତିନିଟି ପାକସ୍ଥଳି ଥାଏ, ଯାହାଦ୍ୱାରା କୌଣସି ଗରିଷ୍ଠ ଖାଦ୍ୟକୁ ସହଜରେ ହଜମ କରିପାରେ।

ଓଟପକ୍ଷୀ ଆଫ୍ରିକାର ଏବଂ ଦକ୍ଷିଣ ଆଫ୍ରିକାର ଏକ ଗୃହପାଳିତ ପକ୍ଷୀ। ଏହା ଏକ ଦ୍ରୁତ ଧାବକ ପକ୍ଷୀ ରୂପେ ପରିଚିତ। ପର, ଅଣ୍ଡା ଲୋମ, ମାଂସ, ତେଲ, ଚର୍ମ ଇତ୍ୟାଦି ଲାଭଜନକ ଉତ୍ପାଦ ଆଶାରେ ଲୋକମାନେ ଏହାକୁ ଚାଷ କରିଥାନ୍ତି। ଏହା ଏକ ଲାଭଦାୟକ ବ୍ୟବସାୟ ରୂପେ ଆଫ୍ରିକାରେ ପରିଚିତ। କେବଳ ଆଫ୍ରିକାରେ ନୁହେଁ ପୃଥିବୀର ଅନେକ ଦେଶରେ ଲୋକମାନେ ଓଟପକ୍ଷୀ ଚାଷ କରିଥାନ୍ତି ।

**–ଶରତ କୁମାର ଦାସ,** ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର

## ଚଗଲା ଭୀମୁ



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ଡିସେମ୍ବର ୧୨/୨୦୨୦ Berhampur, Saturday, December 12/ 2020



୨୦୨୩ ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଏଫ୍ଆଇଏଚ୍ ସଭାପତି ନରିନ୍ଦର ଧ୍ରୁବ ବାତ୍ରା ଓ ଅନ୍ୟ ଅଧିକାରୀମାନେ ରାଉରକେଲା ଷ୍ଟାଡିୟମର ପ୍ରସ୍ତୁତି କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

# ୨୦୨୩ ହକି ବିଶ୍ୱକପ ପ୍ରସ୍ତୁତି

**ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ରାଉରକେଲା ଅଫିସ/ସୁନ୍ଦରଗଡ଼ (ଡି.ଏନ.ଏ), ୧୧।୧୨**

୨୦୧୮ରେ ପୁରୁଷ ହକି ବିଶ୍ୱକପ ସଫଳତାର ସହ ଆୟୋଜନ ହେବାପରେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ପକ୍ଷରୁ କ୍ରମାଗତ ଦ୍ୱିତୀୟ ଥରପାଇଁ ଏହି ମେଗା ପ୍ରତିଯୋଗିତା ଓଡ଼ିଶାରେ ହେବ ବୋଲି ଗତବର୍ଷ ଘୋଷଣା କରାଯାଇଥିଲା। ପୂର୍ବଥର ବିଶ୍ୱକପ କେବଳ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ୨୦୨୩ ସଂସ୍କରଣ ୨ଟି ସ୍ଥାନ ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜନ ହେବ ବୋଲି ପ୍ରକାଶ କରାଯାଇଥିଲା। ଫଳରେ ହକିର ଅନୁଡ଼ିଶାଳଭାବେ ପରିଚିତ ସୁନ୍ଦରଗଡ଼ ଏବଂ ଇସ୍ପାତ ସହର ରାଉରକେଲାରେ ଅହେତୁକ ଉତ୍ସାହ ପ୍ରକାଶ ପାଇଛି। ଆଗାମୀ ବିଶ୍ୱକପକୁ ଅଧିକ ଆକର୍ଷଣୀୟ କରାଇବା ପାଇଁ ପ୍ରସ୍ତୁତି ଆଗେଇ ଚାଲିଛି। ଭୁବନେଶ୍ୱରରେ ଆପାତତଃ ଭିତ୍ତିଭୂମି ପ୍ରସ୍ତୁତ ଥିବାବେଳେ ଏବେ ରାଉରକେଲା ଉପରେ ଫୋକସ ରହିଛି। ଏଥିପାଇଁ ଶୁକ୍ରବାର ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଏଫ୍ଆଇଏଚ୍ ସଭାପତି ନରିନ୍ଦର ଧ୍ରୁବ ବାତ୍ରା, କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପ୍‌ମେଣ୍ଟ କର୍ପୋରେଶନ ଅଫ୍ ଓଡ଼ିଶା (ଇଡ୍‌କୋ)ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂ ଏବଂ ହକି ଇଣ୍ଡିଆର ଅଧିକାରୀମାନେ ରାଉରକେଲାର ଭିତ୍ତିଭୂମି ଅନୁଧ୍ୟାନ କରିବା ସହ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଥିଲେ। ଏଥିପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଅବସରରେ ରାଉରକେଲା ସହରର ଉନ୍ନତୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ଼ ଜିଲାପାଳ ନିଖିଲ ପୱନ କଲ୍ୟାଣ, ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା, ରାଉରକେଲା ଏଡିଏମ୍ ଆବୋଲି ସୁନିଲ ନରୱଣେ, ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ, ରାଉରକେଲା ଏସପି କେ.ଶିବା ସୁବ୍ରମଣି, ଆରଏସପି କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (କାର୍ମିକ)ପ୍ରଦ୍ୟୁତ କୁମାର ଦାଶ ଓ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ରାଜବୀର ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ । ହକି ବିଶ୍ୱକପ୍ ସମୟରେ ଗ୍ୟାଲେରୀରେ ୨୦ ହଜାର ଦର୍ଶକ ବସିବାର ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

"୨୦୧୮ ଅପେକ୍ଷା ୨୦୨୩ ପୁରୁଷ ହକି ବିଶ୍ୱକପକୁ ଅଧିକ ବଡ଼ ଆକାରରେ ଆୟୋଜନ କରାଯିବ। ମ୍ୟାଚଗୁଡ଼ିକ ୨ଟି ସ୍ଥାନରେ ଆୟୋଜନ ହେବାକୁ ଯାଉଥିବାରୁ ଆମପାଇଁ ଏକ ଚ୍ୟାଲେଞ୍ଜ ଏବଂ ସୁଯୋଗ ମଧ୍ୟ। ଭୁବନେଶ୍ୱରରେ ବିଶ୍ୱକପ ହୋଇସାରିଥିବାରୁ ସେଠାରେ ଭିତ୍ତିଭୂମି ପାଖାପାଖି ପ୍ରସ୍ତୁତ ହୋଇରହିଛି। ରାଉରକେଲା ଏକ ବିକଶିତ ସହର। ତେଣୁ ଉଭୟ ଭେନ୍ୟୁରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ କରାଇବା ସହ ଓଡ଼ିଶା ପୁଣିଥରେ ଏକ ସଫଳ ଏବଂ ସ୍ମରଣୀୟ ବିଶ୍ୱକପ ଆୟୋଜନ ଲକ୍ଷ୍ୟ ରଖିଛି। ଗତ ବିଶ୍ୱକପଭଳି ଏଥର ମଧ୍ୟ ଉଭୟ ସ୍ଥାନରେ ଖେଳାଳି, ଅଫିସିଆଲ ଏବଂ ବିଶ୍ୱର କ୍ରୀଡ଼ାପ୍ରେମୀଙ୍କ ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯିବ" ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ୨୦୨୨ ମଧ୍ୟଭାଗ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। " ୨୦୧୮ ହକି ବିଶ୍ୱକପକୁ ସଫଳତାର ସହ ଆୟୋଜନ ପାଇଁ ଓଡ଼ିଶା ସରକାର ସମସ୍ତ ପ୍ରକାର ପ୍ରୟାସ କରିଥିଲେ। ୨୦୨୩ ବିଶ୍ୱକପକୁ ମଧ୍ୟ ସେପରି ଆୟୋଜନ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରୁଛନ୍ତି। କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି। ରାଉରକେଲା ଓ ସୁନ୍ଦରଗଡ଼ରେ ଉନ୍ନୟନ କାର୍ଯ୍ୟ ଆଗେଇ ଚାଲିଛି" ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି। "ମହିଳା ହେଉ କି ପୁରୁଷ ବିଶ୍ୱକପ ଏଫ୍ଆଇଏଚ୍ ଏହାକୁ ସର୍ବଦା ଗୁରୁତ୍ୱ ଦେଇଥାଏ। ଆଥଲେଟ୍ ଓ ଦର୍ଶକମାନେ ଯେପରି ଏହାକୁ ମନଭରି ଉପଭୋଗ କରିବେ ତାହା ଗୁରୁତ୍ୱପୂର୍ଣ୍ଣ। ବିଶ୍ୱବ୍ୟାପୀ ଆୟୋଜନର ଭେନ୍ୟୁ ବଢ଼ିବା ସ୍ୱାଗତଯୋଗ୍ୟ। ରାଉରକେଲାରେ ଅଗ୍ରଗତି କାର୍ଯ୍ୟ ସନ୍ତୋଷ ଜନକ। ଏଥିପାଇଁ ମୁଁ କାର୍ଯ୍ୟରେ ଲାଗିଥିବା ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଉଛି। ୨୦୨୩ ବିଶ୍ୱକପ ପାଇଁ ରାଉରକେଲା ଅନ୍ୟତମ ଶ୍ରେଷ୍ଠ ଭେନ୍ୟୁ ହେବା ଆଶା ରହିଛି" ବୋଲି ଏଫ୍ଆଇଏଚ୍ ସଭାପତି କହିଛନ୍ତି।

# ଏଟିକେ ୧, ହାଇଦ୍ରାବାଦ ୧

**ଇଣ୍ଡିଆନ ସୁପରଲିଗ୍**

**ଫତୋର୍ଦା, ୧୧।୧୨:** ଇଣ୍ଡିଆନ ସୁପରଲିଗ୍‌ରେ ଶୁକ୍ରବାର ଏଟିକେ ମୋହନ ବାଗାନ ଓ ହାଇଦ୍ରାବାଦ ଏଫସି ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଗୋଲ ଦେବାପାଇଁ ଟକ୍କର ଜୋରଦାର ହୋଇଥିଲା। ୫୪ତମ ମିନିଟରେ ମନଭୀର ସିଂ ଏକ ଗୋଲ ଦେଇ ଏଟିକେ ମୋହନ ବାଗାନକୁ ଅଗ୍ରଣୀ କରାଇଥିଲେ। ଏହାର ୧୦ ମିନିଟ ପରେ ଗୋଲ ପରିଶୋଧ ପାଇଁ ହାଇଦ୍ରାବାଦ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଥିଲା। ୬୪ତମ ମିନିଟରେ ବକ୍ସ ଏରିଆ ମଧ୍ୟରେ ସୌଭିକ୍ ଚକ୍ରବର୍ତ୍ତୀଙ୍କୁ ମନଭୀର ଟାଣି ତଳେ ପକାଇବା ଅଭିଯୋଗରେ ରେଫରି ହାଇଦ୍ରାବାଦକୁ ପେନାଲ୍ଟି ସୁଯୋଗ ଦେଇଥିଲେ। ୬୫ତମ ମିନିଟରେ ଜୋଆଓ ଭିକ୍ଟର ଏହାକୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ୫ ମ୍ୟାଚରୁ ୧୦ ପଏଣ୍ଟ ସହ ଏଟିକେ ଟେବୁଲର ଦ୍ୱିତୀୟକୁ ଏବଂ ୪ ମ୍ୟାଚରୁ ୬ ପଏଣ୍ଟ ପାଇ ହାଇଦ୍ରାବାଦ ୫ମ ସ୍ଥାନକୁ ଉନ୍ନୀତ ହୋଇଛି।



ଜୋଆଓ ଭିକ୍ଟର

# ଓଡ଼ିଶା-ଗୋଆ ମ୍ୟାଚ ଆଜି

**ବାମ୍ବୋଲିମ୍, ୧୧।୧୨:** ଓଡ଼ିଶା ଏଫସି ଓ ଗୋଆ ମଧ୍ୟରେ ଆଇଏସ୍ଏଲ ମ୍ୟାଚ ଶନିବାର ଅନୁଷ୍ଠିତ ହେବ। ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଏଫସି ଏପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳିସାରିଥିଲେ ହେଁ ବିଜୟ ସ୍ୱାଦ ପାଇନାହିଁ। ୩ ପରାଜୟ ଓ ୧ ଡ୍ର ସହ ଦଳ ମାତ୍ର ଗୋଟିଏ ପଏଣ୍ଟ ପାଇଛି। ୧୧ ଦଳ ବିଶିଷ୍ଟ ଟେବୁଲରେ ଓଡ଼ିଶା ୧୦ମ ସ୍ଥାନରେ ରହିଛି। ତେଣୁ ସ୍ଥିତିରେ ଉନ୍ନତି ଆଣିବାକୁ ହେଲେ ଦଳପାଇଁ ବିଜୟ ନିହାତି ଆବଶ୍ୟକ ହୋଇ ପଡ଼ିଛି। ଓଡ଼ିଶା ଏଫସିର ଖେଳାଳିମାନେ ମାତ୍ର ୨ଟି ଗୋଲ ଦେଇଥିବାବେଳେ ୬ ଗୋଲ ବରଣ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି କୋଚ୍ ଷ୍ଟୁଅର୍ଟ ବକ୍ସଟର ଭିନ୍ନ ରଣନୀତି ସହ ପଡ଼ିଆକୁ ଓହ୍ଲାଇବା ଆଶା କରାଯାଉଛି। ବକ୍ସଟରଙ୍କ ଦଳ ପିଚ୍‌ର ଉଭୟ ପାର୍ଶ୍ୱରେ ସଂଘର୍ଷ କରୁଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଆକ୍ରମଣାତ୍ମକ ବିଭାଗ ଧାରହୀନ ରହିଛି। ୪ ମ୍ୟାଚରୁ ଏମାନେ ୩ଟି ମ୍ୟାଚରେ ଗୋଲ ଦେବାରେ ବିଫଳ ହୋଇଛନ୍ତି। ଏହା ବ୍ୟତୀତ ଦଳକୁ ଏପର୍ଯ୍ୟନ୍ତ କ୍ଲିନ ସିଟ୍ ମିଳିନାହିଁ। ପ୍ରଥମାର୍ଦ୍ଧରେ ହିଁ ଦଳ ୫ ଗୋଲ ବରଣ କରି ସାରିଛି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ